# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୮/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, August 28/2023 | Page 16 | ₹ 7.00

୪୯ଶ ଭାଗ ୨୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 273 | ମୂଲ୍ୟ ₹୭/-




**୧୭ ବର୍ଷ ପରେ ଅମିତାଭଙ୍କ ସହ ନଜର ଆସିବେ**

ଦୀର୍ଘ ୧୭ ବର୍ଷ ପରେ ବଲିଉଡ୍ ବାଦଶାହା ଶାହାରୁଖ୍ ଖାନ୍‌ଙ୍କୁ ବିଗ୍ ବି ଅମିତାଭ ବଚ୍ଚନଙ୍କ ସହ ଆଗକୁ ଏକ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ।

୧୧

୧୪

**ଦେବାଶିଷଙ୍କୁ ଏକଲବ୍ୟ ପୁରସ୍କାର**

ଟେନିସ ଖେଳାଳି ଦେବାଶିଷ ସାହୁ ଏକଲବ୍ୟ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛନ୍ତି।



# ପରଲୋକରେ ଜୟନ୍ତ ମହାପାତ୍ର

**ରାଷ୍ଟ୍ରୀୟ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ ହେବ**

ଭୁବନେଶ୍ୱର,୨୭।୮(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ କବି ଜୟନ୍ତ ମହାପାତ୍ରଙ୍କର ରବିବାର ରାତି ୯ଟାରେ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୯୫ବର୍ଷ ବୟସ ହୋଇଥିଲା। ସେ କିଛିଦିନ ଧରି ନିମୋନିଆରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଜୟନ୍ତ ଉଭୟ ଇଂଲିଶ୍ ଏବଂ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। କଟକର ତିନିକୋଣିଆ ବଗିଚାରେ ଏକ ଖ୍ରୀଷ୍ଟିଆନ ପରିବାରରେ ସେ ୨୨ ଅକ୍ଟୋବର ୧୯୨୮ରେ ଜନ୍ମଗ୍ରହଣ କରିଥିଲେ। କଟକର ଷ୍ଟୁଆର୍ଟ ସ୍କୁଲରୁ ସେ ମାଟ୍ରିକ ପାସ୍ କରିଥିଲେ। ପାଟନା ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ସେ ଓଡ଼ିଶାର ବିଭିନ୍ନ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟକରି ରେଭେନ୍‌ଶା ମହାବିଦ୍ୟାଳୟରୁ ଅବସର ନେଇଥିଲେ। ୧୯୬୦ରେ ତାଙ୍କ କାବ୍ୟିକ କ୍ୟାରିୟର ଏକ ଆକାର ଧାରଣ କରିଥିଲା।



୨୨।୧୦।୧୯୨୮-୨୭।୦୮।୨୦୨୩

☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଆମ ପିଲା ହୋଇଥିଲେ

# କୁଟୁରା ଇଂଲିଶ ନାମ ପରିବର୍ତ୍ତନରୁ ଦ୍ୱନ୍ଦ୍ୱ

**ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ-୧୯୭୨ରେ କୁଟୁରାକୁ ଇଂଲିଶରେ ବାର୍କିଂ ଡିଅର କୁହାଯାଉଥିଲା। ଏପ୍ରିଲ ୨୦୨୩ରେ ବନ୍ୟପ୍ରାଣୀ ସଂଶୋଧିତ ଆଇନରେ ଏହାର ନାମ ପରିବର୍ତ୍ତନ କରାଯାଇ ମୁଣ୍ଟଜାକ୍ ଡିଅର କରାଯାଇଛି। ତେବେ ଏହାକୁ ୩ଟି ପ୍ରଜାତିରେ ବିଭକ୍ତ କରାଯାଇଥିବାରୁ ଏହି ଆଇନ ଏବେ ଶିକାରୀଙ୍କୁ ସୁହାଇଲା ଭଳି ମନେହେଉଛି।**

ଭୁବନେଶ୍ୱର, ୨୭।୮
(ଅସମାପିକା ସାହୁ)

ସଂଶୋଧିତ ବନ୍ୟପ୍ରାଣୀ ଆଇନ୍‌ରେ କୁଟୁରାର ଇଂଲିଶ ନାମ ପରିବର୍ତ୍ତନକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି। ନୂଆ ଆଇନ ଅନୁଯାୟୀ ଶିକାରୀଙ୍କୁ ଜାମିନ ମିଳିବା ସହଜ ହୋଇଯିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। କୁଟୁରା ଏକ ବନ୍ୟପ୍ରାଣୀ, ଯାହା ଓଡ଼ିଶାର ପ୍ରାୟ ସବୁ ଜିଲାରେ ଦେଖାଯାଆନ୍ତି। କୁଟୁରାକୁ ଇଂଲିଶରେ ବାର୍କିଂ ଡିଅର(Barking Deer) କୁହାଯାଉଥିଲା ଏବଂ ୨୦୨୩ ଏପ୍ରିଲ ପୂର୍ବରୁ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ଏହା ସିଡ୍ୟୁଲ-୩ ଅନ୍ତର୍ଭୁକ୍ତ ପ୍ରାଣୀ ଥିଲା। ଫଳରେ କୁଟୁରା ଶୀକାର କରି ମାଂସ ଖାଇଲେ ୩ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ୨୫ ହଜାର ଟଙ୍କା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ଥିଲା। ହେଲେ ବର୍ତ୍ତମାନ କୁଟୁରାକୁ ଇଂଲିଶ୍‌ରେ ମୁଣ୍ଟଜାକ୍(Muntjac) କୁହାଯାଉଛି। ଗତ ଏପ୍ରିଲ ୧ରେ ସଂଶୋଧିତ ବନ୍ୟପ୍ରାଣୀ ଆଇନ ୧୯୭୨ ଲାଗୁ ହେବା ପରେ ଏବେ କୁଟୁରା ଶିକାର ଏବଂ ମାଂସ ଜବତ ହେଲେ ବନ ବିଭାଗ କିପରି ମାମଲା ରୁଜୁ କରିବ ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବାନୁସାରେ, ସଂଶୋଧିତ ଆଇନରେ ଯଦିଓ କୁଟୁରାକୁ ସିଡ୍ୟୁଲ-୧ ତାଲିକାରେ ସ୍ଥାନ ଦିଆଯାଇଛି, କିନ୍ତୁ ଆଗରୁ ଯେଉଁ ଗୋଟିଏ ପ୍ରଜାତି ଭାବରେ ମାମଲା ରୁଜୁ ହେଉଥିଲା, ଏବେ ସେଥିରେ ଅଡୁଆ ରହିଯାଇଛି। କୁଟୁରାକୁ ୩ଟି ପ୍ରଜାତିରେ ବିଭକ୍ତ କରି ନର୍ଦନ ରେଡ୍ ମୁଣ୍ଟଜାକ୍(Northern Red Muntjak), ଲିଫ୍ ମୁଣ୍ଟଜାକ୍(Leaf Muntjak) ଏବଂ ମାଲବାର ରେଡ୍ ମୁଣ୍ଟଜାକ୍(Malabar Red Muntjak) କରାଯାଇଛି। ସଂଶୋଧିତ ତାଲିକାରେ ଏହାକୁ ଯଥାକ୍ରମେ ୬୭, ୬୮ ଓ ୬୯ରେ ରଖାଯାଇଛି। ତେବେ ସମସ୍ୟାଟି ହେଲା କ୍ଷେତ୍ର ବିଶେଷରେ ଏମାନଙ୍କ ଭିତରେ ପ୍ରଭେଦ କରିବା କଷ୍ଟସାଧ ହୋଇପଡ଼ିବ। ଲିଫ୍ ମୁଣ୍ଟଜାକ୍ ସାଧାରଣତଃ ଉତ୍ତର-ପୂର୍ବ ଭାରତରେ ଦେଖାଯାଉଥିବା ବେଳେ ଓଡ଼ିଶାରେ କିନ୍ତୁ ବାକି ଦୁଇଟି ପ୍ରଜାତି ମିଳିବାର ସମ୍ଭାବନା ଅଛି। ଏଠାରେ ଶିକାର ପରେ ବନ କର୍ମଚାରୀମାନେ ତତ୍‌କ୍ଷଣାତ୍ ନର୍ଦନ ରେଡ୍ ମୁଣ୍ଟଜାକ୍ କିମ୍ବା ମାଲବାର ରେଡ୍ ମୁଣ୍ଟଜାକ୍‌କୁ ଚିହ୍ନି ୬୭ ବା ୬୯ ନମ୍ବର ଲେଖି କୋର୍ଟକୁ ପଠେଇବା ଅସମ୍ଭବ ହୋଇପଡ଼ିବ। ଏହାର ନାମକୁ ସନ୍ଦିଗ୍ଧ ବା suspected ବୋଲି ଲେଖି କୋର୍ଟକୁ ପଠେଇଲେ ଅଭିଯୁକ୍ତଙ୍କୁ ତୁରନ୍ତ ଜାମିନ ମିଳିଯିବାର ସମ୍ଭାବନା ଅଧିକ ରହିବ। ଏନେଇ ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ବାଲେଶ୍ୱରରେ ଆମେ ବନ ବିଭାଗ ସହିତ ୨୯ଟି ସିଡ୍ୟୁଲ-୧ ତାଲିକାଭୁକ୍ତ ସାପ ଜବତ କରିଥିଲୁ, ହେଲେ ଦୁର୍ବଳ ମାମଲା ପରିଚାଳନା ହେତୁ ଅଭିଯୁକ୍ତମାନଙ୍କୁ ସଙ୍ଗେ ସଙ୍ଗେ ଜାମିନ ମିଳିଗଲା। ସେଭଳି ସ୍ଥିତିରେ ଯଦି ଓଡ଼ିଶାରେ କୁଟୁରା ଶିକାର କରାଯାଏ, ତେବେ ବନ ବିଭାଗ ନିର୍ଦ୍ଦିଷ୍ଟ ପ୍ରଜାତି ଚିହ୍ନଟ କରି ମାମଲା କୋର୍ଟକୁ ପଠାଇବା କାଠିକର ପାଠ ହୋଇଯିବ। ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ଡିଏନ୍‌ଏ ପରୀକ୍ଷା ହୋଇ ଆସିବା ପରେ ହୁଏତ ମାମଲାରେ ଦଣ୍ଡବିଧାନ ହୋଇପାରେ। ପୂର୍ବରୁ ସମାନ ଅପରାଧରେ ନିମ୍ନ କୋର୍ଟରେ ଜାମିନ ନାମଞ୍ଜୁର ହୋଇ କିଛି ଦିନ ଅଭିଯୁକ୍ତମାନଙ୍କୁ ଜେଲ ଯିବାକୁ ପଡୁଥିଲା। କିନ୍ତୁ ସଂଶୋଧିତ ଆଇନରେ କୁଟୁରାର ଠିକ୍ ପ୍ରଜାତି ଚିହ୍ନଟ କରି ନ ପାରି କୋର୍ଟକୁ ମାମଲା ପଠେଇଲେ ସେମାନଙ୍କୁ ଜାମିନ ମିଳିବା ସହଜ ହୋଇପଡ଼ିବ ବୋଲି ମଲ୍ଲିକ କହିଛନ୍ତି।

**ସଂଶୋଧିତ ବନ୍ୟପ୍ରାଣୀ ଆଇନ**

ଉଲ୍ଲେଖଯୋଗ୍ୟ, ଓଡ଼ିଶାର ପ୍ରାୟ ଜଙ୍ଗଲରେ କୁଟୁରା ଦେଖାଯାଆନ୍ତି ଏବଂ ଏହାର ଶିକାର ପାଇଁ ପ୍ରାୟ ପ୍ରତି ରେଞ୍ଜ ଅଫିସ ତରଫରୁ ମାମଲା ରୁଜୁ କରାଯାଇଥାଏ, ରାଜ୍ୟରେ ଯେତେ ବନ୍ୟପ୍ରାଣୀ ମାଂସ ଜବତ ମାମଲା ରୁଜୁ ହୋଇଥାଏ ତନ୍ମଧ୍ୟରୁ କୁଟୁରା ସବୁଠାରୁ ଅଧିକ ଥାଏ। ଖାଲି ସେତିକି ନୁହେଁ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଦକ୍ଷିଣ ଭାରତରେ ପ୍ରାୟ ସବୁ ରାଜ୍ୟ ବର୍ଷକୁ ଯେତିକି ବନ୍ୟପ୍ରାଣୀ ଶିକାର ମାମଲା ରୁଜୁ କରିଥାନ୍ତି, ସେଥିରେ ମଧ କୁଟୁରା ଶିକାର ସର୍ବାଧିକ। ଏ ସମ୍ପର୍କରେ ଜଣେ ବନ ଅଧିକାରୀ ନିଜର ନାମ ଗୋପନ ରଖି କହିଛନ୍ତି, ଏଣିକି ଆମକୁ ବହୁତ ଅସୁବିଧା ହେବ। ଆମେ ଠିକ୍ ପ୍ରଜାତି ଚିହ୍ନଟ ନ କଲେ କୋର୍ଟରେ ହଇରାଣ ହେବୁ, ଅଭିଯୁକ୍ତଙ୍କ ଓକିଲ ଫାଇଦା ନେବେ ଏବଂ ଧାରା ୫୩ରେ ଆମେ ତ୍ରୁଟିପୂର୍ଣ୍ଣ ଜବତ ☞ପୃଷ୍ଠା-୨






ଘରୋଇ ସୈନ୍ୟବାହିନୀ ୱାଗ୍ନରର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍‌ଙ୍କର ଗତ ୨୩ ତାରିଖ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ରୁଷିଆର ତଦନ୍ତକାରୀ କମିଟି ରବିବାର ସ୍ପଷ୍ଟ କରିଛି। ଦୁର୍ଘଟଣାର ମଲିକ୍ୟୁଲାର-ଜେନେଟିକ୍ ପରୀକ୍ଷାରୁ ସମସ୍ତ ୧୦ ମୃତକଙ୍କ ପରିଚୟ ଜଣାପଡ଼ିଛି। ବିମାନରେ ପ୍ରିଗୋଝିନ୍‌ଙ୍କ ସମେତ ତାଙ୍କ ସୈନ୍ୟ ବାହିନୀର କେତେଜଣ ଶୀର୍ଷ ଲ୍ୟୁଟ୍‌ନାଣ୍ଟ ଥିଲେ ବୋଲି ରୁଷିଆର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ପୂର୍ବରୁ ସୂଚନା ଦେଇଥିଲେ। ୬୨ ବର୍ଷୀୟ ପ୍ରିଗୋଝିନ୍ ଦୁଇମାସ ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିରୋଧରେ ସାମରିକ ବିଦ୍ରୋହ କରିଥିଲେ।

## ସଂକ୍ଷେପରେ

### ଦଳିତଙ୍କୁ ପିଟି ହତ୍ୟା, ମାଆଙ୍କୁ ଉଲଗ୍ନ କଲେ

**ଭୋପାଳ,୨୭।୮:** ମଧ୍ୟପ୍ରଦେଶର ସାଗର ଜିଲାରେ ଗୁରୁବାର ଜଣେ ଦଳିତ ବ୍ୟକ୍ତିଙ୍କୁ ଅଭିଯୁକ୍ତମାନେ ପିଟି ମାରିଦେବା ସହ ତାଙ୍କ ମାଆଙ୍କୁ ଉଲଗ୍ନ କରିଥିବା ଅଭିଯୋଗ ହୋଇଛି। ମୃତକ ୧୮ ବର୍ଷୀୟ ନୀତିନ ଅହରିୱାରଙ୍କ ଭଉଣୀ ଅଭିଯୁକ୍ତ ବିକ୍ରମ ସିଂ ଠାକୁରଙ୍କ ବିରୋଧରେ ୨୦୧୯ରେ ଯୌନ ନିର୍ଯାତନା ମାମଲା ଦାଏର କରିଥିଲେ। ଏହାକୁ ପ୍ରତ୍ୟାହାର କରିନେବା ଲାଗି ବିକ୍ରମ ନୀତିନଙ୍କୁ ବାଧ କରିଥିଲେ। ସେ ମନା କରିବାରୁ ବିକ୍ରମ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ପିଟି ହତ୍ୟା କରିଛନ୍ତି। ହତ୍ୟା କରିବା ପୂର୍ବରୁ ଅଭିଯୁକ୍ତ ତାଙ୍କ ଘର ଭାଙ୍ଗିଥିଲେ। ନୀତିନଙ୍କ ମାଆ ସେଥିରେ ହସ୍ତକ୍ଷେପ କରିବାରୁ ତାଙ୍କୁ ବିକ୍ରମଙ୍କ ଲୋକମାନେ ଉଲଗ୍ନ କରିଥିଲେ। ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି। ଗାଁ ମୁଖିଆଙ୍କ ସ୍ୱାମୀ ସମେତ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

### ବାଣ ବିସ୍ଫୋରଣରେ ଉଡ଼ିଗଲା ଛାତ : ୭ ମୃତ

**କୋଲକାତା,୨୭।୮:** ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲା ଅନ୍ତର୍ଗତ ଦୁତ୍ତପୁକୁର ଅଞ୍ଚଳରେ ଥିବା ଏକ ବାଣ କାରଖାନାରେ ରବିବାର ବିସ୍ଫୋରଣ ଘଟିଛି। ବିସ୍ଫୋରଣ ଫଳରେ କାରଖାନାର ଛାତ ଉଡ଼ିଯିବା ସହ ୭ ଜଣଙ୍କ ମୃତ୍ୟୁ ଘଟିଛି। ଯଦିଓ ସ୍ଥାନୀୟ ଲୋକେ ଏହି ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି, ତେବେ ପୋଲିସ ମୃତାହତଙ୍କ ବିଷୟରେ କୌଣସି ସୂଚନା ଦେଇନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଦୁତ୍ତପୁକୁରରେ ଥିବା ଏକ ଘରେ ବାଣ ପ୍ରସ୍ତୁତ କରିବା ଲାଗି କଞ୍ଚାମାଲ ସବୁ ଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ କୌଣସି ଅନୁମତି ନିଆଯାଇ ନ ଥିଲା। ସେହିପରି ଏହି ବିସ୍ଫୋରଣରେ ସେଠାରେ ଥିବା ଅନ୍ୟ କିଛି ଲୋକ ମଧ୍ୟ ଆହତ ହୋଇଛନ୍ତି। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହ ଆହତ ମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ପହଞ୍ଚାଇଛନ୍ତି। ସେହିପରି ଏହି ବାଣ କାରଖାନା ସ୍ଥାନୀୟ ଟିଏମ୍‌ସି ନେତାଙ୍କ ସହାୟତାରେ ଚାଲୁଥିଲା ଏବଂ ଏଥିପାଇଁ ପୋଲିସକୁ ହାତଗୁଞ୍ଜା ମଧ୍ୟ ଦିଆଯାଉଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଘଟଣା ପରେ ଲୋକେ ସ୍ଥାନୀୟ ଅଞ୍ଚଳରେ ଥିବା ଅନ୍ୟ ଏକ ବାଣ କାରଖାନାରେ ଭଙ୍ଗାରୁଜା କରିଛନ୍ତି।

### ବୋକାରୋ ଇସ୍ପାତ କାରଖାନାରେ ଅଗ୍ନିକାଣ୍ଡ

**ବୋକାରୋ,୨୭।୮:** ଝାଡ଼ଖଣ୍ଡର ବୋକାରୋ ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ନେସ୍-୧ରେ ରବିବାର ସକାଳେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। କାରଖାନାର ଉତ୍ପାଦନ ସଙ୍ଗେ ସଙ୍ଗେ ବନ୍ଦ ରଖାଯାଇଥିଲା। ତେବେ ଅଗ୍ନି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଗତ ଦୁଇମାସ ମଧ୍ୟରେ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟରେ ଏହା ଦ୍ୱିତୀୟ ଦୁର୍ଘଟଣା। ସକାଳ ୧୦ଟା ୩୦ରେ ୧ ନମ୍ବର ବ୍ଲାଷ୍ଟ ଫର୍ନେସ୍‌ର ୟୁୟେରେ ନମ୍ବର ୧୭ରୁ ପ୍ରଥମେ ନିଆଁ ବାହାରିଥିଲା। ଖବର ପାଇ ସିଆଇଏସ୍‌ଏଫ୍‌ର ଅଗ୍ନିକ ବିଭାଗ ନିଆଁ ଲିଭାଇବା ପାଇଁ ତୁରନ୍ତ ଏକ ଟିମ୍ ପଠାଇଥିଲା।

### ସ୍ୱର୍ଣ୍ଣମୁଦ୍ରା ଚୋରିକରି ୪ ପୋଲିସ ଗିରଫ

**ଇନ୍ଦୋର,୨୭।୮:** ମଧ୍ୟପ୍ରଦେଶର ଆଲିରାଜପୁର ଜିଲାରେ ବ୍ରିଟିଶ ଶାସନ ସମୟର ୨୪୦ଟି ସ୍ୱର୍ଣ୍ଣମୁଦ୍ରା ଚୋରି ଅଭିଯୋଗରେ ଜଣେ ଇନ୍ସପେକ୍ଟରଙ୍କ ସମେତ ୪ ଜଣ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଗୁଜରାଟରେ ଘର ନିର୍ମାଣ ଲାଗି ଖନନ କାର୍ଯ୍ୟବେଳେ କେତେଜଣ ଆଦିବାସୀ ଶ୍ରମିକ ଏହି ସ୍ୱର୍ଣ୍ଣମୁଦ୍ରା ପାଇଥିଲେ। ସେମାନେ କାହାକୁ ନ ଜଣାଇ ଉକ୍ତ ସ୍ୱର୍ଣ୍ଣମୁଦ୍ରାକୁ ଘରକୁ ନେଇଆସିଥିଲେ। ସେମାନେ ପାଖରେ ୨୦ଟି ମୁଦ୍ରା ରଖି ଅବଶିଷ୍ଟ ୨୪୦ଟିକୁ ରାମକୁ ନାମକ ଶ୍ରମିକଙ୍କ ଘରେ ପୋତିଦେଇଥିଲେ। ତେବେ ସେମାନେ ସ୍ୱର୍ଣ୍ଣମୁଦ୍ରା ରଖିଥିବା ଖବର କୌଣସି ପ୍ରକାରେ ପ୍ରଘଟ ହୋଇଯାଇଥିଲା। ଗତ ମାସ ୧୯ରେ ୪ ଜଣ ପୋଲିସ ସାଦା ପୋଷାକରେ ରାମକୁଙ୍କ ଘରେ ପଶି ୨୩୯ଟି ସ୍ୱର୍ଣ୍ଣମୁଦ୍ରା ନେଇଯାଇଥିଲେ। ଥାନାରେ ଏତଲା ପରେ ଅଭିଯୁକ୍ତ ପୋଲିସ୍‌ଙ୍କୁ ନିଲମ୍ବନ କରାଯାଇଥିଲା।



କାରୋଲିନା ବେଲାଓ୍ୱସ୍କା

# କଶ୍ମୀରରେ ବିଶ୍ୱ ସୁନ୍ଦରୀ

ବିଶ୍ୱ ସୁନ୍ଦରୀ କାରୋଲିନା ବେଲାଓ୍ୱସ୍କା ସୋମବାର ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଦିନିକିଆ କଶ୍ମୀର ଗସ୍ତରେ ଆସୁଛନ୍ତି। ଏହା ହେଉଛି ଉପତ୍ୟକାକୁ କୌଣସି ମିସ୍ ୱାର୍ଲ୍ଡ ମୁକୁଟ ବିଜୟିନୀ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟୁଟି ପିଜେଣ୍ଟ ୱିନରଙ୍କ ପ୍ରଥମ ଗସ୍ତ। ମହିଳା ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟରତ ମୁମ୍ବାଇଭିତ୍ତିକ ଏକ ସଙ୍ଗଠନର ଅଧ୍ୟକ୍ଷା ରୁବଲ୍ ନାଗି କହିଛନ୍ତି, କାରୋଲିନାଙ୍କ ସହ ମିସ୍ ୱାର୍ଲ୍ଡ ସିନି ସେଟ୍ଟୀ ଓ ମିସ୍ ୱାର୍ଲ୍ଡ କାରିବିଆନ୍ ଏମି ପେନାଙ୍କ ସମେତ ଅନେକ ସୁନ୍ଦରୀ କଶ୍ମୀର ଆସୁଛନ୍ତି। ପୃଥିବୀର କେଉଁଠି ଯଦି ସ୍ୱର୍ଗ ଥାଏ, ତାହା ହେଉଛି କଶ୍ମୀର। ମିସ୍ ୱାର୍ଲ୍ଡ ଏହି ଭୂସ୍ୱର୍ଗକୁ କିପରି ମିସ୍ କରିପାରିବେ? ୧୯୯୬ ପରେ ଚଳିତବର୍ଷ ଭାରତରେ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାର ୭୧ତମ ସଂସ୍କରଣ ଆୟୋଜିତ ହେବାକୁ ଥିବାବେଳେ ଏହି ସୁନ୍ଦରୀମାନେ ଆସୁଛନ୍ତି। ପିଏମ୍‌ଇ ଏଣ୍ଟରଟେନ୍‌ମେଣ୍ଟ ଅଧ୍ୟକ୍ଷ ଜମିଲ ସାଇଦି ଏବଂ ଜମ୍ମୁ-କଶ୍ମୀର ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସେ ଆସୁଥିବା ରୁବଲ ନେଗି ଆର୍ଟ ଫାଉଣ୍ଡେଶନ ଆଣ୍ଡ ଷ୍ଟୁଡିଓ ସକ୍‌ଶାମ୍ ମୁଖ୍ୟ ରୁବଲ୍ ସୂଚନା ଦେଇଛନ୍ତି। ପୋଲାଣ୍ଡର ୨୪ ବର୍ଷୀୟା ମଡେଲ, ଟିଭି ଉପସ୍ଥାପିକା, ସାମାଜିକ କର୍ମୀ, ଜାତିସଂଘର ଗୁଡ୍‌ୱିଲ ଅମ୍ବାସାଡର କାରୋଲିନା ୨୦୨୧ରେ ବିଶ୍ୱ ସୁନ୍ଦରୀ ଟାଇଟଲ ଜିତିଥିଲେ।

## ଶାହରୁଖ୍‌ଙ୍କ ଘର ଆଗରେ ବିକ୍ଷୋଭ

### ଗେମିଂ ବିଜ୍ଞାପନକୁ ବିରୋଧ



ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଯୱାନ'ର ମୁକ୍ତିଲାଭ ଅପେକ୍ଷାରେ ଥିବାବେଳେ, ତାଙ୍କ ପ୍ରଶଂସକମାନେ ପୁଣିଥରେ ତାଙ୍କୁ ବଡ଼ ପରଦାରେ ଦେଖିବା ପାଇଁ ଚାହିଁ ରହିଛନ୍ତି। ଏଭଳି ସମୟରେ ଶାହରୁଖ୍ ଅନ୍‌ଲାଇନ ଗେମିଂ ଆପ୍ ଉପରେ ଏକ ବିଜ୍ଞାପନ ଦେଇ ବିବାଦ ଘେରକୁ ଆସିଛନ୍ତି। ଏହାକୁ ବିରୋଧ କରି ବହୁସଂଖ୍ୟାରେ ଲୋକେ ଶନିବାର ଅପରାହ୍ଣରେ ଶାହରୁଖ୍‌ଙ୍କ ମୁମ୍ବାଇସ୍ଥିତ ବାସଭବନ ମନ୍ନତ୍ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍‌ଲାଇନ ରୁମି ପୋର୍ଟାଲ ଶାହରୁଖ୍‌ଙ୍କୁ ଏ୨୩ ଗେମ୍ସ ପ୍ଲାଟଫର୍ମର ବ୍ରାଣ୍ଡ ଆମ୍ବାସଡର କରିଛି। ଉକ୍ତ ଆପ୍ ପାଇଁ ପ୍ରମୋ ଶୁଟିଂ ବେଳେ ଶାହରୁଖ୍ 'ଚଲୋ ସାଥ୍ ଖେଲେଁ' କହୁଥିବା ଶୁଣିବାକୁ ମିଳିଛି।

# ଦିଲ୍ଲୀ ମେଟ୍ରୋରେ ଖଲିସ୍ତାନୀ ସ୍ଲୋଗାନ

## ଜି୨୦ ସମ୍ମିଳନୀ ପୂର୍ବରୁ ବଢ଼ିଲା ବିଦେଶୀ ଅତିଥିଙ୍କ ସୁରକ୍ଷା ଚିନ୍ତା

**ଦିଲ୍ଲୀରେ ଜି୨୦ ସମ୍ମିଳନୀ ଆୟୋଜନର ପ୍ରାୟ ୨ ସପ୍ତାହ ପୂର୍ବରୁ ଖଲିସ୍ତାନୀଙ୍କ ଗତିବିଧି ବଢ଼ିବାରେ ଲାଗିଛି। ନିଷିଦ୍ଧ ଘୋଷିତ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ସମର୍ଥକମାନେ ଜାତୀୟ ରାଜଧାନୀର ଅନ୍ୟୂନ ୫ ମେଟ୍ରୋ ଷ୍ଟେଶନରେ ଖଲିସ୍ତାନ ସପକ୍ଷରେ ସ୍ଲୋଗାନ ଲେଖିଛନ୍ତି। ସେଗୁଡ଼ିକରେ ଉଲ୍ଲେଖ କରାଯାଇଛି, 'ଦିଲ୍ଲୀ ବନେଗା ଖଲିସ୍ତାନ', 'ଖଲିସ୍ତାନ ଜିନ୍ଦାବାଦ' ଏବଂ 'ମୋଦିଙ୍କ ଭାରତରେ ଶିଖ୍‌ଙ୍କ ଗଣହତ୍ୟା ଚାଲିଛି'। ସେପ୍ଟେମ୍ବର ୯ ଓ ୧୦ରେ ଆୟୋଜିତ ହେବାକୁ ଥିବା ଜି୨୦ ସମିଟ୍‌ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସମେତ ୩୦ ରାଷ୍ଟ୍ରମୁଖ୍ୟ, ୟୁରୋପୀୟ ସଂଘ(ଇୟୁ)ର ବରିଷ୍ଠ ଅଧିକାରୀ, ନିମନ୍ତ୍ରିତ ଅତିଥି ରାଷ୍ଟ୍ର ଓ ୧୪ ଅନ୍ତର୍ଜାତୀୟ ସଙ୍ଗଠନର ଅଧ୍ୟକ୍ଷ ଯୋଗଦେବାକୁ ଥିବାବେଳେ ଖଲିସ୍ତାନୀଙ୍କ ଧମକପୂର୍ଣ୍ଣ ଲେଖା ସୁରକ୍ଷା ଚିନ୍ତା ବଢ଼ାଇଦେଇଛି।**





ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍‌ଆର୍‌ସି)ର ଶିବାଜୀ ପାର୍କ ଷ୍ଟେଶନରେ ରବିବାର ଖଲିସ୍ତାନୀଙ୍କ ଧମକପୂର୍ଣ୍ଣ ସ୍ଲୋଗାନ।

**ନୂଆଦିଲ୍ଲୀ,୨୭।୮**

ଶିବାଜୀ ପାର୍କରୁ ପଞ୍ଜାବୀ ବାଗ୍ ମେଟ୍ରୋ ଷ୍ଟେଶନଗୁଡ଼ିକର କାନ୍ଥବାଡ଼ ଛାଇ ହୋଇଯାଇଛି ଖଲିସ୍ତାନୀଙ୍କ ଧମକରେ। ରବିବାର ସକାଳେ ଶିବାଜୀ ପାର୍କ, ଉଦ୍ୟୋଗ ନଗର, ପଶ୍ଚିମ ବିହାର, ନାଙ୍ଗଲୋଇ ଓ ପଞ୍ଜାବୀ ବାଗ୍ ମେଟ୍ରୋ ଷ୍ଟେଶନରେ ଖଲିସ୍ତାନ ସମର୍ଥନରେ ସ୍ଲୋଗାନ ଲେଖାଯାଇଥିବା ଦେଖିବାକୁ ମିଳିଛି। ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ମଧ୍ୟ ଦିଲ୍ଲୀ ମେଟ୍ରୋ ଷ୍ଟେଶନଗୁଡ଼ିକର ଫୁଟେଜ୍ ଜାରି କରିଛି, ଯହିଁରେ ଖଲିସ୍ତାନୀ ସ୍ଲୋଗାନ ଉଲ୍ଲେଖ ସହ କାନ୍ଥଗୁଡ଼ିକୁ ବିକୃତ କରାଯାଇଥିବା ଦେଖିବାକୁ ମିଳିଛି। ଦିଲ୍ଲୀରେ ଏହା ହେଉଛି ଚଳିତବର୍ଷ ଖଲିସ୍ତାନ ସପକ୍ଷରେ ପ୍ରାଚୀରଚିତ୍ର କରାଯିବା ନେଇ ଦ୍ୱିତୀୟ ଘଟଣା। ଏହି ଘଟଣାରେ ଦିଲ୍ଲୀ ପୋଲିସ ଅଜ୍ଞାତ ବ୍ୟକ୍ତିମାନଙ୍କ ବିରୋଧରେ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି। ସ୍ପେଶାଲ ସେଲ୍ ପକ୍ଷରୁ ୨ ଜଣଙ୍କୁ ଗିରଫ କରାଯାଇଛି। ଉଭୟେ ଏସ୍‌ଏଫ୍‌ଜେଠାରୁ ୨ ଲକ୍ଷ ଟଙ୍କା ପାଇ ଏପରି କରିଥିବା ପୋଲିସ ଆଗରେ ମାନିଛନ୍ତି।

ଭାରତ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଦିଆଯାଇଥିବା ଧମକର ଲେଖାକୁ ଲିଭାଇବା ପାଇଁ ଦିଲ୍ଲୀ ପୋଲିସ ପାଣି ଓ କାଦୁଅ ବ୍ୟବହାର କରିଛି। ଅଧିକ ତଥ୍ୟ ହାସଲ ସକାଶେ ସିସିଟିଭି ଫୁଟେଜ୍ ଅଣ୍ଡାଳୁଛି। ଏହା ବ୍ୟତୀତ ଜି୨୦ ସମ୍ମିଳନୀ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ଗୁଜବ ଓ ଉତ୍ତେଜନାପୂର୍ଣ୍ଣ କଣ୍ଟେଣ୍ଟ ବିସ୍ତାରରେ ରୋକ ଲଗାଇବା, ଆପରାଧିକ ତତ୍ତ୍ୱଙ୍କୁ ଚିହ୍ନଟ କରିବା ଏବଂ ମଲ୍, ମାର୍କେଟ ତଥା ଧର୍ମୀୟସ୍ଥଳଗୁଡ଼ିକରେ ସୁରକ୍ଷା କଡ଼ାକଡ଼ି କରିବା ଭଳି ପଦକ୍ଷେପ ନେଇଛି। କୌଣସି ପ୍ରକାର ବେଆଇନ ଅନୁପ୍ରବେଶ ଏଡ଼ାଇବା ପାଇଁ ଜାତୀୟ ରାଜଧାନୀର ସମସ୍ତ ସୀମାକୁ ସିଲ୍ କରାଯିବ। ତେବେ ଯାନବାହନ ଓ ଜନସାଧାରଣଙ୍କ ସ୍ୱାଭାବିକ ଯାତାୟାତକୁ ଅନୁମତି ପ୍ରଦାନ କରାଯିବ ବୋଲି ଦିଲ୍ଲୀ ପୋଲିସ ସୂଚନା ଦେଇଛି। ସମିଟ୍ ସମୟରେ ମେଡିକାଲ ଜରୁରୀ ସ୍ଥିତି ଉପୁଜିଲେ ମୁକାବିଲା ଲାଗି ମୋଟ ୮୦ ଡାକ୍ତରୀ ଦଳ ଏବଂ ୧୩୦ ଆମ୍ବୁଲାନ୍ସକୁ ପ୍ରସ୍ତୁତ କରି ରଖାଯାଇଛି। ୬୦ ଜଣ ପୋଲିସ ଡେପୁଟି କମିଶନରଙ୍କୁ ସମିଟ୍ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଥିବା ବିଷୟ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ଅବଗତ କରାଯାଇଛି। ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍‌ଆର୍‌ସି)ର ଜଣେ ଅଧିକାରୀ କହିଛନ୍ତି, ଏହା ଏକ ଆଇନ ଶୃଙ୍ଖଳା ପରିସ୍ଥିତି। ଦିଲ୍ଲୀ ପୋଲିସକୁ ଆମେ ସହଯୋଗ କରିବୁ। ସେହିପରି ଏହି କାଣ୍ଡ ଭିଆଇଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି (ମେଟ୍ରୋ) ଜି. ରାମଗୋପାଳ ନାଏକ କହିଛନ୍ତି।

## ମଣିପୁରରେ ୩ ଘର ଜାଳିଦେଲେ

### ପୋଲିସଠାରୁ ବନ୍ଧୁକ ଛଡ଼ାଇନେଲେ



**ଇମ୍ଫାଲ,୨୭।୮**

କିଛି ଦିନର ଅନ୍ତରାଳ ପରେ ମଣିପୁରରେ ରବିବାର ପୁଣି ହିଂସାକାଣ୍ଡ ଘଟିଛି। ନୂଆ ଲମ୍ବୁଲେନ୍ ଅଞ୍ଚଳରେ ଥିବା ୩ ଘରକୁ ଅଜ୍ଞାତ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ସେଠାରେ ରାଜ୍ୟ ଓ କେନ୍ଦ୍ରୀୟ ଫୋର୍ସ ମୁତୟନ କରିବାକୁ ଦାବି କରିଥିଲେ। ଅପରପକ୍ଷେ ଭିଡ଼ ହଟାଇବାକୁ ପୋଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିବା ଜଣାପଡ଼ିଛି। ଅନ୍ୟଏକ ଘଟଣାକ୍ରମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ନିର୍ଦ୍ଦେଶକ କେ. ରଜୋଙ୍କ ବାସଭବନ ଆଗରେ ମୁତୟନ ଥିବା ସୁରକ୍ଷାକର୍ମୀଙ୍କଠାରୁ ଦୁର୍ବୃତ୍ତମାନେ ୩ଟି ବନ୍ଧୁକ ଛଡ଼ାଇ ନେଇଥିବା ଜଣାପଡ଼ିଛି। ଇମ୍ଫାଲ ଥାନା ଅନ୍ତର୍ଗତ ସଗୋଲବନନ୍ଦ ବିଜୋୟ ଗୋବିନ୍ଦା ଅଞ୍ଚଳରେ ଏହି ଘଟଣା ଘଟିଥିବା ପୋଲିସ କହିଛି।

# ଚନ୍ଦ୍ରର ତାପମାତ୍ରା ପ୍ରୋଫାଇଲ ପଠାଇଲା ଲ୍ୟାଣ୍ଡର





**ବେଙ୍ଗାଲୁରୁ,୨୭।୮**

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମରେ ଥିବା ସର୍ଫେସ୍ ଥର୍ମୋଫିଜିକାଲ ଏକ୍ସପେରିମେଣ୍ଟ ପ୍ଲେଲୋଡ୍ (ଚାଷ୍ଟେ) ଚନ୍ଦ୍ର ଦକ୍ଷିଣ ମେରୁ ଚତୁଃପାର୍ଶ୍ୱରେ ଥିବା ଉପର ମୃତ୍ତିକାର ତାପମାତ୍ରା ପ୍ରୋଫାଇଲ ପଠାଇଛି। ଚନ୍ଦ୍ରପୃଷ୍ଠର ତାପମାତ୍ରା ସମ୍ପର୍କରେ ଜାଣିବାରେ ଏହା ସହାୟକ ହେବ ବୋଲି ଇସ୍ରୋ ପକ୍ଷରୁ ରବିବାର କୁହାଯାଇଛି। ଇସ୍ରୋ ଉକ୍ତ ତାପମାତ୍ରା ପ୍ରୋଫାଇଲ ଗ୍ରାଫ୍‌କୁ ଶେୟାର କରିଛି। ଚନ୍ଦ୍ରପୃଷ୍ଠ ଏବଂ ପାର୍ଶ୍ୱ ନିକଟବର୍ତ୍ତୀ ବିଭିନ୍ନ ଗଭୀରତାରେ ତାପମାତ୍ରାରେ ରହିଥିବା ଭିନ୍ନତା ଉକ୍ତ ଗ୍ରାଫ୍‌ରେ ପ୍ରଦର୍ଶିତ ହୋଇଛି। ଚନ୍ଦ୍ର ଦକ୍ଷିଣ ମେରୁରୁ ଏହା ପ୍ରଥମ ପ୍ରୋଫାଇଲ। ଏହା ଉପରେ ସବିଶେଷ ଅନୁଧ୍ୟାନ ଜାରି ରହିଛି। ଗଭୀରତା ଅନୁଯାୟୀ ତାପମାତ୍ରା ବିୟୁକ୍ତ ୧୦ ଡିଗ୍ରୀରୁ ୬୦ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ରହିଥିବା ଗ୍ରାଫ୍‌ରୁ ଜଣାପଡୁଛି ବୋଲି ଇସ୍ରୋର ଜଣେ ବୈଜ୍ଞାନିକ କହିଛନ୍ତି। ଚାଷ୍ଟେ ପ୍ଲେଲୋଡ୍‌ରେ ତାପମାତ୍ରା ଅନୁଧ୍ୟାନ ଉପକରଣ ଏବଂ ନିୟନ୍ତ୍ରିତ ପ୍ରବେଶ ଯନ୍ତ୍ର ରହିଛି, ଯାହା ପୃଷ୍ଠଠାରୁ ୧୦ ସେଣ୍ଟିମିଟର ତଳକୁ ଯାଇପାରିବ। ସେଥିରେ ୧୦ଟି ଅଲଗା ଅଲଗା ତାପମାତ୍ରା ସେନ୍‌ସର ଫିଟିଂ ହୋଇଛି।

### ଲ୍ୟାଣ୍ଡିଂ ସ୍ଥାନର ନାଁ 'ଶିବଶକ୍ତି' ରଖିବାରେ କିଛି ଭୁଲ୍ ନାହିଁ: ଇସ୍ରୋ ମୁଖ୍ୟ

ଚନ୍ଦ୍ରୟାନ-୩ ଲ୍ୟାଣ୍ଡରର ଅବତରଣ ସ୍ଥାନ ନାଁ 'ଶିବଶକ୍ତି'କୁ ନେଇ କୌଣସି ବିବାଦ ନାହିଁ ବୋଲି ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଅଧ୍ୟକ୍ଷ ଏସ୍. ସୋମନାଥ ରବିବାର କହିଛନ୍ତି। ନାଁ ଶିବଶକ୍ତି ରଖିବାରେ କିଛି ଭୁଲ୍ ନାହିଁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଇସ୍ରୋ କାର୍ଯ୍ୟାଳୟକୁ ଯାଇ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡିଂ ସ୍ଥାନର ନାଁ ଶିବଶକ୍ତି ରଖିଥିଲେ। ସେହିପରି ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ଖସିଥିବା ସ୍ଥାନକୁ ପ୍ରଧାନମନ୍ତ୍ରୀ 'ତ୍ରିରଙ୍ଗା' ନାମିତ କରିଥିଲେ। ଉଭୟ ଭାରତୀୟ ନାମ। ଦେଶର ପ୍ରଧାନମନ୍ତ୍ରୀ ଭାବେ ନାମକରଣ କରିବାର ପୂରା ଅଧିକାର ମୋଦିଙ୍କର ରହିଥିବା ସୋମନାଥ କହିଛନ୍ତି। କେରଳର ଥିରୁଭାନନ୍ତପୁରମ୍‌ସ୍ଥିତ ପୌର୍ଣ୍ଣମିକାଭୁ-ଭଦ୍ରକାଳୀ ମନ୍ଦିରରେ ପୂଜା କରିବା ଅବସରରେ ସୋମନାଥ କହିଛନ୍ତି, ବିଜ୍ଞାନ ଓ ବିଶ୍ୱାସ ଦୁଇଟି ଭିନ୍ନ ଘଟଣା। ଏହାକୁ ଏକାଠି କରିବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଚନ୍ଦ୍ରୟାନ-୩ର ଲ୍ୟାଣ୍ଡିଂ ସ୍ଥାନର ନାମକରଣକୁ ନେଇ ଭାଜପା ଏବଂ କଂଗ୍ରେସ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା।

## ଚନ୍ଦ୍ରୟାନ 'ନୂଆ ଭାରତ' ଭାବନାର ପ୍ରତୀକ

**ନୂଆଦିଲ୍ଲୀ,୨୭।୮(ପି.ଟି.)**

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



ଚନ୍ଦ୍ରୟାନ ମିଶନ ନୂଆ ଭାରତ ଭାବନାର ପ୍ରତୀକ ପାଲଟିଛି, ବିଜୟକୁ ସୁନିଶ୍ଚିତ କରିବା ସହ ଯେକୌଣସି ସ୍ଥିତିରେ କିପରି ଜିତିବାକୁ ହେବ ତାହା ଜାଣେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ଲୁନାର କାର୍ଯ୍ୟକ୍ରମ ନାରୀ ଶକ୍ତିର ଏକ ଜୀବନ୍ତ ଦୃଷ୍ଟାନ୍ତ ବୋଲି ପ୍ରଧାନମନ୍ତ୍ରୀ ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏପରିକି ଏବେ ଭାରତର ଝିଅମାନେ ଅନନ୍ତ ଭାବେ ବିବେଚିତ ହେଉଥିବା ମହାକାଶକୁ ଚ୍ୟାଲେଞ୍ଜ କରୁଛନ୍ତି। ଯେତେବେଳେ କୌଣସି ଦେଶର ଝିଅମାନେ ଏଭଳି ମହତ୍ତ୍ୱାକାଂକ୍ଷୀ ହେବେ, ଉକ୍ତ ଦେଶକୁ ବିକଶିତ ହେବାରୁ କିଏ ଅଟକାଇପାରିବ ବୋଲି ମୋଦି କହିଛନ୍ତି। ଚନ୍ଦ୍ରୟାନ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାର ସଫଳତା ଏତେ ବିଶାଳ ଯେ, ଏହା ଉପରେ ଯେତେ ଆଲୋଚନା କଲେ ମଧ୍ୟ ଯଥେଷ୍ଟ ହେବ ନାହିଁ। ମହିଳା ନେତୃତ୍ୱର ବିକାଶକୁ ଏକ ଜାତୀୟ ଆଚରଣ ଭାବେ ସୁଦୃଢ଼ କରିବାକୁ ହେବ ବୋଲି ଲାଲ୍ କିଲ୍ଲାରେ ପ୍ରଧାନମନ୍ତ୍ରୀ କହିଥିବା କଥାକୁ ମନେପକାଇଥିଲେ। ନାରୀ ଶକ୍ତି ଯେତେବେଳେ ସାମିଲ ହେବ, ସେତେବେଳେ ଅସମ୍ଭବ ସମ୍ଭବ ହୋଇଯିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଇସ୍ରୋର ବହୁ ମହିଳା ବୈଜ୍ଞାନିକ ଓ ଇଞ୍ଜିନିୟର ମିଶନ ଚନ୍ଦ୍ରୟାନରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟେକଙ୍କ ଉଦ୍ୟମରୁ ସଫଳତା ମିଳିଥାଏ। ଏହା ଚନ୍ଦ୍ରୟାନ-୩ର ସବୁଠୁ ବଡ଼ ସଫଳତା। ଭବିଷ୍ୟତରେ ମଧ୍ୟ ଆମ ମହାକାଶ ସେକ୍ଟରର ସାମୂହିକ ଉଦ୍ୟମ ଦ୍ୱାରା ଅନେକ ସଫଳତା ହାସଲ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

## ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍କୁଲ୍ ବନ୍ଦ

### ମୁସଲମାନ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ମାଡ଼ ମରାଇବା ଘଟଣା

**ଲକ୍ଷ୍ନୌ,୨୭।୮**

ଉତ୍ତରପ୍ରଦେଶ ମୁଜାଫରପୁରର ଯେଉଁ ସ୍କୁଲ୍‌ର ଶିକ୍ଷୟିତ୍ରୀ ଜଣେ ମୁସଲମାନ ଛାତ୍ରଙ୍କୁ ତାଙ୍କ ସହପାଠୀମାନଙ୍କ ଦ୍ୱାରା ମାଡ଼ ମରାଇଥିଲେ, ତାହାକୁ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଶିକ୍ଷା ବିଭାଗ ଏନେଇ ସ୍କୁଲ୍ ପରିଚାଳନା କମିଟିକୁ ନୋଟିସ୍ ପଠାଇଛି। ଇତିମଧ୍ୟରେ ଉକ୍ତ ସ୍କୁଲ୍‌ର ପିଲାମାନଙ୍କ ପାଠପଢ଼ା ଯେପରି ବାଧାପ୍ରାପ୍ତ ନ ହେବ, ସେଥିପାଇଁ ସେମାନଙ୍କୁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ପାଖ ସ୍କୁଲ୍‌ରେ ନାମ ଲେଖାଇଛନ୍ତି। ନେହା ପବ୍ଲିକ୍ ସ୍କୁଲ୍‌ର ଶିକ୍ଷୟିତ୍ରୀ ତ୍ରିପ୍ତ ତ୍ୟାଗୀ ଜଣେ ୭ ବର୍ଷର ମୁସଲମାନ ଛାତ୍ରଙ୍କୁ ମାଡ଼ ମାରିବା ପାଇଁ ଅନ୍ୟ ପିଲାମାନଙ୍କୁ କହୁଥିବାର ଭିଡିଓ ଭାଇରାଲ ପରେ ଉତ୍ତେଜନା ଦେଖାଦେଇଥିଲା। ଦ୍ୱିତୀୟ ଶ୍ରେଣୀର ଉକ୍ତ ଛାତ୍ରଙ୍କୁ ସହପାଠୀମାନେ ପାଳି କରି ଚାପୁଡ଼ା ମାରି ଚାଲିଥିବାବେଳେ ଶିକ୍ଷୟିତ୍ରୀ ସେମାନଙ୍କୁ ଜୋର୍‌ରେ ମାରିବା ପାଇଁ କହୁଥିବା ଭିଡିଓରୁ ଶୁଣିବାକୁ ମିଳିଥିଲା। ଶିକ୍ଷୟିତ୍ରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ଖାଦ୍ୟରେ ଅଳ୍ପ ଲୁଣ ହୃଦ୍‌ରୋଗ ଆଶଙ୍କା ୨୦% କମାଏ

**ଲଣ୍ଡନ,୨୭।୮**



ଖାଦ୍ୟରେ ଲୁଣର ମାତ୍ରା କମ୍ କରିବା ବା କମ୍ ଲୁଣଯୁକ୍ତ ଖାଦ୍ୟ ଖାଇବା ହୃଦରୋଗ ସମସ୍ୟାକୁ ୨୦% କମାଇଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଦି ଗାର୍ଡିୟାନ୍ ଆର୍ଲି ସଣ୍ଡେର ରିପୋର୍ଟ ଅନୁସାରେ ଅଧିକ ଲୁଣ ଖାଉଥିବା ଲୋକଙ୍କ ତୁଳନାରେ ଆଦୌ ଲୁଣ ଖାଉନଥିବା ଲୋକଙ୍କ ହୃଦ୍‌ରୋଗ ଆଶଙ୍କା ପ୍ରାୟ ୧୮% କମ୍ ହୋଇଥାଏ। ଏହି ରିପୋର୍ଟରେ ଏକଥା ମଧ୍ୟ ପ୍ରକାଶ ହୋଇଛି, ଗତ ଦଶନ୍ଧି ଠାରୁ ଏହି ରୋଗ ସମସ୍ୟାରେ ପ୍ରାୟ ୫୦% ବୃଦ୍ଧି ଘଟିଛି, ଯାହା ବର୍ତ୍ତମାନ ୧.୫ ନିୟୁତରେ ପହଞ୍ଚିଛି। ଅଧିକ ଲୁଣଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ହୃଦ୍‌ସ୍ପନ୍ଦନ ଅନିୟମିତ ଭାବେ ବଢ଼ିଥାଏ। ଏଭଳି ଲୋକଙ୍କୁ ଅନ୍ୟମାନଙ୍କ ତୁଳନାରେ ହୃଦ୍‌ରୋଗ ହେବାର ଆଶଙ୍କା ୫ ଗୁଣ ବୃଦ୍ଧି ଘଟିଥାଏ। ସେହିପରି କମ୍ ଲୁଣ ଖାଉଥିବା ଲୋକଙ୍କ ମଧ୍ୟରେ ହୃଦ୍‌ରୋଗ ସମସ୍ୟା ଆଶଙ୍କା ମଧ୍ୟ କମ୍ ହୋଇଥାଏ ବୋଲି ଏହି ରିପୋର୍ଟରେ କୁହାଯାଇଛି। ବ୍ରିଟେନ୍‌ର ବାଇଓବ୍ୟାଙ୍କ ନାମକ ଏକ ସଂସ୍ଥା ପକ୍ଷରୁ ୨୦୦୬ ରୁ ୨୦୧୦ ମଧ୍ୟରେ ଏନେଇ ଏକ ଅଧ୍ୟୟନ କରାଯାଇଥିଲା। ଏଥିରେ ୪୦ରୁ ୭୦ ବର୍ଷର ପ୍ରାୟ ୫ ଲକ୍ଷ ଲୋକଙ୍କୁ ସାମିଲ କରାଯାଇଥିଲା। ଏଥିରେ ସାମିଲ ହୋଇଥିବା ଲୋକେ ଆଦୌ ଲୁଣ ବ୍ୟବହାର ନ କରିବା, ବେଳେବେଳେ ତଥା ସବୁବେଳେ ବ୍ୟବହାର କରୁଥିବା ନେଇ ନିଜ ମତ ରଖିଥିଲେ। ଗତ ୧୧ବର୍ଷ ମଧ୍ୟରେ ଲୁଣ ବ୍ୟବହାର କରିବା ପରେ ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କିପରି ପ୍ରଭାବ ପକାଇଛି ସେନେଇ ଅଧ୍ୟୟନ କରାଯାଇଥିଲା। ଏଥିରୁ ଏକଥା ଜଣାପଡ଼ିଥିଲା, ଯେଉଁମାନେ ଖାଦ୍ୟରେ ଆଦୌ ଲୁଣ ବ୍ୟବହାର କରୁନାହାନ୍ତି ସେମାନଙ୍କୁ ହୃଦରୋଗ ହେବାର ଆଶଙ୍କା ପ୍ରାୟ ୨୦% କମ୍ ରହୁଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୮/୨୦୨୩ | Bhubaneswar, Monday, August 28/2023 | ପୃଷ୍ଠା-୧


# ତଥ୍ୟ, ପ୍ରମାଣ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନରେ ଶିଥିଳତା

## ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଯୋଗ୍ୟତାରେ ନାମ ଲେଖା ପ୍ରସଙ୍ଗ

ଖୋର୍ଦ୍ଧା,୨୭।୮ (ପ୍ରଭାତ ପାଣିଗ୍ରାହୀ)

ବଲାଙ୍ଗୀର ନକଲି ସାର୍ଟିଫିକେଟ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲିଟିଛି। ନିକଟରେ ଏହି ଘଟଣାରେ ୫ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଏପରି କି ଜଣେ ନକଲି ଅଧ୍ୟାପକ ମଧ୍ୟ ଗିରଫ ହୋଇଛନ୍ତି। ହେଲେ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନକଲି ସାର୍ଟିଫିକେଟରେ ଛାତ୍ରୀଛାତ୍ର ପାଠ ପଢ଼ିବା ଏବଂ ପାସ୍ କରିବା ସମ୍ପର୍କରେ ଅଭିଯୋଗ ସତ୍ତ୍ୱେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏବଂ ଆୟୁଷ ନିର୍ଦ୍ଦେଶକଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଉ ନାହିଁ। ଏପରି କି ଆୟୁଷ ନିର୍ଦ୍ଦେଶକଙ୍କ ହାତରେ ଏ ସମ୍ପର୍କିତ ଠୋସ୍ ତଥ୍ୟ ପ୍ରମାଣ ଲାଗିଥିବାବେଳେ,ଏହି କାରବାରରେ

### ତଦନ୍ତର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ

ସମ୍ପୃକ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ।

ପ୍ରକାଶ ଯେ, ଗୋପବନ୍ଧୁ ଆୟୁର୍ବେଦ କଲେଜରେ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚ୍‌ରେ ବିନା ଯୋଗ୍ୟତାରେ ବାହାର କଲେଜ(କୌଣସି ଆୟୁର୍ବେଦ କଲେଜରେ ନାମଲେଖାଇ ନ ଥିବା) ଛାତ୍ରୀଛାତ୍ରଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ସେମାନଙ୍କୁ ପାଠପଢ଼ା ସୁଯୋଗ ଦିଆଯାଇଛି। ବିନା ଏନ୍‌ଇଇଟିରେ ୨୦୧୬ରେ ଜଣେ ଛାତ୍ରୀ ପାସ୍ କରିଥିବାବେଳେ ୨୦୧୭ରେ ଦୁଇଜଣ ୨୦୨୩ ଜୁଲାଇରେ ହାଉସ୍ ସର୍ଜନ କାର୍ଯ୍ୟ ସମାପ୍ତ କରି ସାର୍ଟିଫିକେଟ ହାସଲ କରିଛନ୍ତି। ସେହିପରି ୨୦୨୦-୨୧ରେ ନାମ ଲେଖାଇଥିବା ଦୁଇ ଜଣ ଛାତ୍ରୀଛାତ୍ରଙ୍କୁ କଲେଜ ନୋଟିସ ଦେଇ ବାହାର କରିଦେଇଥିବା ଖୋଦ୍ କଲେଜ ☞ପୃଷ୍ଠା-୨

# ସ୍ୱର୍ଣ୍ଣ ଜିତିଲେ ନୀରଜ ଚୋପ୍ରା



ପ୍ରଥମ ଭାରତୀୟ ଭାବେ ସ୍ୱର୍ଣ୍ଣ ପଦକ ଜିତିବା ପରେ ନୀରଜ ଚୋପ୍ରା।

ବୁଦାପେଷ୍ଟ,୨୭।୮

ହଙ୍ଗେରୀର ବୁଦାପେଷ୍ଟରେ ଚାଲିଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ୮ ଦିନ ଧରି ଚାଲିଥିବା ଏହି ଇଭେଣ୍ଟରେ ଏକାଧିକ ରେକର୍ଡ ଭାଙ୍ଗିଥିବା ବେଳେ ପ୍ରଥମ ଭାରତୀୟ ଭାବେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି ନୀରଜ ଚୋପ୍ରା। ପୂର୍ବରୁ ଅଞ୍ଜୁ ବବି ଜର୍ଜ

### ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍

■ ୫ମ ସ୍ଥାନରେ କିଶୋର ଜେନା

(ଲଙ୍ଗ୍‌ଜମ୍ପ) ବ୍ରୋଞ୍ଜ ଏବଂ ନୀରଜ ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ତିମ ଦିବସରେ ଜାଭେଲିନ୍ ଥ୍ରୋରେ ନୀରଜ ଚୋପ୍ରାଙ୍କ ବ୍ୟତୀତ ଡି.ପି. ମନୁ ଓ ଓଡ଼ିଶାର କିଶୋର ଜେନାଙ୍କୁ ଆକ୍ସନରେ ଦେଖିବାକୁ ମିଳିଥିଲା। ୩୦୦୦ ମିଟର ମହିଳା ଷ୍ଟିପଲଚେଜ୍‌ରେ ପାରୁଲ ଚୌଧାରୀ ଓ ୪ଗୁଣା ୪୦୦ ମିଟର ପୁରୁଷ ରିଲେ ଦଳକୁ ଆକ୍ସନରେ ଦେଖିବାକୁ ମିଳିଥିଲା। ☞ପୃଷ୍ଠା-୨







ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ଅଗଷ୍ଟ, ୨୦୨୩



**ଆଜିର ମନ୍ତବ୍ୟ**

"ମଧ୍ୟପ୍ରଦେଶର ଶାସକ ଭାଜପା ରାଜ୍ୟକୁ ଦଳିତ ସମ୍ପ୍ରଦାୟ ବିରୋଧରେ ନିର୍ଯାତନାର ପ୍ରୟୋଗଶାଳାରେ ପରିଣତ କରିଛି। ସମାଜର ବଞ୍ଚିତ ଓ ଶୋଷିତ ବର୍ଗ ଆଗାମୀ ନିର୍ବାଚନରେ ଏହାର ଜବାବ ଦେବେ। **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**"

# ଆଦାନୀଙ୍କୁ ଅଧିକ ୩,୮୦୨ କୋଟି ଦେଇଛି ଜିୟୁଭିଏନ୍‌ଏଲ୍

## ଅଭିଯୋଗ ଆଣିଲା କଂଗ୍ରେସ

ଅହମଦାବାଦ,୨୭।୮

ଗୁଜରାଟ ଉର୍ଜା ବିକାଶ ନିଗମ ଲିମିଟେଡ୍ (ଜିୟୁଭିଏନ୍‌ଏଲ୍) ଆଦାନୀ ପାୱାର ମୁନ୍ଦ୍ରା ଲିଃ (ଏପିଏମ୍‌ୟୁଏଲ୍)କୁ ଗତ ୫ ବର୍ଷ ମଧ୍ୟରେ ବିଦ୍ୟୁତ୍ ଦେୟ ବାବଦକୁ ପ୍ରାୟ ୩,୮୦୨ କୋଟି ଟଙ୍କା ଅଧିକ ପଇଠ କରିଥିବା ବିରୋଧୀ କଂଗ୍ରେସ ଅଭିଯୋଗ ଆଣିଛି। ଗୁଜରାଟ କଂଗ୍ରେସ ସଭାପତି ଶକ୍ତିସିଂ ଗୋହିଲ ଏହାକୁ ଶାସକ ଭାଜପା ଆଶୀର୍ବାଦରେ ଆଦାନୀ ପାୱାର ଦ୍ୱାରା ଖୋଲା ଦୁର୍ନୀତି ଓ ମନି ଲଣ୍ଡରିଂ ମାମଲା ଭାବେ ଅଭିହିତ କରିଛନ୍ତି। ୨୦୨୩ ମେ' ୧୫ରେ ଜିୟୁଭିଏନ୍‌ଏଲ୍ ପକ୍ଷରୁ ଆଦାନୀ ପାୱାରକୁ ୩,୮୦୨ କୋଟି ଟଙ୍କାର ରିକଭରି ପାଇଁ ଦିଆଯାଇଥିବା ପତ୍ରକୁ ମଧ୍ୟ ସେ



ଲୋକଲୋଚନକୁ ଆଣିଛନ୍ତି। ଜିୟୁଭିଏନ୍‌ଏଲ୍ ଏବଂ ଆଦାନୀ ପାୱାର ମଧ୍ୟରେ ସ୍ୱାକ୍ଷରିତ ୨ଟି ପାୱାର ପର୍ଚେଜ୍ ଏଗ୍ରିମେଣ୍ଟ (ପିପିଏ) ବଳରେ ଆଦାନୀ ପାୱାରକୁ ଅତ୍ୟଧିକ ୩,୮୦୨ କୋଟି ଟଙ୍କା ପଇଠ କରାଯାଇଥିଲା। ଜିୟୁଭିଏନ୍‌ଏଲ୍ ନିଜ ପତ୍ରରେ ଆଦାନୀ ପାୱାରଠାରୁ କୋଇଲା କିଣାର ଇନ୍‌ଭଏସ୍/ଦସ୍ତାବିଜ ମାଗିଛି। ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀ ସବୁବେଳେ କେତେଜଣ ନିର୍ଦ୍ଦିଷ୍ଟ ଯୋଗାଣକାରୀଙ୍କଠାରୁ କମ୍ ମୂଲ୍ୟରେ କୋଇଲା କିଣିଥାଏ। ପତ୍ରରେ କରାଯାଇଥିବା ଦାବି ମୁତାବକ କୌଣସି ଦସ୍ତାବିଜ ଦାଖଲ କରାଯାଇ ନ ଥିଲେ ମଧ୍ୟ ୨୦୧୮ରୁ ୨୦୨୩ ମଧ୍ୟରେ ଜିୟୁଭିଏନ୍‌ଏଲ୍ ଆଦାନୀ ପାୱାରକୁ ୩,୮୦୨ କୋଟି ଟଙ୍କା ଦେଇଛି। ବିନା ଇନ୍‌ଭଏସ୍‌ରେ ଦେୟ ପଇଠ କରିବାକୁ ଜିୟୁଭିଏନ୍‌ଏଲ୍ ଅଧିକାରୀମାନେ ଆଗ୍ରହ ପ୍ରକାଶ କରୁ ନ ଥିଲେ ବି ଟଙ୍କା ଦେବା ପାଇଁ ସେମାନଙ୍କ ଉପରେ ଚାପ ପଡ଼ିଥାଇପାରେ ବୋଲି ଗୋହିଲ କହିଛନ୍ତି। ଗୋହିଲଙ୍କ ମତରେ ଶକ୍ତି ବିଭାଗ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ଅଧୀନରେ ଆସୁଥିବାରୁ ସେଠାରୁ ନିର୍ଦ୍ଦେଶ ପାଇଁ ଅଧିକାରୀମାନେ ଦେୟ ପଇଠ କରିଥାଇପାରନ୍ତି। ସେ ଏହାକୁ ଆଦାନୀଙ୍କ ମନି ଲଣ୍ଡରିଂ ଭାବେ ଅଭିହିତ କରିବା ସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିମ୍ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଏହାର ତଦନ୍ତ କାହିଁକି କରାଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସମ୍ଭବତଃ ସରକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚର ପ୍ରଘଟ ପରେ ସରକାର ଚେଇଁ ଉଠିଥିବା ଗୋହିଲ ସମାଲୋଚନା କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଣେ ପଶିଲେ,**
**ମାଣେ ଖସେ।**

ଜଣେ ମନୁଷ୍ୟର ଭରଣପୋଷଣ ନିମିତ୍ତ ଅଧିକ ଖର୍ଚ୍ଚର ଆବଶ୍ୟକତା ରହିଥାଏ। ଲୋକସଂଖ୍ୟା ବୃଦ୍ଧିରୁ ଅଧିକ ଖାଦ୍ୟର ଆବଶ୍ୟକତା ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝିଅ ଘିଅ;**
**ରହିଲେ ଗନ୍ଧାଏ।**

ଝିଅ ଘରଯୋଗ୍ୟା ହେଲେ ତାକୁ ଅଧିକ ଦିନ ଘରେ ରଖିବା ଉଚିତ ହୋଇନଥାଏ। କାରଣ ଝିଅକୁ ଘରେ ଅଧିକ ଦିନ ରଖିଲେ ନିନ୍ଦା ଅପବାଦ ମିଳିବାର ଭୟ ରହିଥାଏ ଏବଂ ବୟସ୍କା ଝିଅର ବାହାଘର କରିବା ମଧ୍ୟ କଷ୍ଟକର ହୋଇପଡ଼ିଥାଏ। ସେହିପରି ଘିଅ ଅଧିକ ଦିନ ଘରେ ସାଇତି ରଖିଲେ ତାହା କଡୁଆ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

### କୁଟୁରା ଇଂଲିଶ ...

ପାଇ ଦଣ୍ଡିତ ହେବାର ଆଶଙ୍କା ରହିଛି। ତେଣୁ ନିଜ ଚାକିରି ବଞ୍ଚାଇବା ପାଇଁ ଆମକୁ ସିଆର୍‌ପିସି ୪୧ ଏ(CRPC 41 A) ଅନୁଯାୟୀ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛାଡ଼ିବାକୁ ପଡ଼ିବ। ଯେତେବେଳେ ଆମ ପାଖରେ ଡିଏନ୍‌ଏ ରିପୋର୍ଟ ଆସି ପହଞ୍ଚିବ, ସେତେବେଳେ ଯାଇ କୋର୍ଟଙ୍କ ନିର୍ଦ୍ଦେଶରେ ୱାରେଣ୍ଟ ନେଇ ଅଭିଯୁକ୍ତଙ୍କୁ ଗିରଫ କରିବୁ ବୋଲି ଅଧିକାରୀ ଜଣକ କହିଛନ୍ତି।

### ପରଲୋକରେ ଜୟନ୍ତ ...

କବି ମହାପାତ୍ର ୧୯୮୧ ମସିହାରେ ତାଙ୍କ କବିତା ପୁସ୍ତକ 'ରିଲେଶନ୍‌ସିପ୍' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଇଂରାଜୀ ଭାଷାରେ ସେ ପ୍ରଥମ ଲେଖକ ଭାବେ ଏହି ପୁରସ୍କାର ଅର୍ଜନ କରିଥିଲେ। କବିତା ପୁସ୍ତକ 'ଇଣ୍ଡିଆନ ସମର୍' ଓ 'ହଙ୍ଗର' ପାଇଁ ସେ ସମଗ୍ର ଦେଶରେ ଚର୍ଚ୍ଚିତ କବି ଭାବେ ପରିଚୟ ହାସଲ କରିଥିଲେ। ସାମଗ୍ରିକ ସାହିତ୍ୟ ସାଧନା ପାଇଁ ୨୦୦୯ରେ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ସମ୍ମାନିତ ହୋଇଥିଲେ। ହେଲେ ୨୦୧୫ରେ ଦେଶରେ ବଢୁଥିବା ଅସହିଷ୍ଣୁତାକୁ ଦେଖି ସେ ତାହାକୁ ଫେରାଇ ଦେଇଥିଲେ। ସାହିତ୍ୟ ସାଧନା ପାଇଁ ସେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହୋଇଥିଲେ। ଜୟନ୍ତଙ୍କ ବିୟୋଗରେ ଓଡ଼ିଆ ଏବଂ ଭାରତୀୟ ଇଂରାଜୀ ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। କବି ମହାପାତ୍ରଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶୋକ ବ୍ୟକ୍ତ କରିବା ସହ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ତାଙ୍କ ଟୁଇଟ୍‌ରେ ସେ କହିଛନ୍ତି, ଭାରତରେ ଇଂଲିଶ କବିଙ୍କ ମଧ୍ୟରେ ତାଙ୍କ ରଚନାକୁ ସର୍ବାଧିକ ପଢ଼ାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ତାଙ୍କ ଦେହାନ୍ତ ବିଷୟରେ ଜାଣି ସେ ଦୁଃଖିତ। ସାହିତ୍ୟ ଜଗତରେ ଏହା ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଉଭୟ ଓଡ଼ିଆ ଏବଂ ଇଂରାଜୀ ସାହିତ୍ୟରେ ଅନନ୍ୟ ସୃଷ୍ଟି ତାଙ୍କୁ ସର୍ବଦା ଅମର କରି ରଖିବ। ତାଙ୍କ ଜ୍ଞାନ ଓ ବିଚାର ଶକ୍ତି ଯୁବପିଢ଼ିଙ୍କୁ ସର୍ବଦା ରାସ୍ତା ଦେଖାଇବ। ତାଙ୍କ କବିତାରେ ଥିବା ସୁମଧୁର ଶବ୍ଦ ସଂଯୋଜନା, ମାନବୀୟ ଅଭିବ୍ୟକ୍ତିର ପରିପ୍ରକାଶ କରିଥାଏ। ମଣିଷର ଦୈନନ୍ଦିନ ଜୀବନ ବିଶେଷକରି କଟକକୁ ନେଇ ତାଙ୍କ ବର୍ଣ୍ଣନା ଓଡ଼ିଆ ଜନଜୀବନକୁ ପ୍ରଭାବିତ କରୁଥିଲା। ମହାନ ସାହିତ୍ୟିକଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସୋମବାର ରାଷ୍ଟ୍ରୀୟ ସମ୍ମାନ ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ଯୋଗେ ଶୋକବ୍ୟକ୍ତ କରି କହିଛନ୍ତି, ଖ୍ୟାତି ସମ୍ପନ୍ନ କବି ଜୟନ୍ତ ମହାପାତ୍ରଙ୍କର ସାହିତ୍ୟରେ ଓଡ଼ିଶା ମାଟିର କଥା ପ୍ରସ୍ଫୁଟିତ ହୁଏ। କବିତା ମାଧ୍ୟମରେ ସାଧାରଣ ଲୋକଙ୍କ ଜୀବନଯାତ୍ରାର କଥା କହିବା ଥିଲା ତାଙ୍କର ଅନନ୍ୟ କୃତି। ତାଙ୍କ ବିୟୋଗରେ ସାହିତ୍ୟ ଜଗତ ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ହରାଇଲା। କବି ମହାପାତ୍ରଙ୍କ ବିୟୋଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଗଭୀର ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତିକାମନା କରିଛନ୍ତି। ମହାପାତ୍ର ଜଣେ ଉଚ୍ଚକୋଟୀର କବି ଥିଲେ ଏବଂ ତାଙ୍କ ବିୟୋଗରେ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି ହେଲା ବୋଲି ପାତ୍ର ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ସେହିଭଳି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଜବତ, ୫ ଗିରଫ

## ସିବିଆଇ ଅଫିସର କହି ବନ୍ଧୁକ ମୁନରେ ଡକାୟତି ମାମଲା

- ଦେଶୀ ବନ୍ଧୁକ ସମେତ ଚୋରି ସୁନା ଅଳଙ୍କାର ଜବତ
- ଗିରଫ ପରେ ଜେଲ ଗଲେ, ୪ ଏବେବି ଫେରାର

ଭୁବନେଶ୍ୱର,୨୭।୮
(ସତ୍ୟଜିତ୍ ରାଉତ)

ସିବିଆଇ ଅଫିସର କହି ଘରେ ପଶିଥିଲେ। ବାପପୁଅଙ୍କୁ ବାନ୍ଧି ବନ୍ଧୁକ ମୁନରେ ଭୟ ଦେଖାଇ ସିନେମା ଷ୍ଟାଇଲରେ ଲୁଟିଥିଲେ ୧.୭ କୋଟି ନଗଦ ଟଙ୍କା ସମେତ ସୁନା ଅଳଙ୍କାର। ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ଅଞ୍ଚଳରେ ଘଟିଥିବା ଏହି ଡକାୟତିରେ ସମ୍ପୃକ୍ତ ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିବା ସହ ୫ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ରେଙ୍ଗାଲି ଡ୍ୟାମ୍ ସାଇଟ୍ ଥାନା ଅଞ୍ଚଳର ହେମନ୍ତ କୁମାର ଧୀର୍ (୩୨), ସନାତନ ନାୟକ ଓରଫ ସନା, ଭୁବନେଶ୍ୱର ମୈତ୍ରୀବିହାର ଥାନା ଅଞ୍ଚଳରେ ରହୁଥିବା ଅନୁଗୋଳ ଜିଲା ଟାଉନ ଥାନା ଅଞ୍ଚଳର ଅର୍ବାଜ୍ ଖାନ୍ (୨୨), କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ସଞ୍ଜୟ ମଲ୍ଲିକ (୩୬) ଓ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ଯାଜପୁର ଜିଲା ବରି ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଅଜମିର୍ ଅଲ୍ଲୀ (୪୮)। ଅଭିଯୁକ୍ତଙ୍କ ପାଖରୁ ୧.୦୨ କୋଟି ଟଙ୍କା, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ଚେନ୍, ୪ଟି ମୁଦି ଓ ଗୋଟିଏ କାନଫୁଲ ଜବତ ହୋଇଛି। ରବିବାର ସେମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ହେମନ୍ତ ଜଣେ ବିଧାୟକଙ୍କ ସହଯୋଗୀ ବୋଲି ସୂଚନା ମିଳିଛି। ଏହି ମାମଲାରେ ଅଭିଯୋଗକାରୀଙ୍କ ଜଣେ ବନ୍ଧୁଙ୍କ ଡ୍ରାଇଭର ବାଦଲ ସମେତ ୪ଜଣ ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ କହିଛନ୍ତି। ଅଗଷ୍ଟ ୨ ସନ୍ଧ୍ୟା ପ୍ରାୟ ୭ଟା ୩୦ରୁ ୮ଟା ୩୦ ମଧ୍ୟରେ ନନ୍ଦନବିହାର ବସୁନ୍ଧରା କଲୋନୀର ପ୍ଲଟ ନଂ.୨୬୮/୨ସ୍ଥିତ ଘରେ ଏହି ଡକାୟତି ହୋଇଥିଲା। ସେତେବେଳେ ଭୁବନେଶ୍ୱରରେ ବର୍ଷା ହେଉଥିଲା। ଘରେ ବରିଷ୍ଠ ନାଗରିକ ନିବାରଣ ପାଣି ଏବଂ ତାଙ୍କ ପୁଅ ଶୁଭମ୍ ଥିଲେ। ହଠାତ୍ ୩ଜଣ ଯୁବକ କବାଟ ଠକ୍ ଠକ୍ କରି ନିଜକୁ ସିବିଆଇ ଅଫିସର ବୋଲି କହିଥିଲେ। ସେମାନେ ଭିତରକୁ ଯିବାପରେ ତାଙ୍କ ଘରେ ରେଡ୍ ହୋଇଥିବା କହିଥିଲେ। ଏହାପରେ ବାହାରେ ଥିବା ଅନ୍ୟ ୫ଜଣ ଯୁବକ ହଠାତ୍ ଘର ଭିତରକୁ ପଶିଯାଇଥିଲେ। ସମସ୍ତ ଅଭିଯୁକ୍ତମାନେ ବାପପୁଅଙ୍କୁ ବନ୍ଧୁକ ଓ ଛୁରି ଦେଖାଇ ଭୟଭୀତ କରାଇଥିଲେ। ଉଭୟଙ୍କ ମୁହଁରେ ସେଲୋଟେପ୍ ଗୁଡ଼ାଇ ହାତକୁ ଟାଓ୍ୱେଲ୍‌ରେ ବାନ୍ଧି ଦେଇଥିଲେ। ଏହାପରେ ସେମାନେ ଡକାୟତି କରି ଫେରାର ହୋଇଯାଇଥିଲେ। ଏନେଇ ନିବାରଣଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୬୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ଟଙ୍କା, ସୁନା ଓ ବନ୍ଧୁକ।

### ବନ୍ଧୁଙ୍କ ଡ୍ରାଇଭର ରଚିଥିଲେ ଡକାୟତି ଷଡ଼ଯନ୍ତ୍ର

ଗୃହକର୍ତ୍ତା ନିବାରଣଙ୍କ ଜଣେ ବନ୍ଧୁଙ୍କ ଡ୍ରାଇଭର ବାଦଲ ହିଁ ଏହି ଡକାୟତିର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ଘଟଣାର କିଛିଦିନ ପୂର୍ବରୁ ନିବାରଣଙ୍କ ବନ୍ଧୁଙ୍କ ସହ ବାଦଲ ଉକ୍ତ ଘରକୁ ଆସିଥିଲେ। ନିବାରଣ ଘର କିଣିବା ପାଇଁ ବିପୁଳ ଟଙ୍କା ରଖିଥିବା ସେ ଜାଣିବାକୁ ପାଇଥିଲେ। ଏହାପରେ ସେ ଅନ୍ୟମାନଙ୍କ ସହ ମିଶି ଏହି ଯୋଜନା କରିଥିଲେ। ଘଟଣା ପରେ ଲୁଟ୍ ଟଙ୍କାକୁ ପରସ୍ପର ବାଣ୍ଟି ନେଇଥିଲେ।

### ଅଭିଯୁକ୍ତଙ୍କ ପାଖରେ କେମିତି ପହଞ୍ଚିଲା ପୋଲିସ

ଅଭିଯୁକ୍ତମାନେ ଏକ କାର୍ (ଓଡ଼ି୨୫ଇ୧୦୫୧)ରେ ଆସିଥିଲେ। ଲୁଟ୍ କରିବା ପରେ ଷଡ଼ଯନ୍ତ୍ରକାରୀ ଅଭିଯୁକ୍ତ ବାଦଲ ଆଣିଥିବା ତାଙ୍କ ବ୍ୟାଗକୁ ଘଟଣାସ୍ଥଳରେ ଛାଡ଼ି ଚାଲିଯାଇଥିଲେ। ତଦନ୍ତ ସମୟରେ ମିଳିଥିବା ଉକ୍ତ ବ୍ୟାଗ୍‌କୁ ନିବାରଣ ଚିହ୍ନି ତାହା ତାଙ୍କ ବନ୍ଧୁଙ୍କ ଡ୍ରାଇଭରଙ୍କର ବୋଲି କହିଥିଲେ। ବ୍ୟାଗ୍‌ରୁ ମିଳିଥିବା ଏକ ସିମ୍ କାର୍ଡକୁ ଯାଞ୍ଚ କରିବା ପରେ ତାହା ବାଦଲର ବୋଲି ମଧ୍ୟ ସ୍ପଷ୍ଟ ହୋଇଥିଲା। ଅନ୍ୟପଟେ ସିସିଟିଭି ଫୁଟେଜ୍ ଯାଞ୍ଚରୁ ଅଭିଯୁକ୍ତମାନେ ଆସିଥିବା କାର୍‌ର ନମ୍ବର ମିଳିଯାଇଥିଲା। ଉକ୍ତ ନମ୍ବରକୁ ଟ୍ରାକ୍ କରିବା ପରେ ତାହା ହେମନ୍ତଙ୍କ ନାଁରେ ଥିବା ଜଣାପଡିଥିଲା। ପ୍ରଥମେ ହେମନ୍ତ ଧରାପଡ଼ିବା ପରେ ସେ ଅନ୍ୟମାନଙ୍କ ନାଁ କହିଥିଲେ। ପୋଲିସ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା।

ପ୍ରଥମ ପୃଷ୍ଠାରୁ...

### ତଥ୍ୟ, ପ୍ରମାଣ ...

ଅଧ୍ୟକ୍ଷ ସୁଦର୍ଶନ ବେହେରା ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମସ୍ତ ୫ଜଣ ଛାତ୍ରୀଛାତ୍ର ଟ୍ରାନ୍ସଫର ବେସିସ୍‌ରେ ବରଗଡ଼ ଜିଲା ପାଇକମାଲ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ଗବେଷଣା ପ୍ରତିଷ୍ଠାନ(ଏସ୍‌ଏସ୍ ଏନ୍ ଏସି ଆଣ୍ଡ ଆର୍‌ଆଇ)ରୁ ବଦଳି ହୋଇ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନାମ ଲେଖାଇଥିବା ନେଇ ଅଭିଯୋଗ ହୋଇଥିଲା। ଆୟୁଷ ନିର୍ଦ୍ଦେଶକଙ୍କ ଚିଠି (କ୍ରମାଙ୍କ ନଂ. ୪୮୧୩/ଡି.ଆୟୁଷ/୨୭।୬।୨୩) ଉତ୍ତରରେ କଲେଜ କର୍ତ୍ତୃପକ୍ଷ ଚିଠି ନଂ. ୧୧୮୦/୨୮।୬।୨୩ ରେ ଉପରୋକ୍ତ ଛାତ୍ରୀଛାତ୍ର ତାଙ୍କ କଲେଜର ନୁହନ୍ତି ବୋଲି କଲେଜ ଅଧ୍ୟକ୍ଷ ରିପୋର୍ଟ କରିଛନ୍ତି। ସେହିପରି କେ.ଏ.ଟି.ଏସ୍. ଏୱାଇ.କଲେଜ ଆଣ୍ଡ ହସ୍ପିଟାଲ, ବ୍ରହ୍ମପୁର ମଧ୍ୟ ଆୟୁଷ ନିର୍ଦ୍ଦେଶକଙ୍କ ଚିଠି (କ୍ରମାଙ୍କ ୪୮୧୪/ଡି.ଆୟୁଷ/୨୭।୬।୨୩) ଉତ୍ତରରେ କଲେଜ ଚିଠି ନଂ ୧୩୧୫/୨୭.୬.୨୩ ରେ ଏହି ଛାତ୍ରୀଛାତ୍ର ତାଙ୍କ କଲେଜର ନୁହନ୍ତି ବୋଲି କଲେଜ ଅଧ୍ୟକ୍ଷ ରିପୋର୍ଟ କରିଛନ୍ତି। ଆୟୁଷ ନିର୍ଦ୍ଦେଶକ ଗତ ଜୁନ ୨୧ରେ ଚିଠି ନଂ.୪୬୪୮ରେ ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ଓଜେଇ ଚେୟାରମ୍ୟାନଙ୍କୁ ସମ୍ପୃକ୍ତ ୫ଜଣ ଛାତ୍ରୀଛାତ୍ରଙ୍କ ଉପଯୁକ୍ତ ଡକ୍ୟୁମେଣ୍ଟ ପ୍ରଦାନ ଲାଗି ନୋଟିସ କରିଥିଲେ ସୁଦ୍ଧା ଏନେଇ କୌଣସି ଉତ୍ତର ହସ୍ତଗତ ହୋଇ ନ ଥିବା ଜଣାପଡ଼ିଛି।

ବିନା ଏନ୍‌ଇଇଟି ଆୟୁର୍ବେଦ ଡାକ୍ତରୀ ପାଠ ସମ୍ପର୍କିତ ଏକ ଖବର 'ଧରିତ୍ରୀ'ରେ ଗତ ଜାନୁୟାରୀ ୧୦ରେ ଖବର ପ୍ରକାଶ ପାଇଥିଲା। ୧୧ତାରିଖରେ କଲେଜ ଅଧ୍ୟକ୍ଷ ଚିଠି କ୍ରମାଙ୍କ ନଂ. ୬୭/୨୩ରେ ଏକ ୯ଜଣିଆ କମିଟି ଗଠନ କରିଥିଲେ। ଏହି କମିଟି ୨୦୨୦-୨୧ ବ୍ୟାଚରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଦ୍ୱୟଙ୍କ ସମସ୍ତ ସାର୍ଟିଫିକେଟ ନକଲି ବୋଲି କଲେଜ ଅଧ୍ୟକ୍ଷଙ୍କୁ ରିପୋର୍ଟ କରିଥିଲେ। ପରେ କଲେଜ ଅଧ୍ୟକ୍ଷ ଅତି ଚତୁରତାର ସହ ସେହି ଦୁଇ ଛାତ୍ରୀଛାତ୍ରଙ୍କୁ ବାହାର କରିଦିଆଯାଇଥିବା ନେଇ ନୋଟିସ ବାହାର କରିଥିଲେ। ତତ୍କାଳୀନ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ ରଥ ଗତ ମେ' ୩ତାରିଖରେ କଲେଜ ଅଧ୍ୟକ୍ଷଙ୍କୁ ସବିଶେଷ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେବା ସହ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଶାସନ ସଚିବଙ୍କୁ ମଧ୍ୟ ଚିଠି ଲେଖିଥିଲେ। ଧରିତ୍ରୀରେ ପ୍ରକାଶିତ ଖବର ଉପରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ତତ୍ପରତା ମଧ୍ୟ ପ୍ରକାଶ ପାଇଥିଲା। ମନ୍ତ୍ରଣାଳୟ ଏସଂକ୍ରାନ୍ତରେ ନ୍ୟାଶନାଲ କମିଶନ ଫର୍ ଇଣ୍ଡିଆନ ସିଷ୍ଟମ୍ ଅଫ୍ ମେଡିସିନ(ଏନ୍‌ସିଆଇଏସ୍‌ଏମ୍)କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଛି। ଅଭିଯୋଗ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗତ ଜୁନ ୧୧ତାରିଖରେ ଖୋର୍ଦ୍ଧା ଗସ୍ତରେ ଆସିଥିବାବେଳେ କେନ୍ଦ୍ର ଆୟୁଷ ଓ ମହିଳା ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ. ମୁଞ୍ଜପାରା ମହେନ୍ଦ୍ର ଭାଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହା ସତ୍ତ୍ୱେ ବିଭାଗୀୟ ଶୀଥିଳତା ନେଇ ଗତ ଜୁଲାଇ ମାସରେ ତଥ୍ୟ ସମ୍ବଳିତ ଏକ ଅଭିଯୋଗ ଫର୍ଦ୍ଦ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଏକ ମାସ ବିତିଲାଣି। ଏହା ସତ୍ତ୍ୱେ ସ୍ୱାସ୍ଥ୍ୟ ସଚିବଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଡାକ୍ତରୀପାଠ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବେଆଇନ ଭାବେ ୨୦୨୦-୨୧ ବ୍ୟାଚରେ ପାଠପଢ଼ା ସୁଯୋଗ ଦିଆଯାଉଥିବା ଏବଂ ଛାତ୍ରୀଛାତ୍ରଙ୍କଠାରୁ ବିପୁଳ ଅର୍ଥ ନେଇ ନକଲି ନିଟ୍ ଆପ୍ଲିକେଶନ ନମ୍ବର, ର୍‍ୟାଙ୍କ କାର୍ଡ ଓ ଓଜେଇ ଆଲଟମେଣ୍ଟ ଲେଟର, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ(ସିଏଲ୍‌ସି) ଓ ମାଇଗ୍ରେଶନ ସାର୍ଟିଫିକେଟ, କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ବ୍ୟବସ୍ଥା କରାଯାଇ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ଜନୈକ ଅଭିଯୋଗକାରୀ ଆୟୁଷ ମନ୍ତ୍ରଣାଳୟ ନିକଟରେ ୨୦୨୨ରେ ଅଭିଯୋଗ କରିଥିଲେ। ପରେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ପରବର୍ତ୍ତୀ ସମୟରେ ୨୦୧୬-୧୭ ଏବଂ ୨୦୧୭-୧୮ ବ୍ୟାଚରେ ମଧ୍ୟ ଅନୁରୂପ ଭାବେ ୩ଜଣ ବିନା ଏନଇଇଟି ର୍‍ୟାଙ୍କ ଏବଂ ଓଜେଇ ଆଲର୍ଟ ନମ୍ବରରେ ନାମ ଲେଖାଇଥିବା ନେଇ ଜଣାପଡ଼ିଥିଲା। ତେବେ ଏହି ବେଆଇନ ନାମଲେଖା ପଛରେ କଲେଜଠାରୁ ଉପରସ୍ତର ପର୍ଯ୍ୟନ୍ତ ଏକାଧିକଙ୍କ ସମ୍ପୃକ୍ତି ରହିଥିବା ଏକ ପ୍ରକାର ସ୍ପଷ୍ଟ ହୋଇଥିବାବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରେ ବିଳମ୍ବ ହେବା ତଦନ୍ତର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଆୟୁଷ ନିର୍ଦ୍ଦେଶକ ପ୍ରେମ୍‌ଜିତ ନାୟକଙ୍କୁ ପଚାରିବାରେ ଓଜେଇ ଚେୟାରମ୍ୟାନଙ୍କୁ ଉକ୍ତ ୫ଜଣ ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ଗତ ଜୁନ୍ ୨୧ରେ ରିପୋର୍ଟ ମଗାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



OFFICE OF THE PRINCIPAL
K.A.T.S. AY. COLLEGE & HOSPITAL,
BERHAMPUR, ANKUSHPUR, GANJAM, ODISHA
Website: www.katsaycollege.org e-mail: katsaycollege@gmail.com Cell- 9437499423

Letter No. 1315 /KATS Dt. 27-06-23

To
The Director AYUSH
Odisha, Bhubaneswar

Sub: -Admission of students from Non-OJEE allotted lists.
Ref:- Directorate of AYUSH of Letter No. 4814/DAYUSH, Dt. 27.06.2023.

Sir,

In pursuance to the letter on the subject and reference cited above I am to inform you that, no candidate out of the provided list of five students have taken admission into B.A.M.S. course in this institution.

This is for favour of your kind information and necessary action.

Yours faithfully,
PRINCIPAL

Public Information Officer
Directorate of AYUSH
Odisha, Bhubaneswar



Sri Sri Nrusinghnath Ayurved College
& Research Institute
Nrusinghnath, P.O.-Paikmal, -768039, Dist-Bargarh (Odisha)
Recognised by the govt. of India, Ministry of AYUSH, New Delhi &
Affiliated to Sambalpur University
Email - ssnayc.ri@gmail.com, Website-www.ssnayc.com

Ref. No. 1180 Date 28-06-2023

To,
The Director, AYUSH
Department of Health & Family Welfare,
Govt. of Odisha, Heads of Department Building,
3rd floor, (Annex), Unit- 5,
Bhubaneswar-751001

Sub:- Illegal Admission into B.A.M.S. course using forged documents by Non- NEET qualified/Non-OJEE allotted in-eligible students in the year 2016-17, 2017-18 and 2020-21 batch at Gopabandhu Ayurveda Mahavidyalaya, Puri.
Ref:- Your office letter No. 4813/DAYUSH, Dt. 27.06.2023.

Sir,

With the subject matter cited above I am to say that no such students have taken admission in this institution into BAMS course as mentioned in your office letter No. 4813/DAYUSH, Dt. 27.06.2023.

This is for favour of your information and necessary action.

With Thanks
Yours Faithfully
Principal
S.S.N.AY. College & R.I.
Nrusinghnath, P.O.-Paikmal
Dist.- Bargarh (768039)

Public Information Officer
Directorate of AYUSH
Odisha, Bhubaneswar

ଆୟୁଷ ନିର୍ଦ୍ଦେଶକଙ୍କ ଚିଠିର ଉତ୍ତରରେ କେଏଟିଏସ୍‌ଏୱାଇ କଲେଜ ଗଞ୍ଜାମ ଏବଂ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଦିଆଯାଇଥିବା ଉତ୍ତରର ନକଲ।

### ସ୍ୱର୍ଣ୍ଣ ଜିତିଲେ ...

ନୀରଜ ପୂର୍ବରୁ ଯୁଜିନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପରେ ଏହା ଭାରତର ତୃତୀୟ ପଦକ ହୋଇଥିବା ବେଳେ ବ୍ୟକ୍ତିଗତ ଭାବରେ ନୀରଜଙ୍କ ଏହା ଦ୍ୱିତୀୟ ପଦକ। ଜାଭେଲିନ୍ ଥ୍ରୋରେ ଭାରତର ପଦକ ଫେଭରିଟ୍ ରହିଥିବା ଅଲିମ୍ପିକ୍ସ ଚାମ୍ପିୟନ ନୀରଜ ଚୋପ୍ରା ୮୮.୧୭ ମିଟରର ଥ୍ରୋ ସହିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ନିଜର ଦ୍ୱିତୀୟ ପଦକ ହାସଲ କରିଥିଲେ। ପାକିସ୍ତାନର ଅର୍ଶଦ ନଦୀମ୍ ୮୭.୮୨ ମିଟରର ଥ୍ରୋ ସହିତ ରୌପ୍ୟ ପଦକ ହାସଲ କରିଥିବା ବେଳେ ଚେକ୍ ରିପବ୍ଲିକ୍‌ର ଜାକୁବ୍ ଭାଡଲେଚ୍ ୮୬.୬୭ ମିଟରର ଥ୍ରୋ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଏକ ଫାଉଲ୍ ସହିତ ଆରମ୍ଭ କରିଥିଲେ। ତେବେ ଦ୍ୱିତୀୟ ଥ୍ରୋରେ ସେ ୮୮.୧୭ ମିଟର ଥ୍ରୋ କରିବା ସହିତ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓଡ଼ିଶାର କିଶୋର ଜେନା ୮୪.୭୪ ମିଟର ଥ୍ରୋ ସହ ୫ମ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ପାରୁଲ ଚୌଧାରୀ ୩,୦୦୦ ମିଟର ମହିଳା ଷ୍ଟିପଲ ଚେଜ୍‌ରେ ୯:୧୫.୩୧ ଟାଇମିଂ ସହ ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ତେବେ ପାରୁଲ ପ୍ୟାରିସ ଅଲିମ୍ପିକ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଭାଗ୍ୟଭାବସ୍ଥ ଚନ୍ଦ୍ର ପ୍ରତ୍ୟେକ କର୍ମ ଓ ପାରିବାରିକ ଜୀବନକୁ ସରସ, ସୁନ୍ଦର କରି ରଖିବ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ବାଧ ବାଧକତାରେ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ବୁଧଙ୍କ ସୁପ୍ରଭାବରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ବୃଷ**
ମଙ୍ଗଳ କୋଣ ସ୍ଥାନରେ ଥିବାରୁ କୌଣସି ଘରୋଇ ସମସ୍ୟାର ସମାଧାନ କ୍ଷେତ୍ରରେ ସ୍ତ୍ରୀଙ୍କ ଅବଦାନ ସ୍ମରଣୀୟ ରହିବ। ପ୍ରଶାସନିକ ସ୍ତରରେ କାମ ହାସଲ କଷ୍ଟକର ହୋଇପାରେ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଲାଭବାନ ହେବେ। କର୍ମଭାବସ୍ଥ ଶନି କର୍ମକ୍ଷେତ୍ରରେ ଅସ୍ଥିରତା ଦୂର କରିବାରେ ସାହାଯ୍ୟ କରିବେ।

**ମିଥୁନ**
ଦ୍ୱିତୀୟ ଓ ତୃତୀୟଭାବର ଶୁଭତ୍ୱ କାରଣରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପଡ଼ୋଶୀଙ୍କ ସାହଚର୍ଯ୍ୟରେ ସାମାଜିକ ସ୍ତରରେ କୌଣସି କାମ କରିବା ସକାଶେ ସ୍ଥିର କରିବେ। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ଗସ୍ତ ସମୟରେ ଯାନବାହନରେ ସତର୍କତା ବିଧେୟ।

**କର୍କଟ**
ଅଷ୍ଟମଭାବସ୍ଥ ଶନିଙ୍କ ଯୋଗୁ ଯେଉଁ କାମରେ ହାତ ଦେବେ କଠିନ ପରିଶ୍ରମ କରିବାକୁ ପଡ଼ିବ। କର୍ମକ୍ଷେତ୍ରର ଅସଜଡ଼ା ପରିସ୍ଥିତିକୁ ସହକର୍ମୀଙ୍କ ସହ ଆଲୋଚନା କ୍ରମେ ସଜାଡ଼ି ନେବେ। କୌଣସି ଅଜଣା ବ୍ୟକ୍ତିଙ୍କ ସହ ଉଚ୍ଚବାଚ ଘଟିପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସାଙ୍ଗକୁ ଶ୍ରମଜନିତ କ୍ଲାନ୍ତିବୋଧ କରିବେ।

**ସିଂହ**
ଦ୍ୱାଦଶସ୍ଥ ଶୁକ୍ର ଯୋଗୁ ସୁବିଧା ସୁଯୋଗ ପାଇଲେ ମଧ୍ୟ କାମ ହାସଲ କରିପାରିବେ ନାହିଁ। ପାରିବାରିକ କ୍ଷେତ୍ରରେ ତର୍କ ବିତର୍କ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଘଟିପାରେ। ବିଳମ୍ବରେ ହେଲେ ମଧ୍ୟ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରନ୍ତି। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**କନ୍ୟା**
ମଙ୍ଗଳଙ୍କ ରାଶ୍ୟାବସ୍ଥାନଜନିତ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଅଂଶୀଦାରଙ୍କ ଅଯଥା ଯୁକ୍ତି କାରଣରୁ ବ୍ୟବସାୟରେ ମନାନ୍ତର ଦେଖା ଦେଇପାରେ। ମାଲିମକଦ୍ଦମାରେ ସ୍ୱପକ୍ଷ ସବଳ ରହିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା**
ଗୁରୁଙ୍କ ପାପସଂଯୁତି କାରଣରୁ ନିଜ ଲୋକଙ୍କ ବିରୋଧରେ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ବିଛା**
ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ କଳହ ଆଶଙ୍କା କରି ମନ କଥା କହିବାକୁ ପଛେଇ ଯିବେ। ଏକ ସାମୂହିକ କାର୍ଯ୍ୟକ୍ରମରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବନ୍ଧୁଙ୍କ ପ୍ରେରଣାରେ କୌଣସି ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ଧନୁ**
କର୍ମକ୍ଷେତ୍ରରେ ଦ୍ୱାଦଶାଧିପତି ଥିବାରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପାଦନ ନିମନ୍ତେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ବନ୍ଧୁଙ୍କ ଅନାଦର ଭାବ ଯୋଗୁ ମନଦୁଃଖ ହୋଇପାରେ। ଶାସ୍ତ୍ରାଧ୍ୟୟନ ସାଙ୍ଗକୁ ଧର୍ମ କାର୍ଯ୍ୟରେ ନିୟୋଜିତ କରିପାରନ୍ତି।

**ମକର**
ଭାଗ୍ୟସ୍ଥ ମଙ୍ଗଳ ହେତୁ କର୍ମକ୍ଷେତ୍ରରେ ଅବହେଳାବଶତଃ ସ୍ଥଗିତ କାମକୁ ପୂରାଦମରେ କରିଚାଲିବେ। ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିଜ ଲୋକମାନେ ଶତ୍ରୁତା ଆଚରଣ କରିବେ। ବ୍ୟବସାୟ କ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**କୁମ୍ଭ**
ଚନ୍ଦ୍ର କ୍ଷେତ୍ରରେ ଶୁକ୍ର ଥିବାରୁ କଳା, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତ ହୋଇପାରନ୍ତି। ଆଜିର କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ବନ୍ଧୁଙ୍କ କଥାରେ ହଁ ଭରି କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ।

**ମୀନ**
ଷଷ୍ଠସ୍ଥ ରବି ଓ ବୁଧଜନିତ କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପାରିବାରିକ କ୍ଷେତ୍ରର ସମୟ ସୁବିଧା ନେଇ ବନ୍ଧୁଙ୍କ ପାଖରେ ଦୁଃଖ ଜଣାନ୍ତୁ; ଅବଶ୍ୟ ଉପକୃତ ହେବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

ଆଜି ଶ୍ରାବଣ ଶୁଦ୍ଧଶୁକ୍ଳପକ୍ଷ ଦ୍ୱାଦଶୀ ସୋମବାର, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଆଖେଟକ ପର୍ବ, ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଦିବସ, ଅଗଷ୍ଟ ୨୮ ତାରିଖ, ରାଶିନକ୍ଷତ୍ର- ଉତ୍ତରାଷାଢ଼ା/ଧନୁ, ଦିବା ଘ୧୦।୧୮ ଗତେ, ମକର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ସକାଳ ଘ୦୫।୩୩ ଗତେ, ଘ୦୭।୦୭ ମଧ୍ୟେ,ଘ୧୦।୩୩ ଗତେ, ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ୦୭।୦୭ ଗତେ, ଘ୦୮।୪୦ ମଧ୍ୟେ ରାହୁକାଳ।

## ଚୋରି ସନ୍ଦେହରେ ୪ ଦଳିତଙ୍କୁ ଗଛରୁ ଓଲଟା ଝୁଲାଇ ମାଡ଼

ମୁମ୍ବାଇ,୨୭।୮: ମହାରାଷ୍ଟ୍ରର ଅହମଦନଗର ଜିଲାରେ ଗୋଟିଏ ଛେଳି ଓ କେତେକ ପାରା ଚୋରି ସନ୍ଦେହରେ ୪ ଜଣ ଦଳିତ ଯୁବକଙ୍କୁ ଗଛରୁ ଓଲଟା ଝୁଲାଇ ମାଡ଼ ମରାଯାଇଛି। ଶ୍ରୀରାମପୁର ତାଲୁକ ଅନ୍ତର୍ଗତ ହାରେଗାଁଓ ଗ୍ରାମରେ ଏଭଳି ଘଟଣା ଘଟିଛି। ୬ ଜଣ ଅଭିଯୁକ୍ତ ୪ ଦଳିତଙ୍କୁ ସେମାନଙ୍କ ଘରୁ ଉଠାଇ ଆଣି ଓଲଟା ଝୁଲାଇ ମାଡ଼ ମାରିଥିଲେ। ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଜଣକୁ ଗିରଫ କରିଥିବାବେଳେ ଅନ୍ୟ ୫ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେମାନଙ୍କ ବିରୋଧରେ ଆଇପିସି ଦଫା ୩୦୭, ୩୬୪ ଓ ଅନ୍ୟାନ୍ୟ ଦଫା ତଥା ଅନୁସୂଚିତ ଜାତି ଜନଜାତି (ଅତ୍ୟାଚାର ପ୍ରତିକାର) ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି।

# ଜୀବନବାଦୀ କାବ୍ୟଧାରାର କାଣ୍ଡାରି

ପଦାର୍ଥ ବିଜ୍ଞାନରେ ଶିକ୍ଷା ଗ୍ରହଣ କରି ଅଧାପନା ଜୀବନକୁ ବାଛିଥିବା ଜୟନ୍ତ ମହାପାତ୍ର କିନ୍ତୁ ଜୀବନବ୍ୟାପୀ ବୁଡ଼ି ରହିଥିଲେ କାବ୍ୟିକ ଦୁନିଆରେ। ଇଂଲିଶ୍ ଏବଂ ଓଡ଼ିଆ ଭାଷାରେ ଲିଖିତ ତାଙ୍କ ପ୍ରତିଟି କବିତା ମାନବୀୟ ସ୍ୱର ବହନ କରି ଚାଲିଥିଲା। ବିଜ୍ଞାନର ଛାତ୍ର ହୋଇଥିଲେ ମଧ ତାଙ୍କ କବିତାରେ ଦୈନନ୍ଦିନ ଜୀବନର ଗତି ଓ ପ୍ରଗତି ଯେଭଳି ସମ୍ମିଳିତ ହୋଇଯାଇଥିଲା। ବିଶ୍ୱ ସାହିତ୍ୟରେ କ୍ୱଚିତ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହିଭଳି ସଂଯୋଗ ଦେଖିବାକୁ ମିଳିଥାଏ। ଜୀବନର ଶେଷଯାଏ ସୃଜନମନସ୍କ ରହି ସମାଜର ପ୍ରତିଟି ଶ୍ରେଣୀର ବ୍ୟକ୍ତିଙ୍କ ସହ ମିଶି ସେ ଏକ ସାର୍ବଜନୀନ ବ୍ୟକ୍ତି ପାଲଟି ଯାଇଥିଲେ। ମୃତ୍ୟୁର ଚାରି ଦିନ ପୂର୍ବରୁ କବିତା ପୁସ୍ତକ 'ଝାଞ୍ଜି' ପ୍ରକାଶ ପାଇଥିଲା। ଏଥିରୁ କବିଟିଏ ଜୀବନର ଶେଷଯାଏ କିଭଳି କର୍ମଚଞ୍ଚଳ ରହିଥାଏ ସେ ଥିଲେ ତାର ଏକ ବଳିଷ୍ଠ ପ୍ରମାଣ। କଥାଟିଏ କହିବା ଢଙ୍ଗରେ ତାଙ୍କ କବିତାର ରଙ୍ଗ ବେଶ୍ ନିଆରା। ଜୀବନ ପାଇଁ ସକଳ ଜିଜ୍ଞାସା ଓ ଜିଜୀବିଷା ହେଉଛି ଜୟନ୍ତୀୟ କବିତାର ପ୍ରାଣ। ସେ ସତେ ଯେମିତି ଥିଲେ ଜୀବନବାଦୀ କାବ୍ୟଧାରାର କାଣ୍ଡାରି।

ଉପସ୍ଥାପନା: ଶର୍ମିଷ୍ଠା ପାଣିଗ୍ରାହୀ/ ସୁପ୍ରିୟା ପ୍ରିୟଦର୍ଶିନୀ



ଜୟନ୍ତ ମହାପାତ୍ର



ତିନିକୋଣିଆ ବଗିଚାସ୍ଥିତ ବାସଭବନ।



ବାସଭବନରେ ଥିବା ଜୟନ୍ତ ମହାପାତ୍ରଙ୍କ ସୃଜନକ୍ଷେତ୍ର।

## ସାହିତ୍ୟକୃତି

୨୭ଟି ଇଂଲିଶ୍ ଓ ୯ଟି ଓଡ଼ିଆ କବିତା ସଙ୍କଳନ ସହିତ ଗୋଟିଏ ଗପ ବହି ଏବଂ ଆତ୍ମଜୀବନୀ 'ପାହିନି ରାତି' ପ୍ରକାଶିତ ହୋଇଛି। ୧୯୭୧ରେ ତାଙ୍କର ପ୍ରଥମ କବିତା ସଂକଳନ ସ୍ୱୟଂବର ଏବଂ କବିତାସମୂହ ଓ ପରେ ପରେ ଇଂଲିଶ୍ ପୁସ୍ତକ 'କ୍ଲୋଜ ଦି ସ୍କାଇ', 'ଟେନ ବାଇ ଟେନ୍' 'ଏ ଫାଦର୍ସ ଆୱାର', 'ଏ ରେନ ଅଫ ରାଇଟ୍ସ', 'ୱେଟିଂ', 'ଦ ଫଲ୍ସ ଷ୍ଟାର୍ଟ', 'ରିଲେସନଶିପ', 'ଲାଇଫ ସାଇନ୍ସ' ପ୍ରମୁଖ ପ୍ରକାଶିତ ହୋଇଥିଲା। ଓଡ଼ିଆ କବିତା ପୁସ୍ତକ 'କହିବି ଗୋଟିଏ କଥା', 'ବାୟାରଜା', 'ଟିକିଏ ଛାଇ', 'ବଳି', 'ଚାଲି', 'ଯଦିବା ଗପଟିଏ', 'କେବଳ ଭାଗ୍ୟ ହିଁ ମୋତେ ଜୀବନ ଦିଏ' ପ୍ରମୁଖ କବିତା ଲେଖିଥିଲେ।

## ଇଂଲିଶରେ ପ୍ରଥମ କବି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ

ଭାରତୀୟ ସାହିତ୍ୟରେ ସେ ଥିଲେ ପ୍ରଥମ କବି, ଯିଏ ଇଂଲିଶ ଭାଷାରେ ପ୍ରଥମ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣ କରିଥିଲେ। ୧୯୮୧ ମସିହାରେ ତାଙ୍କୁ ଏହି ସମ୍ମାନ ମିଳିଥିଲା। ୧୯୭୬-୭୭ ମଧ୍ୟରେ ଶିକାଗୋରେ ତାଙ୍କୁ ଇଣ୍ଟରନ୍ୟାଶନାଲ ହୁଜସ ହୁଜ ଇନ ପୋଏଟ୍ରି, ଲଣ୍ଡନର ଜାକୋବ ଗ୍ଲାଷ୍ଟେଇନ ମୋମୋରିଆଲ ଆୱାର୍ଡ, ୧୯୭୮ରେ ଅଷ୍ଟ୍ରେଲିଆରେ କଲଚରାଲ ଆୱାର୍ଡ ଭିଜିଟର, ଗଙ୍ଗାଧର ଜାତୀୟ ପୁରସ୍କାର, ରାମକୃଷ୍ଣ ଜୟଦୟାଲ ହାର୍ମୋନି ଆୱାର୍ଡ, ଭୈକୋମ ମହମ୍ମଦ ବାସିର ଚେୟାର, ବିଷୁବ ପୁରସ୍କାର, ୨୦୦୯ରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଡି.ଲିଟ, ୨୦୦୯ରେ ପଦ୍ମଶ୍ରୀ, ସାର୍କ ସାହିତ୍ୟ ପୁରସ୍କାର ଆଦି ସମ୍ମାନରେ ସମ୍ମାନିତ ହୋଇଥିଲେ।

## ରେଭେନ୍ସାରେ ଅଧ୍ୟାପକ ଜୀବନରୁ ଅବସର

କଟକ ତିନିକୋଣିଆ ବଗିଚାରେ ୧୯୨୮ ଅକ୍ଟୋବର ୨୨ତାରିଖରେ ପିତା ନେମୁଏଲ ମହାପାତ୍ର ଓ ମା' ସୁଧାଂଶୁବାଳା ଦାସଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ କବି ଜୟନ୍ତ ମହାପାତ୍ର। କଟକ ଷ୍ଟୁଆର୍ଟ ସ୍କୁଲରୁ ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା। ପରେ ସେ ପାଟ୍‌ନା ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ଏମ୍‌ଏସି ପାସ କରିଥିଲେ। ୧୯୪୯ ମସିହାରେ ସେ ଅଧ୍ୟାପକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ବାଲେଶ୍ୱରସ୍ଥିତ ଫକୀରମୋହନ କଲେଜ, ସମ୍ବଲପୁର ଗଙ୍ଗାଧର ମେହେର କଲେଜ, ଭୁବନେଶ୍ୱର ବିଜେବି କଲେଜରେ ସେ ଶିକ୍ଷାଦାନ କରିଥିଲେ। ୧୯୮୬ ମସିହାରେ କଟକ ରେଭେନ୍ସା ମହାବିଦ୍ୟାଳୟରୁ ଅଧ୍ୟାପକ ଜୀବନରୁ ଅବସର ନେଇଥିଲେ।

### ବିଶ୍ୱ ସାହିତ୍ୟରେ ପାଠକୀୟ ଆଦୃତି ହାସଲ କରିଛନ୍ତି



ତାଙ୍କୁ ମୁଁ ଛାତ୍ର ଜୀବନରୁ ଜାଣିଛି। ମୁଁ ରେଭେନ୍ସାରେ ପଢ଼ିବା ବେଳେ ସେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଥିଲେ। ତାଙ୍କର ଇଂରାଜୀ ଏବଂ ଓଡ଼ିଆ କବିତାଗୁଡ଼ିକ ପାଠକ ମହଲରେ ଅତ୍ୟନ୍ତ ପରିଚିତ। ସେହିପରି ଜଣେ ପ୍ରସିଦ୍ଧ କବି କେବଳ ଭାରତୀୟ ସାହିତ୍ୟରେ ନୁହନ୍ତି, ସମଗ୍ର ବିଶ୍ୱ ସାହିତ୍ୟରେ ନିଜର ପ୍ରସିଦ୍ଧି ପାଇଁ ଅଶେଷ ପାଠକୀୟ ଆଦୃତି ହାସଲ କରିଛନ୍ତି।

– ପ୍ରଫେସର ବିଜୟ ଶତପଥୀ

### ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଲେଖନୀ ଚଳଚଞ୍ଚଳ ଥିଲା

କବି ଜୟନ୍ତ ମହାପାତ୍ରଙ୍କ ବିୟୋଗ ଓଡ଼ିଆ ତଥା ଭାରତୀୟ ସାହିତ୍ୟ ପାଇଁ ଅତ୍ୟନ୍ତ ଦୁଃଖଦ। ଜୀବନର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ତାଙ୍କ ଲେଖନୀ ଚଳଚଞ୍ଚଳ ଥିଲା। ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ କବିତା ଲେଖି ସେ ଅନ୍ତର୍ଜାତୀୟ ଖ୍ୟାତିର ଅଧିକାରୀ ହୋଇ ପାରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ସାରସ୍ୱତ କାର୍ଯ୍ୟକ୍ରମରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଓଡ଼ିଶା ସାହିତ୍ୟ ଏକାଡେମୀ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।



– ହୃଷୀକେଶ ମଲ୍ଲିକ, କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି

### ମାନବବାଦୀ ଆନ୍ଦୋଳନର ପ୍ରମୁଖ ଅଗ୍ରଦୂତ

ଓଡ଼ିଶାର ଗର୍ବ, ଭାରତୀୟ ସାହିତ୍ୟର ଗୌରବ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ଜୟନ୍ତ ମହାପାତ୍ରଙ୍କ ତିରୋଧାନରେ ଏକ ଯୁଗର ଅବସାନ ଘଟିଲା। ସେ ଥିଲେ ମାନବବାଦୀ ଆନ୍ଦୋଳନର ପ୍ରମୁଖ ଅଗ୍ରଦୂତ। ତାଙ୍କ ପରଲୋକରେ ଭାରତୀୟ ସାହିତ୍ୟର ଅପୂରଣୀୟ କ୍ଷତି ଘଟିଲା।



– ପ୍ରଫେସର ବିଜୟାନନ୍ଦ ସିଂହ

### ଓଡ଼ିଶା ମାଟି ପାଇଁ ଏକ ଅପୂରଣୀୟ କ୍ଷତି



ମହାପାତ୍ରଙ୍କ ବିୟୋଗ କେବଳ କଟକ ପାଇଁ ନୁହଁ, ବରଂ ଓଡ଼ିଶା ମାଟି ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କୁ ଏସସିବିରେ ସ୍ୱତନ୍ତ୍ର ଡାକ୍ତରୀ ଟିମ ଚିକିତ୍ସା କରୁଥିଲେ। ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭେଣ୍ଟିଲେଟର ଲାଗିଥିଲା। କଟକ ତା'ର ଏକ ସୁଯୋଗ୍ୟ ସନ୍ତାନକୁ ହରାଇଲା।

– ସୁବାସ ସିଂ, ମେୟର, କଟକ




# 'ଗ୍ରୀନ୍ ହାଇଡ୍ରୋଜେନ, ଗ୍ରୀନ୍ ଆମୋନିଆରେ ୧୦ ହଜାର ନିଯୁକ୍ତି'



ଅଭିଯୋଗ ଶୁଣାଣି ସଭାରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।



ସଭାରେ ଉପସ୍ଥିତ ମହିଳା।

- ୫-ଟି ସଚିବଙ୍କ ଗଞ୍ଜାମ ଜିଲା ଗସ୍ତ ସରିଲା
- ଗୋପାଳପୁରରେ ୨ ପ୍ରକଳ୍ପରେ ଖର୍ଚ୍ଚ ହେବ ୪୦ ହଜାର କୋଟି

ବ୍ରହ୍ମପୁର,୨୭।୮ (ସ୍ମୃତି ରଞ୍ଜନ ମହାଲିକ)

୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ୩ ଦିନିଆ ଗଞ୍ଜାମ ଜିଲା ଗସ୍ତ କାର୍ଯ୍ୟକ୍ରମ ରବିବାର ସରିଛି। ଶେଷଦିନରେ ସେ ବ୍ରହ୍ମପୁର ମହାନଗରର ଆମ୍ବପୁଆ ବିବେକ ବିହାର, ସାନଖେମୁଣ୍ଡି, ଦିଗପହଣ୍ଡି, ଚିକିଟି ଓ ଛତ୍ରପୁରରେ ଆୟୋଜିତ ସମାବେଶରେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗପତ୍ର ଗ୍ରହଣ କରିଛନ୍ତି। ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କ ସହ ବିଭିନ୍ନ ଆଲୋଚନା କରିଛନ୍ତି।

ବ୍ରହ୍ମପୁର ବିବେକବିହାରସ୍ଥିତ ପଡିଆରେ ଆୟୋଜିତ ସମାବେଶରେ ୫-ଟି ସଚିବ କହିଛନ୍ତି, ଗୋପାଳପୁର ଟାଟା ଏସ୍‌ଇଜେଡ୍ ପ୍ଲାଣ୍ଟଠାରେ ୪୦ ହଜାର କୋଟି ଟଙ୍କା ବ୍ୟୟରେ ଗ୍ରୀନ୍ ହାଇଡ୍ରୋଜେନ ଓ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା ହେବ। ଏହି ୨ ପ୍ରକଳ୍ପରେ ୧୦ ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ବ୍ରହ୍ମପୁର ସହର ବେଢ଼ାବନ୍ଧର ଉନ୍ନତୀକରଣ ପାଇଁ ୨୫ କୋଟି, ବ୍ରହ୍ମପୁର ଷ୍ଟାଡିୟମରେ ହଷ୍ଟେଲ ପାଇଁ ୧୬କୋଟି, ମୁକ୍ତା ଯୋଜନା ପାଇଁ ୩୫କୋଟି, ସିଟି ହସ୍ପିଟାଲ ଉନ୍ନତୀକରଣ ପାଇଁ ୮ କୋଟି ଓ ଏମକେସିଜିରେ କ୍ୟାନସର ସେଣ୍ଟର ପାଇଁ ୮୦ କୋଟି ଅର୍ଥ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଛି। ୧୮୦ କୋଟି ବ୍ୟୟରେ ବ୍ରହ୍ମପୁର ରିଂ ରୋଡ କାମ ଆସନ୍ତାବର୍ଷ ଡିସେମ୍ବରରେ ଶେଷ ହେବ। ଜାଗା ମିଶନ ପାଇଁ ପୁଣି ଥରେ ସର୍ଭେ ପ୍ରକ୍ରିୟା ଆରମ୍ଭ ହେବ। ଜିଲାବାସୀଙ୍କ ସହଯୋଗ ଓ ଉଦ୍ୟମ କାରଣରୁ ଗଞ୍ଜାମ ୪ଥର ଜାତୀୟ ପୁରସ୍କାର ପାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଭଲ କାର୍ଯ୍ୟ ହୋଇଥିବାରୁ ଜିଲା ପ୍ରଥମ ପୁରସ୍କାର ପାଇଥିବା ବେଳେ ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସେମାନଙ୍କର ମଜୁରି ପଠାଇବାରେ ମଧ ଜିଲା ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କାର ପାଇଛି। ସେହିପରି ଦିବ୍ୟାଙ୍ଗଙ୍କୁ ଥଇଥାନ ପାଇଁ ବର୍ଷକ ମଧ୍ୟରେ ୩୦ହଜାର ଦିବ୍ୟାଙ୍ଗ ସାର୍ଟିଫିକେଟ ପ୍ରଦାନ କରିବା କ୍ଷେତ୍ରରେ ପୁରସ୍କାର ମିଳିଛି। ବିଗତ ଦିନରେ ଗଞ୍ଜାମ ଜିଲା ଏଚଆଇଭି ରେଡସ୍ପଟ ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାକ୍ରମେ ଜିଲାରେ ୨୦୧୦ ପରଠାରୁ ଏଚଆଇଭି ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇ ଜାତୀୟ ସ୍ତରରେ ପୁରସ୍କାର ହାସଲ କରିଛି। ଗ୍ରାମକଣ୍ଠ ପରମ୍ବୋକ ଜମିର ହସ୍ତାନ୍ତର ପ୍ରକ୍ରିୟା ନିୟମ ପରିବର୍ତ୍ତନ କରାଯିବା ଫଳରେ ବହୁ ଜିଲାବାସୀ ଉପକୃତ ହୋଇଛନ୍ତି। ଗଞ୍ଜାମ ଜିଲାବାସୀ ପରିଶ୍ରମୀ। ଏଠାରେ ସମସ୍ତେ ସହଯୋଗର ହାତ ବଢ଼ାଇଥାନ୍ତି। ମନ୍ଦିର, ମସଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟରର ଉନ୍ନତୀକରଣ ନେଇ ଯେଉଁମାନେ ଦରଖାସ୍ତ ଦେଇଛନ୍ତି, ଆସନ୍ତା ୪ ତାରିଖରେ ଅର୍ଥ ମଞ୍ଜୁର ହେବ। ପ୍ରଥମ ପର୍ଯ୍ୟାୟ ଅର୍ଥକୁ ଠିକ ଭାବେ ବିନିଯୋଗ କଲେ ୩ଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ଅର୍ଥ ମିଳିବ। କୋଠଘର ପାଇଁ ଯେଉଁମାନେ ଦରଖାସ୍ତ ଦେଇଛନ୍ତି, ମାସକ ମଧ୍ୟରେ ଚିଠି ମାଧ୍ୟମରେ ତାହାର ଉତ୍ତର ପାଇବେ। ମିଶନ ଶକ୍ତି ମହିଳାଙ୍କୁ ମୁକ୍ତା ଯୋଜନା ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ପ୍ରଦାନ କରାଯାଇଛି। ମହିଳାମାନେ ସ୍ୱଚ୍ଛତାର ସହ କାର୍ଯ୍ୟ କରନ୍ତୁ। ଯଦି ମୁକ୍ତା ଯୋଜନା କାର୍ଯ୍ୟ ସରିବା ପରେ ବିଲ୍ ପାସ କରିବା କ୍ଷେତ୍ରରେ ବିଏମସିର କୌଣସି ଯନ୍ତ୍ରୀ ଲାଞ୍ଚ ନିଅନ୍ତି କିମ୍ବା ବିଳମ୍ବ କରୁଛନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ୫-ଟି ସଚିବ କହିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ଅଗଷ୍ଟ, ୨୦୨୩

ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା



# ଆମ ପିଲା ହୋଇଥିଲେ

କୁହାଯାଏ ମାତାପିତାଙ୍କୁ ଛାଡ଼ିଦେଲେ ଘର ବାହାରେ ଯଦି ପିଲାମାନେ ଆଉ କାହାଠାରୁ ଅଧିକ ସ୍ନେହ ଶ୍ରଦ୍ଧା ପାଇଥାଆନ୍ତି ସେମାନେ ହେଲେ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ। ପୁଣି ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ ଶିକ୍ଷୟିତ୍ରୀମାନେ ଶିକ୍ଷକଙ୍କଠାରୁ ଛାତ୍ରୀଛାତ୍ରଙ୍କ ଅଧିକ ଯତ୍ନ ନେଇଥାଆନ୍ତି। ଗୋଟେ ସମୟ ଥିଲା ଦୁଷ୍ଟ ପିଲାମାନଙ୍କୁ ଶାସନ କରିବା ପାଇଁ ଅଭିଭାବକମାନେ ମାଷ୍ଟରଙ୍କୁ ଦେଖା କରି କହୁଥିଲେ ସେ ଅଧିକ ବଦ୍‌ମାସ ହେଉଛି, ତାହାର ଆଖିଦୁଇଟିକୁ ଛାଡ଼ିଦେଇ ସାବାଡ଼ କରନ୍ତୁ। ଏହା ଶୁଣିବା ପରେ ପିଲାଟି ବାଟକୁ ଆସିଯାଉଥିଲା କିମ୍ବା ସ୍ଥଳବିଶେଷରେ ଗୁରୁଜୀଙ୍କଠାରୁ ବେତ ମାଡ଼ ଖାଇ ବଦ୍‌ମାସି କମାଇ ଦେଉଥିଲା। କିଛି ଦଶନ୍ଧି ହେଲାଣି ଆଉ ସ୍କୁଲରେ ପିଲାଙ୍କୁ ମାଡ଼ ହେଉଥିବା ଦେଖିବାକୁ ମିଳୁନାହିଁ। କାରଣ ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ହେଲେ ଏବେ ଉତ୍ତରପ୍ରଦେଶ ମୁଜାଫରପୁର ନିକଟସ୍ଥ ଖୁବାପୁର ଗ୍ରାମର ନେହା ପବ୍ଲିକ୍ ସ୍କୁଲରେ ଶିକ୍ଷୟିତ୍ରୀ ତ୍ରିପ୍ତ ତ୍ୟାଗୀଙ୍କ ନିର୍ଦ୍ଦେଶକ୍ରମେ ସହପାଠୀମାନେ ଦ୍ୱିତୀୟ ଶ୍ରେଣୀର ଜଣେ ଛାତ୍ରଙ୍କୁ ମାଡ଼ ମାରୁଥିବାର ଭିଡିଓ ପଦାକୁ ଆସିଛି। ସେହି ମୁସଲମାନ ଛାତ୍ରକୁ ଜୋରରେ ବାଡ଼େଇବା ଲାଗି ଶିକ୍ଷୟିତ୍ରୀ କହୁଥିବା ଭିଡିଓରୁ ଶୁଣିବାକୁ ମିଳୁଛି। ଏହି ଘଟଣା ପ୍ରଘଟ ହେବା ପରେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି। ସବୁ ସ୍ତରରୁ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପକୁ ନିନ୍ଦା କରାଯାଇଛି। ଇତିମଧ୍ୟରେ ତାଙ୍କ ବିରୋଧରେ ମୁଜାଫରପୁର ପୋଲିସ ମାମଲା ରୁଜୁ କରିଛି। ଦେଖିବାକୁ ଗଲେ ମାମଲା ରୁଜୁରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିବା ଉଚିତ ନୁହେଁ। ତାଙ୍କର ଏଭଳି ଜଘନ୍ୟ କାର୍ଯ୍ୟ ଲାଗି କଠୋର ଶାସ୍ତି ମିଳିବା ଦରକାର ବୋଲି ପିଲାଙ୍କୁ ସ୍କୁଲ ପଠାଉଥିବା ସବୁ ମାତାପିତା ଓ ଅଭିଭାବକ ନିଶ୍ଚୟ ଚିନ୍ତା କରୁଥିବେ। ଏହା ବ୍ୟତୀତ ସେହି ଶିକ୍ଷୟିତ୍ରୀ କହିଛନ୍ତି ଯେ, ନିଜେ ଜଣେ ପଙ୍ଗୁ ହୋଇଥିବାରୁ ସେ ଦେଇଥିବା ନିର୍ଦ୍ଦେଶ ପାଇଁ ଦୁଃଖିତ ନୁହନ୍ତି।

ଶୁଣିବାକୁ ମିଳୁଛି ଯେ ମାଡ଼ ଖାଇଥିବା ଛାତ୍ର ସ୍କୁଲରେ ପଣକିଆ ବା ଟେବଲ୍ ଡାକି ନ ପାରିବାରୁ ଶିକ୍ଷୟିତ୍ରୀ କ୍ଷୁବ୍ଧ ହୋଇଯାଇଥିଲେ। ସେଥିପାଇଁ ସମ୍ପୃକ୍ତ ଛାତ୍ରକୁ ଚାପୁଡ଼ା ମାରିବା ପାଇଁ ସହପାଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପଟେ ସେହି ଛାତ୍ରଙ୍କ ପିତା ପ୍ରାରମ୍ଭିକ ଅବସ୍ଥାରେ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏତଲା ଦେବାକୁ ପଛଘୁଞ୍ଚା ଦେଇଥିଲେ। ତାଙ୍କ କହିବା କଥା ହେଲା ଘଟଣା ଆଗକୁ ବଢ଼ିଲେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହେବ। ହୁଏତ ମୁସଲମାନ ବର୍ଗର ଏହି ପିତା ଭିନ୍ନ ଚିନ୍ତାଧାରା ରଖି ଏଭଳି ଭାବିଥାଇପାରନ୍ତି। କିନ୍ତୁ ଅନ୍ୟ ଏକ ଦୃଷ୍ଟିକୋଣରୁ ଦେଖିଲେ ଏବେ ସାଧାରଣତଃ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ ବା ଶିକ୍ଷକ ଶାରୀରିକ ଆଘାତ ପହଞ୍ଚାଇଲେ ପିଲାର ମାତାପିତା ପ୍ରତିକ୍ରିୟାଶୀଳ ହେଉଛନ୍ତି। ଓଡ଼ିଶା ଭଳି ରାଜ୍ୟରେ ଘଟଣାଟି ଘଟିଥିଲେ ମୁଜାଫରପୁରର ଶିକ୍ଷୟିତ୍ରୀ ସେହି ଛାତ୍ରଙ୍କ ଅଭିଭାବକଙ୍କ ଦ୍ୱାରା ଚପଲ ମାଡ଼ ଖାଇଥାଆନ୍ତେ। କିନ୍ତୁ ଉତ୍ତରପ୍ରଦେଶ ଭଳି ଭାଜପା ଶାସିତ ରାଜ୍ୟରେ ଏହି ଛାତ୍ର ମୁସଲମାନ ହୋଇଥିବାରୁ ତାଙ୍କ ପିତା ଭୟଭୀତ ହୋଇ ପ୍ରଥମେ ନୀରବ ରହିଥିଲେ। ପରବର୍ତ୍ତୀ ସମୟରେ ଏତଲା ଦାଏର କରିଛନ୍ତି ବୋଲି ଖବର ମିଳୁଛି। ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବେଶ୍ କିଛି ଲୋକ ସମର୍ଥନ ମଧ୍ୟ କରିଛନ୍ତି। ତାହାର ଲୁକ୍କାୟିତ କାରଣ ହେଉଛି ଯେ, ଛାତ୍ର ଜଣଙ୍କ ମୁସଲମାନ। କିନ୍ତୁ ବିଭିନ୍ନ ଆଳରେ ସକାରାତ୍ମକ ମତ ଦେଉଥିବା ବ୍ୟକ୍ତିମାନେ ଇତିହାସ ପଢ଼ି ନ ଥିଲା ଭଳି ମନେହେଉଛି। ଆଜି ଯେଉଁ ଶକ୍ତି ମୁସଲମାନ ବିରୋଧୀ ଭାବେ ନିଜକୁ ଚିତ୍ରଣ କରି ମୁଣ୍ଡ ଟେକୁଛନ୍ତି, ସେଭଳି ଶକ୍ତି ସେହି ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଦମନ କରିସାରିବା ପରେ ନୂତନ ଶିକାର ଖୋଜିବା ନିଶ୍ଚିତ ଥୟ। ଏହାର କାରଣ ହେଉଛି ଶତ୍ରୁ ସୃଷ୍ଟି କଲେ ଲଢ଼େଇ ଜାରି ରହିଥାଏ। ଦେଶ ଭିତରେ ଶତ୍ରୁ ସୃଷ୍ଟି କରିବାକୁ ଯାଇ ଦୁର୍ବଳ ଗୋଷ୍ଠୀ ଖୋଜା ଯାଇଥାଏ। ଆଜି ମୁସଲମାନ ତ କାଲି ଦଳିତ। ପୁନର୍ବାର ଦଳିତ ଯେତେବେଳେ ଆହୁରି ପଛକୁ ଚାଲିଯିବେ ସେତେବେଳେ ହିନ୍ଦୁମାନଙ୍କ ଭିତରେ ଉଚ୍ଚନୀଚର ବିଭେଦ ସୃଷ୍ଟି କରାଯିବ। ଏପରି କି ସମୟ ଆସିପାରେ ଯେଉଁମାନେ ଜନ୍ମରୁ ହିନ୍ଦୀ କହୁ ନ ଥିବେ ସେମାନେ ଅଣଭାରତୀୟ ଭାବେ ପରିଲକ୍ଷିତ ହୋଇ ମାଡ଼ ଓ ଫାଶୀର ଯୋଗ୍ୟ ବିବେଚିତ ହେବେ। ଏଭଳି ଇତିହାସ କାମ୍ବୋଡିଆର ପଲ୍ ପଟ ଶାସନ ଦେଖାଇଥିଲା, ଯେଉଁଥିରେ ଅନେକ ଲକ୍ଷ ଶିକ୍ଷିତ ଯୁବତୀଯୁବକ, ଡାକ୍ତର, ଇଞ୍ଜିନିୟର ଏବଂ ବ୍ୟବସାୟୀଙ୍କ ଭଳି ପେସାରେ ଉଲ୍ଲେଖନୀୟ ଉଚ୍ଚତା ହାସଲ କରିଥିବା ନାଗରିକଙ୍କୁ ଗଣହତ୍ୟା କରାଯାଇଥିଲା। ସେଭଳି ହିଂସା ରଚାଉଥିବା ବ୍ୟକ୍ତି ନିଜର ଶ୍ରେଷ୍ଠ ସମର୍ଥକମାନଙ୍କୁ ପ୍ରଥମେ ଅବିଶ୍ୱାସର ଘେରକୁ ଆଣି ମାରି ଦେଇଥାଆନ୍ତି। ପୁଟିନ୍ ଏବଂ ତାଙ୍କର ଦୀର୍ଘମିଆଦୀ ସମର୍ଥକ ପ୍ରିଗୋଝିନ୍ ଏହାର ସଦ୍ୟ ଦୃଷ୍ଟାନ୍ତ। ଗାଦି ସୁରକ୍ଷିତ ରଖିବା ପାଇଁ ରକ୍ତମୁଖା ଶାସକମାନେ ସବୁର ତଳ ସ୍ତରକୁ ମଧ୍ୟ ଯାଇପାରନ୍ତି। ସେଭଳି ନେତାଙ୍କୁ ଶକ୍ତିଶାଳୀ କଲେ ଆପଣ କିମ୍ବା ଆପଣଙ୍କ ପିଲା ବା ପରିବାର ସୁରକ୍ଷିତ ରହିଯିବେ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ।

ଗାଦି ସୁରକ୍ଷିତ ରଖିବା ପାଇଁ ରକ୍ତମୁଖା ଶାସକମାନେ ସବୁର ତଳ ସ୍ତରକୁ ମଧ୍ୟ ଯାଇପାରନ୍ତି। ସେଭଳି ନେତାଙ୍କୁ ଶକ୍ତିଶାଳୀ କଲେ ଆପଣ କିମ୍ବା ଆପଣଙ୍କ ପିଲା ବା ପରିବାର ସୁରକ୍ଷିତ ରହିଯିବେ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ।

# ଶିଶୁ ଅଧିକାରରେ ବାଧକ ଲିଙ୍ଗଗତ ବୈଷମ୍ୟ



ରାଜୀବ କୁମାର ନାୟକ

୨୦୨୦ ମସିହାରେ ସମ୍ବଲପୁର ଜିଲା ଅନ୍ତର୍ଗତ ଯୁଯୁମୁରା ବ୍ଲକରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼େ ଯେ, ୫୯% ଶିଶୁ ଭାବନ୍ତି ଯେ ଲିଙ୍ଗଗତ ବୈଷମ୍ୟ ତାଙ୍କର ବିକାଶ ତଥା ଜୀବନର ପ୍ରତି ପାଦରେ ଅନ୍ତରାୟ ସାଜୁଛି। ଠିକ୍ ସେହିପରି ୩୬% ଶିଶୁ ଜାତିଗତ ବୈଷମ୍ୟର ଶିକାର ହେଉଥିବା ପ୍ରକାଶ କରନ୍ତି। ଏହି ଜାତିଗତ ବୈଷମ୍ୟ ସହିତ ଲିଙ୍ଗଗତ ବୈଷମ୍ୟ ମିଶି ଏହାର ପ୍ରଭାବକୁ ବହୁଗୁଣିତ କରିଥାଏ। ଝିଅ କାଳେ କାହାକୁ ଭଲ ପାଇ ବସିବ, କାହା ସହିତ ଘର ଛାଡ଼ି ପଳାଇବ ଭାବି ବାପା ମାଆ ଭୟରେ ବାଲ୍ୟବିବାହ କରିଦେଉଛନ୍ତି। ଅନୁଧ୍ୟାନ ସମୟରେ ଜଣେ ଝିଅ ପ୍ରକାଶ କରେ ଯେ, ତା' ବଡ଼ ଭଉଣୀକୁ ବାପା ମାଆ ୧୭ ବର୍ଷ ବୟସରୁ ବାହା କରିଦେଲେ। ଫଳରେ ସେ ଦୁର୍ବଳ ଥିବା ଏବଂ ତା'ର ତିନିଥର ଗର୍ଭପାତ ହେବା ସହିତ ମାତ୍ର ଛଅମାସରେ (ଅର୍ଥାତ୍ ସମୟ ପୂର୍ବରୁ) ଶେଷ ସନ୍ତାନଟା ଜନ୍ମ ହୋଇଛି। ଗାଁର ଝିଅମାନେ ଏହା ମଧ୍ୟ ପ୍ରକାଶ କରନ୍ତି କି ସେମାନେ ଗାଁର ପୁଅ ପିଲାଙ୍କ ଦ୍ୱାରା ମାନସିକ ଉତ୍ପୀଡ଼ନ ତଥା ଲିଙ୍ଗଗତ ବୈଷମ୍ୟର ଶିକାର ହୋଇଥାଆନ୍ତି। ବଡ଼ ବଡ଼ ପିଲାମାନେ ଝିଅମାନଙ୍କୁ ଦେଖି ହୁଇସିଲ୍ ବା ସିଟି ମାରିବା, ଖରାପ ନଜରରେ ଦେଖିବା ଇତ୍ୟାଦି କରିଥାଆନ୍ତି। ସେମାନେ ଗାଁ ପୋଖରୀକୁ ଗାଧୋଇ ଗଲାବେଳେ ଅଶ୍ଳୀଳ ମନ୍ତବ୍ୟ ପ୍ରଦାନ କରିଥାଆନ୍ତି। ଝିଅମାନଙ୍କୁ ଘର କାମରେ ନିୟୋଜିତ କରିବା ଅର୍ଥାତ୍ ସାନ ଭାଇ ଭଉଣୀଙ୍କ ଦେଖାଶୁଣା କରିବା, ଖାଦ୍ୟ ପ୍ରସ୍ତୁତ କରିବା, ଘର ସଫା କରିବା, ଲୁଗାପଟା ସଫା କରିବା, ବାସନ ମାଜିବା ଇତ୍ୟାଦି ନିମନ୍ତେ ବିଦ୍ୟାଳୟକୁ ପାଠ ପଢ଼ିବା ସକାଶେ ପଠାଉ ନାହାନ୍ତି। ପିଲାମାନେ ଝିଅମାନଙ୍କ ଉଦ୍ଦେଶ୍ୟରେ ଖରାପ ମନ୍ତବ୍ୟ ଦେବାବେଳେ ଯଦି ପ୍ରତିବାଦ କରନ୍ତି, ତା'ହେଲେ ତାଙ୍କୁ ସମାଜ ଖରାପ ଝିଅର ଆଖ୍ୟା ଦେଇଥାଏ। ଅପରପକ୍ଷେ ପୁଅପିଲାଙ୍କୁ ଝିଅପିଲାଙ୍କ ଉଦ୍ଦେଶ୍ୟରେ ଖରାପ ମନ୍ତବ୍ୟ ଦେଉଥିଲେ ମଧ୍ୟ କେହି ଗାଳି କରନ୍ତି ନାହିଁ। ଜଣେ ଝିଅ କହେକି ସେ ଦଶମ ଶ୍ରେଣୀ ପାସ୍ କରିଥିବା ସତ୍ତ୍ୱେ ତାକୁ ଲିଙ୍ଗଗତ ବୈଷମ୍ୟ କାରଣରୁ ନିୟନ୍ତ୍ରଣ ବାହାରକୁ ଚାଲିଯିବା ଭୟରେ ମା'ବାପା ଅଧିକ ପଢ଼ିବାକୁ ସୁଯୋଗ ଦେଲେ ନାହିଁ। ବାରମ୍ବାର ଭୁଲ୍ କରିବା ସତ୍ତ୍ୱେ ମଧ୍ୟ ପୁଅପିଲାମାନଙ୍କୁ କ୍ଷମା କରି ଦିଆଯାଏ; କାରଣ ସେମାନେ ପରେ ଠିକ୍ ହୋଇଯିବେ। କିନ୍ତୁ ଝିଅପିଲା ଥରେ ଭୁଲ୍ ବାଟରେ ପାଦ ପକାଇଲେ ତା' ଜୀବନଟା ଗଲା ବୋଲି ଜାଣ। କିନ୍ତୁ ଏମିତି କାହିଁକି ହୁଏ, ଏହା ବୁଝାପଡ଼େନି ବୋଲି ଆଉ ଏକ ଝିଅ ପ୍ରଶ୍ନ କରେ। ୨୦୧୫–୧୬ରେ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ–୪ ଅନୁସାରେ ସମ୍ବଲପୁର ଜିଲାରେ ୧୦ବର୍ଷ ବା ତହିଁରୁ ଅଧିକ ବର୍ଷ ପାଠ ପଢ଼ିଥିବା ମହିଳାଙ୍କ ମାତ୍ର ୨୫.୯% ଏବଂ ଏହି ହାର ଯଦି ଗ୍ରାମାଞ୍ଚଳର ଦେଖାଯାଏ, ତାହେଲେ ୧୯.୮%। ଠିକ୍ ସେହିପରି ୧୮ ବର୍ଷ ପୂର୍ବରୁ ବିବାହ କରିଥିବା ମହିଳାଙ୍କ ମାତ୍ର ସମଗ୍ର ସମ୍ବଲପୁର ଜିଲାରେ ୧୧.୮%, ଯାହାକି କିଛି କମ୍ ନୁହେଁ।



ଅପରପକ୍ଷରେ ପରିବାରରେ କେତେବେଳେ ଯଦି କୌଣସି ଓଜନିଆ ଜିନିଷଟିଏ ବୋହିବାର ଆବଶ୍ୟକତା ପଡ଼େ, ତାହେଲେ ଝିଅ ବୟସରେ ବଡ଼ଥିଲେ ମଧ୍ୟ ପୁଅକୁ ଡକାଯିବ। ପୁଅପିଲା ରୋଜଗାର କରି ପରିବାର ପ୍ରତିପୋଷଣ କଲେ ଯାଇ ଚଳେ, ଝିଅପିଲା ରୋଜଗାର ନ କଲେ ମଧ୍ୟ ଚଳିବ। ତାଙ୍କୁ ଶୀଘ୍ର ବାହା କରିଦେଲେ ମା'ବାପାଙ୍କର ବୋଝ ହାଲୁକା ହେବ। ଆହୁରି ମଧ୍ୟ ବାପାଙ୍କ ମୃତ୍ୟୁ ପରେ ପୁଅର ବୟସ ଯାହାବି ହୋଇଥାଉ ମାଆ ଥିଲେ ମଧ୍ୟ ତାକୁ ମୁରବି ହିସାବରେ ଗଣା ହେବ। ତା' ନାମରେ ନିମନ୍ତ୍ରଣ ପତ୍ର ଘରକୁ ଆସିବ, ବାପାକକାଙ୍କ ସହିତ ପରିବାରର କୌଣସି ନିଷ୍ପତ୍ତି ନେବାକୁ ସେ ବସିବ, କିନ୍ତୁ ମାଆ ବସିବେ ନାହିଁ।

ପ୍ରଥା/ପରମ୍ପରାର ଦ୍ୱାହି ଦେଇ ଲିଙ୍ଗଗତ ଭେଦଭାବ ରଖିବା, ପିଲାମାନଙ୍କ ମଧ୍ୟରେ ଥିବା ଶକ୍ତିକୁ ଉପଯୁକ୍ତ ଦିଗରେ ବିନିଯୋଗ କରିବା ସକାଶେ ମାର୍ଗର ଅଭାବ ତଥା ସାମାଜିକ ଗଣମାଧ୍ୟମର ସର୍ବତ୍ର ଉପସ୍ଥିତି କେବଳ ଏହି ସମସ୍ୟାକୁ ବୃଦ୍ଧି କରିବ। ସାମାଜିକବିଧିବ୍ୟବସ୍ଥା ଆହୁରିମଧ୍ୟ ଉଭୟ ପୁଅ ଏବଂ ଝିଅ ପିଲାଙ୍କ ମଧ୍ୟରେ ଲିଙ୍ଗଗତ ଗତାନୁଗତିକତା ତଥା ଅସମାନତାକୁ ପ୍ରଭାବିତ କରିଥାଏ। କମ୍ ବୟସରୁ ବିବାହ, ଝିଅପିଲାଙ୍କୁ ହଇରାଣ କରିବା ଏବଂ ମହିଳା ତଥା ଶିଶୁମାନଙ୍କ ପ୍ରତି ହିଂସା, ପୁରୁଷତ୍ୱ, କାମବାସନା ଏବଂ ଲିଙ୍ଗଗତ ବୈଷମ୍ୟ ଇତ୍ୟାଦି ବହୁତ ଗଭୀରକୁ ମାଡି ଯାଇଥିବା ସମସ୍ୟାର ପ୍ରତିଫଳନ ମାତ୍ର।

ଏଠି ସମ୍ବଲପୁରର ସ୍ଥିତି କେବଳ ଉଦାହରଣ ମାତ୍ର। ଯଦି ଦେଖିବା ଲିଙ୍ଗଗତ ବୈଷମ୍ୟକୁ ନେଇ କେବଳ ଓଡ଼ିଶା କାହିଁକି, ସମଗ୍ର ଭାରତର ଚିତ୍ର ଟିକିଏ କମ୍ ବେଶି ହୋଇପାରେ ନ ହେଲେ ପ୍ରାୟ ଏକା ପ୍ରକାରର। ଝିଅଟିଏ ପ୍ରତିବାଦ କରିବା ମନା। ପୁଅ ପିଲାଟିଏ ଗୋଟିଏ ଝିଅ ପିଲାକୁ ଲକ୍ଷ୍ୟକରି ଖରାପ ମନ୍ତବ୍ୟ ଦେବ, ସେଥିରେ ଝିଅର ମୁହଁ ଲାଜରେ ଲାଲ ହୋଇଯିବ ଏବଂ ପୁଅପିଲା ଛାତି ଫୁଲେଇ ଚାଲିବ। ଠିକ୍ ସେହିପରି ଝିଅଟିଏ ଗାଁରେ ଯେତେ ଯାଏଁ ପଢ଼ିବାର ସୁବିଧା ଅଛି ସେତିକିଯାଏ ପଢ଼ିବ, କିନ୍ତୁ ପୁଅକୁ ମା'ବାପା ପ୍ରାୟତଃ ବାହାରେ ହଷ୍ଟେଲରେ ରଖି ପାଠ ପଢ଼ାଇବେ। ବିବାହ କ୍ଷେତ୍ରରେ ମଧ୍ୟ ଝିଅର ଇଚ୍ଛା ଅନିଚ୍ଛା ବୋଲି କିଛି ନାହିଁ, ତାକୁ ମା'ବାପା ଯେତେବେଳେ ଚାହିଁବେ, ଯେଉଁଠି ଚାହିଁବେ, ବାହା କରିଦେବେ; ହେଲେ ପୁଅପିଲା ନିଜ ଇଚ୍ଛାରେ ମନ ପସନ୍ଦର ଝିଅ ଖୋଜି ବିବାହ କରିପାରିବ। ଆମ ଭଳି ଏକ ପୁରୁଷପ୍ରଧାନ ସମାଜରେ ପୁଅପିଲାଙ୍କ ପାଇଁ ସମାଜର ଦୃଷ୍ଟିଭଙ୍ଗୀ ଅଲଗା ଏବଂ ଝିଅପିଲାଙ୍କ ପାଇଁ ଦୃଷ୍ଟିଭଙ୍ଗୀ ଅଲଗା। ଏହି ଲିଙ୍ଗଗତ ବୈଷମ୍ୟ କାରଣରୁ ଘରର ମୁରବି ସବୁବେଳେ ବାପା ଏବଂ ତାଙ୍କର ନିଷ୍ପତ୍ତି ଅନୁଯାୟୀ ପ୍ରାୟତଃ ଘର ଚଳେ। ସେଥିପାଇଁ ଝିଅ ଅପେକ୍ଷା ପୁଅଟିଏ ଜନ୍ମ ହେଲେ ପରିବାରର ଲୋକେ ଅଧିକ ଖୁସୀ। ପୁଅଟିଏ ପାଇବା ପାଇଁ ପରିବାରରେ ସଦସ୍ୟଙ୍କ ସଂଖ୍ୟା ଗୋଟିଏ ପଟେ ବଢ଼ି ଚାଲିଥିବାବେଳେ ଅନ୍ୟ ଦିଗରେ ଲିଙ୍ଗ ନିରୂପଣ କରି ବାରମ୍ବାର ଗର୍ଭପାତ ମଧ୍ୟ କରାଇବାକୁ ପରିବାରର ସଦସ୍ୟ ପଛାନ୍ତି ନାହିଁ। ଠିକ୍ ସେହିପରି ମହିଳାମାନେ ପୁଅପିଲାଙ୍କ ପରେ ଖାଇବେ। ଖାଇବା ଶେଷରେ ସବୁ ଥାଉ କି ନ ଥାଉ ତେଣିକି ପଖାଳଭାତ (ସେ ପୁଣି ବାସି) ମହିଳାଙ୍କୁ ଭଲ ଲାଗେ ବୋଲି ସବୁଆଡ଼େ ପ୍ରଚାର ହେବ। ତେଣୁ ଝିଅମାନେ ଅଧିକାଂଶ ସ୍ଥଳେ କୁପୋଷଣ, ରକ୍ତହୀନତା ଇତ୍ୟାଦିର ଶିକାର ହେବେ ଏବଂ ବାହା ହେଲା ପରେ କେବେ ସମୟ ପୂର୍ବରୁ ଶିଶୁ ଜନ୍ମ ହେବ ତ କେବେ କମ୍ ଓଜନର ଶିଶୁ ଜନ୍ମ ହେବ।

ସମାଜରୁ ଲିଙ୍ଗଗତ ବୈଷମ୍ୟକୁ ଦୂରେଇବାକୁ ହେଲେ ପ୍ରଥମେ ପୁରୁଷ ଏବଂ ମହିଳା ପରସ୍ପରର ପରିପୂରକ ଏବଂ ଉଭୟଙ୍କ ପ୍ରତି ସମାନ ଦୃଷ୍ଟିଭଙ୍ଗୀ ପୋଷଣ କରିବାକୁ ପଡ଼ିବ ଏହି ଧାରଣା ସମସ୍ତଙ୍କ ମନରେ ଆସିବା ଦରକାର। ଏଥିସକାଶେ ରଢ଼ିବାଦୀ ଚେତନା ପରିହାର କରିବାକୁ ପଡ଼ିବ। ତେଣୁ ଶିକ୍ଷା ନୁହେଁ ବରଂ ସଚେତନତା ଲୋଡ଼ା। କାରଣ ଲିଙ୍ଗଗତ ଅନୁପାତକୁ ଦେଖିଲେ ଯେଉଁ ଜିଲା ଯେତେ ଶିକ୍ଷିତ, ସେହି ଜିଲାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ସେତେ କମ୍ ଏବଂ ଯେଉଁ ଜିଲାଗୁଡ଼ିକରେ ସାକ୍ଷରତା ହାର ଯେତେ କମ୍, ସେହି ଜିଲାରେ ପୁଅ ସଂଖ୍ୟା ତୁଳନାରେ ଝିଅଙ୍କ ସଂଖ୍ୟା ସେତେ ଅଧିକ। ସରକାର ମଧ୍ୟ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ବେଟି ବଚାଓ, ବେଟି ବଢ଼ାଓ ଭଳି ଯୋଜନା ଅଧିକରୁ ଅଧିକ ସଂଖ୍ୟାରେ କଲେ ମା'ବାପାମାନେ ଝିଅମାନଙ୍କୁ କମ୍ ବୟସରୁ ବିବାହ ନ କରେଇ ପାଠ ପଢାଇବା ପାଇଁ ଆଗଭର ହେବେ ଏବଂ ଜଣେ ମହିଳା ଯଦି ତା'ର ଶିକ୍ଷାଗତ ଯୋଗ୍ୟତା ବଢ଼ାଇବ, ରୋଜଗାରକ୍ଷମ ହେବ, ପରିବାରରେ ନିଷ୍ପତ୍ତି ନେବାଠାରୁ ଆରମ୍ଭ କରି ରାଜନୀତିରେ ଅଂଶ ଗ୍ରହଣ ପୂର୍ବକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଲେ ତାର ସମାଜରେ ମଧ୍ୟ ଗୁରୁତ୍ୱ ବଢ଼ିବ। ତେଣୁ ଶିକ୍ଷାଠାରୁ ଆରମ୍ଭକରି ଖେଳ, ସିନେମା, ଉଡ଼ାଜାହାଜ ଚଳାଇବା ପ୍ରତ୍ୟେକ କ୍ଷେତ୍ରରେ ଝିଅମାନେ ଭାଗ ନେବାକୁ ଉତ୍ସାହିତ କଲେ ଏ ସମସ୍ୟା ଅନେକ ମାତ୍ରାରେ ନିଶ୍ଚୟ କମିବ।

ମୋ: ୯୪୩୭୫୬୭୧୮୩୧

# ପରିଣତ ବୟସର କଥା



ପ୍ରକାଶ ତ୍ରିପାଠୀ

ସଦାନନ୍ଦବାବୁ ଆଠବର୍ଷ ତଳୁ ସରକାରୀ ଚାକିରିରୁ ଅବସର ନେଲେଣି। ଅବସର ନେବା ପରେ କିଛି ବର୍ଷ ସେ ଶାରୀରିକ ସ୍ତରରେ ସୁସ୍ଥ ଥିଲେ। ମାତ୍ର ଏଇ ଦୁଇବର୍ଷ ହେବ ଶାରୀରିକ ଦୁର୍ବଳତା ହେଉ ବା ମାନସିକ ଦୁର୍ବଳତା ହେଉ, ସେ ଆଉ ବେଶି ବୁଲାଚଲା କରିପାରୁନାହାନ୍ତି। କେବଳ ପ୍ରାତଃ ଭ୍ରମଣକୁ ବାଦ୍ ଦେଲେ ସେ ସମସ୍ତ ସମୟ ଘରେ ରହୁଛନ୍ତି। ବେଳେବେଳେ ପ୍ରାତଃ ଭ୍ରମଣ ସମୟରେ ତାଙ୍କ ସହିତ ଦେଖାହୁଏ ଓ କଥା ହେବାର ସୁଯୋଗ ମିଳେ। ତାଙ୍କ କଥାବାର୍ତ୍ତାରୁ ଜାଣିପାରେ ତାଙ୍କ ମନ ଭିତରେ ଥିବା ଅନେକ ଅସନ୍ତୋଷ। ତାଙ୍କ ସହିତ କେହି ଭଲରେ କଥା ହେଉନାହାନ୍ତି, ଭଲ ଖାଇବାକୁ ଦେଉନାହାନ୍ତି, ଘରେ ଅନେକ କଥା ତାଙ୍କୁ ଲୁଚାଯାଉଛି, ଅଯଥା ଖର୍ଚ୍ଚ କରୁଛନ୍ତି, ଭବିଷ୍ୟତ କଥା ଚିନ୍ତା କରୁନାହାନ୍ତି, ଘରର ପରମ୍ପରା ଓ ଚଳଣିକୁ ମାନୁ ନାହାନ୍ତି। ଜୀବନରେ ସେ ଅନେକ କିଛି କରିପାରିଥାନ୍ତେ, କିନ୍ତୁ କରିପାରିଲେନି, ପୁଅ ଝିଅଙ୍କଠୁ ବହୁତ କିଛି ଆଶା କରୁଥିଲେ, କିନ୍ତୁ ସେମାନେ ତାଙ୍କୁ ନିରାଶ କଲେ ଇତ୍ୟାଦି ଇତ୍ୟାଦି ଅନେକ ଅନେକ ଅଭିମାନ, ଅଭିଯୋଗ ଓ ଅବସୋସର କଥା। ଏପରିକି ମୋର ଶୁଣିବାକୁ ଇଚ୍ଛା ନ ଥିଲେ ବି ସଦାନନ୍ଦବାବୁ ଜବରଦସ୍ତି ମୋ ଆଗରେ ତାଙ୍କର ଘର କଥା ବଖାଣିଥାଆନ୍ତି। ଥରେ ସଦାନନ୍ଦବାବୁଙ୍କ ବଡ଼ପୁଅ ସହ ହାଟରେ ଦେଖାହେଲା। ସଦାନନ୍ଦବାବୁ କେମିତି ଅଛନ୍ତି ବୋଲି ପଚାରିଲି। ମନ ଦୁଃଖରେ କହିଲେ, ବାପାଙ୍କ ଦେହ ଏବେ ଛୋଟ ଛୋଟ କଥାରେ ଚିଡ଼ି ଚିଡ଼ି ହେଉଛନ୍ତି। ଅନାବଶ୍ୟକ କଥାରେ ଜିଦ୍ କରୁଛନ୍ତି, ରୁଷୁଛନ୍ତି।

ସଦାନନ୍ଦବାବୁଙ୍କ ଭଳି ପରିଣତ ବୟସର ବ୍ୟକ୍ତି ଆମ ସମୟରେ ଅନେକ ଅଛନ୍ତି, ଯେଉଁମାନେ ଘରର ଛୋଟ ଛୋଟ କଥା ବାହାରେ କହିଥା'ନ୍ତି, ଯାହାକି ସେମାନଙ୍କ ପାଇଁ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଅଶାନ୍ତିର କାରଣ ହୋଇଥାଏ। ପ୍ରୌଢ଼ ହେବା ପୂର୍ବରୁ ଆମେ ଯେମିତି ଚଳୁଥିଲେ, ପ୍ରୌଢ଼ ଅବସ୍ଥା ପରେ ସେହିପରି ଚଳିବୁ ବୋଲି କିଛି ମାନେ ନାହିଁ। ସମାଜ ବଦଳୁଛି ଓ ତା' ସହ ବଦଳୁଛି ଆମ ବେଶ ପୋଷାକ, ଖାଦ୍ୟପେୟ, ପରମ୍ପରା ଓ ଆମ ଚାଲିଚଳଣି। ଏଥିସହ ଯଦି ଆମେ ଖାପ ଖୁଆଇ ଚଳି ନ ପାରିବା, ତେବେ ଏ ସବୁକୁ ଦେଖି ନ ଦେଖିଲା ପରି ରହିବାକୁ ପଡ଼ିବ। ସମାଜକୁ ଆମେ ବଦଳାଇ ପାରିବାନି। କାରଣ ବହୁସଂଖ୍ୟକ ଯାହା କରନ୍ତି, ସମୟକ୍ରମେ ତାହା ସାମାଜିକ ଚଳଣି ହୋଇଯାଏ। ଧରାଯାଉ ଏବେ ଛୋଟରୁ ବଡ଼ ସଭିଏଁ ନିଜ କାମ ଧନ୍ଦାକୁ ଉପେକ୍ଷା କରି ସ୍ମାର୍ଟଫୋନରେ ବ୍ୟସ୍ତ ରହୁଛନ୍ତି ଓ ମୂଲ୍ୟବାନ ସମୟ ନଷ୍ଟ କରୁଛନ୍ତି । ଯଦି ଆମେ ଘରର ବୟୋଜ୍ୟେଷ୍ଠ ବ୍ୟକ୍ତି ହିସାବରେ ଏହାକୁ ପରିବାର ଭିତରେ ବିରୋଧ କରିବାକୁ ଚେଷ୍ଟା କରିବା ଏହା କ'ଣ ସଫଳ ହେବ କି? ବୋଧହୁଏ ନା। ଆମେ ବର୍ତ୍ତମାନ ପ୍ରୌଢ଼। ଶାରୀରିକ ଓ ମାନସିକ ସ୍ତରରେ କ୍ରମଶଃ ଦୁର୍ବଳ ହେବାକୁ ଲାଗୁଛେ। ତେଣୁ ଆବଶ୍ୟକତା ଅନୁଯାୟୀ କମ୍ କଥା କହିବା ନିଜ ପାଇଁ ତଥା ଆମ ପରିବାର ପାଇଁ ଭଲ। ବୟସ ଥିବା ବେଳେ ସବୁ ଖାଇ ଆମେ ହଜମ କରିଦେଉଥିଲେ। ତା' ବୋଲି ଆମେ ଏ ବୟସରେ ସେପରି ଖାଇବା ଠିକ୍ ହେବ ନାହିଁ। ତେଣୁ ଖାଇବା ପିଇବା ଉପରେ ସେତେଟା ଧ୍ୟାନ ନ ଦେଇ ଯାହା ବି ଖାଇବାକୁ ମିଳିବ



ସେଥିରେ ସନ୍ତୋଷ ପ୍ରକାଶ କରିବା ଉଚିତ ହେବ। ପ୍ରୌଢ଼ ସମୟରେ ସବୁ ସମୟ ହିଁ ଅବସର ସମୟ। ସେଥିପାଇଁ ଭଲ ଭଲ ଗୀତ ଶୁଣିବା, ଈଶ୍ୱରଙ୍କ ନାମ ଓ ପ୍ରାର୍ଥନା କରିବା, ଦେବାଳୟରେ ସମୟ ଅତିବାହିତ କରିବା, ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ପ୍ରତ୍ୟକ୍ଷ ବା ପରୋକ୍ଷରେ ଜଡ଼ିତ ରହିବା ଉଚିତ ହେବ। ଘରେ ଅନ୍ୟମାନଙ୍କ କାର୍ଯ୍ୟଶୈଳୀରେ ଅଯଥା ହସ୍ତକ୍ଷେପ ବେଳେବେଳେ ଘରେ ଅଶାନ୍ତି ସୃଷ୍ଟି କରିଥାଏ। ଏବେ ସମସ୍ତେ ସ୍ୱାଧୀନଚେତା। ସେମାନଙ୍କ କାମରେ ଅଯଥା ହସ୍ତକ୍ଷେପକୁ କେହି ପସନ୍ଦ କରୁନାହାନ୍ତି। ଘରେ ପୁଅବୋହୂ ସେମାନଙ୍କ ଢାଞ୍ଚାରେ ସେମାନଙ୍କ ସଂସାର ଚଳାଇବେ। ଆମେ ସେଥିରେ ମୁଣ୍ଡ ପୂରାଇବା କାହିଁକି। ଯଦି କେତେବେଳେ ଆମର ପରାମର୍ଶ ଲୋଡ଼ିବେ, ସେତେବେଳେ ସେମାନଙ୍କୁ କିଛି କହିବ। ଆମେ ଯାହା ଚାହିଁବା ସେ ସବୁ ପୂରଣ ହେବ ବୋଲି ଭାବିବା ଭୁଲ୍। ଯଦି ମିଳିଲା ଭଲ, ନ ମିଳିଲେ ବି ଭଲ। ଏହାକୁ ନେଇ କ୍ରୋଧ ବା ବିରକ୍ତ ପ୍ରକାଶ କରିବା ଉଚିତ ନୁହେଁ।

ବେଳେବେଳେ ଦେଖାଯାଏ, ଅନେକ ବୟୋଜ୍ୟେଷ୍ଠ ବ୍ୟକ୍ତି ନିଜେ ଅର୍ଜନ କରିଥିବା ଧନ ସମ୍ପତ୍ତି ବିଷୟରେ ବାରମ୍ବାର ଅବତାରଣା କରିଥା'ନ୍ତି, ଯାହାକି ପରିବାର ଭିତରେ ଅଶାନ୍ତିର କାରଣ ହୋଇଥାଏ। କଥା କଥାକେ ମୁଁ ଏତେ ରୋଜଗାର କରୁଥିଲି, ସମସ୍ତଙ୍କୁ ପଢ଼ାଇ ରୋଜଗାରକ୍ଷମ କରିଛି, ଘରଦ୍ୱାର, ଜମିବାଡ଼ି କରିଛି ଇତ୍ୟାଦିର ଉଦାହରଣ ଦେଇ ଅନ୍ୟମାନଙ୍କ ମନରେ ଅସହିଷ୍ଣୁତା ସୃଷ୍ଟି କରିଥା'ନ୍ତି। ତୁମେମାନେ ଅଯଥା ଖର୍ଚ୍ଚ କରି ସବୁ ବରବାଦ୍ କରୁଛ କହି ପରିବାର ସଦସ୍ୟଙ୍କ ମନରେ ଆଘାତ ଦେଇଥା'ନ୍ତି। ଏହା ସତ ଯେ ଆର୍ଥିକ ଅନଟନ ଭିତରେ ଆମେ ବହୁ କଷ୍ଟ ସ୍ୱୀକାର କରି ସଂସାର କରିଥିଲେ। ତା' ଅର୍ଥ ନୁହେଁ ଯେ ଆମ ପୁଅ ଝିଅ ବା ନାତି ନାତୁଣୀମାନେ ସେହିପରି କଷ୍ଟ ସ୍ୱୀକାର କରି ଆଗକୁ ବଢ଼ିବେ। ଆମ ସମୟରେ ଜୋତା ଛିଣ୍ଡିଲେ ନୂଆ ଜୋତା କିଣା ହେଉଥିଲା, ସେହିପରି ପ୍ୟାଣ୍ଟ ଶାର୍ଟ ଚିରିଗଲେ ବା ବିଭିନ୍ନ ପର୍ବପର୍ବାଣି ହେଲେ ନୂଆ ପୋଷାକପତ୍ର କିଣା ହେଉଥିଲା। ତା' ବୋଲି ଏବର ଆର୍ଥିକ ସ୍ୱଚ୍ଛଳ ଥାଇ ବି ପିଲାଙ୍କୁ କ'ଣ ସେହିପରି ଚଳିବାକୁ ବାଧ୍ୟ କରିବା। ଏ ସବୁ ପ୍ରସଙ୍ଗ ଉପସ୍ଥାପନ କରି ଅଯଥା ପରିବାର ଭିତରେ ଅଶାନ୍ତି ସୃଷ୍ଟି କରିବା ବୟୋଜ୍ୟେଷ୍ଠମାନଙ୍କ ପାଇଁ ଆଦୌ ଠିକ୍ ନୁହେଁ। ଘରର ସବୁ କାମ ଯେ ତାଙ୍କୁ ପଚରା ଯାଇ କରାଯିବ, ଏପରି ଭାବନା ଆଦୌ ମନରେ ଆଣିବା ଉଚିତ ନୁହେଁ।

ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପାଇଁ ସକାରାତ୍ମକ ଭାବନା ହିଁ ଟନିକ୍ ସଦୃଶ କାମ କରିଥାଏ। ଆବଶ୍ୟକ ହେଲେ ନିଜ ସାମର୍ଥ୍ୟ ଅନୁଯାୟୀ ପରିବାର ସଦସ୍ୟଙ୍କୁ ସାହାଯ୍ୟ କରିପାରିଲେ ତାହା ପରିବାର ମଧ୍ୟରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିଥାଏ। ନାତି–ନାତୁଣୀଙ୍କ ସହ ସମୟ କାଟିବା, ସେମାନଙ୍କୁ ଭଲ ଭଲ କାହାଣୀ ମାଧ୍ୟମରେ ନୀତିବାଣୀ ଶୁଣାଇବାରେ ସମୟ କାଟିପାରିଲେ ଏହା ମାନସିକ ଶାନ୍ତି ଦେଇଥାଏ। ବିଶେଷକରି ଯେତେଦୂର ସମ୍ଭବ ତିନୋଟି ଅ ଅର୍ଥାତ୍ ଅଭିମାନ, ଅଭିଯୋଗ ଓ ଅବସୋସଠାରୁ ନିଜକୁ ଦୂରେଇ ରଖିପାରିଲେ ତାହା ପରିଣତ ବୟସର ଶେଷ ସମୟତକ ସୁଖ ଓ ଶାନ୍ତିରେ ଭରିଦେବ।

ମୋ: ୯୪୩୭୨୩୨୪୬୩

## ଏଇ ଭାରତରେ

ପରିବେଶ ପ୍ରଦୂଷଣ, ଖାଦ୍ୟ ଓ ବାସସ୍ଥାନ ଅଭାବରୁ ପକ୍ଷୀବଂଶ ଲୋପ ପାଉଥିବାବେଳେ ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ନିଆରା ଉପାୟ ଆପଣାଇଛନ୍ତି ପଞ୍ଜାବର ଶିକ୍ଷକ ଗୁରୁପ୍ରୀତ୍‌ସିଂ। ସେ ପକ୍ଷୀମାନଙ୍କ ପାଇଁ ଗଛ ଲଗାଉଛନ୍ତି ଓ ମାଟିରେ ୩୦,୦୦୦ ବସା ନିର୍ମାଣ କରି ସେଗୁଡ଼ିକରେ ପକ୍ଷୀ ରହିବାର ବ୍ୟବସ୍ଥା କରୁଛନ୍ତି। ଗୁରୁପ୍ରୀତ୍ ପକ୍ଷୀ ସଂଖ୍ୟା ହ୍ରାସକୁ ଲକ୍ଷ୍ୟ କରି ପ୍ରଥମେ ଫରିକୋଟ, ଫିରୋଜପୁର ମୁକ୍ତସରରେ ବୃକ୍ଷରୋପଣ ଆରମ୍ଭ କରିଥିଲେ ଓ ଏଥିରେ ଅନେକେ ତାଙ୍କ ସହ ଯୋଗ ଦେଇଥିଲେ। ପରେ ସେ 'ବାର୍ଡ୍ସ ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ ଆର୍ଥ ରିଭାଇଭିଙ୍ଗ ହ୍ୟାଣ୍ଡସ୍' (ବିଇଆରଏଚ୍) ସଂସ୍ଥା ଗଠନ କରିଥିଲେ। ଏହି ସଂସ୍ଥା ଦ୍ୱାରା ସେ ଲକ୍ଷେରୁ ଅଧିକ ଗଛ ଲଗାଇ ସାରିଲେଣି ଓ ଗଛଗୁଡ଼ିକରେ ବସା ରଖିବାର ବ୍ୟବସ୍ଥା କରୁଛନ୍ତି। ଏହାସହ ଘରେ ଘରଚଟିଆ ରହିବା ଲାଗି ଏଭଳି ବସା ଲଗାଇବାକୁ ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି। ଗଛ ଏବଂ ବିଭିନ୍ନ ଜାଗାରେ ରଖାଯାଇଥିବା ୩୦,୦୦୦ ବସାରେ ଏବେ ଶାରୀ, ପେଚା, ବାଇଚଢ଼େଇ, ଶୁଆ, ବୁଲ୍‌ବୁଲ, ପାରା ଆଦି ୧୪ ପ୍ରଜାତିର ଲକ୍ଷାଧିକ ପକ୍ଷୀ ରହୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅଗଷ୍ଟ ୧୯୯୮

- ରାଜୀବ ଗାନ୍ଧୀ ଫାଉଣ୍ଡେଶନ ଅର୍ଥ ଅପବ୍ୟବହାର ଅଭିଯୋଗରେ ସୋନିଆ, ଅମିତାଭ, ପ୍ରିୟଙ୍କା ଓ ଶଙ୍କର ଦୟାଳଙ୍କୁ ହାଇକୋର୍ଟ ନୋଟିସ।
- ପ୍ରତିଭୂତ ଦୁର୍ନୀତି (ସିକ୍ୟୁରିଟି ସ୍କାମ)ରେ ଅଭିଯୁକ୍ତ ଷ୍ଟକ ବ୍ରୋକର ହିତେନ ଦଲାଲ ଏବଂ କାନାରା ବ୍ୟାଙ୍କ ଫାଇନାନ୍‌ସିଆଲ ସର୍ଭିସେସ୍‌ର ପୂର୍ବତନ ଉପସଭାପତି ଏସ୍. ମୋହନଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ।
- ରାଜୀବ ଗାନ୍ଧୀ ହତ୍ୟା ମାମଲାର ତଦନ୍ତ କରୁଥିବା ଜୈନ କମିଶନ ରିପୋର୍ଟରୁ ନାମକୁ ବାଦ୍ ଦେବା ପାଇଁ ଜନତାଦଳ ସଭାପତି ଡ. ସୁବ୍ରମଣ୍ୟମ ସ୍ୱାମୀ ଦାଖଲ କରିଥିବା ପିଟିସନ ସୁପ୍ରିମ୍‌କୋର୍ଟରେ ଖାରଜ।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 4 | | 7 | |
| 5 | | 9 | | 2 | | | | 8 |
| | 7 | | 1 | | | | | 9 |
| | | 8 | 5 | | | | | |
| 1 | | | | | | | 9 | 4 |
| 2 | | | | | | 3 | | 5 |
| | | | | 3 | 7 | | | 1 |
| | | 1 | | | 6 | | | |
| | | | | 1 | | 7 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 4 | 2 | 8 | 9 | 1 | 5 | 7 |
| 7 | 2 | 9 | 6 | 5 | 1 | 4 | 3 | 8 |
| 5 | 1 | 8 | 4 | 3 | 7 | 6 | 9 | 2 |
| 3 | 4 | 6 | 9 | 7 | 2 | 5 | 8 | 1 |
| 9 | 5 | 1 | 8 | 4 | 3 | 7 | 2 | 6 |
| 8 | 7 | 2 | 1 | 6 | 5 | 3 | 4 | 9 |
| 4 | 6 | 3 | 7 | 9 | 8 | 2 | 1 | 5 |
| 2 | 8 | 7 | 5 | 1 | 4 | 9 | 6 | 3 |
| 1 | 9 | 5 | 3 | 2 | 6 | 8 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ

ମହାଶୟ,

ଭାରତୀୟ ଷ୍ଟେଟ ବ୍ୟାଙ୍କ ଲିଙ୍କରୋଡ୍ କାର୍ଯ୍ୟାଳୟର ସାମ୍ନା ଆବର୍ଜନା କେନ୍ଦ୍ର ପାଲଟିଛି। ତିନି ମହଲା ବିଶିଷ୍ଟ ଏହି ଅଟ୍ଟାଳିକାରେ ବିଭିନ୍ନ କାର୍ଯ୍ୟାଳୟ ରହିଥିବାବେଳେ ମଝି ମହଲାରେ ରହିଛି ଭାରତୀୟ ଷ୍ଟେଟ ବ୍ୟାଙ୍କ । ତେବେ ବ୍ୟାଙ୍କ ସାମ୍ନା ଅଞ୍ଚଳଟି ଡମ୍ପିଂୟାର୍ଡ ପାଲଟିଛି। ପାଖ ଅଞ୍ଚଳର ଅଳିଆ ଗଦା ହେବା ସହ ଦିନ ତମାମ ଘରୋଇ ଗାଡ଼ି ରହିବା ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି। ରାତିରେ ପୋଲିସ ପାଟ୍ରୋଲିଂ ଅଭାବରୁ ଏହି ଅଞ୍ଚଳରୁ ନିୟମିତ ଚୋରି ହେଉଛି। ଏହାର ସାମ୍ନା ଦେଇ ଯାଇଥିବା ଡ୍ରେନଟି ସଫା ହେଉନାହିଁ। ଫଳରେ କେବଳ ଏହି ଅଞ୍ଚଳରେ ୮ଜଣ ଡେଙ୍ଗୁ ଆକ୍ରାନ୍ତ ହୋଇସାରିଲେଣି। ବାଦାମବାଡ଼ିରୁ ଲିଙ୍କରୋଡ୍‌କୁ ଯାଇଥିବା ଡ୍ରେନ ସଫା ହେଉ ନ ଥିବାରୁ ଅସରାଏ ବର୍ଷା ହେଲେ ଜଳାର୍ଣ୍ଣବ ହୋଇ ବ୍ୟାଙ୍କ ଭିତରକୁ ଗ୍ରାହକମାନେ ଯିବା ଆସିବା କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ସମସ୍ୟାଗୁଡ଼ିକୁ ଦୂର କରିବା ଲାଗି କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅନୁରୋଧ।

–ଶ୍ୟାମସୁନ୍ଦର ସାମଲ, ଲିଙ୍କରୋଡ୍, କଟକ

## ଚିରନ୍ତନୀ

ଅଗଣନ ଜୀବ ତହିଁ
ରେଣୁ ସମ ହୁଏ ଉଦେ ଲୀନ,
ଅସଂଖ୍ୟ ବନ୍ଧନ ଲଭେ
ଦୁଃଖ ସମ ଶତଧା ବିଦୀର୍ଣ୍ଣ।
(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

भारत 2023 INDIA
सत्यमेव जयते
GOVERNMENT OF INDIA
Azadi Ka Amrit Mahotsav



# ବର୍ଦ୍ଧିତ ଯୁବ ସଶକ୍ତୀକରଣ ମାଧ୍ୟମରେ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରୁଛୁ

## ରୋଜଗାର ମେଳା ମାଧ୍ୟମରେ ୧୦ ଲକ୍ଷ ସରକାରୀ ଚାକିରିରେ ନିଯୁକ୍ତି

## ସାରା ଦେଶରେ ୪୫ଟି ସ୍ଥାନରେ ସରକାରୀ ଚାକିରି ପାଇଁ ମନୋନୀତ ହୋଇଥିବା ୫୧ ହଜାରରୁ ଅଧିକ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ

## ପ୍ରଧାନମନ୍ତ୍ରୀ

# ନରେନ୍ଦ୍ର ମୋଦିଙ୍କ

## ଦ୍ୱାରା

**୨୮ ଅଗଷ୍ଟ, ୨୦୨୩ | ପୂର୍ବାହ୍ନ ୧୦.୩୦ ଘଟିକା**

**(ଭିଡିଓ କନ୍‌ଫରେନ୍ସିଂ ଜରିଆରେ)**

- ଏପର୍ଯ୍ୟନ୍ତ ୫ ଲକ୍ଷ ଯୁବତୀଯୁବକଙ୍କୁ ସରକାରୀ ଚାକିରିରେ ନିଯୁକ୍ତି
- ସହଜ, ନିରପେକ୍ଷ ଏବଂ ସ୍ୱଚ୍ଛ ମନୋନୟନ ପ୍ରକ୍ରିୟା
- ଅନ୍‌ଲାଇନ୍ ପ୍ରଣାଳୀ ଜରିଆରେ ଖାଲି ପଦବୀ ଓ ନିଯୁକ୍ତି ପ୍ରକ୍ରିୟାର ନିରବଚ୍ଛିନ୍ନ ତଦାରଖ
- ମହିଳା, ଦିବ୍ୟାଙ୍ଗଜନ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ପ୍ରାର୍ଥୀମାନଙ୍କୁ ବିଶେଷ ଲାଭ
- ସମସ୍ତ ନିଯୁକ୍ତି ୟୁପିଏସ୍‌ସି, ଏସ୍‌ଏସ୍‌ସି, ରେଳପଥ ନିଯୁକ୍ତି ପରିଷଦ, ଆଇବିପିଏସ୍ ଭଳି ଏଜେନ୍ସି ମାଧ୍ୟମରେ ଦିଆଯାଉଛି
- କର୍ମଯୋଗୀ ପ୍ରାରମ୍ଭ ମଡ୍ୟୁଲ୍ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗରେ ସମସ୍ତ ନବନିଯୁକ୍ତ କର୍ମଚାରୀଙ୍କ ଅନ୍‌ଲାଇନ୍ ପ୍ରଶିକ୍ଷଣ ପାଠ୍ୟକ୍ରମ

DD NEWS

ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

ପ୍ରଶିକ୍ଷଣ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ କର୍ମଯୋଗୀ ମଡ୍ୟୁଲ୍ ୱେବ୍‌ସାଇଟ୍ https://igotkarmayogi.gov.in ପରିଦର୍ଶନ କରନ୍ତୁ କିମ୍ବା ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

CBC19101/13/0008/2324

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘ ପକ୍ଷରୁ ଗଣଧାରଣା ଓ ବିକ୍ଷୋଭ, ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ବାର ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୩ଟା ୩୦।

## ସଂକ୍ଷେପରେ

### ଥାନା ନିକଟରେ ୨ ଭାଇଙ୍କୁ ଆକ୍ରମଣ ଘଟଣା: ଜେଲ ଗଲେ ୪ ଯୁବକ

ଭୁବନେଶ୍ୱର,୨୭।୮ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ନିକଟସ୍ଥ ଏକ ହୋଟେଲରେ ୨ ଭାଇଙ୍କୁ ଆକ୍ରମଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୪ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପଥରବନ୍ଧି ବସ୍ତିରେ ରହୁଥିବା ନୟାଗଡର ଅମିୟ ନାୟକ ଓ ଜିତେନ୍ଦ୍ର ସାମନ୍ତରାୟ ,କଟକର ରମାକାନ୍ତ ନାଏକ ଓ ଯାଜପୁରର ମୁକେଶ ପାତ୍ର । ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁସାରେ, ଶୁକ୍ରବାର ରାତି ପ୍ରାୟ ସାଢେ ୧୨ ଟା ବେଳେ ଆକ୍ରମଣର ଶିକାର ହୋଇଥିବା ୨ ଭାଇ କାର ଯୋଗେ କଟକ ଫେରୁଥିବା ବେଳେ ସ୍ଥାନୀୟ ଥାନା ନିକଟସ୍ଥ ଏକ ହୋଟେଲକୁ ଖାଇବାକୁ ଯାଇଥିଲେ । ଏହି ସମୟରେ ୪ ଜଣ ଯୁବକ ଆସି ବେଳେ ଲୁଟ କରିବା ଉଦ୍ଦେଶ୍ୟରେ ପାର୍କ ହୋଇଥିବା କାର କାଚକୁ ଠକ ଠକ କରିଥିଲେ । ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ଉତକ୍ଷିପ୍ତ ହୋଇ ଆକ୍ରମଣ କରିଥିଲେ ।

### ନବ ନିର୍ବାଚିତ ଆଇନଜୀବୀ ପରିଷଦ ସଭ୍ୟ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୭।୮ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟ ଆଇନଜୀବୀ ପରିଷଦକୁ ନିର୍ବାଚିତ ସଭ୍ୟମାନଙ୍କୁ ନିଖିଳ ଓଡିଶା ଆଇନଜୀବୀ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସଂଘର ସଭାପତି ବୀରେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗେ ଦେଇ କହିଥିଲେ ଯେ ରାଜ୍ୟ ସରକାର ଆଇନଜୀବୀଙ୍କ ଦାବି ସମ୍ପର୍କରେ ଅବଗତ ଅଛନ୍ତି ଏବଂ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ । ସେହିପରି ଆଇନଜୀବୀ ସଂଘର ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି ପରିଷଦର ମ୍ୟାଚିଂ ଗ୍ରାଣ୍ଟକୁ ୫ କୋଟିରୁ ୧୦ କୋଟିକୁ ବୃଦ୍ଧି କରିବା ଓ ଆଇନଜୀବୀଙ୍କ ଲାଗି ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ରାଶି ବ୍ୟବସ୍ଥା କରିବା ଓ ତୁରନ୍ତ ଆଡଭୋକେଟ ଏକାଡେମୀ ସ୍ଥାପନ କରିବାକୁ ଦାବି କରିଥିଲେ । ସେହିଭଳି ପରିଷଦର ସଦସ୍ୟମାନେ ଆଇନଜୀବୀଙ୍କ ଦାବି ଓ ସ୍ୱାର୍ଥ ହାସଲ ଦିଗରେ କାର୍ଯ୍ୟ କରିବାକୁ ସଭାପତି ପଟ୍ଟନାୟକ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ସୁବାଷ ଚନ୍ଦ୍ର ମିଶ୍ର ଓ ବିଧାନ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ସଞ୍ଜୀବ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ନନ୍ଦନନ୍ଦନ ଶତପଥୀ ପରିଚାଳନା କରିଥିଲା ବେଳେ ପ୍ରଶାସନିକ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତମାଖୁରେ ବର୍ଷକୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ




କର୍ମଶାଳାରେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ ଏବଂ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୭।୮(ଅସମାପିକା ସାହୁ)

ଜାତୀୟ ଓ ରାଜ୍ୟସ୍ତରୀୟ ନୀତିରେ ପରିବର୍ତ୍ତନ ଆଣି ତମାଖୁ ସେବନ ହ୍ରାସ କରିବା ଉଦ୍ଦେଶ୍ୟରେ କୋଆଲିଶନ୍ ଫର୍ ଟବାକୋ ଫ୍ରି ଓଡ଼ିଶା ଏବଂ 'ପିକକ୍'ର ମିଳିତ ଉଦ୍ୟମରେ ଏକ ଜନ ପରାମର୍ଶ କାର୍ଯ୍ୟକ୍ରମ ରବିବାର ଭାରତୀୟ ବିଦ୍ୟାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ତମାଖୁ ବ୍ୟବହାର ହ୍ରାସ କରି ଜନସ୍ୱାସ୍ଥ୍ୟରେ ଉନ୍ନତି' ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ, ତମାଖୁ ଦ୍ୱାରା ପ୍ରତିବର୍ଷ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହେଉଛି। ଏହା ମୋଟ ମୃତ୍ୟୁର ୯.୫%। ଗ୍ଲୋବାଲ୍ ୱାର୍ଲଡ ତମାଖୁ ସର୍ଭେ (ଜିଏଟିଏସ୍) ୨୦୧୬-୧୭ର ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ୧୫ବର୍ଷରୁ ଅଧିକ(୨୯%) ବୟସର ପ୍ରାୟ ୨୬୭ ମିଲିୟନ୍ ଲୋକ ହେଉଛନ୍ତି ତମାଖୁ ବ୍ୟବହାରକାରୀ। ଏଥିସହିତ ୩୮.୭% କିଶୋର ଘରେ, ୩୦.୨% କର୍ମ କ୍ଷେତ୍ରରେ ଏବଂ ୭.୪% ରେଷ୍ଟୁରାଣ୍ଟର ପରୋକ୍ଷ ଭାବେ ତମାଖୁ ଦ୍ୱାରା ପ୍ରଭାବିତ ହୋଇଥାନ୍ତି ବୋଲି ମତପ୍ରକାଶ ପାଇଛି। ରାଜ୍ୟସଭା ସଦସ୍ୟା ସୁଲତା ଦେଓ ଯୋଗଦେଇ କହିଲେ, ତମାଖୁ ସେବନ କରୁଥିବା ଲୋକଙ୍କ ଅପେକ୍ଷା ତମାଖୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ଅଧିକ ପ୍ରଭାବିତ କରିଥାଏ। ତମାଖୁ ଉତ୍ପାଦନ ଓ ବିକ୍ରିକୁ ହ୍ରାସ କରିବାରେ ଆମେ ଗଭୀର ଭାବରେ ଦୃଷ୍ଟି ଦେବା ଉଚିତ। କାରଣ ତମାଖୁ ବିକ୍ରୟରୁ ସଂଗୃହୀତ ରାଜସ୍ୱ ଅପେକ୍ଷା ତମାଖୁ ସମ୍ବନ୍ଧୀୟ ରୋଗ ପାଇଁ ସ୍ୱାସ୍ଥ୍ୟସେବା ଓ ଚିକିତ୍ସାରେ ଖର୍ଚ୍ଚ ଅଧିକ ହୋଇଥାଏ। ଏହିପରି ସଚେତନତା କାର୍ଯ୍ୟକ୍ରମ କେବଳ ସହରାଞ୍ଚଳ ନୁହେଁ, ଦୁର୍ଗମ ଅଞ୍ଚଳରେ ଏବଂ ଗ୍ରାମାଞ୍ଚଳରେ କରାଯିବା ଆବଶ୍ୟକ ବୋଲି ସୁଲତା କହିଥିଲେ। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତ କହିଛନ୍ତି, ସହଜରେ ମିଳି ଯାଉଥିବାରୁ ଆଜିକାଲି ପିଲାମାନେ ତମାଖୁ ସେବନ କରୁଛନ୍ତି।

ତମାଖୁର ବ୍ୟାପକ ବ୍ୟବହାର ତଥା ଏହାର କ୍ଷତିକାରକ ପରିଣାମକୁ ରୋକିବା ପାଇଁ କୋଟ୍‌ପା ଆଇନ ଆମର ପ୍ରୟାସରେ ଏକ ମୂଳଦୁଆ ଭାବରେ ଛିଡ଼ା ହୋଇଛି। ଏଥିପାଇଁ ଆମକୁ ଏହି ଆକ୍ଟକୁ ଆହୁରି ମଜବୁତ୍ କରିବା ଆବଶ୍ୟକ। କାର୍ଯ୍ୟକ୍ରମରେ ତମାଖୁ ନିୟନ୍ତ୍ରଣ ସେଲ୍‌ର ସହକାରୀ ପରିଚାଳକ ସୁଶାନ୍ତ କୁମାର ବିଶ୍ୱାଳ, ପିକକ୍‌ର ଚେୟାରମ୍ୟାନ୍ ମିନାକ୍ଷୀ ପଣ୍ଡା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଏବଂ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ସତ୍ୟଶିବ ରଥ ଯୋଗଦେଇଥିଲେ। ଯୁବ ଆମ୍ବାସଡର୍ ତୃପ୍ତିମୟୀ ବେହେରା, ସସ୍ମିତା ଭୋଇ ଏବଂ ସୁଭାଷ ଚନ୍ଦ୍ର ମହାନ୍ତି ସେମାନଙ୍କ ଅନୁଭୂତି ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଯୋଗଦେଇଥିଲେ। ମହିଳାମାନେ କିପରି ଘରେ ତଥା ସମାଜରେ ତମାଖୁ ସେବନ ଉପରେ ପରିବର୍ତ୍ତନ ଆଣିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ସେ ଉପରେ ମଧ୍ୟ କାର୍ଯ୍ୟକ୍ରମରେ ଗୁରୁତ୍ୱ ଆରୋପ କରାଯାଇଥିଲା।

# କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ଡେଙ୍ଗୁ ଟେଷ୍ଟ ଆରମ୍ଭ



ଭୁବନେଶ୍ୱର,୨୭।୮ (ଅଭିଜିତ ଦାସ)

- ରାଜ୍ୟରେ ଡେଙ୍ଗୁ ରୋଗୀ ସଂଖ୍ୟା ୩ ହଜାରକୁ ବୃଦ୍ଧି
- ୮ ଦିନ ପରେ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲା

ରାଜ୍ୟରେ ଡେଙ୍ଗୁ ସ୍ଥିତି ଉଦ୍‌ବେଗଜନକ ରହିଛି। ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ୨୫ ତାରିଖ ସୁଦ୍ଧା ୪୨ ହଜାରରୁ ଊର୍ଦ୍ଧ୍ୱ ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୨ ହଜାର ୯୪୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ଏହି ଦୁଇଦିନ ଭିତରେ ଆକ୍ରାନ୍ତଙ୍କ ସଂଖ୍ୟା ୩ ହଜାର ଛୁଇଁଥିବା ବେଳେ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ପାଖାପାଖି ୪୮ ପ୍ରତିଶତ ଅର୍ଥାତ୍ ୧୩୬୯ ଆକ୍ରାନ୍ତ କେବଳ ଖୋର୍ଦ୍ଧା ଜିଲାରୁ ରହିଛନ୍ତି। ସେହିପରି ପୁରୀ ଜିଲାରେ ୩୦୮, ବାଲେଶ୍ୱରରେ ୨୭୬, କଟକରେ ୨୦୮, ଜଗତ୍‌ସିଂହପୁରରେ ୧୬୯ ଓ ନୟାଗଡରେ ୧୦୩ ଡେଙ୍ଗୁ ରୋଗୀ ବାହାରିଛନ୍ତି। ସେହିପରି ୧୪ ଜିଲାରେ ଏହି ସଂଖ୍ୟା ୨୦ ତଳକୁ ଓ ୧୩ ଜିଲାରେ ଏହା ଉପରକୁ ରହିଛି। ଅଧିକାଂଶ ଡେଙ୍ଗୁ ରୋଗୀ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରୁ ଚିହ୍ନଟ ହୋଇଥିବାରୁ କ୍ୟାପିଟାଲ ହସ୍ପିଟାଲରେ ଚାପ ବଢିବାରେ ଲାଗିଛି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ ଡେଙ୍ଗୁର ପ୍ରଭାବ ଅଧିକ ରହିଛି। ଟେଷ୍ଟିଂ ଲାଗି କ୍ୟାପିଟାଲ ହସ୍ପିଟାଲରେ ଭିଡ ଲାଗି ରହୁଥିବାରୁ ରାଜଧାନୀରେ ଅନ୍ୟ ୨ଟି ସ୍ଥାନରେ ପୂର୍ବରୁ ଡେଙ୍ଗୁ ଟେଷ୍ଟିଂର ବ୍ୟବସ୍ଥା କରାଯାଇଥିଲା। ସୋମବାରଠାରୁ ଆଇଆର୍‌ସି ଭିଲେଜର ଅର୍ବାନ ପିଏଚ୍‌ସିରେ ଓ ପଟିଆ ସିଏଚ୍‌ସିରେ ଡେଙ୍ଗୁ ଟେଷ୍ଟିଂ କରାଯିବ। ସେହିପରି ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶର ୮ ଦିନ ପରେ ରବିବାର ଦିନ କ୍ୟାପିଟାଲ ହସ୍ପିଟାଲରେ ଡେଙ୍ଗୁ ରୋଗୀଙ୍କ ଲାଗି ସ୍ୱତନ୍ତ୍ର ଟେଷ୍ଟିଂ ବ୍ୟବସ୍ଥା କରାଯାଇଛି। ହସ୍ପିଟାଲର ଉପ-ଅଧୀକ୍ଷକ ଡାକ୍ତର ଧନଞ୍ଜୟ ଦାସ କହିଛନ୍ତି, ରବିବାର ହସ୍ପିଟାଲରେ ସ୍ୱତନ୍ତ୍ର ଡେଙ୍ଗୁ ଟେଷ୍ଟିଂ ସେଣ୍ଟର ଖୋଲାଯାଇଛି। ଦୈନିକ ୬୦୦ରୁ ଊର୍ଦ୍ଧ୍ୱ ଟେଷ୍ଟିଂ କରାଯାଉଥିବା ବେଳେ ସମସ୍ତ ନମୁନା ଏଲିଶା ପଦ୍ଧତି କରାଯାଉଛି। ବର୍ତ୍ତମାନ ସୁଦ୍ଧା ୫୭ ଜଣ ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ଚାଲୁଥିବା ବେଳେ ଟେଷ୍ଟିଂର ସମୟରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ସକାଳ ୯ଟାରୁ ଅପରାହ୍ନ ୪ ଯାଏ ହେଉଥିଲା। ବର୍ତ୍ତମାନ ସକାଳ ୮ଟାରୁ ସନ୍ଧ୍ୟା ୫ଟା ଯାଏ ଚାଲିବ। ଟେଷ୍ଟିଂ ବଢିବା ଦ୍ୱାରା ଅଧିକ ସଂଖ୍ୟକ ରୋଗୀ ଚିହ୍ନଟ ହେଉଥିବା ସେ କହିଛନ୍ତି।

# ତାଲିମ୍ ନେବେ ୧୫୦ ପୋଲିସ ଅଧିକାରୀ



କର୍ମଶାଳା ଉଦ୍‌ଘାଟନ ଅବସରରେ ପୋଲିସ ଡିଜି ସୁନୀଲ ବଂଶଲ୍ ଓ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର,୨୭।୮ (ସତ୍ୟଜିତ ରାଉତ)

## ଯୌନ ଅପରାଧ ମାମଲାର ତଦନ୍ତରେ ଫୋରେନସିକ୍ କୌଶଳ ଓ ପ୍ରଯୁକ୍ତିବିଦ୍ୟା ବ୍ୟବହାର ସଂକ୍ରାନ୍ତ କର୍ମଶାଳା ଉଦ୍‌ଘାଟିତ

ମହିଳା ଏବଂ ଶିଶୁଙ୍କ ବିରୋଧରେ ହେଉଥିବା ଯୌନ ଅପରାଧ ମାମଲାର ତଦନ୍ତବେଳେ ଫୋରେନସିକ୍ କୌଶଳ ଏବଂ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ତେଣୁ ଏହି ସଂକ୍ରାନ୍ତରେ ପୋଲିସ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇ ତଦନ୍ତକୁ ସଫଳ କରିବା ପାଇଁ ରାଜ୍ୟ ପୋଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ପୋଲିସ ଭବନ ଠାରେ ମହିଳା ଏବଂ ଶିଶୁଙ୍କ ଉପରେ ଯୌନ ଅପରାଧର ତଦନ୍ତ ପାଇଁ ଫୋରେନସିକ୍ କୌଶଳ ଏବଂ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ସଂକ୍ରାନ୍ତୀୟ ତିନି ଦିନିଆ କର୍ମଶାଳା ଆରମ୍ଭ ହୋଇଛି। କ୍ରାଇମବ୍ରାଞ୍ଚର ମହିଳା ଏବଂ ଶିଶୁ ଅପରାଧ ନିରାକରଣ (ସିଏଡବ୍ଲ୍ୟୁଏଣ୍ଡସିଡବ୍ଲ୍ୟୁ) ୱିଙ୍ଗ୍ ଏବଂ ୟୁନିସେଫର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାକୁ ପୋଲିସ ଡିଜି ସୁନୀଲ ବଂଶଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡିଜିପି କହିଲେ, ମହିଳା ଓ ଶିଶୁଙ୍କ ବିରୋଧରେ ଘଟୁଥିବା ଯୌନ ଉତ୍ପୀଡନ ମାମଲାଗୁଡ଼ିକ ଅତ୍ୟନ୍ତ ସମ୍ବେଦନଶୀଳ। ଏଭଳି ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡିକର ତଦନ୍ତ ନିର୍ଭୁଲ ଏବଂ ନିରପେକ୍ଷ ହେବା ଦରକାର। ଏହି ତଦନ୍ତରେ ଫୋରେନସିକ୍ କୌଶଳ ଏବଂ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଅପରାଧୀଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ଏପରିକି ଏଭଳି ମାମଲାର ସମାଧାନ ପାଇଁ ଏହି ତାଲିମ୍ ଅଧିକାରୀଙ୍କୁ ତଦନ୍ତରେ ସହାୟତା କରିବ ସେ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ତିନିଦିନିଆ ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ୧୫୦ ଥାନାର ଆଇଆଇସି ଏବଂ ଏସ୍‌ଡିପିଓ ର୍‍ୟାଙ୍କର ଅଧିକାରୀମାନେ ଯୋଗଦେବେ। ପ୍ରତିଦିନ ୫୦ ଅଧିକାରୀ ଏହି ପ୍ରଶିକ୍ଷଣ ନେବେ। ଏହି କର୍ମଶାଳାରେ ଗୁଜରାଟର ଅବସରପ୍ରାପ୍ତ ପୋଲିସ ଡିଜି କେଶବ କୁମାର ଓ ସିନିୟର୍ ଭିଜିଲାନ୍ସ ମ୍ୟାନେଜର ହେମନ୍ତ୍ ସାଇ ରେଡ୍ଡୀ ରିସୋର୍ସ ପର୍ସନ୍ସ ଭାବେ ତାଲିମ୍ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଆଇଜିପି ସଫିନ୍ ଅହମଦ୍ କେ ପୌରୋହିତ୍ୟ କରିଥିଲେ। କ୍ରାଇମବ୍ରାଞ୍ଚ ଏସ୍‌ପି ଆର. କେ. ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସିଏଡବ୍ଲ୍ୟୁଏଣ୍ଡସିଡବ୍ଲ୍ୟୁ ଡିଏସ୍‌ପି ଇମାନ କଲ୍ୟାଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୟୁନିସେଫ୍ ସଦସ୍ୟ ମାନ୍ନା ବିଶ୍ୱାସ ପ୍ରମୁଖ ଉପସ୍ଥିତ ରହି ଅଧିକାରୀଙ୍କୁ ଉତ୍ସାହିତ କରିଥିଲେ।

# ସ୍କିମ୍ ୱାର୍କର୍ସଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦାବି

ଭୁବନେଶ୍ୱର,୨୭।୮ (ଅନୁରାଧା ମହାରଣା)

ନିଖିଳ ଉତ୍କଳ ସ୍କିମ ୱାର୍କର୍ସ ମହାସଂଘ ପକ୍ଷରୁ ରବିବାର ନାଗଭୂଷଣ ଭବନରେ ପ୍ରଥମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମହାସଂଘ ପକ୍ଷରୁ ୮ ଦଫା ଦାବି ଉପସ୍ଥାପନ ସହ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ଆଶା, ମିଡ୍ ଡେ' ମିଲ, ଅଙ୍ଗନୱାଡି ଆଦି ସ୍କିମ୍ ୱାର୍କର୍ସଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ଓ ସେମାନଙ୍କୁ ଶ୍ରମିକର ମାନ୍ୟତା ଦେବା ସହିତ ରାଷ୍ଟ୍ରୀୟସ୍ତରରେ ମାସିକ ଦରମା ୨୮ ହଜାର ଟଙ୍କା, କାର୍ଯ୍ୟ ସମୟ ନିର୍ଦ୍ଧାରଣ, ପେନ୍‌ସନ ଓ ସମସ୍ତ ସାମାଜିକ ସୁରକ୍ଷା ପ୍ରଦାନ ଆଦି ଦାବି ରହିଛି। ସେହିପରି ଜନଉପଯୋଗୀ ସରକାରୀ ସ୍କିମ୍‌ଗୁଡ଼ିକର ଘରୋଇକରଣ ବନ୍ଦ କରାଯିବା ସହ କାର୍ଯ୍ୟସ୍ଥଳୀରେ ହେଉଥିବା ଲିଙ୍ଗଗତ ଶୋଷଣକୁ ରୋକିବା ପାଇଁ ଜେଣ୍ଡର ସେଲ ଗଠନ ପାଇଁ ମଧ୍ୟ ଦାବି ହୋଇଛି। କରୋନା କାଳରେ ମୃତ ସ୍କିମ୍ କର୍ମୀଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ, ସାମାଜିକ ସୁରକ୍ଷା କୋଡ୍ ସହିତ ସମସ୍ତ ଶ୍ରମିକବିରୋଧୀ ଶ୍ରମକୋଡ୍‌କୁ ପ୍ରତ୍ୟାହାର କରାଯାଉ। ଏହା ସହ ସ୍କିମ ୱାର୍କର୍ସମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଅନ୍ୟ ଏକ ଦାବି ରହିଛି। ଅନ୍ୟପଟେ ସଂଘ ପକ୍ଷରୁ ସ୍ଥିର ହୋଇଥିବା କାର୍ଯ୍ୟପନ୍ଥାରେ ପାଚିକା, ଆଶା, ଅଙ୍ଗନୱାଡି କର୍ମୀଙ୍କୁ ନେଇ ୫ ହଜାର ସଦସ୍ୟତା ବୃଦ୍ଧି, ବ୍ଲକସ୍ତରରେ ସଂଗଠନ, ଜିଲା କମିଟି ଗଠନ, ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ସ୍କିମ ୱାର୍କର୍ସମାନଙ୍କର ଆନ୍ଦୋଳନ ସହିତ ମିଳିତ ମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିବା ଆଦି ରହିଛି। ସେପ୍ଟେମ୍ବର ୯ ଓ ୧୦ରେ ପାଟନାଠାରେ ହେବାକୁ ଥିବା ମହାସଂଘର ଜାତୀୟ ସମ୍ମିଳନୀରେ ଯୋଗଦାନ ସହ ପାଣ୍ଠି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

# ଭୁବନେଶ୍ୱରରେ ମିଳିପାରିବ ବାରିଆଟ୍ରିକ୍ ଏଣ୍ଡୋସ୍କୋପି ସେବା

ଭୁବନେଶ୍ୱର, ୨୭।୮(ଅସମାପିକା ସାହୁ)

ମେଦବହୁଳତାର ଶିକାର ହେଉଥିବା ବ୍ୟକ୍ତିଙ୍କ ପାଇଁ ଖୁସି ଖବର। ଚିକିତ୍ସା ପାଇଁ ଆଉ ସେମାନଙ୍କୁ ଓଡ଼ିଶା ବାହାରକୁ ଯିବାକୁ ପଡ଼ିବ ନାହିଁ। କାରଣ ଭୁବନେଶ୍ୱର ଶହୀଦନଗରସ୍ଥିତ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ୍ ଲିଭର ସାଇନ୍ସରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବାକୁ ଯାଉଛି ଆଧୁନିକ ବାରିଆଟ୍ରିକ୍ ଏଣ୍ଡୋସ୍କୋପି ଚିକିତ୍ସା ସେବା। ଓଡ଼ିଶାରେ ଏହା ପ୍ରଥମଥର ଆରମ୍ଭ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ହସ୍ପିଟାଲ ଉନ୍ନତମାନର ରୋଗୀସେବା ତଥା ବିଭିନ୍ନ ଜଟିଳ ପେଟ ରୋଗ ନିରୂପଣ କ୍ଷେତ୍ରରେ ପୂର୍ବ ଭାରତରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏବେ ଏଠାରେ ଅତ୍ୟାଧୁନିକ ବାରିଆଟ୍ରିକ୍ ଏଣ୍ଡୋସ୍କୋପି ଚିକିତ୍ସା ସେବା ଯୋଗାଇ ଦିଆଯିବ। ଏହି ଅତ୍ୟାଧୁନିକ ସେବା ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା. ସୋନମୁନ ମହାପାତ୍ର ଯୋଗାଇବେ। ଡା. ସୋନମୁନ ଯୁକ୍ତରାଷ୍ଟ୍ର ଆମେରିକାରେ ଉଚ୍ଚତର ପାଠପଢ଼ିବା ସହ ଗବେଷଣା କରିଛନ୍ତି। ମାୟୋକ୍ଲିନିକରେ ବି ସେ ଦୀର୍ଘ ଦୁଇବର୍ଷ ଧରି ଅତ୍ୟାଧୁନିକ ବାରିଆଟ୍ରିକ ଏଣ୍ଡୋସ୍କୋପି ଉପରେ ପୂର୍ଣ୍ଣ ପ୍ରଶିକ୍ଷଣ ନେଇଛନ୍ତି। ହସ୍ପିଟାଲର ନିର୍ଦ୍ଦେଶକ ତଥା ପେଟ ଓ ଲିଭର ରୋଗ ବିଶେଷଜ୍ଞ ଡା. ଆଶୁତୋଷ ମହାପାତ୍ର ମେଦବହୁଳ ରୋଗୀମାନେ ଏହି ସେବା ପାଇବା ପାଇଁ ନିଜର ନାମ ପଞ୍ଜୀକରଣ କରିବାକୁ କହିଛନ୍ତି। ଆଜିର ଦିନରେ ମେଦବହୁଳତା ବହୁଳ ଭାବେ ଦେଖାଯାଉଛି ଏବଂ ଏହି ବାରିଆଟ୍ରିକ୍ ଏଣ୍ଡୋସ୍କୋପି ଦ୍ୱାରା ବିନା ସର୍ଜରିରେ ମଧ୍ୟ ମେଦବହୁଳତା ଚିକିତ୍ସା କରାଯାଇପାରିବ ବୋଲି ସେ କହିଛନ୍ତି।



ଡା. ସୋନମୁନ ମହାପାତ୍ର

# ପଠନ ଅଭ୍ୟାସ ଉତ୍କର୍ଷର ଶୀର୍ଷରେ ପହଞ୍ଚାଇପାରିବ




ଭୁବନେଶ୍ୱର,୨୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

## ମାନସଙ୍କୁ 'ସପ୍ତକ ଶିଶୁ ସାହିତ୍ୟ', ରକ୍ଷକଙ୍କୁ 'ସପ୍ତକ ସାହିତ୍ୟ ସମ୍ମାନ'

ବହିର ବିକଳ୍ପ ନାହିଁ। ପୁସ୍ତକ ପଠନ ଦ୍ୱାରା ଛାତ୍ରୀଛାତ୍ର ଜ୍ଞାନ ଆହରଣ କରି ନିଜକୁ ବିକଶିତ କରିପାରିବେ ଓ ସଫଳ ହୋଇପାରିବେ। ପଠନ ଅଭ୍ୟାସ ଛାତ୍ରୀଛାତ୍ରଙ୍କୁ ଉତ୍କର୍ଷର ଶୀର୍ଷରେ ପହଞ୍ଚାଇପାରିବ ବୋଲି ସପ୍ତକ ଫାଉଣ୍ଡେଶନର ସାରସ୍ୱତ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବେ ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ପ୍ରଶାସକ ତଥା ସାହିତ୍ୟିକ ନିରଞ୍ଜନ ସାହୁ, ଅଧ୍ୟାପକ ବିଶିଷ୍ଟ ଶିଶୁ ସାହିତ୍ୟିକ ସୁନାମଣି ରାଉତ ଏବଂ କୃତୀ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ଦେବରାଜ ସାମନ୍ତରାୟ ଯୋଗଦେଇଥିଲେ। କାରୁବାକି ସାମନ୍ତରାୟ ପ୍ରାରମ୍ଭିକ ସୂଚନା, ସୁରେଶ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଓ ଡ. ଜ୍ୟୋତିର୍ମୟୀ ସାମନ୍ତରାୟ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ଦେବରାଜ ସାମନ୍ତରାୟଙ୍କ ୮୫ତମ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ସପ୍ତକ ଶିଶୁ ସାହିତ୍ୟ ସମ୍ମାନ'ରେ ମାସନ ରଞ୍ଜନ ସାମଲ, ରକ୍ଷକ ନାୟକଙ୍କୁ 'ସପ୍ତକ ସାହିତ୍ୟ ସମ୍ମାନ', ଡ. ମନୋଜ କୁମାର ଛୋଟରାୟଙ୍କୁ 'ସପ୍ତକ ସେବା ସମ୍ମାନ', ତାରିଣୀସେନ ସାହୁଙ୍କୁ 'କାର୍ତ୍ତିମତି ସେବା ସମ୍ମାନ', କବିତା କାନୁନ୍‌ଗୋଙ୍କୁ 'ଶିକ୍ଷକ-ଶିକ୍ଷା ସମ୍ମାନ', ରଣଜିତ ମହାନ୍ତିଙ୍କୁ 'ସପ୍ତକ ସମାଜସେବା ସମ୍ମାନ', ଶ୍ୱେତକୁମାର ପଲାଇଙ୍କୁ ସପ୍ତକ 'ସ୍ୱେଚ୍ଛାସେବୀ ସମ୍ମାନ' ପ୍ରଦାନ କରାଯାଇଥିଲା। ହେମନ୍ତ କୁମାର ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରୋଜ ବଦନ ପରିଡ଼ାଙ୍କ ନିର୍ଦ୍ଦେଶନାରେ ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ୱେତଲୀନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚରିତ୍ରକୁ ଠିକ୍ ଭାବେ ବୁଝାଇପାରିଲେ ଗଳ୍ପ ଜୀବନ୍ତ ହୁଏ

ଭୁବନେଶ୍ୱର,୨୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

କଳ୍ପନାଶକ୍ତି ଓ ଚରିତ୍ରାୟନର ଉପଯୁକ୍ତ ବ୍ୟବହାର ବଳରେ ସାର୍ଥକ ଗଳ୍ପ ସୃଷ୍ଟି ହୋଇପାରେ। ଚରିତ୍ରକୁ ଠିକ୍ ଭାବେ ବୁଝାଇପାରିଲେ ହିଁ ଗଳ୍ପ ଜୀବନ୍ତ ହୁଏ ବୋଲି ବିଶିଷ୍ଟ କଥାକାର ରମେଶ ପଟ୍ଟନାୟକ ମତ ଦେଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ସୂଚନା ଭବନଠାରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସେ କହିଲେ, ଜୀବନଧାରା, ଚରିତ୍ରାୟନ ଓ ଦୃଶ୍ୟବୋଧ ସଫଳ ଗଳ୍ପ ସୃଷ୍ଟିରେ ସାହାଯ୍ୟ କରେ। 'ମୋ ସୃଜନ: ମୋ ଜୀବନ' ଶୀର୍ଷକ ଉପରେ ବକ୍ତବ୍ୟ ରଖି ପଟ୍ଟନାୟକ ତାଙ୍କ କଥାଯାତ୍ରା, କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ୍ ପ୍ରସାରଣ, ପ୍ରିଣ୍ଟ ମିଡିଆରେ ଗଳ୍ପକାରିତା, ଗଳ୍ପର ପାଠକୀୟ ସଂପୃକ୍ତି ଇତ୍ୟାଦି ପ୍ରସଙ୍ଗରେ ବିସ୍ତୃତ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତା ଓ ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଭାସ ବରାଳ, ନନ୍ଦ କିଶୋର ବିଶ୍ୱାଳ, ମାନିନୀ ଜେନା, ବିଧୁଭୂଷଣ ତ୍ରିପାଠୀ, ମୌସୁମୀ ଦାସ, ବିପିନ ବେହେରା, ସୁବ୍ରତ ସେନାପତି, ଡ. ଚକ୍ରଧର ଦାଶ ଓ ନିବେଦିତା ଭଞ୍ଜ ପ୍ରମୁଖ ଲେଖକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପରେ ଡ. ଅଭୟ ନାରାୟଣ ନାୟକ ଓ ବିଜନବାଳା ପାଟଯୋଶୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଇତିଶ୍ରୀ ପତି, ପୀତାମ୍ବର ଭୋଇ, ମିହିରକାନ୍ତି ଦାଶ, ଦେବଯାନୀ ରାୟ, ଶଶୀପ୍ରଭା ଦାସ, ରମେଶ ପ୍ରସାଦ ମହାନ୍ତି, ରଶ୍ମି ଦାସ, ସୁକୁମାର ବିଶ୍ୱାଳ, ମିହିର ରଥଶର୍ମା, ବାଦଲ ମହାନ୍ତି, ବିପିନ ବେହେରା, ସ୍ନେହଲତା ଦାସଲେଙ୍କା, ମିନତି ମିଶ୍ର, ଇନ୍ଦିରା ମିଶ୍ର, ପ୍ରଦୀପ ମହାନ୍ତି ଓ ମନମୋହନ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଡ. ଜୀବନକୃଷ୍ଣ ମହାପାତ୍ର ବେଦପାଠ ଓ ଅନୁଷ୍ଠାନର ଉପସଭାପତି ରକ୍ଷକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



'ସାହିତ୍ୟ ମାସିକୀ'ରେ କଥାକାର ରମେଶ ପଟ୍ଟନାୟକ ଓ ଅନ୍ୟମାନେ।

## ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ

**କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ):** କଟକ ମହାନଗର ନିଗମ ଅଧୀନ ୨୬ ନମ୍ବର ୱାର୍ଡରେ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା କର୍ପୋରେଟର ଗଗନ ଓଝାଙ୍କ କାଠଗଡା ସାହିସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁ, କର୍ପୋରେଟର ଦୀପକ ଦାସ, ସୌମେନ୍ଦ୍ର ପଲାଇ, ମୁକେଶ ସାହୁ ପ୍ରମୁଖ ୨୬ ନମ୍ବର ୱାର୍ଡର ଶତାଧିକ ନୂତନ ଭୋଟରଙ୍କୁ ଆବେଦନ ପତ୍ରରେ ନାମ ପଞ୍ଜୀକରଣ କରାଇଥିଲେ। ଏହି କାର୍ଯ୍ୟକ୍ରମରେ କାହ୍ନୁଚରଣ ଓଝା, ସଞ୍ଜୟ ଦାସ, ହରିଚନ୍ଦନ ନାୟକ, ମାନସ ମହାରଣା, ସରୋଜ ମହାପାତ୍ର, ଅବିନାଶ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବେଆଇନ ଗୋଚାଲାଣ, ୨ ଗିରଫ

**ମଙ୍ଗୁଳି-ଜଗତପୁର,୨୭।୮(ମାନସ ସାମଲ):** ଜଗତ୍‌ପୁର ଥାନା ଅଧୀନ ଖଇରା ପୋଲ ନିକଟରୁ ପୋଲିସ ଏକ ଗୋରୁ ବୋଝେଇ ଡାଲାଅଟୋ ଜବତ କରିଛି। ବେଆଇନ ଗୋଚାଲାଣ ଘଟଣାରେ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ବଡଚଣା ଥାନା ଅନ୍ତର୍ଗତ ଛତିଆ ରାମପୁର ଅଞ୍ଚଳର ପ୍ରକାଶ ପ୍ରଧାନ ଓ ଚୌଦ୍ୱାର ଥାନା ଅଧୀନ ମୁଣ୍ଡମାଳ ଗ୍ରାମର ବେଣୁଧର ଶତପଥି। ଜବତ ଗାଡିରୁ ୪ଟି ଗୋରୁଙ୍କୁ ଉଦ୍ଧାର କରାଯାଇ ଜଗତ୍‌ପୁରସ୍ଥିତ ଅନ୍ନପୂର୍ଣ୍ଣା ଗୋଶାଳାରେ ଛାଡି ଦିଆଯାଇଛି। ପୋଲିସ ସୂଚନା ମୁତାବକ, ଶନିବାର ଏକ ଡାଲାଅଟୋ(ନଂ.ଓଡ଼ି୨୯ସି-୦୯୫୪)ରେ ଜଣେ ଯୁବକ ଗୋରୁ ବୋଝେଇ କରି ଜପକୁଦ ଅଞ୍ଚଳକୁ ଯାଉଥିଲା। ଅନ୍ୟ ଜଣେ ଯୁବକ ଏକ ବାଇକ୍‌ରେ ଅଟୋକୁ ସୁରକ୍ଷା ଦେଇ ଆସୁଥିଲେ। କେତେଜଣ ବ୍ୟକ୍ତି ସେମାନଙ୍କୁ ଖଇରା ପୋଲ ନିକଟରେ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଟୋ ଚାଳକଙ୍କୁ ଗୋଚାଲାଣର ଅନୁମତି ପତ୍ର ମାଗିଥିଲା। ଚାଳକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### କଂଗ୍ରେସର ସାଙ୍ଗଠନିକ ବୈଠକ

**କଟକ ସଦର,୨୭।୮(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ ଅଥଙ୍ଗାଠାରେ କନ୍ଦରପୁର ପଞ୍ଚାୟତ କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ମାନସ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ପଞ୍ଚାୟତର କଂଗ୍ରେସ ସଭାପତି ଭାବେ ଗଙ୍ଗାଧର ବେଉରା ଓ କାର୍ଯ୍ୟକାରୀ ସଭାପତି ଭାବେ ବ୍ରହ୍ମାନନ୍ଦ ରାଉତଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ଉଗ୍ରସେନ ଭୂୟାଁ, ଅକ୍ଷୟ ରାଉତ, ସୁରେଶ ଭୋଇ, ବିଚିତ୍ରାନନ୍ଦ ବେଉରା, ବୈକୁଣ୍ଠ ଭୋଇ, ସୀତାକାନ୍ତ ପଣ୍ଡା, ରସିଦ ମହମ୍ମଦ, ଅଜୟ ମଲ୍ଲିକ, ତ୍ରିଲୋଚନ ପଟ୍ଟନାୟକ, ପ୍ରଦୀପ ସାହୁଙ୍କ ଅନ୍ୟମାନେ ଯୋଗଦେଇ ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ମତାମତ ପ୍ରଦାନ କରିଥିଲେ। ବ୍ଲକ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ପୂର୍ବତନ ଜୋନ୍ ସଭାପତି ମନୋରଞ୍ଜନ ଭୋଇ ଧନ୍ୟବାଦ ଦେଇଥିଲେ।

### ପ୍ରଜାତନ୍ତ୍ର ପ୍ରଚାର ସମିତିର ପାଠଚକ୍ର

**କଟକ,୨୭।୮(ସୁପ୍ରିୟା ପ୍ରିୟଦର୍ଶିନୀ):** ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ୩୬୮ତମ ପାଠଚକ୍ରରେ 'ପ୍ରସ୍ତାବିତ ନୂତନ କ୍ରିମିନାଲ ବିଧେୟକ' ଶୀର୍ଷକ ଆଲୋଚନା ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷରେ କ୍ୟାପ୍‌ଟ୍ ଅବସରପ୍ରାପ୍ତ ନ୍ୟାୟାଧୀଶ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇଥିଲେ। ବ୍ରିଟିଶ ସରକାରଙ୍କ ସମୟରୁ ପ୍ରଚଳିତ ଆଇନକୁ ୭୫ବର୍ଷ ମଧ୍ୟରେ କେତେକ ପରିବର୍ତ୍ତନ କରାଯାଇଛି। ସମାଜରେ ବ୍ୟାପକ ପରିବର୍ତ୍ତନ ଆଧାରରେ କେତେକ ସଂଶୋଧନ ହୋଇଥିଲେ ମଧ୍ୟ ସାମ୍ପ୍ରତିକ ପରିସ୍ଥିତିରେ ନୂଆ ଧରଣର ଅପରାଧ ଘଟୁଛି। ଲୋକଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ପ୍ରସ୍ତାବିତ ନୂତନ କ୍ରିମିନାଲ ବିଧେୟକ ସ୍ୱାଗତଯୋଗ୍ୟ ବୋଲି ମହତାବ ମତପ୍ରକାଶ କରିଥିଲେ। ଆଇନଜୀବୀ ଆକାଶ ଭୂୟାଁ, ଜ୍ୟୋତିପ୍ରକାଶ ଘୋଷ, ଉମାଶଙ୍କର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସନ୍ତୋଷ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂଯୋଜକ ଡା. ରବି ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

### ଓମ୍ରା ଅନୁଷ୍ଠାନର ବାର୍ଷିକ ଉତ୍ସବ

**କଟକ,୨୭।୮ (କାର୍ତ୍ତିକ ସାହୁ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓମ୍ରାର ବାର୍ଷିକ ଉତ୍ସବ ରାଣୀହାଟସ୍ଥିତ ଆଏମ୍‌ଏ ସମ୍ମିଳନୀ କକ୍ଷରେ ରବିବାର ପାଳିତ ହୋଇଯାଇଛି। ଓମ୍ରା ସଭାପତି ଡା. ଚିତ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ନିରଞ୍ଜନ ରାଉତ, ସମ୍ମାନିତ ଅତିଥି ଭାବେ କଟକ ସିଟି ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ସୁଧାଂଶୁ ଶେଖର ଗିରି ଯୋଗଦେଇଥିଲେ। ଓମ୍ରା ସମ୍ପାଦିକା ନଳିନୀପ୍ରଭା ମିଶ୍ର ବିବରଣୀ ପାଠ କରିଥିଲେ। ଗଣେଶ ଚନ୍ଦ୍ର ଦାଶ, ମନ୍ଦାକିନୀ ଜେମା, ଚନ୍ଦନ ତ୍ରିପାଠୀ, ବିକ୍ରମ ବାରିକ, ନୟନା ମହାନ୍ତି, ଦିଲ୍ଲୀପ ବଳିଆରସିଂହ ଓ ମଥୁରା ରାଉତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅବିନାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଚୌଦ୍ୱାର ପୌରାଞ୍ଚଳ

# ସମସ୍ୟା ଘେରରେ ୮ନଂ. ୱାର୍ଡ

- ଅଭିଯୋଗ ସତ୍ତ୍ୱେ ପ୍ରତିକାର ବ୍ୟବସ୍ଥା ହେଉନାହିଁ
- ରାସ୍ତାରେ ଜମୁଛି ଡ୍ରେନ୍‌ପାଣି
- ପରିତ୍ୟକ୍ତ ଶ୍ରେଣୀଗୃହ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି

**ଚୌଦ୍ୱାର,୨୭।୮(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକା ଅଧୀନ ୮ ନମ୍ବର ୱାର୍ଡରେ ଅନେକ ସମସ୍ୟା ରହିଛି। ଗତ ଦେଢ ବର୍ଷ ମଧ୍ୟରେ ଏହି ୱାର୍ଡରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ଏପରି କି ୱାର୍ଡବାସୀଙ୍କ ସମସ୍ୟା ସମାଧାନ କରାଯାଉ ନ ଥିବା ସ୍ଥାନୀୟ କାଉନସିଲର ବିଜୟଲକ୍ଷ୍ମୀ ବେହେରା ଅଭିଯୋଗ କରିଛନ୍ତି। ଉକ୍ତ ୱାର୍ଡ଼ରେ ରାସ୍ତାଘାଟ, ଡ୍ରେନ୍, ବିଦ୍ୟାଳୟ ଗୃହ ଓ ଶିକ୍ଷକ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ଲୋକେ କାଉନ୍‌ସିଲର ବେହେରାଙ୍କ ନିକଟରେ ଅଭିଯୋଗ କରିଥିଲେ। ଉପରୋକ୍ତ ସମସ୍ୟା ଦୂର ପାଇଁ ବେହେରା ବାରମ୍ବାର ପୌର ପ୍ରଶାସନକୁ ଜଣାଇଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା କରାଯାଇନାହିଁ। ଫଳରେ ସ୍ଥାନୀୟ ଲୋକଙ୍କ ଅଭିଯୋଗରେ ଅତିଷ୍ଠ ହୋଇ କାଉନସିଲର ବେହେରା ଶୁକ୍ରବାର ୱାର୍ଡ଼ ସଫେଇ କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବା ସହିତ ସଫେଇ କର୍ମଚାରୀମାନଙ୍କୁ ୱାର୍ଡ଼ରୁ ଫେରାଇ ଦେଇଥିଲେ। ଖବରପାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରମୁଖ ୱାର୍ଡ଼ରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ୱାର୍ଡ଼ରେ ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମିବା, ମଠସାହି ରାସ୍ତାରେ ମଇଳା ପାଣି ଜମି ଯାତାୟତ ବାଧାପ୍ରାପ୍ତ ହେବା, ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାଇପ ବିଛା ପାଇଁ ଖୋଳା ଯାଇଥିବା କଂକ୍ରିଟ ଓ ମାଟି ରାସ୍ତା ଉପରେ ଜମି ଅବରୋଧ ହୋଇଥିବା ଓ ସମଗ୍ର ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଏଥିସହ ୱାର୍ଡ଼ରେ ଥିବା ଏକମାତ୍ର ପ୍ରାଥମିକ ବିଦ୍ୟାଳୟରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଶ୍ରେଣୀଗୃହ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବା ୱାର୍ଡ଼ବାସୀ ଅଭିଯୋଗ କରିଛନ୍ତି। ଆଗାମୀ ଦେଢ଼ ମାସ ମଧ୍ୟରେ ଉକ୍ତ ୱାର୍ଡ଼ରେ ଥିବା ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ପୂର୍ବତନ ବିଧାୟକ ବିଶ୍ୱାଳ ଓ ପୌରାଧ୍ୟକ୍ଷା ସାମଲ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଏହି ସମୟ ମଧ୍ୟରେ ପ୍ରତିଶ୍ରୁତି ପାଳନ ନ କରାଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ୱାର୍ଡ଼ବାସୀ ଚେତାବନୀ ଦେଇଛନ୍ତି।



ରାସ୍ତା ଉପରେ ଜମିଥିବା ଡ୍ରେନ୍ ପାଣିରେ ଲୋକମାନେ ଯାତାୟତ କରୁଛନ୍ତି।

# ଯୁବଶକ୍ତି ରାଜ୍ୟ ପ୍ରଗତିର କର୍ଣ୍ଣଧାର ହେବେ

## ଯୁବ, ଛାତ୍ର ବିଜେଡିର କାର୍ଯ୍ୟକାରିଣୀ ବୈଠକ

**ନିଶ୍ଚିନ୍ତକୋଇଲି,୨୭।୮ (ଅଶୋକ କୁମାର ମହାପାତ୍ର)**

ରାଜ୍ୟ ସରକାର ବିକାଶ ପାଇଁ ବହୁ ଜନ କଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯୁବ, ଛାତ୍ର ମାନଙ୍କର ବିକାଶ ପାଇଁ ବିଭିନ୍ନ କଲେଜର ଭିତି ଭୂମିର ବିକାଶ ସାଙ୍ଗକୁ କର୍ମନିଯୁକ୍ତିର ସୁଯୋଗ ଆଣିଛନ୍ତି। ଆଗାମୀ ଦିନରେ ଯୁବ ଶକ୍ତି ହିଁ ଗାଁର ବିକାଶ ଦିଗରେ କାମ କରିବା ସହ ରାଜ୍ୟର ପ୍ରଗତିରେ କର୍ଣ୍ଣଧାର ହେବେ ବୋଲି ବିଜେଡିର ଯୁବ, ଛାତ୍ର କାର୍ଯ୍ୟକାରିଣୀ ବୈଠକରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ନିଶ୍ଚିନ୍ତକୋଇଲି ବ୍ଲକର ସୁକରପଡା ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଅଧ୍ୟକ୍ଷା ରୋଜି ସେଠୀଙ୍କ ପ୍ରତିନିଧି ମନୋଜ କୁମାର ସେଠୀ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଯୁବନେତା ଜ୍ୟୋତିପ୍ରକାଶ ସ୍ୱାଇଁ, ଜିଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ଅନିଲ କୁମାର ଭୂୟାଁ, ସରପଞ୍ଚ ଜୟଦେବ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଆଗାମୀ ବିଧାନସଭା ନିର୍ବାଚନରେ ଦଳକୁ କିପରି ବିଜୟୀ କରାଯିବ ସେନେଇ ଗୁରୁମନ୍ତ୍ର ଦେଇଥିଲେ। ଗଣତନ୍ତ୍ରକୁ ସୁଦୃଢ କରିବାରେ ଯୁବ ଓ ଛାତ୍ରମାନେ ସକ୍ରିୟ ଭୂମିକା ଗ୍ରହଣ କରିବା ନିମନ୍ତେ ସେମାନେ ଆହ୍ୱାନ ଦେଇଥିଲେ। ଯୁବ ନେତା ପ୍ରିୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସେପ୍ଟେମ୍ବର ୯ରେ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏଶନର ବାର୍ଷିକ ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ପ୍ରଫେସର ଜୟନ୍ତ ପଣ୍ଡାଙ୍କ ସହ ଅନ୍ୟମାନେ।

**କଟକ,୨୭।୮ (କାର୍ତ୍ତିକ ସାହୁ)**

ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏଶନର ୩୪ତମ ବାର୍ଷିକ ସମ୍ମିଳନୀ ଆସନ୍ତା ସେପ୍ଟେମ୍ବର ୯ ଓ ୧୦ ତାରିଖ ଦୁଇଦିନ ଧରି କଟକ ସାରଳା ଭବନରେ ଅନୁଷ୍ଠିତ ହେବ। ନବଜାତ ଶିଶୁର ଲାଳନପାଳନ ଓ ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କିତ ପ୍ରସଙ୍ଗକୁ ନେଇ ଏହି ସମ୍ମିଳନୀରେ ବିସ୍ତୃତ ଭାବେ ଆଲୋଚନା ହେବ। ଜାତୀୟ, ଅନ୍ତର୍ଜାତୀୟ ତଥା ରାଜ୍ୟସ୍ତରୀୟ ବହୁ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞମାନେ ଦୁଇ ଦିନ ବ୍ୟାପୀ ବିଭିନ୍ନ ଅଧିବେଶନରେ ଯୋଗଦେବେ। ଶିଶୁ ଜନ୍ମ ହେବାଠାରୁ ଲାଳନପାଳନ ଓ କ୍ରମବିକାଶର ପରବର୍ତ୍ତୀ ସମୟରେ ଶିଶୁର ଶାରୀରିକ, ମାନସିକ ସ୍ଥିତି ସମ୍ପର୍କରେ ବକ୍ତାମାନେ ଆଲୋଚନା କରିବେ। ବିଶେଷକରି ମହାନ୍ ସନ୍ଥ ଶ୍ରୀଅରବିନ୍ଦଙ୍କ ମେଡିକାଲ ଶାସ୍ତ୍ର ପ୍ରୟୋଗ ସମ୍ପର୍କରେ ଚର୍ଚ୍ଚା କରାଯିବ। ଶିଶୁ ଜନ୍ମ ହେବା ପରେ ତା' ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଯିବା ନେଇ ମାଆବାପା ଓ ପରିବାରର ଭୂମିକା ଉପରେ ଆଲୋଚନା କରାଯିବ ବୋଲି କଟକ ମାତୃଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନ୍‌ର ଅର୍ଗାନାଇଜିଂ ଚେୟାରମ୍ୟାନ ପ୍ରଫେସର ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଆସୋସିଏଶନ୍‌ର ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଫେସର ଡା. ଶ୍ୟାମା କାନୁନ୍‌ଗୋ, ମାତୃଭବନ ଟ୍ରଷ୍ଟର ଗଦାଧର ମିଶ୍ର, ପ୍ରସାଦ ତ୍ରିପାଠୀ, ଡ. ବିଜୟିନୀ ମହାପାତ୍ର, ଡ. ସଂଘମିତ୍ରା ପଣ୍ଡା, ସରୋଜ ପଟ୍ଟନାୟକ, ଡ. ସୁଶାନ୍ତ କୁମାର କର, ଗଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ କ୍ଷୁଦ୍ର ନାଟକ, ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା





ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରିସରରେ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିବୃନ୍ଦ।

**କଟକ,୨୭।୮ (କାର୍ତ୍ତିକ ସାହୁ)**

କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରିସରରେ ଜିଲାସ୍ତରୀୟ କ୍ଷୁଦ୍ର ନାଟକ, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୫ଟି ବିଦ୍ୟାଳୟର ଆଇନ ସାକ୍ଷରତା କ୍ଲବରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧ ପ୍ରତିଯୋଗୀତାରେ ବକ୍ସି ବାଳିକା ବିଦ୍ୟାଳୟର ରିବିକା ନାୟକ ପ୍ରଥମ, ରେଭେନ୍‌ଶା ବାଳିକା ବିଦ୍ୟାଳୟର ପ୍ରିୟମ୍ବଦା ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ ଓ ବାସୁଦେବପୁର ଉଚ୍ଚ ବିଦ୍ୟାଳୟର ଜିତ୍‌ଜୟ ପ୍ରକାଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଚିତ୍ରାଙ୍କନ ପ୍ରତିଯୋଗୀତାରେ ନିମପୁର ଉଚ୍ଚ ବିଦ୍ୟାଳୟର ଶୁଭଶ୍ରୀ ଦାସ ପ୍ରଥମ, କାଜିବଜାର ବାଳିକା ଉଚ୍ଚ ବିଦ୍ୟାଳୟର ରିମ୍ପା ସାଙ୍କି ଦ୍ୱିତୀୟ ଓ ରେଭେନ୍‌ଶା କଲିଜିଏଟ୍ ବିଦ୍ୟାଳୟର ଅର୍ଚ୍ଚନା ସ୍ୱାଇଁ ତୃତୀୟ ହୋଇଛନ୍ତି। ବକ୍ତୃତାରେ କାଜିବଜାର ବାଳିକା ବିଦ୍ୟାଳୟର ଶକ୍ତି ସ୍ୱରୂପା ସିଂହସାମନ୍ତ ପ୍ରଥମ, ରେଭେନ୍‌ଶା କଲିଜିଏଟ୍ ସ୍କୁଲର ବଂଶିକା ପ୍ରିୟଦର୍ଶିନୀ ହୋତା ଦ୍ୱିତୀୟ ଓ ନରାଜ ସିଦ୍ଧେଶ୍ୱର ବିଦ୍ୟାମନ୍ଦିରର ବିକାଶ ଦାସ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏଥିସହ କଣ୍ଟାପଡ଼ା ଗୋପବନ୍ଧୁ ନୋଡାଲ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ବରିଷ୍ଠ ନାଗରିକଙ୍କ ଅଧିକାର ଉପରେ କ୍ଷୁଦ୍ର ନାଟକ ପରିବେଷଣ କରି ପ୍ରଥମ, ଖାନ୍‌ନଗର ହାଇସ୍କୁଲ ଘରୋଇ ହିଂସାରୁ ନାରୀମାନଙ୍କ ସୁରକ୍ଷା ଉପରେ କ୍ଷୁଦ୍ର ନାଟକ ପାଇଁ ଦ୍ୱିତୀୟ ହୋଇଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁ, ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ସିଭିଲ୍ କୋର୍ଟର ଦ୍ୱିତୀୟ ସିଭିଲ ଜଜ୍ ବୈଶାଳୀ ନାୟକ, ଅତିରିକ୍ତ ସିଭିଲ ଜଜ୍ ଲୋପାମୁଦ୍ରା ପ୍ରକାଶ, ପଞ୍ଚମ ଅତିରିକ୍ତ ସିଭିଲ ଜଜ୍ ସାନ୍ତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜୋନ୍‌ସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହୋଇଛନ୍ତି ବୋଲି ଘୋଷଣା କରାଯାଇଛି।

## ଶ୍ରୀ କୋଟେଶ୍ୱର କଲ୍ୟାଣ ସମିତି ବାର୍ଷିକ ଅଧିବେଶନ

**କଟକ,୨୭।୮(ସୁପ୍ରିୟା ପ୍ରିୟଦର୍ଶିନୀ):** କଟକ ଜିଲା ଟାଙ୍ଗୀ ଅଞ୍ଚଳର କୋଟେଶ୍ୱର ମନ୍ଦିର ପରିସରସ୍ଥ କଲ୍ୟାଣ ମଣ୍ଡପରେ ଶ୍ରୀ କୋଟେଶ୍ୱର କଲ୍ୟାଣ ସମିତି ବାର୍ଷିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତିର ମୁଖ୍ୟ ପୃଷ୍ଠପୋଷକ ତଥା ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନ ପ୍ରାରମ୍ଭରେ ଦିବଂଗତ ସଦସ୍ୟଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଶୁଭେନ୍ଦ୍ର ନାଥ ଷଡ଼ଙ୍ଗୀ ଗତ ୩ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟ ପୃଷ୍ଠପୋଷକ ଡ. ରଥ ନବନିର୍ମିତ କଲ୍ୟାଣ ମଣ୍ଡପରେ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଜନସାଧାରଣଙ୍କୁ ସୁହାଇଲା ଭଳି ଦେୟ ନିର୍ଦ୍ଧାରଣ କରିବା ବିଷୟରେ କହିଥିଲେ। ମନ୍ଦିରରେ ଠାକୁରଙ୍କ ଦୈନନ୍ଦିନ ପୂଜା, ବିଶେଷ ପର୍ବପର୍ବାଣି ସୁଚାରୁରୂପେ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ସମିତି ସଭାପତି ପ୍ରଦୀପ୍ତ ଚନ୍ଦ୍ର ରଥ, ଲକ୍ଷ୍ମୀନାରାୟଣ ଦାସ, ବାବାଜୀ ମହାନ୍ତି, ଲିଙ୍ଗରାଜ ନାଥ, ବିଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଗିରିଜା ଶଙ୍କର ମିଶ୍ର, ପ୍ରଦୀପ୍ତ ଷଡଙ୍ଗୀ, ପ୍ରତାପ ସାହୁ, ଯଜ୍ଞଦତ୍ତ ଗୌରମୋହନ ନାୟକଙ୍କ ସମେତ ଅନ୍ୟ ସଦସ୍ୟ ଓ ସ୍ଥାନୀୟ ମୁରବି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିକାଶ ଧାରାକୁ ଆଗେଇନେବ ଚନ୍ଦ୍ରୟାନ-୩

**କଟକ,୨୭।୮ (କାର୍ତ୍ତିକ ସାହୁ)**

ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ଚନ୍ଦ୍ରୟାନ-୩ର ସଫଳ ଅବତରଣ ଶୀର୍ଷକରେ ଏକ ଆଲୋଚନାଚକ୍ର ବାଦାମବାଡ଼ିସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଫୋରମ୍‌ର ଉପ ସଭାପତି ତାପସ କୁମାର ଦ୍ୱିବେଦୀ ଭାରତୀୟ ମହାକାଶ ବିଜ୍ଞାନୀମାନଙ୍କୁ ଏହି ମିଶନ ସଫଳ କରାଇଥିବାରୁ ସାଧୁବାଦ ଜଣାଇଥିଲେ। ଦେଶୀୟ ଜ୍ଞାନକୌଶଳରେ ନିର୍ମିତ ଏହି ଯାନ ଭାରତର ବିକାଶର ଧାରାକୁ ଆଗେଇନେବ ବୋଲି ଦ୍ୱିବେଦୀ ଆଶାବ୍ୟକ୍ତ କରିଥିଲେ। ଫୋରମ୍‌ର ସଦସ୍ୟ ଘନଶ୍ୟାମ ମୁଦୁଲି, ଗିରିଧାରୀ ରାଉତ, ସୁଲୋଚନା ପାତ୍ର, ସୂର୍ଯ୍ୟକାନ୍ତ ପଲାଇ, ପଦ୍ମନାଭ ସେଠୀ, ହୃଦାନନ୍ଦ ପଲାଇ, ଗିରିଜା ଶଙ୍କର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଖାନ୍‌ନଗର ତୈଳିକ ବୈଶ୍ୟ ସମାଜର ମହା ଅଧିବେଶନ

**କଟକ,୨୭।୮(ସୁପ୍ରିୟା ପ୍ରିୟଦର୍ଶିନୀ)**

ଖାନ୍‌ନଗର ତୈଳିକ ବୈଶ୍ୟ ସମାଜର ମହା ଅଧିବେଶନ ଗ୍ରାମଦେବୀ ରଣାମା ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଂଶରୀ ଗୋପୀନାଥଜୀଉ ମନ୍ଦିରର ଅଧିକାରୀ ରାଧାମୋହନ ସାହୁ ସଭାପତିତ୍ୱ କରିଥିଲେ। ଗୋପାଳଜୀଉ ମନ୍ଦିରର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଆଗାମୀ ଦିନରେ ହେବାକୁ ଥିବା ସାମାଜିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଖାନ୍‌ନଗର ପୂଜା କମିଟିର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଆଗାମୀ ପାର୍ବଣକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତି ଭାବେ ଶରତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ଭବରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ, ଉପ ସଭାପତି ଭାବେ ପ୍ରକାଶ କୁମାର ସାହୁ, ଟୁଲିଆ ସାହୁ, ରବି ନାରାୟଣ ସାହୁ, ପ୍ରଦୀପ କୁମାର ସାହୁ, ସୋମନାଥ ସାହୁ, ସାଧାରଣ ସମ୍ପାଦକ ଭାବେ ଲଳିତ ମୋହନ ସାହୁ, କୋଷାଧ୍ୟକ୍ଷ ଭାବେ ରାକେଶ ସାହୁଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ ରାଧାମୋହନ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ (ବାବୁଲି ଭାଇ), ପ୍ରଫୁଲ୍ଲ କୁମାର ସାହୁ(ପୂଜା କମିଟି ସାଧାରଣ ସମ୍ପାଦକ) ରାଜକିଶୋର ସାହୁ, ସୁରେନ୍ଦ୍ର ସାହୁ, ନରେନ୍ଦ୍ର କୁମାର ସାହୁ, ଶିବ ପ୍ରସାଦ ସାହୁ, ସନ୍ତୋଷ ସାହୁ, ରମେଶ ଚନ୍ଦ୍ର ସାହୁ, ବିଶ୍ୱନାଥ ସାହୁ, ଯୋଗେନ୍ଦ୍ର ସାହୁଙ୍କୁ ମନୋନୀତ କରାଯାଇଥିଲା। ଏହି ଅବସରରେ ଗ୍ରାମର ବରିଷ୍ଠ ମୁରବି ତଥା ଗୋପାଳଜୀଉ ମନ୍ଦିରର ପୂର୍ବତନ ଅଧିକାରୀ ଲୋକନାଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

# ଏଥର ସହର ପାଇଁ ୬୬ କୋଟିର ପ୍ରକଳ୍ପ

## ସ୍ୱାୟତ୍ତ ଶାସନ ଦିବସ ପ୍ରସ୍ତୁତି

- ଆଜିଠୁ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ

**କଟକ, ୨୭।୮ (ସୁପ୍ରିୟା ପ୍ରିୟଦର୍ଶିନୀ)**

ଆସନ୍ତା ୩୧ରେ ସ୍ୱାୟତ ଶାସନ ଦିବସ ପାଳନ କରାଯିବ। ଏଥିପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅଗଷ୍ଟ ୨୮ ଓ ୨୯ ତାରିଖରେ ୬୬ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ୧୯ କୋଟି ୫୭ ଲକ୍ଷ ଟଙ୍କା ବ୍ୟୟରେ ୧୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରାଯିବ। ନୀଳକଣ୍ଠେଶ୍ୱର ପୋଖରୀର ପୁନରୁଦ୍ଧାର, ଚାଉଳିଆଗଞ୍ଜରେ ଲାଇଟ୍ ହାଉସ କେନ୍ଦ୍ର ନିର୍ମାଣ, ନିମପୁର ଶ୍ମଶାନର ପୁନରୁଦ୍ଧାର, ୩୯ ନଂ. ୱାର୍ଡ ହନୁମାନ ଛକରୁ ବର୍ଦ୍ଧମାନ କମ୍ପାଉଣ୍ଡ ପର୍ଯ୍ୟନ୍ତ ପେଭର ବ୍ଲକ ରାସ୍ତା, ଅନନ୍ତ ଗୋପାଳ ଆଶ୍ରମ ନିକଟରେ ଏମ୍‌ଏସ୍‌ଜି ନିର୍ମାଣ ଓ ମୋ ଖତ କେନ୍ଦ୍ର ନିର୍ମାଣ, ଗାନ୍ଧିପଲ୍ଲୀରେ ଓଏସ୍‌ଡି, ଛୋଟ ଉଦ୍ୟାନ, ଅପର୍ଣ୍ଣାନଗର ଏବଂ ସିଦ୍ଧେଶ୍ୱର ମନ୍ଦିର ନିକଟରେ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ ହେବ। ସେହିପରି କଟକ ସଦର ନିର୍ବାଚନ ମଣ୍ଡଳୀରେ ୧୫.୨୫ କୋଟି ଟଙ୍କା ବ୍ୟୟରେ ୧୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରାଯିବ। ବାଲିସାହିରେ ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ, ବାଳାଶ୍ରମରେ ଆମ ପୋଖରୀ, ଖପୁରିଆ ଶିଳ୍ପାଞ୍ଚଳରେ ୟୁଏଚ୍‌ଡବ୍ଲ୍ୟୁସି, ନୂଆପଡ଼ାରେ ସ୍ମାର୍ଟ ଫୁଟ୍‌ପାଥ, ନୂଆବଜାରରେ ୟୁପିଏଚ୍‌ସି, ବାଲିସାହିରେ ଆଦର୍ଶ ପ୍ରିଫାବ ପାଠାଗାର, ଗୋପାଳପୁର ଦେହୁରି ସାହି ଓ ନୂଆପାଟଣାରେ ସ୍ମାର୍ଟ ପାଠାଗାର, ଗୋପାଳପୁର-ଭୁବନେଶ୍ୱର ରାସ୍ତାରେ ଜୈବ ଶୌଚାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ୩୧.୮ କୋଟି ଟଙ୍କା ବ୍ୟୟରେ ୧୦ଟି ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରାଯିବ। କନିକା ଛକରୁ ହରିଣ ପାର୍କ ଦେଇ ବିଜୁ ପଟ୍ଟନାୟକ ଛକରୁ ଷ୍ଟାଡିୟମ ପର୍ଯ୍ୟନ୍ତ ସ୍ମାର୍ଟ ଫୁଟ୍‌ପାଥ୍‌ର ଭିତ୍ତିପ୍ରସ୍ତର ସ୍ଥାପନ, ବିଜୁ ପଟ୍ଟନାୟକ ଛକ, ସିଡିଏ ସେକ୍ଟର-୯ ଓ ୧୦ରେ ସ୍ମାର୍ଟ ଉଦ୍ୟାନ, ସେକ୍ଟର-୯ରେ ୟୁଏଚ୍‌ଡବ୍ଲ୍ୟୁସି ଉଦ୍‌ଘାଟନ, ସିଡିଏ ଚକ୍ଷୁ ଚିକିତ୍ସାଳୟ ନିକଟରେ ସ୍ମାର୍ଟ ଫୁଟ୍‌ପାଥ୍‌ର ଭିତ୍ତିପ୍ରସ୍ତର ସ୍ଥାପନ, ଚାନ୍ଦିନୀଚୌକ ଓ ସାହେବଜାଦା ବଜାରରେ ୟୁଏଚ୍‌ଡବ୍ଲ୍ୟୁସି, ଝୋଲାସାହିରେ ୟୁପିଏଚ୍‌ସି ଓ ୨୨ ନଂ. ୱାର୍ଡରେ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଥିବା ସିଏମ୍‌ସି ପକ୍ଷରୁ ଜଣାପଡିଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସହୀଦ ଭବନରେ ସଭା ଆୟୋଜନ କରାଯାଇଥାଏ। ହେଲେ ଚଳିତବର୍ଷ ସହୀଦ ଭବନର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ସେକ୍ଟର-୬ସ୍ଥିତ ୱିଣ୍ଡସର ପ୍ଲେସ୍‌ରେ ଏହି କାର୍ଯ୍ୟକ୍ରମ ପାଳନ କରାଯିବ ବୋଲି ଜଣାପଡିଛି।



ମାରୱାଡ଼ି ଯୁବମଞ୍ଚ କଟକ ଓ କଟକ ବିକାଶ ପକ୍ଷରୁ ରବିବାର ମାଣିକଘୋଷ ବଜାରସ୍ଥିତ ମାରୱାଡ଼ି କ୍ଲବ୍ ପରିସରରୁ ବାହାରିଥିବା ସାଇକ୍ଲୋଥନ୍।



ଶ୍ରାବଣମାସ ଶେଷ ସୋମବାରରେ ବିଭିନ୍ନ ଶୈବପୀଠରେ ଜଳଲାଗି କରିବା ପାଇଁ ରବିବାର କଟକ ଗଡ଼ଗଡ଼ିଆଘାଟ ମହାନଦୀତଟରେ ବୋଲ୍‌ବମ୍ ଭକ୍ତମାନେ ଏକତ୍ରିତ ହୋଇଛନ୍ତି।

## ସଂକ୍ଷେପରେ

### ବିଜେବି ହାଇସ୍କୁଲର ୧୨୫ତମ ଜୟନ୍ତୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୨୭।୮ (ପ୍ରଭାତ ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ବିଦ୍ୟାଳୟର ୧୨୫ତମ ଜୟନ୍ତୀ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଲୁମ୍ନି ଆସୋସିଏଶନ୍‌ର ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ୭୦ରୁ ଊର୍ଦ୍ଧ୍ୱ ପୂର୍ବତନ ଆଲୁମ୍ନି ସଦସ୍ୟ ଯୋଗଦେଇଥିଲେ। ପ୍ରାକ୍ତନ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ କମିଟି ସେମାନଙ୍କ ବିବରଣୀ ପାଠ କରିଥିଲେ। ଦିଲ୍ଲୀପ କୁମାର ପଟ୍ଟନାୟକ, ବରିଷ୍ଠ ଅଧିବକ୍ତା ବିଧାନ ଚନ୍ଦ୍ର ମହାନ୍ତି, ପ୍ରାଧ୍ୟାପକ ଗୋପାଳ ଦାସ, ଉମାଶଙ୍କର ପ୍ରସାଦ, ଲକ୍ଷ୍ମୀ ନାରାୟଣ ଭଞ୍ଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପିଲାଙ୍କ ଦ୍ୱାରା ବିଭିନ୍ନ ବିଭାଗରେ ପ୍ରତିଯୋଗିତା କରାଯିବ। ସେହିପରି ଛାତ୍ରମାନେ ବକ୍ସି ଜଗବନ୍ଧୁଙ୍କ ବିଷୟରେ ନାଟକ ପରିବେଷଣ କରିବେ ବୋଲି ବୈଠକରେ ସ୍ଥିର ହୋଇଛି। ଡ. ରାଜକିଶୋର ପରମଗୁରୁ, ଡ. ବିଜୟ କେତନ ପଟ୍ଟନାୟକ, ଡ. ପ୍ରମୋଦ କୁମାର ମେକାପ, ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ସୁରେନ୍ଦ୍ର କୁମାର ମହାନ୍ତି, ନାବାର୍ଡ ଅଧିକାରୀ ବିକ୍ରମ ଦାସ, ଶିକ୍ଷାବିତ୍ ନରସିଂହ ପ୍ରସାଦ ପଟ୍ଟନାୟକ, ସରୋଜ ସୁନ୍ଦର ପଟ୍ଟନାୟକ, ସନ୍ତୋଷ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଧନ୍ୟବାଦ ଦେଇଥିଲେ।

### ପର୍ବତ କ୍ଷୟ ରୋକିବା, ପକ୍ଷୀ ବଂଶ ବିସ୍ତାର ପାଇଁ ଚାରାରୋପଣ

ବୋଲଗଡ଼, ୨୭।୮ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାନପଦରସ୍ଥିତ ବିନ୍ଧ୍ୟଗିରି ପର୍ବତ ଶିଖରରେ ରବିବାର ଶିକ୍ଷକ ଅଶୋକ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଔଷଧୀୟ ଚାରାରୋପଣ ହୋଇଛି। ଏଥିରେ ପଣ୍ଡିତ ଆୟୁର୍ବେଦାଚାର୍ଯ୍ୟ ହରି ଶରଣ ମହାରାଜଙ୍କ ଦ୍ୱାରା ଏହି ଚାରାରୋପଣ ହୋଇଥିଲା। ତାଳ, ଖଜୁରି, କରଞ୍ଜ, କେନ୍ଦୁ, ମହୁଲ, ଲିମ୍ବ ଆଦି ଗଛ ଲଗାଯାଇଛି। ଶ୍ରୀଗୁରୁ ନିଗମାନନ୍ଦ ଆଶ୍ରମର ସମସ୍ତ ଅନ୍ତେବାସୀଙ୍କ ସମେତ ୫୦ଜଣ ବିଦ୍ୟାର୍ଥୀ ଏବଂ ଗୁରୁଜୀ ସୁଦାମ ନାୟକ ଏହି ଚାରାରୋପଣରେ ସହଯୋଗ କରିଥିଲେ। ଆଗାମୀ ଦିନରେ ହଳଦୀବସନ୍ତ, କଜଳପତିଆ, ଭଦଭଦଳିଆ, ବାୟା ଚଢେଇ ପରି ପକ୍ଷୀଙ୍କ ବଂଶ ବିସ୍ତାର ପାଇଁ ଉପଯୋଗୀ ଚାରା ଲଗାଇବା ପାଇଁ ନିଷ୍ପତ୍ତି ହୋଇଛି। ଔଷଧୀୟ ବୃକ୍ଷ ସହିତ ପକ୍ଷୀମାନଙ୍କ ପାଇଁ ନିମ୍ବ, ତେନ୍ତୁଳି, ବରକୋଳି, ହସ୍ତୀଦନ୍ତା, ଫିଙ୍ଗିକ, କଳାଶିଷୁ, ବଉଳ, କୁଙ୍କୁମ, ପାଟୋଳି, ଜାମୁ, ଶଗଡ଼ବାଟିଆ ଆଦି ବୃକ୍ଷରୋପଣ ହୋଇଛି।

### ମଦ ଜବତ, ୩ ଗିରଫ

ପିପିଲି, ୨୭।୮ (ପ୍ରଭାତ କୁମାର ମହାପାତ୍ର)

ପିପିଲି ଥାନା ଅଞ୍ଚଳରେ ଚୋରା ମଦ କାରବାର ବଢିଚାଲିଛି। ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କ ନେତୃତ୍ୱରେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ମଦ ଜବତ କରାଯାଉଛି। ଏଥିସହ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜିତେନ୍ଦ୍ର ମଲ୍ଲିକ, ରବୀନ୍ଦ୍ର ସାହୁ ଓ ବିକାଶ ପରିଡା।

# ଡକାୟତି ଯୋଜନା ବେଳେ ୫ ଧରାପଡ଼ିଲେ

- କଟୁରି, ଛୁରି ଓ ଟର୍ଚ୍ଚ ଜବତ
- ପୂର୍ବରୁ ଅଭିଯୁକ୍ତଙ୍କ ନାମରେ ରହିଛି ଏକାଧିକ ମାମଲା

ପିପିଲି, ୨୭।୮ (ପ୍ରଭାତ କୁମାର ମହାପାତ୍ର)

ଦାଣ୍ଡମକୁନ୍ଦପୁର ବାଇପାସ୍ ଭୋଗୁଆବାଙ୍କ ସ୍ଥିତ ଏକ ଦୋକାନ ପଛପଟେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପିପିଲି ଥାନା ପୋଲିସ ଚଢ଼ାଉ କରି ୫ଜଣ ଡକାୟତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦାଣ୍ଡମକୁନ୍ଦପୁର ଷଟସ ଗ୍ରାମର କରୁଣାକର ସାହୁ(୩୩), ମାନସ ପରିଡା(୩୫), ରୁଦ୍ରନାରାୟଣ ସ୍ୱାଇଁ(୨୧), ଅମରେଶ୍ୱର ଘଡେଇ(୨୮) ଓ ପିପିଲି ଜୟପୁର କିଲ୍ଲା ଗ୍ରାମର ଚନ୍ଦନ ବେହେରା (୨୪)। ଏମାନଙ୍କ ନିକଟରୁ ଗୋଟିଏ କଟୁରି, ଛୁରି, ଲୁହା କଟର ଓ ଟର୍ଚ୍ଚ ଲାଇଟ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୯୨/୨୩)



ଗିରଫ ୫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ମାରଣାସ୍ତ୍ର।

ରୁଜୁ ପରେ ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ନିମାପଡା ଜେଲକୁ ପଠାଇ ଦିଆଯାଇଛି। ୫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ପିପିଲି ଥାନାରେ ଏକାଧିକ ମାମଲା ରହିଥିବା ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଭୋଗୁଆବାଙ୍କ ସ୍ଥିତ ଏକ ଦୋକାନ ପଛପଟେ ଉପରୋକ୍ତ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ପହଞ୍ଚି ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବା ସହିତ ମାରଣାସ୍ତ୍ର ଜବତ କରିଥିଲା।

# ରାଜାରାଜୁଡ଼ା କୀର୍ତ୍ତିକୁ ମନେପକାଇବ 'ମୁଣ୍ଡ ଦେଉଳ'



ଅତିଥିମାନେ ଐତିହାସିକ କାବ୍ୟ 'ମୁଣ୍ଡ ଦେଉଳ' ଲୋକାର୍ପଣ କରୁଛନ୍ତି।

ବେଗୁନିଆ, ୨୭।୮ (ହର ପ୍ରସନ୍ନ ପଣ୍ଡା)

ବିଶିଷ୍ଟ କବି ତଥା ଗବେଷକ ସ୍ୱର୍ଗତ ନଳିନୀକାନ୍ତ ମହାପାତ୍ରଙ୍କ ରଚିତ ଐତିହାସିକ କାବ୍ୟ 'ମୁଣ୍ଡ ଦେଉଳ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନଳିନୀକାନ୍ତ ସ୍ମୃତି ସଂସଦ ଆନୁକୂଲ୍ୟରେ ରବିବାର ସର୍ଗତ କବିଙ୍କ ଜନ୍ମସ୍ଥାନ ବେଗୁନିଆ ବ୍ଲକ ବଡ଼ବେରଣା ଗ୍ରାମସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଆୟୋଜିତ ହୋଇଥିଲା। ଶିକ୍ଷାବିତ୍ ବୈକୁଣ୍ଠ ନାଥ ରାଜଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡ.ନାରାୟଣ ରାଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗବେଷକ ତଥା ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ମୁଖ୍ୟ ବକ୍ତା ଏବଂ ଐତିହାସିକ ସତ୍ୟବାଦୀ ବଳିୟାରସିଂହ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଖଗେଶ୍ୱର ମାର୍ଥା ମଙ୍ଗଳା ଚରଣ ପାଠ କରିବା ପରେ ସ୍ୱର୍ଗତ କବି ନଳିନୀକାନ୍ତଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଆବାହନୀ ସଙ୍ଗୀତ ଗାନ କରିଥିଲେ। ପୁସ୍ତକର ପ୍ରକାଶକ ଡା. ଅମରେନ୍ଦ୍ର ନାଥ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଣ୍ଡ ଦେଉଳ ଖୋର୍ଦ୍ଧା ପାଇକମାନଙ୍କ ବୀରତ୍ୱ ଓ ଅସ୍ମିତାର ପ୍ରତୀକ ବୋଲି ଅତିଥି ରାଓ ଉଦ୍‌ବୋଧନ ଦେଇଥିଲେ। ଉପସ୍ଥିତ ଅତିଥିମାନେ 'ମୁଣ୍ଡ ଦେଉଳ' ପୁସ୍ତକ ସମ୍ପର୍କରେ ଭିନ୍ନ ଭିନ୍ନ ଐତିହାସିକ ଓ ଗବେଷଣାତ୍ମକ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ପୁସ୍ତକଟି ରାଜାରାଜୁଡା କୀର୍ତ୍ତିକୁ ମନେପକାଇଦେବ ବୋଲି ପ୍ରକାଶକ ସୂଚନା ଦେଇଥିଲେ। ଏହି ଅବସରରେ ଶହେ ପୃଷ୍ଠା ସମ୍ବଳିତ 'ମୁଣ୍ଡ ଦେଉଳ' କାବ୍ୟ ଦ୍ୱିତୀୟ ସଂସ୍କରଣକୁ ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ନାଟ୍ୟ ନିର୍ଦ୍ଦେଶକ ଡ.ବନବିହାରୀ ମହାପାତ୍ର, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ପୂର୍ବତନ ସେନା ଅଧିକାରୀ ବସନ୍ତ କୁମାର ମହାପାତ୍ର, ଶିକ୍ଷାବିତ ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ଯୋଗେଶ୍ୱର ସୁନ୍ଦରାୟ, ଜନ୍ମେଶ୍ୱର ମଙ୍ଗରାଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ସଫା କରିବା ଆଳରେ ୨୫ ଗ୍ରାମ୍‌ର ସୁନାଚେନ ଲୁଟ

ନିମାପଡ଼ା, ୨୭।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ନିକଟ ଅମଲାପଡ଼ା ସାହିରେ ୨ ଦୁର୍ବୃତ୍ତ ସୁନା ଅଳଙ୍କାର ସଫା କରିବା ଆଳରେ ସୁନାଚେନ୍ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର ଜିନୁ ସ୍ୱାଇଁ ନାମ୍ନୀ ଜଣେ ମହିଳାଙ୍କ ଘରେ ୨ ଜଣ ଦୁର୍ବୃତ୍ତ ପଶି ସୁନା ସଫା କରିବାକୁ କହିଥିଲେ। ଜିନୁ ତାଙ୍କୁ ୨୫ ଗ୍ରାମ ଓଜନର ସୁନା ଚେନ ସଫା କରିବାକୁ ଦେଇଥିଲେ। ସେତେବେଳେ ଦୁର୍ବୃତ୍ତମାନେ ଏକ ରାସାୟନିକ ପାଉଡର ପ୍ରୟୋଗ କରିଥିଲେ। ଫଳରେ ଜିନୁ ଏବଂ ତାଙ୍କ ପରିବାର ସଦସ୍ୟ ପାଉଡର ବାସ୍ନାରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଉକ୍ତ ସୁନାଚେନ ନେଇ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ଜିନୁ ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାଯିବାବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଏଭଳି ଦୁର୍ବୃତ୍ତଙ୍କୁ ଠାବ କରି ସେମାନଙ୍କ ପ୍ରତି କଡ଼ା ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ପୋଲିସ ନିକଟରେ ଦାବି ହୋଇଛି।

# 'ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ'



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକମାନେ।

ଜଟଣୀ, ୨୭।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ଉପରବସ୍ତ ଗ୍ରାମସ୍ଥିତ କେଦାରେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପାଣ୍ଡବ ଜେନା ଫାଉଣ୍ଡେଶନ ପକ୍ଷରୁ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ ସଭାପତିତ୍ୱ କରିଥିଲେ। ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ତଥା ସାମାଜିକକର୍ମୀ ଡ.ସନ୍ତୋଷ ଜେନା, ପୂର୍ବତନ ଜିଲାପରିଷଦ ସଭ୍ୟା ବିନତି ଜେନା ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ହେଉଛନ୍ତି ସୁସ୍ଥ ଏବଂ ବିକଶିତ ସମାଜର ପଥ ପଦର୍ଶକ। ସେମାନଙ୍କ ଦିଗ୍‌ଦର୍ଶନ କୌଣସି ସଫଳତା ପାଇଁ କାର୍ଯ୍ୟ କରିଥାଏ। ତେଣୁ ବରିଷ୍ଠ ନାଗରିକ ସର୍ବଦା ପୂଜ୍ୟ ଏବଂ ନମସ୍ୟ ବୋଲି ଅତିଥି ଜେନା କହିଥିଲେ। ଜଟଣୀ ବରିଷ୍ଠ ନାଗରିକ କମିଟିର ସଭାପତି ପ୍ରହ୍ଲାଦ ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଭୀମପୁର, ବଡ଼ତୋଟା, ବେଲପଡା, ଉପରବସ୍ତ, ପଦନପୁର, ଖୁଦୁପୁର ଏବଂ ଜଟଣୀ ଆଦି ଅଞ୍ଚଳର ୧୩୨ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହାଡିବନ୍ଧୁ ମାହାନା, ବିଷ୍ଣୁ ମହାପାତ୍ର, ସୁବାସ ଚନ୍ଦ୍ର ବାରିକ, କେଦାର ବାରିକ, ମଗୁଲି ବାରିକ, ପ୍ରକାଶ ମାଝି, ସୁବାସ ବାରିକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ବାବୁ ମହାପାତ୍ର, ମିଟୁ ମହାପାତ୍ର, ବଳବୀର ମାଝି, ବାଗ ସାମନ୍ତରାୟ, ମଙ୍ଗୁ ମହାରଣାଙ୍କ ସମେତ ବହୁ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୀତାକାନ୍ତ ଶତପଥୀ ଧନ୍ୟବାଦ ଦେଇଥିଲେ।

# ତାଲୁକ ଆଇନ ସେବା କମିଟିର ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା, ୨୭।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ସ୍ଥାୟୀ ଲୋକ ଅଦାଲତ ଓ ତାର ବ୍ୟବହାରିକ ପ୍ରୟୋଗ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଦଧିମାଛଗାଡିଆ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଜେଏମ ତଥା ଏଏସଜେ ଶରତ କୁମାର ଜେନା ସଭାପତିତ୍ୱ କରିଥିଲେ। ସତନ୍ତ୍ର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ଓକିଲ ତଥା ନ୍ୟାୟବନ୍ଧୁ ଅଶୋକ କୁମାର ମହାପାତ୍ର ସ୍ଥାୟୀ ଲୋକ ଅଦାଲତ ବିଷୟରେ ଆଲୋକପାତ କରିଥିଲେ। ଏହି ସଭାରେ ବରିଷ୍ଠ ଅଧିବକ୍ତା ବିଜୟ କୁମାର ସାମନ୍ତସିଂହାର, ମୁରଲୀଧର ସାମନ୍ତରାୟ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ, ଗ୍ରାମବାସୀଙ୍କ ପ୍ରମୁଖ ଯୋଗଦେଇଥିଲେ। ତାଲୁକ ଆଇନ ସେବା କମିଟିର ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଜୀବନ ଜ୍ୟୋତି ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନ୍ୟବାଦ ଦେଇଥିଲେ।

# ଆଇଆଇପିଏ ଓ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୨୭।୮ (ଅସମାପିକା ସାହୁ)

ଭାରତୀୟ ଲୋକ ପ୍ରଶାସନ ସଂସ୍ଥାନ(ଆଇଆଇପିଏ) ନୂଆଦିଲ୍ଲୀ ଏବଂ ଓଡ଼ିଶା ସରକାରଙ୍କ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ(ଜିଏଏ) ମଧ୍ୟରେ ଏକ ବୁଝାମଣାପତ୍ର ଶୁକ୍ରବାର ସ୍ୱାକ୍ଷରିତ ହୋଇଛି। ଏହା ରାଜ୍ୟ ତଥା ଦେଶରେ ପ୍ରଶିକ୍ଷଣ ଇକୋ-ସିଷ୍ଟମ୍‌ର କ୍ଷମତା ବୃଦ୍ଧିରେ ସହାୟକ ହେବ। ଆଇଆଇପିଏର ରେଜିଷ୍ଟ୍ରାର ଅମିତାଭ ରଞ୍ଜନ ଏବଂ ଜିଏଏର ଅତିରିକ୍ତ ନିର୍ଦ୍ଦେଶକ ଆରାଧନା ଦାସ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହା ଭାଗୀଦାରି ଭିତ୍ତିକ ଅଧ୍ୟୟନ ତଥା ପ୍ରଶିକ୍ଷଣରେ ଅଧ୍ୟାପକ ବିନିମୟ, ଯୁଗ୍ମ ଗବେଷଣା ପ୍ରକଳ୍ପ ଏବଂ ସୁବିଧା ଆଦାନ ପ୍ରଦାନ ଇତ୍ୟାଦିକୁ ପ୍ରୋତ୍ସାହିତ କରିବ। ଲୋକ ପ୍ରଶାସନ ଓ ଶାସନ ଉପରେ ବ୍ୟାପକ ଜ୍ଞାନ ଆହରଣ କରିବା ଏବଂ ଯୁବ ଓ ଉଦୀୟମାନ ପ୍ରଶାସକଙ୍କ ଆତ୍ମବିଶ୍ୱାସ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ ୨୦୨୦ (ଡିଆର୍) ବ୍ୟାଚ୍‌ର ୧୨୭ଜଣ ଓଏଏସ୍ ପ୍ରୋବେସନରଙ୍କ ପାଇଁ ଗତ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଆଇଆଇପିଏଠାରେ ଏକ ସପ୍ତାହ ବ୍ୟାପୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମଥର ପାଇଁ ଓଏଏସ୍ ପ୍ରୋବେସନରମାନେ ରାଷ୍ଟ୍ରପତି ଭବନ, ସଂସଦ ଭବନ, ପିଏମ୍ ସଂଗ୍ରହାଳୟ, ଯୁଦ୍ଧ ସ୍ମାରକୀ ଓ ଜାତୀୟ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଆଇଆଇପିଏ ଦ୍ୱାରା ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଇଥିବା ବେଳେ ଏହି ସଂସ୍ଥାନ ତରଫରୁ ଡ. ସୁରଭି ପାଣ୍ଡେ ଏବଂ ଗୋପବନ୍ଧୁ ଏକାଡେମୀର ଡ. ମମତାରାଣୀ ନାୟକ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ-ତଥା -ଏକ୍ସପୋଜର ଭିଜିଟ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଖୋର୍ଦ୍ଧା ସବଜେଲରେ ଚର୍ମ, ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମୁକ୍ତ ଶିବିର

ଖୋର୍ଦ୍ଧା, ୨୭।୮ (ପ୍ରଭାତ ପାଣିଗ୍ରାହୀ)

ଅଖିଳ ଭାରତୀୟ ଚର୍ମ ଓ ଯୌନ ରୋଗ ବିଶେଷଜ୍ଞ ସଂଘ ଆନୁକୂଲ୍ୟରେ ଏକ ଚର୍ମ ଏବଂ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମୁକ୍ତ ଶିବିର ଖୋର୍ଦ୍ଧା ଉପକାରାଗାରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମଧ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାରାଗାର ମହାନିର୍ଦ୍ଦେଶକ ମନୋଜ କୁମାର ଛାବ୍ରାଙ୍କ ଅନୁମତି କ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟ ଖୋର୍ଦ୍ଧାର ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ ହରପ୍ରସନ୍ନ ତ୍ରିପାଠୀ ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ। ପରିଚାଳନାରେ ଜେଲ ମେଡିକାଲ ଅଫିସର ଶ୍ୱେତାଲୀନା ସହଯୋଗ କରିଥିଲେ। ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ରାଖୀ ମିଶ୍ର ଅତିଥିଭାବେ ଶିବିରରେ ଯୋଗଦେଇ ଅନ୍ତେବାସୀଙ୍କୁ ଅଙ୍ଗଦାନ ସମ୍ବନ୍ଧରେ ସଚେତନ କରିଥିଲେ। ଏଥିସହ ଅନ୍ତେବାସୀମାନଙ୍କୁ ଆଇନ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାରାଗାର ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ସହ-କାରାପାଳ ବିଜୟ କୁମାର ସାମନ୍ତରାୟ, ଫାର୍ମାସିଷ୍ଟ ଶୈଳେଶ କୁମାର ଷଡ଼ଙ୍ଗୀ, ଚିକିତ୍ସା ସହାୟିକା ଶୁଭଶ୍ରୀ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# 'ବିଦ୍ୟାଳୟରେ ଗୀତା ପଠନକୁ ଗୁରୁତ୍ୱ ଦିଆଯାଉ'

ବେଗୁନିଆ, ୨୭।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବ୍ଲକସ୍ତରୀୟ ୫ମ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୀର ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ସାରା ଓଡ଼ିଶାରେ ଆୟୋଜିତ ଏହି ପ୍ରତିଯୋଗିତାରେ ବେଗୁନିଆ ବ୍ଲକର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟଙ୍କ ଅଧ୍ୟକ୍ଷତାରେ ଗୁରୁଜୀ ପରମହଂସ ପ୍ରଜ୍ଞାନା ନନ୍ଦ ଅତିଥିଭାବେ ଯୋଗଦେଇଥିଲେ। ଶ୍ରୀମଦ ଭଗବତ ଗୀତା ତୃତୀୟ ଅଧ୍ୟାୟ 'କର୍ମଯୋଗ' ବିଷୟ ଉପରେ ପ୍ରତିଯୋଗିତା କରାଯାଇଥିଲା। ୯ଜଣ ବିଚାରକ ମଣ୍ଡଳୀଙ୍କୁ ନେଇ କୃତୀ ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଥିଲା। ଏହି ପ୍ରତିଯୋଗୀମାନେ ଜିଲା ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେଠାରେ କୃତୀ ଛାତ୍ରୀଛାତ୍ରଙ୍କୁ ଏକ ବର୍ଷ ପାଇଁ ବୃତ୍ତି ପ୍ରଦାନ କରାଯାଉଛି। ଏହାର ସୁଯୋଗ ନେବାକୁ ଗୁରୁଜୀ ଆହ୍ୱାନ ଦେଇଥିଲେ। ସେହିପରି ଜୀବନର ଶାନ୍ତି ପ୍ରତିଷ୍ଠା ପାଇଁ ସଭିଏଁ ତଥା ଘରେ ଘରେ ଶ୍ରୀମଦ ଭଗବତ ଗୀତା ଦୈନିକ ପାଠ କରନ୍ତୁ। ରାଜ୍ୟର ସମସ୍ତ ସ୍କୁଲ କଲେଜ ପାଠ ବ୍ୟବସ୍ଥା ମଧ୍ୟରେ ଗୀତା ପଠନକୁ ଗୁରୁତ୍ୱ ଦିଆଯାଉ ବୋଲି ଅତିଥିମାନେ କହିଥିଲେ। ସ୍ୱାମୀ ଆନନ୍ଦା ନନ୍ଦ ଗିରି, ବ୍ରହ୍ମଚାରୀ ତୃପ୍ତାନନ୍ଦ ଏବଂ ବ୍ଲକ ସଂଯୋଜକ ବଂଶୀଧର ଦଳାଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ କୁମାର ମୁନି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟ କୁମାର ସାମନ୍ତରାୟ, ଭାଗୀରଥି ପରିଡ଼ା, ଦୀନବନ୍ଧୁ ପଣ୍ଡା, ପ୍ରଭାତ କୁମାର ଦାଶ, ଅଶୋକ ମହାପାତ୍ର, ମିହିର କୁମାର ଭୂୟାଁ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ ଉପସ୍ଥିତ ଥିଲେ।

# ବଜାରରେ ଇକୋ-ଫ୍ରେଣ୍ଡ୍‌ଲି ରାଖୀ

ଖୋର୍ଦ୍ଧା, ୨୭।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଜଙ୍କିଆ ପଞ୍ଚାୟତର ମା' ବୃନ୍ଦାବତୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଚଳିତ ବର୍ଷ ଇକୋ -ଫ୍ରେଣ୍ଡ୍‌ଲି ରାଖୀ ପ୍ରସ୍ତୁତ କରିଛନ୍ତି। ରାଖୀପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପରିବେଶ ଅନୁକୂଳ ଜୈବିକ ରାଖୀ ପ୍ରସ୍ତୁତ କରାଯାଇଛି। ବଜାରରୁ ଉପଲବ୍ଧ କଞ୍ଚାମାଲ୍‌ରେ ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗର ରାଖୀ ପ୍ରସ୍ତୁତ ହୋଇଛି। ବିଶେଷତଃ ଯଅ, ଧାନ, ଖୋଟ, ମାଳି, କାଇଁଚ, ଶଙ୍ଖରେ ପ୍ରସ୍ତୁତ ହୋଇଛି ଆକର୍ଷଣୀୟ ରାଖୀ। ଧାନ ଓ ଯଅରେ ପ୍ରସ୍ତୁତ ଜଗନ୍ନାଥ ରାଖୀର ବେଶ୍ ଚାହିଦା ରହିଛି। ଏହା ଗ୍ରାହକଙ୍କ ପସନ୍ଦ ହେଉଛି। ସେହିଭଳି ସୁତା, ରଙ୍ଗ, ମାଳି ଓ କାଇଁଚରେ ପ୍ରସ୍ତୁତ ରାଖୀଗୁଡ଼ିକ ମଧ୍ୟ ଆକର୍ଷଣୀୟ ହୋଇପାରିଛି। ଏହି ଗ୍ରୁପ୍‌ର ୧୦ଜଣ ମହିଳା ୩ମାସ କଠିନ ପରିଶ୍ରମ କରି ରାଖୀଗୁଡ଼ିକ ପ୍ରସ୍ତୁତ କରିଛନ୍ତି। ଭଲ ରୋଜଗାର ହେବା ନେଇ ସେମାନେ ଆଶା ବାନ୍ଧିଛନ୍ତି। ସେମାନେ ଚଳିତବର୍ଷ ପ୍ରାୟ ୧୦ ହଜାରରୁ ଅଧିକ ରାଖୀ ପ୍ରସ୍ତୁତ କରିଛନ୍ତି। ବେପାରୀମାନେ ଘରକୁ ଆସି ରାଖୀ କିଣି ନେଉଛନ୍ତି। ୭୦ ପ୍ରତିଶତ ରାଖୀ ବିକ୍ରି ସରିଥିବା ଏହି ଗ୍ରୁପ୍‌ର ମହିଳାମାନେ କହିଛନ୍ତି। ସ୍ଥାନୀୟ ବଜାରରେ ମହିଳା ଗୋଷ୍ଠୀଙ୍କ ସମେତ ଅନ୍‌ଲାଇନରେ ରାଖୀ ବିକ୍ରି ପାଇଁ ସେମାନେ ଯୋଜନା କରିଛନ୍ତି।

## ଖୋଜାପଡୁଛି ଏସ୍‌ଏଚ୍‌ଜି ସଦସ୍ୟାଙ୍କ ତିଆରି ରାଖୀ



ଏନେଇ ସଦସ୍ୟା ଲକ୍ଷ୍ମୀପ୍ରିୟା ବଳବନ୍ତରାୟ କହିଛନ୍ତି, ଘର କାମଧନ୍ଦା ସାରି ଅପରାହ୍ନ ୧ଟାରୁ ୩ଟା ପର୍ଯ୍ୟନ୍ତ ରାଖୀ ତିଆରି କରୁଛୁ। କିଛି ଅର୍ଥ ରୋଜଗାର ହେବା ସହ ଆତ୍ମସ୍ୱାଭିମାନ ବଢିଛି। ସେହିପରି ମଧୁସ୍ମିତା ପାତାଳସିଂହ କହିଛନ୍ତି, ଦି'ପଇସା ରୋଜଗାର ସୁଯୋଗ ମିଳିଛି। ଆଗକୁ ଏହାକୁ ବ୍ୟାପକ କରିବା ପାଇଁ ଲକ୍ଷ୍ୟ ରଖିଛୁ। ବଜାରରେ ଆମ ହାତ ତିଆରି ରାଖୀର ଚାହିଦା ରହିଥିବା ଜାଣିବା ପରେ ଖୁସି ଲାଗୁଛି। ବିନିତା ମନ୍ତ୍ରୀ, ବିଳାସିନୀ ମଙ୍ଗରାଜ ଓ ନନ୍ଦିନୀ ହରିଚନ୍ଦନ କହିଛନ୍ତି, କିଛି ନୂତନ କରିବା ଆଶା ହିଁ ସଫଳତା ଦେଇଛି। ୫ଟଙ୍କାରୁ ଆରମ୍ଭ କରି ପ୍ରାୟ ୫୦ଟଙ୍କା ପର୍ଯ୍ୟନ୍ତ ଦାମ୍ ରହିଛି। ରାଖୀ ତିଆରି ସମାଜରେ ଏକ ପରିଚୟ ଦେବା ସହ ସମ୍ମାନ ବଢାଇଛି। ରେବତୀ ପରମାଣିକ, ସବିତା ହରିଚନ୍ଦନ, ସୀମା ହରିଚନ୍ଦନ, ଲିଜା ପାତଳାସିଂହ ପ୍ରମୁଖ କହିଛନ୍ତି, ଆମେ ପୂର୍ବରୁ ହସ୍ତକଳା, ଘରୋଇ ସାଜସଜ୍ଜା, ଉପକରଣ, ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରୁଥିଲୁ। ବଜାରରେ ବିଭିନ୍ନ ପ୍ରକାର ରାଖୀ ଉପଲବ୍ଧ ଥିଲେ ମଧ୍ୟ ଆମ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ଇକୋ ଫ୍ରେଣ୍ଡଲି ରାଖୀର ଚାହିଦା ରହିଛି।

## ଅନିମା ପ୍ରେରଣାର ଉତ୍ସ

ଜଙ୍କିଆ ପଞ୍ଚାୟତ ଅଧୀନ ବାଲିଗାଡିଆ ଗ୍ରାମର ଅନିମା ସାମନ୍ତରାୟ ଜଣେ ସଫଳ ଉଦ୍ୟୋଗୀ। ସେ ଆତ୍ମନିର୍ଭରଶୀଳ ହେବା ସହ ସ୍ଥାନୀୟ ମହିଳାଙ୍କ ପାଇଁ ମଧ୍ୟ ରୋଜଗାର ବାଟ ଦେଖାଉଛନ୍ତି। ଅନିମା ହସ୍ତଶିଳ୍ପ ପ୍ରଶିକ୍ଷଣ ଦିଅନ୍ତି। ତାଙ୍କ ହାତ ତିଆରି ହସ୍ତକଳାର ସ୍ୱତନ୍ତ୍ରତା ରହିଛି। ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ପାଇଁ ଅନିମା ପ୍ରେରଣାର ଉତ୍ସ ପାଲଟିଛନ୍ତି। ଅନିମାଙ୍କ ପରାମର୍ଶ କ୍ରମେ ଗଢିଉଠିଛି ମା' ବୃନ୍ଦାବତୀ ମହିଳା ଗ୍ରୁପ୍। ସେମାନେ ଘରୋଇ କୁଟୀରଶିଳ୍ପ ମାଧ୍ୟମରେ ରୋଜଗାର କରିପାରୁଛନ୍ତି । ଅନିମା କହିଛନ୍ତି, ସୋସିଆଲ ମିଡିଆରୁ ଦେଖି ଚଳିତ ବର୍ଷ ସ୍ୱତନ୍ତ୍ର ରାଖୀ ପ୍ରସ୍ତୁତ ପାଇଁ ସ୍ଥିର କରିଥିଲୁ। ୨ରୁ ୩ମାସର ଅକ୍ଲାନ୍ତ ପରିଶ୍ରମ ପରେ ଏହି ଜୈବିକ ରାଖୀ ତିଆରି କରାଯାଇଛି। ପୁରୀ ଅଞ୍ଚଳରୁ କଉଡ଼ି ଓ ଶାମୁକା, ଭୁବନେଶ୍ୱରରୁ ମାଳି, ଜଙ୍ଗୁରା, ଗୋଟାପତି ଏବଂ କଟକରୁ ଉଲ୍, ଝୁମ୍‌କି, ଭେଲ୍‌ଭେଟ କପଡ଼ା, ରଙ୍ଗିନ ପେପର ପ୍ରଭୃତି ଆଣି ଘରେ କାଟି ରାଖୀ ପ୍ରସ୍ତୁତ କରିଛୁ। ପ୍ରାୟ ୫୦ହଜାର ଟଙ୍କାର ମାଲ ଆଣିଥିଲୁ। ଚଳିତ ବର୍ଷ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରାଖୀ ବିକ୍ରୀ ହେବ ବୋଲି ଆଶା ରଖିଛୁ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୮।୨୦୨୩

| | |
|---|---|
| ୫,୬୩,୫୭୬ ଟଙ୍କା | |
| ସୁନା | ୧.୦୫୦ ଗ୍ରାମ୍ |
| ରୁପା | ୯.୨୦୦ ଗ୍ରାମ୍ |

# ଶେଷ ପର୍ଯ୍ୟାୟରେ ମହାପ୍ରଭୁଙ୍କ ରାଖୀ ପ୍ରସ୍ତୁତି

ପୁରୀ,୨୭।୮ (ଅଜିତ ମହାନ୍ତି):

ରକ୍ଷାବନ୍ଧନ ଭାଇ-ଭଉଣୀଙ୍କ ମଧ୍ୟରେ ଥିବା ସ୍ନେହ ଓ ପବିତ୍ର ବନ୍ଧନର ପର୍ବକୁ ଦର୍ଶାଇଥାଏ। ଏହି ଦିନ ଭାଇର ସୁରକ୍ଷା ଓ ଉନ୍ନତି କାମନା କରି ଭଉଣୀଟିଏ ଭାଇ ହାତରେ ରାଖୀ ବାନ୍ଧିଥାଏ। ଆଉ ପ୍ରତି ବଦଳରେ ଭଉଣୀକୁ ଭାଇଠାରୁ ସଦାସର୍ବଦା ତା'ର ଆପଦବିପଦରେ ସୁରକ୍ଷା ଦେବା ସହ ସାଥୀ ହୋଇ ଠିଆହେବାର ପ୍ରତିବଦ୍ଧତା ଉପହାର ସ୍ୱରୂପ ମିଳିଥାଏ। ଏହି ପବିତ୍ର ବନ୍ଧନର ଝଲକ ଶ୍ରୀମନ୍ଦିରରେ ତଥା ଶ୍ରୀଜଗନ୍ନାଥ ସଂସ୍କୃତିରେ ମଧ୍ୟ ଦେଖିବାକୁ ମିଳିଥାଏ। ଶ୍ରାବଣ ମାସର ପୂର୍ଣ୍ଣିମାରେ ପବିତ୍ର ରକ୍ଷାବନ୍ଧନପର୍ବ ତଥା ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମଦିନ ପାଳନ କରାଯାଇଥାଏ। ଚଳିତ ମାସ ୩୧ ତାରିଖରେ ରକ୍ଷା ବନ୍ଧନ ପଡୁଛି। ମହାପ୍ରଭୁଙ୍କ ମାନବୀୟ ଲୀଳା ମଧ୍ୟରେ ରକ୍ଷାବନ୍ଧନ ଅନନ୍ୟ। ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ, ଦେବୀ ସୁଭଦ୍ରା ତାଙ୍କର ଦୁଇଭାଇ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ହାତରେ ରାଖୀ ବାନ୍ଧି ପରମ୍ପରାର ପବିତ୍ର ସମ୍ପର୍କକୁ ଦର୍ଶାଇ ଥାଆନ୍ତି। ଏଥିପାଇଁ ପାଟରା ବିଶୋଇ ସେବକମାନେ ରାଖୀ ପ୍ରସ୍ତୁତିରେ ଲାଗିଛନ୍ତି। ଏହିଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥାଏ। ବଡଠାକୁର ବଳଭଦ୍ରଙ୍କ ଜନ୍ମଦିନ ସହିତ ରକ୍ଷାବନ୍ଧନ ନୀତି ପାଳନ କରାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡଠାକୁର ବଳଭଦ୍ର ୨ଟି ଲେଖାଏ ରାଖୀ ଓ ୨ଟି ଲେଖାଏ ଗୁଆମାଳ ପରିଧାନ କରନ୍ତି। ପାଟରା ବିଶୋଇ ସେବକ ବାସୁଙ୍ଗା ପାଟରେ ରାଖୀ ଓ ଗୁଆମାଳ ପ୍ରସ୍ତୁତ କରିଥାନ୍ତି। ପ୍ରାୟ ୧୫ କିଲୋ ବାସୁଙ୍ଗୀ ପାଟରେ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ରାଖୀକୁ ପାଟରା ସେବାୟତ ଚିତାଲାଗି ଅମାବାସ୍ୟା ପରଠାରୁ ପ୍ରସ୍ତୁତ କରିଥାଆନ୍ତି। ନାଲି,ସବୁଜ,ହଳଦିଆ ଓ ନୀଳ ରଙ୍ଗର ଏହି ଗୁଆମାଳ ରାଖୀକୁ ମଧ୍ୟ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଥାଏ। ମାଣିଆବନ୍ଧରେ ତିଆରି ହୋଇଥିବା ପାଟସୂତାରୁ ଏହି ରାଖୀ ପ୍ରସ୍ତୁତ ହୋଇଥାଏ। ପ୍ରଥମେ ବାସୁଙ୍ଗା ପାଟକୁ ୪ ପ୍ରକାର ରଙ୍ଗ ଯଥା ନାଲି, ନେଳି, ବାଇଗଣୀ ଏବଂ ହଳଦିଆ ରଙ୍ଗ କରାଯାଏ। ଏହାକୁ ପାନିଆ ସାହାଯ୍ୟରେ ସୂତା ଭଳି କରାଯାଏ। ସୂତା ଓ ଛୁଞ୍ଚି ଦ୍ୱାରା ଚାରି ରଙ୍ଗର ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ ହୋଇଥାଏ। ଏହି ୪ଟି ରଙ୍ଗର ପାଟରେ ରାଖୀଗୁଡ଼ିକ ଚାରି ପରସ୍ତ ହୋଇ ତିଆରି ହୋଇଥାଏ। ଦୁଇ ଠାକୁର ଦୁଇ ହାତରେ ଦୁଇଟି ଲେଖାଏ ରାଖୀ ପରିଧାନ କରନ୍ତି। ସେହିପରି ୪ଟି ରଙ୍ଗର ୪ଟି ଗୁଆମାଳ ପ୍ରସ୍ତୁତ କରାଯାଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି, ବଳଭଦ୍ର ବାଇଗଣୀ ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରନ୍ତି। ୫୪ଟି ଗୁଆରେ ଗୋଟିଏ ଲେଖାଏ ମାଳ ପ୍ରସ୍ତୁତ ହୋଇଥାଏ। ପାଟରା ବିଶୋଇ ଜଗନ୍ନାଥ ମହାପାତ୍ର କହନ୍ତି, ରକ୍ଷାବନ୍ଧନର ୧୦ରୁ ୧୨ ଦିନ ପୂର୍ବରୁ ମହାପ୍ରଭୁଙ୍କ ଲାଗି ରାଖୀ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଥାଏ। ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ପାଇଁ ୪ଟି ରାଖୀ ପ୍ରସ୍ତୁତ ହେଉଥିବାବେଳେ ପାର୍ଶ୍ୱ ଦେବତାଙ୍କ ପାଇଁ ଛୋଟ ରାଖୀ ତିଆରି କରାଯାଇଥାଏ। ଶୁଦ୍ଧପୂତ ଭାବେ ରହି ନିଷ୍ଠାର ସହ ରାଖୀ ତିଆରି କରିବାକୁ ପଡ଼ିଥାଏ। ଗହ୍ମା ପୂର୍ଣ୍ଣିମା ସକାଳେ ଶ୍ରୀମନ୍ଦିରରୁ ଚର୍ଚ୍ଚା ଆସି ଡାକିଥାନ୍ତି। ଏହାପରେ ରାଖୀ ଏବଂ ଗୁଆମାଳ ଦୁଇଟି ତାଡ଼ରେ ଶ୍ରୀମନ୍ଦିରକୁ ଯାଇଥାଏ। ସେ ନିମିତ୍ତ ମାତ୍ର, ମହାପ୍ରଭୁ ତାଙ୍କ ପାଇଁ ନିଜେ ରାଖୀ ନିର୍ମାଣ କରିଥାନ୍ତି ବୋଲି ମହାପାତ୍ର ଭାବବିହ୍ୱଳ କଣ୍ଠରେ ପ୍ରକାଶ କରିଛନ୍ତି।





ପୁରୀ ରେଳଷ୍ଟେଶନର ଆଧୁନିକୀକରଣ ପାଇଁ ନିର୍ମାଣ କାର୍ଯ୍ୟ ଜାରିରହିଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

## ୧୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ୩ ଗିରଫ

ପୁରୀ,୨୭।୮ (ଅଜିତ୍ ମହାନ୍ତି):

ବ୍ରାଉନସୁଗାର କାରବାର ଅଭିଯୋଗରେ ସଦର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ସୁଲଭାଦେଇପୁର ଗ୍ରାମର ବାନାମ୍ବର ବେହେରା, ସଦର ଥାନା ଅନ୍ତର୍ଗତ ଉତ୍ତରେଶ୍ୱରପଡ଼ା ଗ୍ରାମର ପ୍ରଶାନ୍ତ ପ୍ରଧାନ ଏବଂ ସତ୍ୟବାଦୀ ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ଚକ୍ରଧର ବେହେରା। ଅଭିଯୁକ୍ତମାନଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର, ଓଡି ୧୩-ଡି ୧୯୪୯ ନମ୍ବର ବିଶିଷ୍ଟ ଗୋଟିଏ ହିରୋ ଗ୍ଲାମର ବାଇକ୍, ୩ ମୋବାଇଲ ଫୋନ ଏବଂ ୧୨୦୦ ଟଙ୍କା ଜବତ କରିଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏନେଇ ପୋଲିସ ଏକ କେସ୍ (ନଂ.୧୭୬/୨୩) ରୁଜୁ କରିଛି। ମାଳତିପାଟପୁର ରେଲୱେ ଓଭରବ୍ରିଜ୍ ନିକଟରେ ଚଢାଉ କରି ପୋଲିସ ଏହି ଅଭିଯୁକ୍ତମାନଙ୍କୁ ଧରିବା ସହ ବ୍ରାଉନସୁଗାର ଜବତ କରିଥିଲା।

## ଶାନ୍ତି ଆନନ୍ଦ ଆଶ୍ରମ, କଣାସ ବଡ଼ମଠରେ ଝୁଲଣଯାତ୍ରା

କଣାସ,୨୭।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତି ଆନନ୍ଦ ଆଶ୍ରମରେ ଶନିବାରଠାରୁ ଝୁଲଣଯାତ୍ରା ଆରମ୍ଭ ହୋଇଛି। ଏହି ଝୁଲଣ ଯାତ୍ରା ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ଠାକୁର ଅଭିରାମ ପରମହଂସଙ୍କ ପ୍ରତିମୂର୍ତ୍ତି ଓ ରାଧାଗୋବିନ୍ଦଙ୍କ ପ୍ରତିମୂର୍ତ୍ତି ସୁସଜ୍ଜିତ ଚଉଡଳରେ ଝୁଲଣମଣ୍ଡପକୁ ବିଜେ କରନ୍ତି। ସୁସଜ୍ଜିତ ମଣ୍ଡପରେ ଦୋଳିରେ ଦୁଇ ବିଗ୍ରହ ମଧ୍ୟରାତ୍ର ପର୍ଯ୍ୟନ୍ତ ଝୁଲନ୍ତି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୁନଶ୍ଚ ମଧ୍ୟରାତ୍ରରେ ବିଗ୍ରହ ଦ୍ୱୟ ନିଜର ମନ୍ଦିରକୁ ଫେରନ୍ତି। ବାବାଜି ବନବିହାରୀ ଦାସ ଏହି ଝୁଲଣ ଯାତ୍ରାର ତତ୍ତ୍ୱାବଧାନ କରୁଛନ୍ତି। ସେହିପରି କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର କଣାସ ବଡ଼ମଠରେ ଝୁଲଣଯାତ୍ରା ରବିବାରଠାରୁ ଆରମ୍ଭ ହୋଇଛି। ରାଧାଗୋବିନ୍ଦ ଦ୍ୱୟ ସୁସଜ୍ଜିତ ଚଉଡଳରେ ନିଜର ମନ୍ଦିରରୁ ବାହାରି ଝୁଲଣ ମଣ୍ଡପକୁ ଯାଆନ୍ତି। ଝୁଲଣ ମଣ୍ଡପରେ ଦୋଳିରେ ଝୁଲନ୍ତି। ମଧ୍ୟରାତ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ନାମ ସଂକୀର୍ତ୍ତନ, ଭାଗବତ ଚର୍ଚ୍ଚା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପରେ ମଧ୍ୟରାତ୍ରକୁ ଠାକୁର ମନ୍ଦିରକୁ ଫେରନ୍ତି। କଣାସ ବଡମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସମହାରାଜ ଏହି ଝୁଲଣ ଯାତ୍ରାର ତତ୍ତ୍ୱାବଧାନ କରୁଛନ୍ତି।

## ସୁରକ୍ଷା ବାଡ଼ ନ ଥିବାରୁ ଗୋରୁ ଖାଇଗଲେ ଗଛ

କଣାସ,୨୭।୮ (ବିଭୂତି ଭୂଷଣ ତ୍ରିପାଠୀ)

ଗତବର୍ଷ କଣାସ ବ୍ଲକର ବିଭିନ୍ନ ରାସ୍ତାରେ ଖୋର୍ଦ୍ଧା ବନ ବିଭାଗ ପକ୍ଷରୁ ଚାରାରୋପଣ ହୋଇଥିଲା। ସେଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡିଛି। ପୁନଶ୍ଚ ଖୋର୍ଦ୍ଧା ବନ ବିଭାଗ ପକ୍ଷରୁ କଣାସ ବ୍ଲକର ଅଡାଳଠାରୁ ମାଆଙ୍କ ଗାଁ ପର୍ଯ୍ୟନ୍ତ ୬ କି.ମି. ରାସ୍ତାରେ ମାସକ ତଳେ କେତେକ ଗଛ ଲଗାଯାଇଥିଲା। ହେଲେ ଗଛର ସୁରକ୍ଷା ପାଇଁ ସୁରକ୍ଷା ବାଡ଼ ନ ଥିବାରୁ ଗାଈ, ଛେଳି, ମେଣ୍ଢା ଉକ୍ତ ଗଛକୁ ଖାଇ ଲଣ୍ଡା କରିଦେଇଛନ୍ତି। ଡେଲାଙ୍ଗ-କଣାସ ରେଞ୍ଜର ସାନ୍ତନୁ ଦଳାଇଙ୍କୁ ଏ ସମ୍ପର୍କରେ ପଚାରିବାରୁ, ଗଛର ସୁରକ୍ଷା ପାଇଁ ଜରି ଅଖା ପୂର୍ବରୁ ଗୁଡା ଯାଉଥିଲା। ସେଗୁଡ଼ିକୁ ଲୋକେ ନେଇ ଯାଉଥିବାରୁ ବାଉଁଶ ବାଡ଼ ତାଟି ବରାଦ ଦିଆଯାଇଛି। ବାଉଁଶ ବାଡ଼ ତାଟି ଆସିଲେ ଗଛକୁ ସୁରକ୍ଷା ଦିଆଯିବ ବୋଲି କହିଥିଲେ।

# 'ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି ସରକାର'

### ଓଡ଼ିଶା ଅମଲା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ପୁରୀ,୨୭।୮ (ଅଜିତ ମହାନ୍ତି):

ଓଡ଼ିଶା ଅମଲା ସଂଘର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ପୁରୀ ଜିଲା ଶାଖା ସଭାପତି ମହେନ୍ଦ୍ର କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ପୁରୀ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ରାଜ୍ୟ ସଭାପତି ଜ୍ଞାନରଞ୍ଜନ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ଅଧ୍ୟକ୍ଷ ହୃଦୟ ବିହାରୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାସ୍ତରୀୟ ଅମଲାଙ୍କ ମୂଳ ଦରମା ଲେଭଲ-୯ (୪୨୦୦) ଦାବି ପ୍ରତି ସରକାର କର୍ଣ୍ଣପାତ କରୁନାହାନ୍ତି ବୋଲି ସଂଘ କର୍ମକର୍ତ୍ତା କହିଥିଲେ। ଏ ନେଇ ପୂର୍ବରୁ ଅମଲା ସଂଘ ପକ୍ଷରୁ ସରକାରଙ୍କ ପାଖରେ ଅନେକ ଥର ଦାବି ରଖାଯିବା ସହ ଦୁଇଥର ବୈଠକ ହୋଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ସରକାର ଯଦି ଆସନ୍ତା ସେପ୍ଟେମ୍ବର ୧୦ ତାରିଖ ସୁଦ୍ଧା ଅମଲାମାନଙ୍କ ଦାବି ପୂରଣ ନ କରନ୍ତି, ତେବେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ସଂଘର ସାଧାରଣ ସମ୍ପାଦକ ତରାସିଆ କହିଛନ୍ତି। ସେହିପରି ସଦସ୍ୟମାନେ ତୁରନ୍ତ ଦାବି ପୂରଣ ପାଇଁ ମତବ୍ୟକ୍ତ କରିଥିଲେ। ବୈଠକରେ ସମସ୍ତ ୩୦ ଜିଲାର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ମାନସ କୁମାର ପାତ୍ର ଓ ରାଜେନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହ୍ୟାଣ୍ଡବଲ ଆସୋସିଏଶନ୍ କାର୍ଯ୍ୟକାରୀ ସମିତିର ଅଧିବେଶନ

ପୁରୀ, ୨୭।୮ (ଅଜିତ ମହାନ୍ତି)

ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ୍ କାର୍ଯ୍ୟକାରୀ ସମିତିର ବାର୍ଷିକ ଅଧିବେଶନ ରବିବାର ବଡ଼ଶଙ୍ଖସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ ସଂଘର ସଭାପତି ଗୋପୀନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବୀରେନ୍ଦ୍ର ବେହେରା, ବରିଷ୍ଠ ଉପସଭାପତି ପ୍ରେମାନନ୍ଦ ବିହାରୀ, ସହସମ୍ପାଦକ ଯଶୋବନ୍ତ ପରମଗୁରୁ, ନଟବର ସେଠୀ, ଉପସଭାପତି ବଦ୍ରିନାରାୟଣ ମିଶ୍ର, ସହସମ୍ପାଦିକା ନିହାରୀକା ପଣ୍ଡା, କୋଷାଧ୍ୟକ୍ଷ ଉପେନ୍ଦ୍ରନାଥ ଦାସ, ଅର୍ଣ୍ଣବ କୁମାର ସିହ୍ନା, ବିଭୁ ପ୍ରସାଦ ରଥ, କୈଳାସ ନାୟକ, ଶ୍ରୀପ୍ରସାଦ ରାୟ, ରଣଜିତ୍ ମିଶ୍ର, ରାଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ଗତ ସଭାର କାର୍ଯ୍ୟକାରୀ ସମିତିର ଏଜେଣ୍ଡା କାର୍ଯ୍ୟକାରୀ କରାଯାଇଥିଲା। ଏହି ଅବସରରେ ୨୨-୨୩ ମସିହାର ସମ୍ପାଦ ବିବରଣୀ ଅନୁମୋଦିତ ହେବା ସହ ଅଡିଟ ରିପୋର୍ଟ ଉପସ୍ଥାପନ କରାଯାଇ ଅନୁମୋଦନ କରାଯାଇଥିଲା। ସେହିପରି ବିଭିନ୍ନ ସବ୍‌କମିଟି ଗଠନ ଏବଂ ରାଜ୍ୟ ପ୍ରତିଯୋଗିତାର ସ୍ଥାନ ଓ ତାରିଖ ନିର୍ଦ୍ଧାରଣ କରାଯାଇଥିବା ନେଇ ସଂଘର ରାଜ୍ୟ ସମ୍ପାଦକ ବେହେରା ସୂଚନା ଦେଇଛନ୍ତି।

# ଆଇନସେବା ପ୍ରାଧିକରଣ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

### ପ୍ରବନ୍ଧରେ ବିଶ୍ୱମ୍ଭର ବିଦ୍ୟାପୀଠ, ବକ୍ତୃତାରେ ଗଦାଧର ଉଚ୍ଚ ବିଦ୍ୟାଳୟ, ଚିତ୍ରାଙ୍କନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ପୁରୀ ଜିଲା ସ୍କୁଲ ପ୍ରଥମ



ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ କ୍ଷୁଦ୍ର ନାଟକର ଏକ ଦୃଶ୍ୟ।

ପୁରୀ, ୨୭।୮ (ଅଜିତ ମହାନ୍ତି):

ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ପୁରୀ ସିଭିଲ କୋର୍ଟ ପରିସରସ୍ଥ ବିକଳ୍ପ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଇନ ସାକ୍ଷରତା କ୍ଲବର ଛାତ୍ରୀଛାତ୍ରଙ୍କୁ ନେଇ ଜିଲା ସଂସ୍କୃତି ଭବନରେ କ୍ଷୁଦ୍ର ନାଟକ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶାନୁଯାୟୀ ଏହି ଆଇନ ସାକ୍ଷରତା ମହୋତ୍ସବ ପାଳନ କରାଯାଇଥିଲା। ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ୧୨ଟି, ଚିତ୍ରାଙ୍କନରେ ୧୩ଟି ଏବଂ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ୮ଟି ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଶୀତିକଣ୍ଠ ସାମଲ, ସଚିବ ଅମିତ୍ କୁମାର ବାରିକ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଦେବାଶିଷ ବିଶୋଇ, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଦିଗ୍‌ବିଜୟ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତନ୍ମୟ ରଞ୍ଜନ ଦାସ, ଶୃତକୀର୍ତ୍ତି ଆଚାର୍ଯ୍ୟ, ଆର୍ଟ ଓ କ୍ରାଫ୍ଟ କଲେଜର ଅଧ୍ୟକ୍ଷ ଦୁର୍ଗାମାଧବ କର, କଳା ଶିକ୍ଷକ କାଞ୍ଚନ ଶୁକ୍ଲା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ରଙ୍ଗଶାଳା ନିର୍ଦ୍ଦେଶକ ବିକ୍ରମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ବିଶ୍ୱମ୍ଭର ବିଦ୍ୟାପୀଠ, ବକ୍ତୃତାରେ ଗଦାଧର ଉଚ୍ଚ ବିଦ୍ୟାଳୟ, ଚିତ୍ରାଙ୍କନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ପୁରୀ ଜିଲା ସ୍କୁଲ ପ୍ରଥମ ସ୍ଥାନ ହାସଲ କରିଛି। କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟଗୁଡ଼ିକ ଜୋନସ୍ତରୀୟ ସାକ୍ଷରତା ମହୋତ୍ସବରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲା ଆଇନସେବା ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍‌ଙ୍କ ଆଦେଶାନୁସାରେ ପ୍ରାଧିକରଣ ସଚିବ ଅମିତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ଜ୍ଞାନ ବିଜ୍ଞାନ ହିଁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିଥାଏ




ସମାରୋହରେ ଅତିଥିଙ୍କ ସହ ଶିଶୁମାନେ ।

### ଶିଶୁ ପ୍ରତିଭା ସମାରୋହ ଉଦ୍‌ଘାଟିତ

ଗୋପ,୨୭।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଜ୍ଞାନ ବିଜ୍ଞାନ ହିଁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିଥାଏ। ଛାତ୍ରୀଛାତ୍ର ଆଜିର ବିଜ୍ଞାନ ଯୁଗରେ ନିଜର ବାସ୍ତବତାକୁ ପରିପ୍ରକାଶ କରିବା ଆବଶ୍ୟକତା ରହିଛି। ଗୋପ ବ୍ଲକସ୍ଥିତ ଦଳନଇ ବିନାୟକ ଇଂଲିଶ ମିଡିୟମ ସ୍କୁଲରେ ପିଲାଙ୍କ ଖବରକାଗଜ 'ବାନରସେନା'ର ପ୍ରଥମ ଶିଶୁ ପ୍ରତିଭା ସମାରୋହ ୨୦୨୩ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହା କହିଥିଲେ। 'ବାନରସେନା'ର ସମ୍ପାଦକ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଦୁକର ବିଧୁଭୂଷଣ ନାୟକ, ବିଦ୍ୟାଳୟ ସମ୍ପାଦକ ଗୌରାଙ୍ଗ ଚରଣ ଦାଶ, ଅଧ୍ୟକ୍ଷା ସୁଜାତା ସିହ୍ନା ଯୋଗ ଦେଇଥିଲେ। ଏହି ପତ୍ରିକା ଆମ ଅଞ୍ଚଳ ସମେତ ରାଜ୍ୟର ଅନେକ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ପାରିଛି। ପ୍ରକାଶିତ ବିଭିନ୍ନ ଗଳ୍ପ, କବିତା, ଚିତ୍ରାଙ୍କନ ଦ୍ୱାରା ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇପାରିଥିବା କହିଥିଲେ। ପୂର୍ବରୁ ବିଭିନ୍ନ ସ୍କୁଲରେ ଅନୁଷ୍ଠିତ ପ୍ରବନ୍ଧ, କବିତା, ସାଧାରଣ ଜ୍ଞାନ ବିଜ୍ଞାନ, ବକ୍ତୃତା, ନୃତ୍ୟ ସହିତ ଆଉ କେତେକ ପ୍ରତିଯୋଗିତାର କୃତୀ ୪୨ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଶିଶୁ ସମାରୋହରେ ଚଳିତ ମାସରେ ପ୍ରକାଶିତ 'ବାନରସେନା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିଶୁ ପ୍ରତିଭା ସମାରୋହକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ବରାଳ, ଗିତାଞ୍ଜଳି ପ୍ରଧାନ, ମାମାଲି ପ୍ରଧାନ, ଇତିଶ୍ରୀ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

# ୮ କୋଟି ଟଙ୍କା ବ୍ୟୟରେ ୩୩ ପ୍ରକଳ୍ପ ଉଦ୍‌ଘାଟନ ହେବ

ନିମାପଡ଼ା,୨୭।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସିର ୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୩୧ ତାରିଖ ଓ ସେପ୍ଟେମ୍ବର ପହିଲା ୨ ଦିନ ବ୍ୟାପୀ ଏନ୍‌ଏସିର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଡ଼ମ୍ବରରେ ପାଳନ ହେବ। ଆସନ୍ତା ୩୧ରେ ମଧ୍ୟ ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଯଥାରୀତି ପାଳନ ହେବ। ୨ ଦିନ ବ୍ୟାପୀ ଏହି ସମାରୋହରେ ଶକ୍ତି ଓ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ, କୃଷିମନ୍ତ୍ରୀ ରାଜା ସ୍ୱାଇଁ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ପ୍ରମୁଖ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହି ଅବସରରେ ୨ ଦିନ ବ୍ୟାପୀ ଏନ୍‌ଏସି ପକ୍ଷରୁ ପ୍ରାୟ ୫କୋଟି ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ ରାସ୍ତା, ଡ୍ରେନ, ଭେଣ୍ଡିଂ ଜୋନ, ମାର୍କେଟ କମ୍ପ୍ଲେକ୍ସ, ପରିସ୍ରାଗାର (ଲୁ), ସ୍ମାର୍ଟ ଶ୍ମଶାନ ଆଦି ୨୧ଟି ନବନିର୍ମିତ ନୂତନ ପ୍ରକଳ୍ପର ଉଦ୍‌ଘାଟନ ଓ ଲୋକାର୍ପଣ ହେବା ସହ ପ୍ରାୟ ୩କୋଟି ଟଙ୍କା ବ୍ୟୟରେ ପେ ରୋଡ, ଡ୍ରେନ, ମିଶନଶକ୍ତି ଗୃହ ଆଦି ୧୨ଟି ପ୍ରକଳ୍ପ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏହି ସମାରୋହ ଅବସରରେ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଓ ପ୍ରତିଭାଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯିବ ବୋଲି ଜଣାପଡିଛି। ୨୧ଟି ନବନିର୍ମିତ ପ୍ରକଳ୍ପ ଲୋକାର୍ପିତ ହେଲେ ପୌରବାସୀ ବହୁଳ ଭାବେ ଉପକୃତ ହେବେ ବୋଲି ବିଧାୟକ ଦାଶ, ଏନ୍‌ଏସି ଅଧ୍ୟକ୍ଷ ସୁସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଏମ୍‌ପିଙ୍କ ପ୍ରତିନିଧି ସନାତନ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ ପ୍ରମୁଖ କହିଛନ୍ତି। ଜୟନ୍ତୀ ସମାରୋହ କରିବାକୁ ଓ ଏନ୍‌ଏସିର ବିକାଶ କ୍ଷେତ୍ରରେ ସାହାଯ୍ୟ, ସହଯୋଗ କରି ସାମିଲ ହେବାକୁ ଏନ୍‌ଏସି ପକ୍ଷରୁ ପୌରବାସୀଙ୍କୁ ନିବେଦନ କରାଯାଇଛି। ସମାରୋହ ପାଇଁ ଏନ୍‌ଏସି ପକ୍ଷରୁ ଜୋରଦାର ଭାବେ ପ୍ରସ୍ତୁତି ପର୍ବ ଚାଲିଥିବାବେଳେ ଏହା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖାଯାଉଛି।

## ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ଠକିଲା କମ୍ପାନୀ

ଅସ୍ତରଙ୍ଗ,୨୭।୮ (ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅଧୀନ ଉଦୟପୁର ଗ୍ରାମର ଚାଷୀ ପ୍ରଦୀପ ପରିଡ଼ା ଠକାମିର ଶିକାର ହୋଇଛନ୍ତି। ୨୦୨୧ ମସିହାରେ ଏକ ମୋବାଇଲ ଟାୱାର କମ୍ପାନୀର କିଛି କର୍ମଚାରୀ ପରିଚୟରେ ପ୍ରଥମେ ଗ୍ରାମ ସର୍ଭେ କରି ପ୍ରଦୀପଙ୍କ ଏକ ସ୍ଥାନକୁ ଚିହ୍ନଟ କରିଥିଲେ। ତା'ପରେ ପ୍ରଦୀପଙ୍କୁ ସମସ୍ତ ସରକାରୀ କାଗଜପତ୍ର ପାଇଁ କହିବାରୁ ସେ ତାହା ଏକଜୁଟ କରିଥିଲେ। ଏଥିପାଇଁ ତାଙ୍କର ପାଖାପାଖି ୪୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ପରେ ଉକ୍ତ କମ୍ପାନୀର ନିର୍ଦ୍ଦେଶ ଅନୁସାରେ ପ୍ରଦୀପ ତାଙ୍କ ଜମିରେ କାର୍ଯ୍ୟ କରି ଟାୱାର ନିର୍ମିତ ପାଇଁ ଟଙ୍କା ମଧ୍ୟ ଖର୍ଚ୍ଚ କରିଥିଲେ। ପ୍ରଦୀପ ସମସ୍ତ କାର୍ଯ୍ୟ ସାରି ଉକ୍ତ କମ୍ପାନୀ ସହିତ ଚୁକ୍ତିପତ୍ର କରିଥିଲେ। ଏହା ପରେ କମ୍ପାନୀ ଏକ ମାସ ଭିତରେ କାମ ଆରମ୍ଭ ହେବ ବୋଲି କହିଥିଲେ। ହେଲେ ଏହାକୁ ପ୍ରାୟ ଦେଢ ବର୍ଷ ବିତିଯାଇଥିଲେ ମଧ୍ୟ କମ୍ପାନୀ ପ୍ରଦୀପଙ୍କୁ ଆଉ ଯୋଗାଯୋଗ କରିନାହିଁ। ତେବେ ଚଳିତବର୍ଷ ଜାନୁୟାରୀରେ ସେହି କର୍ମଚାରୀ ଅନ୍ୟ କମ୍ପାନୀ ନାମରେ ଆସି ନିକଟରେ ଅନ୍ୟ ଏକ ଟାୱାର ସର୍ଭେ କରୁଥିଲେ। ଏନେଇ ଖବରପାଇ ପ୍ରଦୀପ ଓ କିଛି ଗ୍ରାମବାସୀ ଉକ୍ତ ସ୍ଥାନରେ ପହଞ୍ଚି କର୍ମଚାରୀଙ୍କୁ ବିରୋଧ କରିଥିଲେ। ଉକ୍ତ କମ୍ପାନୀ କାକଟପୁର ଥାନାରେ ପ୍ରଦୀପଙ୍କ ନାମରେ ଏକ ଏତଲା ଦାଏର କରିଥିଲା। ଥାନାରେ ଆଲୋଚନା ପରେ ତାଙ୍କ ଜମିରେ ଟାୱାର ବସିବ ବୋଲି ନିଷ୍ପତ୍ତି ହୋଇଥିଲା। ଏନେଇ ପ୍ରଦୀପ ଟଙ୍କା ଖର୍ଚ୍ଚ କରି ଉକ୍ତ ସ୍ଥାନରେ ମାଟି ଫିଲିଂ କରିଥିଲେ। ହେଲେ କମ୍ପାନୀ ଦେଇଥିବା ଅବଧି ସରିଯାଇଥିବାବେଳେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଥିଲେ। ପ୍ରଦୀପଙ୍କୁ କ୍ଷତିପୂରଣ ଦିଆଯାଉ ନଚେତ୍ ତାଙ୍କ ଜମିରେ ଟାୱାର ବସୁ ବୋଲି ଗ୍ରାମବାସୀ ଓ ପ୍ରଦୀପଙ୍କ ପରିବାର ଲୋକ ଦାବି କରିଛନ୍ତି । ଦାବି ମୁତାବକ କମ୍ପାନୀ କାର୍ଯ୍ୟ ନ କଲେ, କମ୍ପାନୀ ବିରୋଧରେ ଗ୍ରାମବାସୀ ଜିଲାପାଳ ଏବଂ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିବେ ବୋଲି କହିଛନ୍ତି।

# ତ୍ୱରିତ୍ ନ୍ୟାୟସେବା ପ୍ରଦାନ ଉପରେ ଗୁରୁତ୍ୱ

ପୁରୀ, ୨୭।୮ (ଅଜିତ ମହାନ୍ତି)




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ ।

ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ଆନୁକୂଲ୍ୟରେ ପୁରୀସ୍ଥିତ ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ 'ତ୍ୱରିତ୍ ନ୍ୟାୟ ଓ ଆଇନ ସହାୟତା' ସଂକ୍ରାନ୍ତ ଦୁଇଦିନିଆ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଜାତୀୟ ମାନବ ଅଧିକାର କମିଶନର ଲ' ରେଜିଷ୍ଟ୍ରାର ସୁରଜିତ ଦେ ଯୋଗଦେଇ ତ୍ୱରିତ ନ୍ୟାୟ ଓ ସହାୟତା ସେବା ଆଜି ବି ସାଧାରଣ ଜନତାଙ୍କ ପାଇଁ ଅପହଞ୍ଚ ହୋଇ ରହୁଥିବା ଜାଣି ବିସ୍ମିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନର ଡ. ମୀନତି ବେହେରା ଯୋଗଦେଇ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ତୃଣମୂଳସ୍ତରର ସାଧାରଣ ଜନତାଙ୍କ ପାଇଁ କରାଯାଉଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ତ୍ୱରିତ ନ୍ୟାୟ ପ୍ରଦାନ ସୋସାଇଟିର ଜାତୀୟ ଅଧ୍ୟକ୍ଷ ପ୍ରବୀଣ ପଟେଲ ଓଡ଼ିଶାରେ ମହିଳା ନିର୍ଯାତନା ହାର ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିବା କହି ଦୁଃଖ ପ୍ରକାଶ କରିଥିଲେ। କର୍ମଶାଳାରେ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ମନୋଜ ଜେନା, ରାଜ୍ୟ ସଂଯୋଜିକା ମନୀଷା ପଟ୍ଟନାୟକ, ରାଜୀବ ପଟ୍ଟନାୟକ, କଳ୍ପତରୁ ଖୁଣ୍ଟିଆ ପ୍ରଶିକ୍ଷକ ଭାବେ ଯୋଗଦେଇ ମାନବାଧିକାର କର୍ମୀମାନଙ୍କୁ କାର୍ଯ୍ୟ କରିବାର ବିଭିନ୍ନ ସୋପାନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, ସାମାଜିକ କର୍ମୀ ପ୍ରୀତିଛନ୍ଦା ଧଳ ଯୋଗଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ ଭଳି ବହୁ କ୍ଷେତ୍ରରେ କିଭଳି ସମତା ଆସିବ ସେ ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମାନବ ଅଧିକାର ରାଜ୍ୟ ଅଧ୍ୟକ୍ଷ ମନୋଜ ଜେନା ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ସଂଯୋଜକ ରାଜୀବ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ରାଜ୍ୟ ସଂଯୋଜକ କଳ୍ପତରୁ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ଜିଲା ହ୍ୟୁମାନ ରାଇଟ୍‌ସ ସଂଯୋଜିକା ପ୍ରାନ୍ତସିନି ଜେନାଙ୍କ ସମେତ ପୁରୀସ୍ଥିତ ହ୍ୟୁମାନ ରାଇଟ୍‌ସ ଫ୍ରଣ୍ଟ ଇଣ୍ଡିଆର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଟିଗିରିଆ,୨୭।୮(ଜାଫର ଖାଁ)

ଟିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତ ଅନ୍ତର୍ଗତ ହରିଡ଼ାପଶି ନିକଟସ୍ଥ ଜରିଡଇଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏନେଇ ୧ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇ ପ୍ରକଳ୍ପର ମରାମତି ଓ ପୁନରୁଦ୍ଧାର ହେଲେ ହରିଡ଼ାପଶି, ଅଚଳକୋଟ, ଭୀରୁଡ଼ା, ଗୋଡ଼ିଝରିଆ ଆଦି ଗ୍ରାମର ଶତାଧିକ ଏକର ଜମିରେ ଜଳସେଚନ ହୋଇପାରିବ ବୋଲି କହିଥିଲେ। ଏଥିରେ ଅଚଳକୋଟ ସରପଞ୍ଚ ରୋଜାଲିନ ବଲିୟାରସିଂ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ଟିଗିରିଆ ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ, ବିଜୟ ବଲିୟାର ସିଂ, ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଧୀରେନ କୁମାର ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ବେହେରା, ସହକାରୀ ଯନ୍ତ୍ରୀ ପ୍ରିୟଙ୍କା ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଅଚଳକୋଟ ସରପଞ୍ଚ ରୋଜାଲିନ ବଲିୟାର ସିଂ ସଭାପତିତ୍ୱ କରିଥିଲେ।

### କୃଷକ ସୁରକ୍ଷା ମଞ୍ଚ ଗଠିତ

ସାଲେପୁର,୨୭।୮(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକରେ କୃଷକମାନଙ୍କ ସମସ୍ୟା ସମାଧାନ କରିବା ଓ ସେମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବାପାଇଁ କୃଷକ ସୁରକ୍ଷା ମଞ୍ଚ ରବିବାର ଗଠନ କରାଯାଇଛି। ସ୍ଥାନୀୟ ୟୁକୋ ବ୍ୟାଙ୍କ କାର୍ଯ୍ୟାଳୟର ଉପର ମହଲାରେ ଅନୁଷ୍ଠିତ ଏହି ବୈଠକରେ ସୁରକ୍ଷା ମଞ୍ଚର ସଭାପତି ଭାବେ ବସନ୍ତ କୁମାର ବିଶ୍ୱାଳ, ଉପସଭାପତି ବେଣୁଧର ପ୍ରଧାନ, ସମ୍ପାଦକ ସୁଶାନ୍ତ କୁମାର ସାହୁ, ସହସମ୍ପାଦକ କବିତା ବିଶ୍ୱାଳ ଓ କୋଷାଧ୍ୟକ୍ଷ ଭାବେ ପ୍ରଦୀପ୍ତ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରବୀନ୍ଦ୍ର ନାଥ କର, ସନତ କୁମାର ଭୂୟାଁ, ପ୍ରମୋଦ କୁମାର ବିଶୋଇ, ସୁବାସ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ସ୍ୱାଇଁ, ପଇତାମ୍ବର ମଲ୍ଲ ଓ ଗୋଲଖ ଚନ୍ଦ୍ର ଦାସ ରହିଛନ୍ତି। ଏହି ଅବସରରେ ମାର୍ଗଦର୍ଶକ ରୂପେ ଜଗନ୍ନାଥ ବାବା ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମଞ୍ଜୁର ପ୍ରକଳ୍ପ ତାଲିକାର ଯାଞ୍ଚ ଆରମ୍ଭ

କଟକ ସଦର,୨୭।୮
(ସୁଶାନ୍ତ କୁମାର ଜେନା)

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତ ପାଇଁ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରାଯାଇଛି। ଏ ସମ୍ପର୍କିତ ପ୍ରକଳ୍ପ ତାଲିକାର ତଦନ୍ତ ଆରମ୍ଭ ହୋଇଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରବିବାର କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକମାନେ ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟ ପ୍ରସଙ୍ଗ ଭାବେ ଗୋଟିଏ ପ୍ରକଳ୍ପ ପାଇଁ ଭିନ୍ନ ଭିନ୍ନ ଯୋଜନାରୁ ଅର୍ଥ ମଞ୍ଜୁର କରାଯାଇଥିଲେ ତାହାକୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କେତେକ ପଞ୍ଚାୟତକୁ ଗୋଟିଏ ପ୍ରକଳ୍ପ କାମ ସାରିବା ପାଇଁ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ହେଲେ ସେହି ଏକା ପ୍ରକଳ୍ପ ପାଇଁ ମଧ୍ୟ ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା, ଆମ ନବୀନ ଯୋଜନାରେ ଅର୍ଥ ମଞ୍ଜୁର କରାଯାଇଛି। ତେଣୁ ଗୋଟିଏ ପ୍ରକଳ୍ପ ପାଇଁ ଗୋଟିଏ ଅନୁଦାନ ଦିଆଯିବ। ଏଭଳି ତାଲିକାକୁ ଶୀଘ୍ର ଯାଞ୍ଚ କରି ରିପୋର୍ଟ ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ବିଡିଓ ପରିଡ଼ା ନିର୍ଦ୍ଦେଶ ଦେଇଥିଲେ।

### ରାଜବାଟୀରେ ଝୁଲଣ ଉତ୍ସବ

ବଡ଼ମ୍ବା,୨୭।୮(ମାୟାଧର ମଲ୍ଲିକ)

ଗଡ଼ଜାତ ବଡ଼ମ୍ବା ରାଜବାଟୀରେ ଶ୍ରାବଣ ଶୁକ୍ଳ ଦଶମୀ ଅବସରରେ ଶନିବାରଠାରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଝୁଲଣ ଉତ୍ସବ ତଥା ଯାତ୍ରା ଆରମ୍ଭ ହୋଇଛି। ରାଜବାଟୀ ମନ୍ଦିରରେ ଶ୍ରୀଜୀଉଙ୍କର ସନ୍ଧ୍ୟା ଆଳତି ପରେ ଆଜ୍ଞାମାଳ ପାଇ ଚଳନ୍ତି ପ୍ରତିମା ମଦନ ମୋହନ, ରାମକୃଷ୍ଣ, ଭୂଦେବୀ ଓ ଶ୍ରୀଦେବୀ ସୁସଜ୍ଜିତ ଝୁଲଣ ମଣ୍ଡପକୁ ବିଜେ କରିଥିଲେ। ଏହା ଦଶମୀଠାରୁ ପୂର୍ଣ୍ଣିମା ପରଦିନ ଯାଏ ଅର୍ଥାତ ୭ ଦିନ ବ୍ୟାପୀ ପାଳନ କରାଯିବାର ପରମ୍ପରା ରହିଛି।

# ତମାଖୁରେ ବର୍ଷକୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୭।୮(ଅସମାପିକା ସାହୁ)

ଜାତୀୟ ଓ ରାଜ୍ୟସ୍ତରୀୟ ନୀତିରେ ପରିବର୍ତ୍ତନ ଆଣି ତମାଖୁ ସେବନ ହ୍ରାସ କରିବା ଉଦ୍ଦେଶ୍ୟରେ କୋଆଲିଶନ୍ ଫର୍ ଟବାକୋ ଫ୍ରି ଓଡ଼ିଶା ଏବଂ 'ପିକକ୍'ର ମିଳିତ ଉଦ୍ୟମରେ ଏକ ଜନ ପରାମର୍ଶ କାର୍ଯ୍ୟକ୍ରମ ରବିବାର ଭାରତୀୟ ବିଦ୍ୟାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ତମାଖୁ ବ୍ୟବହାର ହ୍ରାସ କରି ଜନସ୍ୱାସ୍ଥ୍ୟରେ ଉନ୍ନତି' ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ, ତମାଖୁ ଦ୍ୱାରା ପ୍ରତିବର୍ଷ ୧୦ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହେଉଛି। ଏହା ମୋଟ ମୃତ୍ୟୁର ୯.୫%। ଗ୍ଲୋବାଲ୍ ୱାର୍ଲ୍ଡ ତମାଖୁ ସର୍ଭେ (ଜିଏଟିଏସ୍) ୨୦୧୬-୧୭ର ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ୧୫ବର୍ଷରୁ ଅଧିକ(୨୯%) ବୟସର ପ୍ରାୟ ୨୬୭ ମିଲିୟନ୍ ଲୋକ ହେଉଛନ୍ତି ତମାଖୁ ବ୍ୟବହାରକାରୀ। ଏଥିସହିତ ୩୮.୭% କିଶୋର ଘରେ, ୩୦.୨% କର୍ମ କ୍ଷେତ୍ରରେ ଏବଂ ୭.୪% ରେଷ୍ଟୁରାଣ୍ଟର ପରୋକ୍ଷ ଭାବେ ତମାଖୁ ଦ୍ୱାରା ପ୍ରଭାବିତ ହୋଇଥାନ୍ତି ବୋଲି ମତପ୍ରକାଶ ପାଇଛି। ରାଜ୍ୟସଭା ସଦସ୍ୟା ସୁଲତା ଦେଓ ଯୋଗଦେଇ କହିଲେ, ତମାଖୁ ସେବନ କରୁଥିବା ଲୋକଙ୍କ ଅପେକ୍ଷା ତମାଖୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ଅଧିକ ପ୍ରଭାବିତ କରିଥାଏ। ତମାଖୁ ଉତ୍ପାଦନ ଓ ବିକ୍ରିକୁ ହ୍ରାସ କରିବାରେ ଆମେ ଗଭୀର ଭାବରେ ଦୃଷ୍ଟି ଦେବା ଉଚିତ। କାରଣ ତମାଖୁ ବିକ୍ରୟରୁ ସଂଗୃହୀତ ରାଜସ୍ୱ ଅପେକ୍ଷା ତମାଖୁ ସମ୍ବନ୍ଧୀୟ ରୋଗ ପାଇଁ ସ୍ୱାସ୍ଥ୍ୟସେବା ଓ ଚିକିତ୍ସାରେ ଖର୍ଚ୍ଚ ଅଧିକ ହୋଇଥାଏ। ଏହିପରି ସଚେତନତା କାର୍ଯ୍ୟକ୍ରମ କେବଳ ସହରାଞ୍ଚଳ ନୁହେଁ, ଦୁର୍ଗମ ଅଞ୍ଚଳରେ ଏବଂ ଗ୍ରାମାଞ୍ଚଳରେ କରାଯିବା ଆବଶ୍ୟକ ବୋଲି ସୁଲତା କହିଥିଲେ। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତ କହିଛନ୍ତି, ସହଜରେ ମିଳି ଯାଉଥିବାରୁ ଆଜିକାଲି ପିଲାମାନେ ତମାଖୁ ସେବନ କରୁଛନ୍ତି। ତମାଖୁର ବ୍ୟାପକ ବ୍ୟବହାର ତଥା ଏହାର କ୍ଷତିକାରକ ପରିଣାମକୁ ରୋକିବା ପାଇଁ କୋଟ୍‌ପା ଆଇନ ଆମର ପ୍ରୟାସରେ ଏକ ମୂଳଦୁଆ ଭାବରେ ଛିଡ଼ା ହୋଇଛି। ଏଥିପାଇଁ ଆମକୁ ଏହି ଆକ୍ଟକୁ ଆହୁରି ମଜବୁତ୍ କରିବା ଆବଶ୍ୟକ। କାର୍ଯ୍ୟକ୍ରମରେ ତମାଖୁ ନିୟନ୍ତ୍ରଣ ସେଲ୍‌ର ସହକାରୀ ପରିଚାଳକ ସୁଶାନ୍ତ କୁମାର ବିଶ୍ୱାଳ,ପିକକ୍‌ର ଚେୟାରମ୍ୟାନ୍ ମିନାକ୍ଷୀ ପଣ୍ଡା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଏବଂ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ସତ୍ୟଶିବ ରଥ ଯୋଗଦେଇଥିଲେ। ଯୁବ ଆମ୍ବାସଡର୍ ତୃପ୍ତିମୟୀ ବେହେରା, ସସ୍ମିତା ଭୋଇ ଏବଂ ସୁଭାଷ ଚନ୍ଦ୍ର ମହାନ୍ତି ସେମାନଙ୍କ ଅନୁଭୂତି ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଯୋଗଦେଇଥିଲେ। ମହିଳାମାନେ କିପରି ଘରେ ତଥା ସମାଜରେ ତମାଖୁ ସେବନ ଉପରେ ପରିବର୍ତ୍ତନ ଆଣିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ସେ ଉପରେ ମଧ୍ୟ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ




ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

କଟକ,୨୭।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ପ୍ରଧାନମନ୍ତ୍ରୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୦୪ତମ ଏପିସୋଡ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଟକ ମହାନଦୀ ବିହାରସ୍ଥିତ ସେଲିବ୍ରେସନ୍ ମଣ୍ଡପରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ରହି କାର୍ଯ୍ୟକ୍ରମ ବିଷୟରେ ଶୁଣିଥିଲେ। ଏ ସମ୍ପର୍କରେ ଭାଜପା ରାଜ୍ୟ ସଭାପତି ସାମଲ କହିଛନ୍ତି, ସାରା ବିଶ୍ୱରେ ଏହି କାର୍ଯ୍ୟକ୍ରମର ଗୁଣବତ୍ତା ସମସ୍ତଙ୍କୁ ମୋହିତ କରିଛି। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି, ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜିଲା ସଭାପତି ଲଲାଟେନ୍ଦୁ ବଡୁ, ମୃତ୍ୟୁଞ୍ଜୟ ଜେନା, ଭାଗୀରଥି ଦଳାଇ, କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ, ଗଗନ ଓଝା, ଦୁର୍ଯ୍ୟୋଧନ ଲେଙ୍କା, ପ୍ରମୁଖ ଉପସ୍ଥିତ ଥିଲେ।

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଜଗତପୁରସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଭାଜପା ସଭାପତି ପ୍ରକାଶ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଜପା ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ରାଜେଶ୍ୱରୀ ନନ୍ଦୀ, ସଞ୍ଜୀବ ଭୂୟାଁ, ରହିମ୍ ଖାନ୍, ଭାସ୍କର ବେହେରା ପ୍ରମୁଖ ଯୋଗଦେଇଥିଲେ।

**ସାଲେପୁର,(ଅରବିନ୍ଦ ଭୂୟାଁ):** ସାଲେପୁର ବ୍ଲକ ଗୁଜରପୁରସ୍ଥିତ ମଣ୍ଡପରେ ପ୍ରଧାନମନ୍ତ୍ରୀଙ୍କ ମନ୍‌କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏଥିରେ ଯୋଗଦେଇ ମୋଦୀଙ୍କ ନେତୃତ୍ୱରେ ଦେଶର ବିକାଶ ହୋଇଛି ବୋଲି କହିଥିଲେ। କଟକ ଜିଲା ସଭାପତି ତଥା ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ।

# ଏନ୍‌ଏସି ଅଞ୍ଚଳରେ ଦୁର୍ଦ୍ଦଶାର ସମାଧାନ ନ ହେଲେ ଆନ୍ଦୋଳନ




କଂଗ୍ରେସର କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ଦଳୀୟ ନେତୃମଣ୍ଡଳୀ।

## ବାଙ୍କୀ ନଗର କଂଗ୍ରେସ କର୍ମୀ ସମ୍ମିଳନୀ

ବାଙ୍କୀ,୨୭।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ନଗର କଂଗ୍ରେସ ପକ୍ଷରୁ ରବିବାର ସ୍ୱସ୍ତିକ୍ ମଣ୍ଡପରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି କାଶିନାଥ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବାଙ୍କୀର ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସର ବରିଷ୍ଠ ଉପସଭାପତି ଡକ୍ଟର ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଙ୍କୀ ନଗର ତଥା ବିଜ୍ଞାପିତ କ୍ଷେତ୍ର ପରିଷଦ ଅନ୍ତର୍ଗତ ସମସ୍ତ ୱାର୍ଡରେ ଦୁର୍ଦ୍ଦଶା ବଢ଼ିଥିବା ନେଇ ଅଭିଯୋଗ କରିଥିଲେ। ଏହାର ତ୍ୱରିତ ସମାଧାନ ନିମନ୍ତେ କଂଗ୍ରେସ ତରଫରୁ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ଅବସରରେ ବାଙ୍କୀ ଉପଖଣ୍ଡ ଡାକ୍ତରଖାନା ସମେତ ଉପଖଣ୍ଡରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନଗର କଂଗ୍ରେସ ଉପଦେଷ୍ଟା କ୍ଷେତ୍ରବାସୀ ଦାଶ, ବରିଷ୍ଠ କଂଗ୍ରେସ ନେତା ପ୍ରତାପ ଚନ୍ଦ୍ର ମହାପାତ୍ର ଓ ରମାକାନ୍ତ ସେଠୀ ଆଲୋଚନାରେ ଅଂଶଗ୍ରହଣ କରି ବାଙ୍କୀ ନଗରରେ କଂଗ୍ରେସ ଦଳକୁ ମଜଭୁତ୍ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ରାକେଶ ବେହେରା ବାଙ୍କୀ ନଗର ଯୁବକଂଗ୍ରେସର ନୂତନ ସଭାପତି ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବୈଠକରେ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ରକ୍ତଦାନ ଶିବିର: ୩୭ ୟୁନିଟ୍ ରକ୍ତ ସଂଗ୍ରହ

ମାହାଙ୍ଗା, ୨୭।୮ (ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ବ୍ଲକ ନାହାଙ୍ଗ ପଞ୍ଚାୟତରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଗୌଡଗୋପ ସ୍ଥିତ ଶ୍ରୀ ସାଇ ଷ୍ଟଡି ପଏଣ୍ଟ ପକ୍ଷରୁ ଆୟୋଜିତ ଏହି ଶିବିରରୁ ୩୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରେଡକ୍ରସ ପକ୍ଷରୁ ଡାକ୍ତର ବିନାୟକ ପ୍ରସାଦ ପୃଷ୍ଟି, ଅବିନାଶ ଦାସ, ତାପସ ମହନ୍ତ, ପ୍ରସନ୍ନ ସ୍ୱାଇଁ, ବିଜୟ ସ୍ୱାଇଁ ରକ୍ତ ସଂଗ୍ରହ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ସଂଯୁକ୍ତା ସାହୁ, ସତ୍ୟବ୍ରତ ବାରିକ, ଶର୍ମିଳି ସାହୁ, ବୈଶାଖୀ ଦାସ, ଅଶୋକ ସାହୁ, ଦେବାଶିଷ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଚାଷ ସମ୍ବନ୍ଧୀୟ କର୍ମଶାଳା: ଜୈବିକ କୃଷିକୁ ଗୁରୁତ୍ୱ

ବଡ଼ମ୍ବା,୨୭।୮(ମାୟାଧର ମଲ୍ଲିକ)

ବଡମ୍ବା ବ୍ଲକ ବେଲିଆପାଳସ୍ଥିତ ଅଭୟ ବାବା କୃଷକ ଉତ୍ପାଦକ ସଙ୍ଗଠନ କାର୍ଯ୍ୟାଳୟରେ ଶନିବାର ଚାଷ ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନାବାର୍ଡର ମହାପ୍ରବନ୍ଧକ ଡ. ସୁଧାଂଶୁ ମିଶ୍ର ଯୋଗଦେଇ କୃଷି ଓ କୃଷକର ଉନ୍ନତି ପାଇଁ ଜୈବିକ କୃଷିକୁ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏବିଏମ୍ ରବୀନ୍ଦ୍ର ହାଁସଦା, କଟକ ଡିଜିଏମ୍ ପ୍ରତିମା ପରିଡା ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ କୃଷିର ବିକାଶ, ଜୈବିକ କୃଷି, ଉନ୍ନତମାନର ବିହନ ଓ ମଞ୍ଜି ଉତ୍ପାଦନ ସମ୍ବନ୍ଧରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥିଭାବେ ଡ. ମିଶ୍ର ବଡ଼ମ୍ବା ଅଞ୍ଚଳରେ ଏକ ମିନି ଶୀତଳ ଭଣ୍ଡାର ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସାମଲ ଉତ୍ପାଦକ ଗୋଷ୍ଠୀର କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟ ପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିର୍ଦ୍ଦେଶକ ମାନସ ଦଳେଇ ଶେଷରେ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୋଦ କଅଁର, ରୋଜାଲିନ ରଣା, ସରୋଜ ନାୟକ, ମିଶନ ଶକ୍ତି ଜୀବିକାର ପଞ୍ଚାୟତ ଅଧିକାରିଣୀ ସୁଜାତା ପ୍ରଧାନ ଓ ଭାରତୀ ନାୟକଙ୍କ ସମେତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

## ବର୍ଷା କବିତା ଆସର

ବାଙ୍କୀ,୨୭।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଯୁବ ବନ୍ଧୁ ଭବନ ପରିସରରେ ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ ସଂସଦ ପକ୍ଷରୁ ବର୍ଷା କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ଗୁରୁ କୁମାର ଅମିୟ ବୁଲୁବାବାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆବାହକ ଅକ୍ଷୟ ସାମଲଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲା ପରିଷଦ ସଭ୍ୟ ମିନତି ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁକୁମାର ବିଶ୍ୱାଳ, ଗାଳ୍ପିକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କବିମାନଙ୍କୁ ଉତ୍ସାହିତ କରିଥିଲେ। କବି ବଂଶୀଧର ମହାପାତ୍ରଙ୍କ ସଂଯୋଜନାରେ ପରିଚାଳିତ ଏହି କବିତା ଆସରରେ ବାଙ୍କୀର ବିଭିନ୍ନ ଅଞ୍ଚଳରୁ ୩୦ରୁ ଅଧିକ କବି ଓ କବୟିତ୍ରୀ ଅଂଶଗ୍ରହଣ କରି ନିଜର ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ବାବୁଲି ରଣା ସମସ୍ତଙ୍କୁ ସ୍ୱାଗତ କରି ଫୁଲତୋଡା ପ୍ରଦାନ କରିଥିଲେ। ରୂପଶ୍ରୀ କର, ଶକୁନ୍ତଳା ମଲ୍ଲିକ, ବିଶ୍ୱନାଥ ନାଏକ, ଶଶିଭୂଷଣ ତ୍ରିପାଠୀ, ସଞ୍ଜୀବ କୁମାର ଦାସ, ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ, ସସ୍ମିତା ଦାଶ, ସୁରେଶ ଚନ୍ଦ୍ର ସାହୁ, ଶୁଭେନ୍ଦୁ କୁମାର ମହାପାତ୍ର, ଦୀପକ କୁମାର ସାମନ୍ତରା, ସଭାପତି ନିରଞ୍ଜନ ପଣ୍ଡା ପ୍ରମୁଖ ନିଜର ସ୍ୱରଚିତ କବିତା ପାଠ କରିଥିଲେ। କବି ଲଲାଟେନ୍ଦୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ରାଜ୍ୟ ସରକାର ଦ୍ୱୀପାଞ୍ଚଳରେ ବିକାଶଧାରାକୁ ତ୍ୱରାନ୍ୱିତ କରିଛନ୍ତି

## ବିଜେଡି ବିକାଶ ସମାବେଶ

ନିଶ୍ଚିନ୍ତକୋଇଲି/ନେମାଳୋ(ଅଶୋକ କୁମାର ମହାପାତ୍ର/କିରଣ ଶଙ୍କର ନାୟକ)୨୭।୮

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକସଦର ନିର୍ବାଚନମଣ୍ଡଳୀର ୧୪ ପଞ୍ଚାୟତରେ ରାଜ୍ୟ ସରକାର ବିକାଶ ଧାରା ତ୍ୱରାନ୍ୱିତ କରିଛନ୍ତି। ମହାନଦୀ ,ଚିତ୍ରୋତ୍ପଳା ଓ ଲୁଣା ନଦୀର ଦ୍ୱୀପାଞ୍ଚଳରେ ଲୋକମାନଙ୍କ ପାଇଁ ମୌଳିକ ସୁବିଧା ସାତସପନ ହୋଇଥିଲା। ଏବେ ଏହି ଅଞ୍ଚଳରେ ଗମନାଗମନ, ପାନୀୟ ଜଳ, ବିଦ୍ୟୁତ, ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ହୋଇଛି। ଚଳିତ ବର୍ଷ ଏହି ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଏହା କରିଛନ୍ତି। ରବିବାର ନେମାଳ ଦଧିବାମନ ଜୀଉ ମଣ୍ଡପ ପରିସରରେ କଟକ ଜିଲା ବିଜେଡି ପକ୍ଷରୁ ଏହି ସମ୍ମିଳନୀ ଡକାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ଅଚ୍ୟୁତାନନ୍ଦ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଏହି ସମ୍ମିଳନୀରେ ମହିଳା ବ୍ଲକ ବିଜେଡି ସଭାପତି ନନ୍ଦିନୀ ନାୟକ, ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, ଜିଲାପରିଷଦ ସଭ୍ୟ ବିଳାସ ଭୋଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମାବତୀ ସାହୁ, ସରୋଜ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଜେଡି ପକ୍ଷରୁ କୁହାଯାଇଥିଲା, ଚିତ୍ରୋତ୍ପଳା ଦକ୍ଷିଣ ପାର୍ଶ୍ୱ ରାସ୍ତା ବିକାଶ ପାଇଁ ୪୬ କୋଟି ୩୫ ଲକ୍ଷ ଟଙ୍କା, ଜଳ ନିଷ୍କାସନ ପାଇଁ ଉତ୍ତରକୂଳ ଓ ମଣିଜଙ୍ଗ ଡ୍ରେନେଜ ବ୍ୟବସ୍ଥା ପାଇଁ ୧୩ କୋଟି ୫୬ ଲକ୍ଷ, ନେମାଳ ମିନି ଷ୍ଟାଡିୟମ ପାଇଁ ୧କୋଟିରୁ ଊର୍ଦ୍ଧ୍ୱ ଅନୁଦାନ, ସାନ୍ତପୁର ପଞ୍ଚାୟତର ଜଳଦିଆ ଗ୍ରାମର ଘେରିବନ୍ଧ ପାଇଁ ୫୦ ଲକ୍ଷ, ପ୍ରତି ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୩କୋଟିରୁ ଊର୍ଦ୍ଧ୍ୱଟଙ୍କା, ୧୩ଟି ବିଦ୍ୟାଳୟ ପାଇଁ ୫କୋଟି ୮୫ ଲକ୍ଷ ଟଙ୍କା, ୩ଟି ମହାବିଦ୍ୟାଳୟ ପାଇଁ ୧କୋଟି ୫୦ ଲକ୍ଷ, ପ୍ରତି ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ମୋଟ ୩୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହାଛଡ଼ା ଜଗତ୍‌ସିଂହପୁର ଜିଲାର ୪ ପଞ୍ଚାୟତକୁ କଟକ ଜିଲାରେ ସାମିଲ କରାଯାଇଛି। ଏସବୁ ବିକାଶମୂଳକ କାର୍ଯ୍ୟ ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ଦ୍ୱାରା କରଯାଇଛି ବୋଲି ଜିଲା ସାଧାରଣ ସମ୍ପାଦକ ନୃସିଂହ ଚରଣ ମୁଦୁଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ୧୪ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଓ ଦଳୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ଗୀତାଭ୍ୟାସ ହିଁ ମାର୍ଜିତ, ରୁଚିସମ୍ପନ୍ନ ସମାଜ ପାଇଁ ମହୌଷଧି

## ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ବଡ଼ମ୍ବା, ୨୭।୮(ମାୟାଧର ମଲ୍ଲିକ) :

ପ୍ରଜ୍ଞାନ ମିଶନ, ଓଡ଼ିଶା ପକ୍ଷରୁ ଏକ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ବାସୁଦେବ ଉଚ୍ଚ ବିଦ୍ୟାଳୟ, ଗୋପପୁରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ନରୋତ୍ତମ ଗାଆଣ ଯୋଗଦେଇ ଗୀତା ପଠନର ଉପଯୋଗିତା ଓ ଉପାଦେୟତା ଉପରେ ଆଲୋଚନା କରିଥିଲେ। ଗୀତାଭ୍ୟାସ ହିଁ ମାର୍ଜିତ ଓ ରୁଚିସମ୍ପନ୍ନ ସମାଜ ପାଇଁ ମହୌଷଧି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଣଯୋଗ ପ୍ରତିଷ୍ଠାନ, ଓଡ଼ିଶା ଅଧ୍ୟକ୍ଷ ଚନ୍ଦ୍ରଶେଖର ମହାନ୍ତି, ସମ୍ମାନିତ ଅତିଥି ଭାବେ ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାମରାଜ ସାହୁ ଓ ପତଞ୍ଜଳି ଯୋଗ ସମିତି ର ମହିଳା ପ୍ରଭାରୀ ପ୍ରବୀଣା ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ, ବଡ଼ମ୍ବାର ସମ୍ପାଦକ ଅଶୋକ କୁମାର ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ ବ୍ଲକର ୧ଟି ବିଦ୍ୟାଳୟର ୪୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିନିୟର ବିଭାଗରେ ବିଚାରକ ଭାବେ ପଣ୍ଡିତ ଶଙ୍କର୍ଷଣ ରଣା, ପଣ୍ଡିତ ରାଧାଶ୍ୟାମ ମିଶ୍ର ଏବଂ ବ୍ରିଗେଡ଼ ସ୍କୁଲ, ରତାପାଟର ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ଯୋଗଦେଇଥିବା ବେଳେ, ଜୁନିୟର ବିଭାଗରେ ଶିକ୍ଷୟିତ୍ରୀ ମୀନାକ୍ଷୀ ସାଇଁ, ଶିକ୍ଷକ ମାୟାଧର ମହାରଣା ଓ ସଂସ୍କୃତ ଶିକ୍ଷୟିତ୍ରୀ ମାଳତି ଦାଶ ଯୋଗଦେଇ ପ୍ରତିଯୋଗୀମାନଙ୍କ ଦକ୍ଷତାର ମୂଲ୍ୟାଙ୍କନ କରିଥିଲେ। ବରିଷ୍ଠ ବିଭାଗରେ ଭଙ୍ଗାରିକା ନୋଡାଲ ହାଇସ୍କୁଲର ସୋନାଲି ସୋମପୁଷ୍ପା ସାହୁ ପ୍ରଥମ, ତୃପ୍ତିମୟୀ ମହାପାତ୍ର ଦ୍ୱିତୀୟ ଏବଂ ବାସୁଦେବ ଉଚ୍ଚ ବିଦ୍ୟାଳୟର ସ୍ମୃତିଶିଖା ପଣ୍ଡା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଜୁନିୟର ବିଭାଗରେ ଭଙ୍ଗାରିକା ନୋଡାଲ ହାଇସ୍କୁଲର ଭାଗ୍ୟଲକ୍ଷ୍ମୀ ସାହୁ ପ୍ରଥମ, ପ୍ରତିମୟୀ ରଣା ଦ୍ୱିତୀୟ ଓ ରଗଡିପଡ଼ା ଉଚ୍ଚ ବିଦ୍ୟାଳୟର ଆଶୁତୋଷ ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସେହିପରି କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତା ଅଂଶଗ୍ରହଣ କରିବେ ବୋଲି ବ୍ଲକ ସଂଯୋଜକ ଅଶୋକ କୁମାର ଧଳ କହିଛନ୍ତି।




ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**
**QUOTATION CALL NOTICE**
No.:1495/CM Dated 26.08.2023
Sealed quotations are invited from eligible reputed intending registered firms / suppliers/ authorized dealers having valid GST registration, PAN and TIN No. for supply of Laboratory Equipments-Projector, Interactive Board, Computer, Printer and other Science Lab Equipments to the College. The quotation paper and other details should reach the Principal by speed post on or before 2 P.M. on 07.09.2023. The quotation will be opened before the Purchase Committee at 3.30 P.M. on 07.09.2023. The authority reserves the right to cancel the quotations without assigning any reason thereof. Visit Chikiti Mahavidyalaya website www.cmvedu.in for further details.
Sd./- Principal, Chikiti Mahavidyalaya, Chikiti, Ganjam

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1 No.CAD-1852
**TENDER CALL NOTICE**
Tender Notice No.4199/MKT/OSIC Dt.25.08.2023
OSIC invites sealed bids from experienced Manufacturers/ Suppliers /MSMEs/Dealers/ Distributors having due OEM authorization for supply & installation of Interactive Panel and other IT peripherals in High Schools (4th phase) Transformation of Ganjam District. The tender document along with detail specification and quantity of the item as well as the terms and conditions is available in OSIC website. Any corrigendum/ changes/ modifications will appear in OSIC Ltd. website: www.osicltd.in only and all the tenderers are to refer to above website.
Sd/-
GENERAL MANAGER(O)
OIPR-14073/11/0047/2324

**ZILLA PARISHAD, DEOGARH**
**INVITATION OF OBJECTIONS FOR THE POST OF GRS**
Last date: 11.09.2023 No.CAD-182
This is for information of all the applicants applied for the post of 6 (Six) Nos. of Gram Rozgar Sevaks for Deogarh District on contractual basis vide Advt. No. 1098/ ZP/ Esst., Date 30.05.2023. The preliminary scrutiny of their applications have been done by the Scrutiny Committee and a Provisional Merit list along with a rejected list of candidates have been published & web hoisted in the district website www.deogarh.nic.in. The applicants can view the status of their application by browsing the above website and they may file their objection(s), if any, to the CDO-cum-EO, Zilla Parishad, Deogarh in writing or to the Zilla Parishad, Deogarh through E-mail to 'ori-ddeogarh@nic.in'. The last date for filing of objections by the candidates is **11.09.2023 by 5.00 P.M.** (email or offline).
Sd./- Collector-cum-CEO
Zilla Parishad, Deogarh
OIPR-19366/11/0007/2324

## ସଂକ୍ଷେପରେ

### ମା'ବାପାଙ୍କୁ ମରଣାନ୍ତକ ଆକ୍ରମଣ, ପୁଅ ଗିରଫ

ବାଲୁଗାଁ,୨୭।୮ (ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ସରନଈ ଗ୍ରାମରେ ମା'ବାପାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଗଣେଶ ମହାରଣା(୩୨)। ଏନେଇ ଥାନାରେ ଏକ ହତ୍ୟା ଉଦ୍ୟମ ମାମଲା (ନଂ.୨୧୩/୨୩) ରୁଜୁ ହୋଇଛି। ଅଭିଯୋଗ ମୁତାବକ, ସରନଈ ଗ୍ରାମର ନନ୍ଦ କିଶୋର ମହାରଣାଙ୍କ ପୁଅ ଗଣେଶ ଦୈନନ୍ଦିନ ସାଙ୍ଗସାଥିଙ୍କ ସହ ମଦ୍ୟପାନ କରି ବିଳମ୍ବିତ ରାତ୍ରିରେ ଘରକୁ ଫେରିଥାଏ। କୌଣସି କାରଣକୁ ନେଇ ଗାଳିଗୁଲଜ କରିବା ସହ ମା'ବାପାଙ୍କୁ ଧମକ ଦେଇଆସୁଥିଲା । ଗଣେଶଙ୍କୁ ମଦ୍ୟପାନରୁ ନିବୃତ ରହିବା ପାଇଁ ବହୁ ଉଦ୍ୟମ କରି ମା'ବାପା ବିଫଳ ହୋଇଥିଲେ। ଗତ ଶୁକ୍ରବାର ବିଳମ୍ବିତ ରାତିରେ ଗଣେଶ ମଦ୍ୟପାନ କରି ଘରକୁ ଫେରିବା ପରେ ମା'ବାପାଙ୍କୁ ପୂର୍ବଭଳି ଧମକ ଦେଇଥିଲା । ତେବେ ପୁଅକୁ ବୁଝାଇବା ପାଇଁ ଚେଷ୍ଟା କରୁଥିବା ବେଳେ ଉତ୍‌କ୍ଷିପ୍ତ ହୋଇ ଗଣେଶ ଏକ କାଠ ବେଡ଼ାରେ ମା'ବାପାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ନନ୍ଦକିଶୋର ଓ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ଏନେଇ ନନ୍ଦ କିଶୋର ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନିରାକାରପୁର,୨୭।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକରପୁର ଥାନା ଅଧୀନ ଡିଆ ପଞ୍ଚାୟତ ବାଲିଗାଁରୁ କପିଳେଶ୍ୱର ଦେବ ପୀଠ ଯିବା ରାସ୍ତା ପାର୍ଶ୍ୱରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଜଗା ପ୍ରଧାନ(୨୫)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୩) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, କୌଣସି କାରଣକୁ ନେଇ ଜଗା ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଶନିବାର ରାତିରେ ଝଗଡ଼ା ହୋଇଥିଲା। ରବିବାର ସକାଳେ ଘର ନିକଟରେ ଗଛରେ ଜଗାଙ୍କ ମୃତଦେହ ଝୁଲୁଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପଟେ ପୋଲିସକୁ ଦେଖି ଜଗା ସ୍ତ୍ରୀଙ୍କ ମା', ଭଉଣୀ ଓ ଭାଇ ଦୌଡ଼ି ପଳାଉଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ପଚରାଉଚରା ପରେ ସେମାନଙ୍କୁ ପୋଲିସ ଛାଡ଼ିଦେଇଥିବା ଜଣାପଡ଼ିଛି।

### ଟାଙ୍ଗୀରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଆଜି

ଟାଙ୍ଗୀ,୨୭।୮ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ସମାଧାନ କରିବେ। ଜନସାଧାରଣ ସେମାନଙ୍କର ବ୍ୟକ୍ତିଗତ, ଗୋଷ୍ଠୀଗତ ସମସ୍ୟା ସମ୍ପର୍କରେ ଅଭିଯୋଗ କରିବା ପାଇଁ ଉପସ୍ଥିତ ରହିବାକୁ କୁହାଯାଇଛି।

### ଚିଲିକା ସଂଯୋଗ ନଈ ଖନନର ଶୁଭାରମ୍ଭ

ଟାଙ୍ଗୀ,୨୭।୮ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁରଠାରେ ଚିଲିକା ସଂଯୋଗ ନଈ ଖନନର ଶୁଭାରମ୍ଭ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ହୋଇଯାଇଛି। ଭୂଷଣ୍ଡପୁର, ବାଲିପାଟପୁର, ମଙ୍ଗଳାଯୋଡ଼ି ଅଞ୍ଚଳର ବାହାଣିଆମାନେ ଚିଲିକାକୁ ସଂଯୋଗ କରୁଥିବା ନଈଗୁଡିକ ପୋତିହୋଇଯିବା ଫଳରେ ଚିଲିକା ମଧ୍ୟକୁ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମସ୍ୟା ସମ୍ପର୍କରେ ଏମ୍‌ପିଙ୍କୁ ଅବଗତ କରାଯାଇଥିଲା। ତେବେ ଏମ୍‌ପିଙ୍କ ପ୍ରଚେଷ୍ଟାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଖନନ ପାଇଁ ୨୩ କୋଟି ଟଙ୍କା ମଞ୍ଜୁର ହୋଇଛି। ବାଲିପାଟପୁରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡୟତରାୟ, ଏମ୍‌ପିଙ୍କ ପ୍ରତିନିଧି ହେମନ୍ତ କୁମାର ବେହେରାଙ୍କ ସମେତ ୩ଟି ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜଳ ଉତ୍ସ ଅବରୋଧମୁକ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଖୋର୍ଦ୍ଧା, ୨୭।୮ (ପ୍ରଭାତ ପାଣିଗ୍ରାହୀ)



ଚାଷଜମିକୁ ଜଳ ଯୋଗାଣ ଉତ୍ସ ଅବରୋଧମୁକ୍ତ କରିବାକୁ ଏ ସଂକ୍ରାନ୍ତ ଆଗତ ଏକ ମାମଲାର ବିଚାର କରି ଓଡ଼ିଶା ହାଇକୋର୍ଟ ବେଗୁନିଆ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହକ ମଧ୍ୟରେ ଚାଷୀଙ୍କ ସମସ୍ୟାର ସମାଧାନ କରିବାକୁ ହାଇକୋର୍ଟ କହିଛନ୍ତି।

ଖୋର୍ଦ୍ଧା ସାରୁଅ ଅଞ୍ଚଳରେ ଶିଳ୍ପାଞ୍ଚଳ ଗଢିଉଠିଛି। ଏଠାରେ ଇଡ୍‌କୋ ଠାରୁ ଜମି ପାଇ ଏକ ଘରୋଇ କମ୍ପାନୀ ନିଜ କାରଖାନା ପ୍ରତିଷ୍ଠା କରୁଛି। କମ୍ପାନୀ ପାଚେରୀ ନିର୍ମାଣ ଯୋଗୁ ସେହି ଜମିକୁ ଲାଗି ରହିଥିବା ଚାଷଜମି ପ୍ରଭାବିତ ହେଉଛି। କମ୍ପାନୀ ପକ୍ଷରୁ ଉଚ୍ଚ ପଥର ପାଚେରୀ ନିର୍ମାଣ ହେତୁ ଚାଷଜମିକୁ ପ୍ରାକୃତିକ ଉପାୟରେ ଆସୁଥିବା ଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି। ଏପରିକି ଚାଷୀ ଯାତାୟାତ କରିବା ନେଇ ସମସ୍ୟା ଉପୁଜିଥିବା ବେଳେ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ସମ୍ପୃକ୍ତ ଜମିକୁ ଲାଗି ମୁଖ୍ୟରାସ୍ତା ନିକଟରେ ଜଳସେଚନ ନିମନ୍ତେ ଏକ ଶଙ୍ଖ ରହିଛି। ତେବେ ଉକ୍ତ କମ୍ପାନୀ ସେହି ଜଳଯୋଗାଣ ରାସ୍ତାରେ ବେଆଇନ ଭାବେ ବିରାଟ ପ୍ରାଚୀର କରୁଛି। ଏନେଇ ଚାଷୀମାନେ ଏକାଠି ଭାବେ କମ୍ପାନୀର ଏପରି କାର୍ଯ୍ୟ ସମ୍ପର୍କରେ ବେଗୁନିଆ ତହସିଲଦାର ଓ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନଠାରୁ ନିରାଶ ହେବା ପରେ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ସରକାରଙ୍କ ସ୍ୱତନ୍ତ୍ର ଆଇନ ମୁତାବକ ଯେକୌଣସି ପରିସ୍ଥିତିରେ ମଧ୍ୟ ଚାଷଜମିକୁ ଜଳସେଚନରୁ ବଞ୍ଚିତ ଅଥବା ପ୍ରାକୃତିକ ଜଳଉତ୍ସକୁ ବନ୍ଦ କରାଯାଇପାରିବ ନାହିଁ। କୌଣସି ଠାରେ ଏଭଳି ସମସ୍ୟା ସୃଷ୍ଟି ହେଲେ ପ୍ରଶାସନ ଏହାର ବିକଳ୍ପ ବ୍ୟବସ୍ଥା କରିବେ। ଚାଷ ଜମିକୁ ଜଳ ଯୋଗାଣ ଅଗ୍ରାଧିକାର ଭିତ୍ତିରେ ଦିଆଯିବ। ଏହି ନିୟମକୁ କାର୍ଯ୍ୟକାରୀ ସହ ସପ୍ତାହକ ମଧ୍ୟରେ ଚାଷୀଙ୍କ ସମସ୍ୟା ସମାଧାନ ଲାଗି ହାଇକୋର୍ଟ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ କମ୍ପାନୀ ଚାଷଜମିକୁ ଜଳଯୋଗାଣ ବାଟ ଅବରୋଧ କରିଥିବାବେଳେ କମ୍ପାନୀକୁ ମିଳିଥିବା ଅନୁମୋଦିନ ପ୍ଲାନକୁ ନ ମାନି ବେଆଇନ ଭାବେ ପାଚେରୀ ନିର୍ମାଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏପରିକି ଏହି ନିର୍ମାଣକୁ ବନ୍ଦ କରିବା ପାଇଁ ଚାଷୀମାନେ ୧୪୪ ଧାରାର ସହଯୋଗ ନେଇଥିବା ସତ୍ତ୍ୱେ ସମ୍ପୃକ୍ତ କମ୍ପାନୀ ସ୍ଥାନୀୟ ଅସାମାଜିକ ବ୍ୟକ୍ତିଙ୍କ ସହାୟତାରେ ଜୋର ଜବରଦସ୍ତ ପ୍ରାଚୀର ନିର୍ମାଣ କରିଥିଲା। ଫଳରେ ଗତ ଦୁଇବର୍ଷ ହେବ ଚାଷୀମାନେ ସେହି ଜମିରେ ଚାଷବାସ କରିପାରୁ ନାହାନ୍ତି। ହାଇକୋର୍ଟଙ୍କ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଚାଷୀମାନେ ଦାବି କରିଛନ୍ତି।




ଜୟ କପିଳେଶ୍ୱର ବୋଲବମ୍ ସେବା ଟ୍ରଷ୍ଟ ପକ୍ଷରୁ ବୋଲଗଡ଼ ବସ୍‌ଷ୍ଟାଣ୍ଡଠାରେ ଅନୁଷ୍ଠିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ।

## ଶିବଭକ୍ତିରେ ଝୁମିଲେ ଶ୍ରଦ୍ଧାଳୁ

ବୋଲଗଡ଼,୨୭।୮ (ଦେବବ୍ରତ ହୋତା)

ବୋଲଗଡ଼ ବସ୍‌ଷ୍ଟାଣ୍ଡଠାରେ ଜୟ କପିଳେଶ୍ୱର ବୋଲବମ୍ ସେବା ଟ୍ରଷ୍ଟ ପକ୍ଷରୁ ଶନିବାର ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୦୯ ମସିହାରୁ ଆରମ୍ଭ ହୋଇଥିବା ବୋଲବମ୍ ଯାତ୍ରୀଙ୍କ ସେବା କାର୍ଯ୍ୟକ୍ରମ ନିରବଚ୍ଛିନ୍ନଭାବେ ୧୪ବର୍ଷ ଧରି ଏଠାରେ ଚାଲିଆସୁଥିବା ବେଳେ ଶ୍ରାବଣ ମାସ ପ୍ରତ୍ୟେକ ସୋମବାରର ଦୁଇତିନିଦିନ ଆଗରୁ ଏହି କେନ୍ଦ୍ରରେ ପାଣିଭାର ଧରି ଯାଉଥିବା କାଉଡ଼ିଆମାନେ ଏଠାରେ ଭୋଜନ ସହ ବିଶ୍ରାମ କରିଥାନ୍ତି। ବଲାଙ୍ଗୀର-ଖୋର୍ଦ୍ଧା ୫୭ନମ୍ବର ଜାତୀୟ ରାଜପଥ ଉପରେ ଅବସ୍ଥିତ ଏହି ସେବା ଶିବିରରେ କଟକ ଓ ବାଙ୍କୀସ୍ଥିତ ମହାନଦୀରୁ ଜଳ ଉଠାଇ କାଉଡ଼ିଆମାନେ ଏହି ବାଟ ଦେଇ ନୟାଗଡ଼ ଜିଲା ଶରଣକୁଳର ଲଡୁବାବା ଓ ଦିତିକେଶ୍ୱର ମହାଦେବଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥାନ୍ତି। ତେବେ ସୋମବାର ଶେଷପାଳି ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ ଜମିବା ଓ ସେମାନଙ୍କ ଶ୍ରମଲାଘବ ଓ ଭକ୍ତିଭାବରେ ଆବେଗତା ଆଣିବାକୁ ସୁର୍ ଭାଇବ୍ରେଶନ ସଂସ୍ଥା ଦ୍ୱାରା ଭଜନସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଅବିନାଶ କୁମାର ସୁବୁଦ୍ଧି ଏହାକୁ ପରିଚାଳନା କରିଥିବା ବେଳେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ବିଜେଡି ଯୁବନେତା ବ୍ରଜବନ୍ଧୁ ସୁବୁଦ୍ଧି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଜୟ କପିଳେଶ୍ୱର ବୋଲବମ୍ ସେବା ଟ୍ରଷ୍ଟ ପକ୍ଷରୁ ଶ୍ରୀଧର ହରିଚନ୍ଦନ, ଗୁରୁକୃଷ୍ଣ ସାମନ୍ତରାୟ, ପ୍ରଶାନ୍ତ ମହାପାତ୍ର, ମନୋଜ ପଣ୍ଡା, ମୁନା ସାହୁ, ସତ୍ୟପ୍ରିୟ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ସିନିୟରରେ ଅସିତ, ଜୁନିୟରରେ ବିଶ୍ୱମୋହନ ପ୍ରଥମ

ଜଟଣୀ,୨୭।୮ (ରବୀନ୍ଦ୍ର ନାଥ ମହାକୁଡ଼)

**ସାଧାରଣ ଜ୍ଞାନ ପ୍ରତିଯୋଗିତା**

ଜଟଣୀସ୍ଥିତ ବାବା ସୋମନାଥ ଏଜୁକେଶନାଲ ଡେଭଲପମେଣ୍ଟ ସୋସାଇଟି ପକ୍ଷରୁ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତା ସିନିୟର ଏବଂ ଜୁନିୟର ବିଭାଗରେ ଅନୁଷ୍ଠିତ ହୋଇଥିଲା। ସିନିୟର ବିଭାଗରେ ଅସିତ କୁମାର ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଶ୍ୱିନୀ କୁମାର ପାଇକରାୟ ଦ୍ୱିତୀୟ, ଗୁରୁଦତ୍ତ ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜୁନିୟର ବିଭାଗରେ ବିଶ୍ୱ ମୋହନ ସ୍ୱାଇଁ ପ୍ରଥମ, ପ୍ରତୀକ୍ଷା ସ୍ୱାଇଁ ଦ୍ୱିତୀୟ, ଅନ୍ନପୂର୍ଣ୍ଣା ମାଝୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଗୋଳବାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱସ୍ତିକା ପାଲ, ବିଏସଇଡିର ସଭାପତି ତ୍ରିଲୋଚନ ମହାପାତ୍ର, ଅମ୍ବିକା ପ୍ରସାଦ ପଟ୍ଟନାୟକ, ସୌଦାମିନୀ ମହାନ୍ତି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ସତ୍ୟବ୍ରତ ମଙ୍ଗରାଜ, ଅଭିଷେକ ସାହୁ, ଅମିତ ବଳିୟାରସିଂହ, ରାଜେଶ ସ୍ୱାଇଁ, ମଳୟ ମହାନ୍ତି, ବିମଳ ବେହେରା, ପ୍ରସନ୍ନ ସୁନ୍ଦରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

## ବୋଲଗଡ଼ ଐତିହ୍ୟସ୍ଥଳୀରୁ ମାଟି ଗଲା ଦିଲ୍ଲୀ



ସଂଗୃହୀତ ମାଟିକୁ ଦିଲ୍ଲୀ ପଠାଯାଉଛି।

ବୋଲଗଡ଼,୨୭।୮ (ଦେବବ୍ରତ ହୋତା)

କେନ୍ଦ୍ର ସରକାର ମେରା ମିଟି ମେରା ଦେଶ ଅଭିଯାନ କାର୍ଯ୍ୟକ୍ରମରେ ଚଳିତ ବର୍ଷ ଦେଶର ଗ୍ରାମଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ ଐତିହ୍ୟସ୍ଥଳୀରୁ ମାଟି ସଂଗ୍ରହ କରୁଛନ୍ତି। ଏହିକ୍ରମରେ ବୋଲଗଡ଼ ବ୍ଲକ ବିଭିନ୍ନ ଐତିହ୍ୟ ଗ୍ରାମରୁ ରବିବାର ମାଟି ସଂଗ୍ରହ କରାଯାଇ ଦିଲ୍ଲୀ ପଠାଯାଇଛି। ଏହି ପରିପ୍ରେକ୍ଷୀରେ ସଂଗ୍ରାମୀଙ୍କ ଗ୍ରାମ ଚମ୍ପାଇଲୋ ଖଦିକେନ୍ଦ୍ରଠାରୁ ପୂଜକ ଶରତ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ମାଟି ପୂଜା ପୂର୍ବକ ସଂଗ୍ରାମୀ ଦାୟାଦ ପ୍ରମୋଦ ପ୍ରତାପସିଂହଙ୍କୁ ପ୍ରଦାନ କରିଥିଲେ। ଏହାକୁ ଶିକ୍ଷାବିତ୍ ଅଇଁଠୁ ରଣଜିତସିଂହ, ମନୋଜ ଗୁମାନସିଂହ, ସଂଗ୍ରାମୀ ଦାୟାଦ ଭରତ ଶ୍ରୀଚନ୍ଦନ, ଦୀପକ ଜେନା, ସମିତି ସଭ୍ୟ ସଂଜୟ ଗୁମାନସିଂହ, ନାରିନେତ୍ରୀ କୁନ୍ତଳା ସାମନ୍ତ, ଜ୍ୟୋତି ରଞ୍ଜନ ଦାସ ଓ ନକୁଳ ରଣସିଂହଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଐତିହାସିକ ରବୀନ୍ଦ୍ର ପରିଡାଙ୍କ ନେତୃତ୍ୱରେ ବୋଲଗଡ଼ ଜଗନ୍ନାଥ ମନ୍ଦିରଠାରୁ ମହାତ୍ମା ଗାନ୍ଧୀ ଓ ଉତ୍କଳମଣୀ ଗୋପବନ୍ଧୁଙ୍କ ପାଦ ପଡିଥିବା ସ୍ଥାନ ଏବଂ ମାଣିକାଗୋଡ଼ାରୁ କର୍ପୁର ସାହୁଙ୍କ ଦ୍ୱାରା ହିନ୍ଦୁ ମୁସଲିମ ଭାଇଚାର ଗ୍ରାମ ମାଟି ସଂଗ୍ରହ ହୋଇଥିଲା। କବିତୀର୍ଥ ସାନପଦର ଗ୍ରାମରୁ ଶିକ୍ଷକ ଶ୍ରୀକାନ୍ତ ନାୟକ ଓ ବଙ୍କୋଇ ଗ୍ରାମରୁ ସଂଗ୍ରାମୀ ଦାୟାଦ କୃଷ୍ଣଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ପବିତ୍ର ମାଟି ଧରି ପିଚୁକୁଳି ନେତାଜୀ ଛକଠାରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଐତିହାସିକ ପରିଡା ବୋଲଗଡର ଐତିହ, ପରମ୍ପରା ଓ ସ୍ୱାଧୀନତା ଆନ୍ଦୋଳନରେ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଦୀପ ପାଇକରାୟ ଧନ୍ୟବାଦ ଦେଇଥିଲେ। ପରେ ଜୟଧ୍ୱନି ମାଧ୍ୟମରେ ସମସ୍ତ ପବିତ୍ର ମାଟି କଳସକୁ ଦିଲ୍ଲୀ ପଠାଯାଇଛି।

## ଆମ ପୋଲିସ ବୈଠକ




ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ନିରାକାରପୁର,୨୭।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନାରେ ରବିବାର ଅପରାହ୍ନରେ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ଥାନା ପରିସରରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଜନପ୍ରତିନିଧି, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଖବରଦାତାମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅଞ୍ଚଳରେ କିଭଳି ଚୋରି, ରାହାଜନୀ, ଡକାୟତିକୁ ରୋକଯାଇପାରିବ ସେଥିପାଇଁ ଥାନା ଅଧିକାରୀ ଜେନା ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**

**QUOTATION CALL NOTICE**

No.:1495/CM Dated 26.08.2023

Sealed quotations are invited from eligible reputed intending registered firms / suppliers/ authorized dealers having valid GST registration, PAN and TIN No. for supply of Laboratory Equipments-Projector, Interactive Board, Computer, Printer and other Science Lab Equipments to the College. The quotation paper and other details should reach the Principal by speed post on or before 2 P.M. on 07.09.2023. The quotation will be opened before the Purchase Committee at 3.30 P.M. on 07.09.2023. The authority reserves the right to cancel the quotations without assigning any reason thereof. Visit Chikiti Mahavidyalaya website www.cmvedu.in for further details.

Sd./- Principal, Chikiti Mahavidyalaya, Chikiti, Ganjam

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1 No.CAD-1852

**TENDER CALL NOTICE**

Tender Notice No.4199/MKT/OSIC Dt.25.08.2023

OSIC invites sealed bids from experienced Manufacturers/ Suppliers /MSMEs/Dealers/ Distributors having due OEM authorization for supply & installation of Interactive Panel and other IT peripherals in High Schools (4th phase) Transformation of Ganjam District. The tender document along with detail specification and quantity of the item as well as the terms and conditions is available in OSIC website. Any corrigendum/ changes/ modifications will appear in OSIC Ltd. website: www.osicltd.in only and all the tenderers are to refer to above website.

Sd/-
GENERAL MANAGER(O)
OIPR-14073/11/0047/2324

**ZILLA PARISHAD, DEOGARH**

**INVITATION OF OBJECTIONS FOR THE POST OF GRS**

Last date: 11.09.2023 No.CAD-182

This is for information of all the applicants applied for the post of 6 (Six) Nos. of Gram Rozgar Sevaks for Deogarh District on contractual basis vide Advt. No. 1098/ ZP/ Esst., Date 30.05.2023. The preliminary scrutiny of their applications have been done by the Scrutiny Committee and a Provisional Merit list along with a rejected list of candidates have been published & web hoisted in the district website www.deogarh.nic.in. The applicants can view the status of their application by browsing the above website and they may file their objection(s), if any, to the CDO-cum-EO, Zilla Parishad, Deogarh in writing or to the Zilla Parishad, Deogarh through E-mail to 'ori-ddeogarh@nic.in'. The last date for filing of objections by the candidates is **11.09.2023 by 5.00 P.M.** (email or offline).

Sd./- Collector-cum-CEO
Zilla Parishad, Deogarh
OIPR-19366/11/0007/2324

# ଚାକିରି ଛାଡ଼ି ଆପଣାଇଲେ ଚାଷ

ଖୋର୍ଦ୍ଧା,୨୭।୮ (ପ୍ରଭାତ ପାଣିଗ୍ରାହୀ)

**ସ୍ୱାବଲମ୍ବୀ ହୋଇପାରିଛନ୍ତି ୩ ସାଙ୍ଗ**
- ବର୍ଷକୁ ରୋଜଗାର ୧୨ ଲକ୍ଷ ଟଙ୍କା
- ପାଲଟିଛନ୍ତି ଯୁବପିଢ଼ିଙ୍କ ପ୍ରେରଣା



କଥାରେ ଅଛି, ଇଚ୍ଛା ଥିଲେ ସଫଳତା ଆପେ ଆପେ ମିଳିଥାଏ। ଦୃଢ଼ ମନୋବଳ ଓ କଠିନ ପରିଶ୍ରମ ଶୀର୍ଷରେ ପହଞ୍ଚାଇଥାଏ। ଏହାର ଉଦାହରଣ ସାଜିଛନ୍ତି ୩ ଯୁବବନ୍ଧୁ। କଲେଜ ପାଠପଢ଼ା ସାରିବା ପରେ କିଛିଦିନର ଚାକିରିକୁ ଛାଡ଼ି ପରିବା ଚାଷକରି ସ୍ୱାବଲମ୍ବୀ ହୋଇଛନ୍ତି। ବର୍ଷକୁ ୧୦ରୁ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ନିଜେ ଆତ୍ମନିର୍ଭରଶୀଳ ହେବା ସହ ଗ୍ରାମର ଏକାଧିକ ଯୁବକଙ୍କୁ ରୋଜଗାର ଯୋଗାଇଛନ୍ତି। ଚାଷରୁ ମୁହଁ ଫେରାଇ ଚାକିରି ପଛରେ ଧାଉଁଥିବା ଯୁବପିଢିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଏମାନେ ହେଉଛନ୍ତି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଶଗଡ଼ଭଙ୍ଗା ଗ୍ରାମର ସନ୍ତୋଷ, ଲିପୁ ଓ ସିତାଂଶୁ ସ୍ୱାଇଁ। ଏହି ୩ ସାଙ୍ଗ ଧାନ ପରିବର୍ତ୍ତେ ପନିପରିବା ଚାଷକୁ ପ୍ରାଥମିକତା ଦେଇଛନ୍ତି। ଆଧୁନିକ ଜ୍ଞାନକୌଶଳ ଆପଣାଇ ଜୈବିକ ପଦ୍ଧତିରେ ଚାଷ କରି ବାଇଗଣ, କଲରା, ଝୁଡ଼ଙ୍ଗ, କାକୁଡ଼ି, ଜହ୍ନି, ଭେଣ୍ଡି, ପୋଟଳ, ଟମାଟୋ, କଞ୍ଚାଲଙ୍କା ଓ କୁନ୍ଦୁରି ପ୍ରଭୃତି ବିଭିନ୍ନ ପନିପରିବା ଅମଳ କରୁଛନ୍ତି। ଖରାଟିଆ ଓ ଶୀତଦିନିଆ ପରିବାଚାଷ କରି ରୋଜଗାରକ୍ଷମ ହୋଇପାରିଛନ୍ତି।

ସନ୍ତୋଷ କହିଛନ୍ତି, ଆମେ ତିନି ସାଙ୍ଗ ପିଲାଟିବେଳୁ ଗାଁ ଦାଣ୍ଡରେ ଏକାଠି ବୁଲିବା, ଖେଳିବା ସହ ପାଠପଢା ଜାରି ରଖିଥିଲୁ। ସ୍ନାତକ ପାସ୍ କରିବା ପରେ ଚାକିରି ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଚାଲିଯାଇଥିଲୁ।



ଲିପୁ



ସନ୍ତୋଷ



ସିତାଂଶୁ

ସେଠାରେ କିଛିମାସ ଘରୋଇ କମ୍ପାନୀରେ କାମ କରିବା ପରେ ଫେରିଆସିଥିଲୁ। ଏଠାରେ ଏକାଠି ମିଶି ଏକ ବ୍ୟବସାୟ କରିବାକୁ ଚିନ୍ତା କରିଥିଲୁ। ତେବେ ପରେ ଚାଷ କରିବାକୁ ମନସ୍ଥ କଲୁ। ଧାନ ପରିବର୍ତ୍ତେ ପରିବା ଚାଷ ପାଇଁ ନିଷ୍ପତ୍ତି ନେଇଥିଲୁ। ନିଜ ନିଜ ବାପାଙ୍କ ସହ ଏ ସମ୍ପର୍କରେ କଥା ହୋଇଥିଲୁ। ଆମେ ଚାଷୀଘର ପିଲା ହୋଇଥିବାରୁ ପୂର୍ବରୁ ଚାଷକାର୍ଯ୍ୟ ନେଇ କିଛି ଅଭିଜ୍ଞତା ଥିଲା। ପରିବାର ଲୋକେ ମଧ୍ୟ ଏଥିରେ ସହମତି ପ୍ରକାଶ କରିଥିଲେ। ଫଳରେ ପରିବା ଚାଷ ଆରମ୍ଭ କରିଥିଲୁ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଲିପୁ କହିଛନ୍ତି, ବଜାରରେ ପରିବା ଦର ଯାହା, ପୁଣି ଜଳସେଚନ, ବିହନ, ସାର ସମସ୍ୟା ମଧ୍ୟ ରହିଛି। ବହୁ ଘାତ ପ୍ରତିଘାତ ମଧ୍ୟରେ ଚାଷକାର୍ଯ୍ୟ ଆରମ୍ଭ କରିଥିଲୁ। ଦୀର୍ଘ ଦିନର ଅକ୍ଳାନ୍ତ ପରିଶ୍ରମ ପରେ ଯେତେବେଳେ ପ୍ରଥମ ଫଳ ଧରିବା ଆରମ୍ଭ କରିଥିଲା, ସେତେବେଳେ ମନରେ ଆନନ୍ଦ ଖେଳିଯାଇଥିଲା। ସିତାଂଶୁ କହିଛନ୍ତି, ପନିପରିବାରୁ ମାସିକ ୩୦ରୁ ୪୦ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର ହେଉଛି। ଚାଷ କାର୍ଯ୍ୟରେ ଏକାଧିକ ଯୁବକଙ୍କୁ ମଧ୍ୟ ନିଯୁକ୍ତି ଦେଇଛୁ। ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଦେଇପାରିଛୁ। ପୂର୍ବରୁ ସ୍ଥାନୀୟ ବଜାର, ଖୋର୍ଦ୍ଧା ସମେତ ରଣପୁର, ବାଙ୍କୀ ପ୍ରଭୃତି ଅଞ୍ଚଳକୁ ପରିବା ବିକ୍ରି କରିବାକୁ ନେଉଥିଲେ। ଏବେ କିନ୍ତୁ ବେପାରୀ ତାଙ୍କ ନିକଟକୁ ଆସି କିଣି ନେଉଛନ୍ତି ବୋଲି ସିତାଂଶୁ ପ୍ରକାଶ କରିଛନ୍ତି। ଗ୍ରାମର ଦୁର୍ଗାପ୍ରସାଦ ସ୍ୱାଇଁ କହିଛନ୍ତି, ଏହି ତିନିଜଣ ଯୁବକ ଗ୍ରାମର ଅନ୍ୟମାନଙ୍କ ଆଖି ଖୋଲିଦେଇଛନ୍ତି। ଚାକିରି ପଛରେ ଗୋଡ଼ାଇବା ପରିବର୍ତ୍ତେ ଚାଷ କାର୍ଯ୍ୟରୁ ମଧ୍ୟ ସଫଳ ଉଦ୍ୟୋଗୀ ହୋଇପାରିବ ତାହା ଏମାନେ କରି ଦେଖାଇଛନ୍ତି। ଏମାନଙ୍କୁ ଦେଖି ଗ୍ରାମର ଅନ୍ୟ ଯୁବକଙ୍କ ମନରେ ଚାଷକାର୍ଯ୍ୟ ପ୍ରତି ଆଗ୍ରହ ସୃଷ୍ଟି ହୋଇଛି। ଏଠାରେ ଶୀତଳଭଣ୍ଡାର ବ୍ୟବସ୍ଥା କରାଗଲେ ଅମଳ ପରିବାକୁ ସଂରକ୍ଷଣ ରଖାଯିବା ସୁବିଧା ହୋଇପାରନ୍ତା ବୋଲି ସେ ମତ ଦେଇଛନ୍ତି। ଏବେ ସନ୍ତୋଷ, ଲିପୁ ଓ ସିତାଂଶୁଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।

**ସଂକ୍ଷେପରେ**

## ନାଳ ଖୋଳିଲେ ଚାଷୀ, ଉତ୍ତେଜନା

ପୁରୁଣା ଭୁବନେଶ୍ୱର, ୨୭।୮ (ସୁବାସ ଚନ୍ଦ୍ର ପ୍ରଧାନ):

ପିପିଲି ତହସିଲ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର, ପୁବା, ବିଲିପଡ଼ା ଆଦି ଅଞ୍ଚଳରେ ଜଣେ ବିଲ୍ଡର ଚକନାଳ ଓ ପାଣିନାଳ ପୋତିବା ସହିତ ଚାଷୀଙ୍କ ଜମିକୁ ହାତେଇ ପ୍ଲଟିଂ ଜମିକୁ ବିକ୍ରି କରୁଛନ୍ତି। ଏନେଇ ଶତାଧିକ ଚାଷୀ ସ୍ଥାନୀୟ ତହସିଲଦାର, ବିଡିଓ, ବିଧାୟକ ଓ ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବାରୁ ରବିବାର ବିଭିନ୍ନ ଗ୍ରାମର ଚାଷୀ ଏକତ୍ରିତ ହୋଇ ଜେସିବି ମେଶିନ ଦ୍ୱାରା ବିଲ୍ଡରଙ୍କ ଦ୍ୱାରା ଅବରୋଧ କରାଯାଇଥିବା ପାଣିନାଳ ପାଚେରି ଭାଙ୍ଗି ପୁନଃ ଖୋଳିବା ଆରମ୍ଭ କରିଥିଲେ। ବିଲ୍ଡର ଓ ତାଙ୍କର ସହଯୋଗୀ ପହଞ୍ଚି ଚାଷୀଙ୍କୁ ବିଭିନ୍ନ ଧମକ ଦେଇଥିଲେ। ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଆସନ୍ତା ଦୁଇଦିନ ମଧ୍ୟରେ ନାଳ ପୂର୍ବପରି ଖୋଳିବା ପ୍ରତିଶ୍ରୁତି ଦେଇ ବିଲ୍ଡର ସେଠାରୁ ପଳାଇଥିଲେ। ହେଲେ ପ୍ରଶାସନର ଅବହେଳାରୁ ଚାଷୀମାନେ ଏଭଳି ଦୁର୍ଦ୍ଦଶା ଭୋଗୁଥିବାରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚାଷୀ ଅଜୟ କୁମାର ଲେଙ୍କା କହିଛନ୍ତି।

## ଉତ୍ପାତିଆ ମାଙ୍କଡ଼କୁ କାବୁ କଲା ବନ ବିଭାଗ

### ଚିକିତ୍ସା ପରେ ଜଙ୍ଗଲରେ ଛଡ଼ାଯିବ

ଗୋପ, ୨୭।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବନବିଭାଗ ଦ୍ୱାରା ନିମାପଡ଼ାର ବଢ଼ଲିଖୋଲ ଗ୍ରାମରେ କିଛି ଦିନ ଧରି ଉତ୍ପାତ କରୁଥିବା ହନୁ ମାଙ୍କଡ଼କୁ ରବିବାର ଅପରାହ୍ନରେ କାବୁ କରାଯାଇଛି। ଏହି ମାଙ୍କଡ଼କୁ ଚିକିତ୍ସା କରାଯିବା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ଗୋପ ରେଞ୍ଜର ରମେଶ ଚନ୍ଦ୍ର ଜାନି କହିଛନ୍ତି। ପ୍ରକାଶ ଯେ, କିଛି ଦିନ ଧରି ଏହି ଅଣ୍ଡିରା ହନୁ ମାଙ୍କଡ଼ଟି ବଢ଼ଲିଖୋଲ ସହିତ ନିକଟ ଗାଁଗୁଡ଼ିକରେ ଆତଙ୍କ ସୃଷ୍ଟି କରୁଥିଲା। ପ୍ରାୟ ୮/୧୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏହି ମାଙ୍କଡ଼ କାମୁଡ଼ି ଥିଲା। ବାରମ୍ବାର ଜଙ୍ଗଲ ବିଭାଗ ଚଢ଼ାଉ କରି ମାଙ୍କଡ଼କୁ କାବୁ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ରବିବାର ଗୋପ ରେଞ୍ଜର ଜାନିଙ୍କ ସହିତ କେତେକ ଜଙ୍ଗଲ କର୍ମଚାରୀ ଯନ୍ତା ବସାଯାଇ ଉକ୍ତ ମାଙ୍କଡ଼କୁ କାବୁ କରିଥିଲେ।

## ମଦ ଜବତ, ୩ ଗିରଫ

ପିପିଲି, ୨୭।୮ (ପ୍ରଭାତ କୁମାର ମହାପାତ୍ର):

ପିପିଲି ଥାନା ଅଞ୍ଚଳରେ ଚୋରା ମଦ କାରବାର ବଢ଼ିଚାଲିଛି। ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କ ନେତୃତ୍ୱରେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ମଦ ଜବତ କରାଯାଉଛି। ଗତ ଗୁରୁବାର ସନ୍ଧ୍ୟାରେ ପୋଲିସ ଜଗନ୍ନାଥପୁର ନଦୀବନ୍ଧ ନିକଟରେ ଚଢ଼ାଉ କରି ଉକ୍ତ ଗ୍ରାମର ଜିତେନ୍ଦ୍ର ମଲ୍ଲିକଙ୍କୁ ଗିରଫ କରିବା ସହ ୭ଲିଟର ଆସ୍କା ଫଟି ମଦ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୮୪/୨୩) ରୁଜୁ ହୋଇଛି। ସେହିପରି ଜଗନ୍ନାଥପୁର ଗ୍ରାମ ଆନନ୍ଦ ବଜାରରେ ଥିବା ଏକ ଦୋକାନରେ ପୋଲିସ ଚଢ଼ାଉ କରି ୨୩ଲିଟରରୁ ଊର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ରବୀନ୍ଦ୍ର ସାହୁ(୫୭)ଙ୍କୁ ଗିରଫ କରଛି। ଏନେଇ ଥାନାରେ ଏକ ମାମଲା (ନଂ.୩୮୫/୨୩) ରୁଜୁ ହୋଇଛି। ଶନିବାର ରାତିରେ ତେଇଶିପୁର ପେଟ୍ରୋଲପମ୍ପ ନିକଟରୁ ୭ଲିଟର ଦେଶୀ ମଦ ଜବତ କରିବା ସହ ବିକାଶ ପରିଡ଼ାଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୯୧/୨୩) ରୁଜୁ ହୋଇଛି।

## ସଡ଼କ ଦୁର୍ଘଟଣା ରୋକିବା ନେଇ ବୈଠକ

ପୁରୀ, ୨୭।୮ (ଅଜିତ ମହାନ୍ତି)

ପୁରୀ ଜିଲା ରୋଡ ସେଫ୍‌ଟି କମିଟି ପକ୍ଷରୁ ଏକ ବୈଠକ ରବିବାର ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁପ୍ରିମକୋର୍ଟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ, ରୋଡ ସେଫ୍‌ଟିର ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର, ଯୁଗ୍ମ କମିଶନର, ସାଉଥ ଜୋନର ଡେପୁଟି ଟ୍ରାନ୍ସପୋର୍ଟ କମିଶନର, ଆର୍‌ଟିଓ, ଅତିରିକ୍ତ ଏସ୍‌ପି, ପୂର୍ତ୍ତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସାଇଟ୍ ଇଞ୍ଜିନିୟର, ଅତିରିକ୍ତ ଏମ୍‌ଭିଆଇ, ପୁରୀ ବସ୍ ମାଲିକ ସଂଘ ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ଭବିଷ୍ୟତରେ କିଭଳି ସଡ଼କ ଦୁର୍ଘଟଣାଜନିତ ସମସ୍ୟା ରୋକାଯାଇପାରିବ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

# ଡକାୟତି ଯୋଜନା ବେଳେ ୫ ଧରାପଡ଼ିଲେ

ପିପିଲି, ୨୭।୮ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର):

ଦାଣ୍ଡମକୁନ୍ଦପୁର ବାଇପାସ୍ ଭୋଗୁଆବାଙ୍କ ସ୍ଥିତ ଏକ ଦୋକାନ ପଛପଟେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପିପିଲି ଥାନା ପୋଲିସ ଚଢ଼ାଉ କରି ୫ଜଣ ଡକାୟତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦାଣ୍ଡମକୁନ୍ଦପୁର ଷଟସ ଗ୍ରାମର କରୁଣାକର ସାହୁ(୩୩), ମାନସ ପରିଡା(୩୫), ରୁଦ୍ରନାରାୟଣ ସ୍ୱାଇଁ(୨୧), ଅମରେଶ୍ୱର ଘଡେଇ(୨୮) ଓ ପିପିଲି ଜୟପୁର କିଲ୍ଲା ଗ୍ରାମର ଚନ୍ଦନ ବେହେରା (୨୪)। ଏମାନଙ୍କ ନିକଟରୁ ଗୋଟିଏ କଟୁରି, ଛୁରି, ଲୁହା କଟର ଓ ଟର୍ଚ୍ଚ ଲାଇଟ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୯୨/୨୩) ରୁଜୁ ପରେ ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ


ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

### କଟୁରି, ଛୁରି ଓ ଟର୍ଚ୍ଚ ଜବତ

ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ନିମାପଡା ଜେଲକୁ ପଠାଇ ଦିଆଯାଇଛି। ୫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ପିପିଲି ଥାନାରେ ଏକାଧିକ ମାମଲା ରହିଥିବା ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାତୟରାୟ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଭୋଗୁଆବାଙ୍କ ସ୍ଥିତ ଏକ ଦୋକାନ ପଛପଟେ ଉପରୋକ୍ତ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ପହଞ୍ଚି ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବା ସହିତ ମାରଣାସ୍ତ୍ର ଜବତ କରିଥିଲା।

# 'ଖୁବ୍‌ଶୀଘ୍ର ବକ୍ସିଂ ଆରିନା ନିର୍ମାଣ ଶେଷ ହେବ'



ଅନ୍ତର୍ଜାତୀୟ ବକ୍ସିଂ ଦିବସ ଅବସରରେ ରବିବାର ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି।

### ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ଦିବସ ପାଳିତ

ପୁରୀ, ୨୭।୮ (ଅଜିତ ମହାନ୍ତି)

ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ତାଳବଣିଆ ଷ୍ଟାଡିୟମରେ ରବିବାର ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଶ୍ରୀମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି ଖେଳାଳିମାନେ ସହର ପରିକ୍ରମା କରି ତାଳବଣିଆ ଷ୍ଟାଡିୟମରେ ପହଞ୍ଚିଥିଲେ। ସେଠାରେ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପ୍ରତାପ ପୁରୁଷୋତ୍ତମ ଦେବ ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁଦର୍ଶନ ମହାରଥୀ ପ୍ରମୁଖ ଯୋଗଦେଇଥିଲେ। ପୁରୀର ବକ୍ସିଂ ଖେଳାଳିଙ୍କ ପାଇଁ ରାଜ୍ୟ ସରକାର ବକ୍ସିଂ ଆରିନା ନିର୍ମାଣ କରୁଛନ୍ତି, ଯାହା ଆଉ କିଛି ମାସ ମଧ୍ୟରେ ସରିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ କହିଥିଲେ। ବିଭିନ୍ନ ଜିଲାର ମୁଷ୍ଟିଯୋଦ୍ଧା କୋଚ୍‌ମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ପଦ୍ମନାଭ ପାତ୍ର (ଭୁବନେଶ୍ୱର), ଇଂ. ମଜବୁର୍ ରହେମାନ (କଟକ), ସୁଶାନ୍ତ କୁମାର ଷଡ଼ଙ୍ଗୀ (ସୁନ୍ଦରଗଡ଼), ବ୍ରଜଗୋପାଳ ପଣ୍ଡା (ସୁବର୍ଣ୍ଣପୁର), ଶଙ୍କର ପ୍ରସାଦ ଅଧିକାରୀ (ମୟୂରଭଞ୍ଜ), ରାମକୃଷ୍ଣ ବେନିୟା (ଗଜପତି), ପ୍ରଫୁଲ୍ଲ କୁମାର ମହାନ୍ତି (ଗଞ୍ଜାମ), ପ୍ରଶାନ୍ତ କୁମାର ବିଶ୍ୱାଳ (ଖୋର୍ଦ୍ଧା), ଦୁଷ୍ମନ୍ତ କୁମାର ପାଢୀ (ଗଞ୍ଜାମ), ମସ୍ୱଓଦ ଆଲମ (ରାଉରକେଲା)। ରବିଶଙ୍କର ପ୍ରତିହାରୀ ମଞ୍ଚ ପରିଚାଳନା କରିଥିଲେ। ମାନସ ଜେନା, ଦୀପକ ପରିଡା, ଜାବିର ଖାଁ, ସୁବ୍ରତ ପ୍ରଧାନ, ଅକ୍ଷୟ ନାୟକ, ରାକେଶ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ।

## ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ

କଣାସ, ୨୭।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଦେଇପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ମାଧବ ଚନ୍ଦ୍ର ବଳବନ୍ତରାୟଙ୍କୁ ୪/୫ଜଣ ଯୁବକ ମୁହଁରେ କଳାପଟି ବାନ୍ଧି ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଏନେଇ ଗଡିଶାଗୋଦା ଥାନାରେ ଏକ ମାମଲା ରୁଜୁ ହୋଇ ଏହାର ତଦନ୍ତ ଚାଲିଛି। ସୂଚନା ମୁତାବକ, ବଳବନ୍ତରାୟ ଗଡଖାରଦଠାରୁ ନିଜ ଗ୍ରାମ ତେଲେଙ୍ଗାପଡ଼ାକୁ ସ୍କୁଟି ଯୋଗେ ଯାଉଥିଲେ। ଗଡଖାରଦଠାରୁ କାଙ୍କପୁର ମଝିରାସ୍ତା ପାହାଡ଼ ତଳେ ୪/୫ଜଣ ଯୁବକ ମୁହଁରେ କଳାପଟି ବାନ୍ଧି ତାଙ୍କୁ ଆକ୍ରମଣ କରିଥିଲେ। କେହି ଏହାକୁ ରାଜନୈତିକ ଶତ୍ରୁତା କହୁଥିବାବେଳେ ଆଉ କିଛି ଟ୍ରାକ୍ଟର ଡ୍ରାଇଭର ସହିତ ପୂର୍ବ ଶତ୍ରୁତା ବୋଲି କହୁଛନ୍ତି।

## ଅଗ୍ନିବିପନ୍ନଙ୍କୁ ସହାୟତା

ଡେଲାଙ୍ଗ, ୨୭।୮ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ନୂଆ ଗାଁରେ ଘଟିଥିବା ଅଗ୍ନିକାଣ୍ଡରେ ୧୩ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ଏନେଇ ରବିବାର ଭୁବନେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। କ୍ଲବର ରୋଟାରିଆନ ରୁଦ୍ରପ୍ରସାଦ ମହାପାତ୍ର, ପ୍ରଫେସର ଗଙ୍ଗାଧର ମିଶ୍ର, ସୁବଳ ମହାରଣା, ଉମାକାନ୍ତ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ପ୍ରଧାନ ପ୍ରମୁଖ ବିପନ୍ନଙ୍କୁ ଲୁଗା, ଖାଇବା ତେଲ, ସାବୁନ, ଲୁଣ, ଚିନି, ଗୁଡ଼, ଅଟା, ମଶାଧୂପ, ଅମୁଲ, ଚା'ପତି, ବିସ୍କୁଟ ଓ ଦିଆସିଲି ଆଦି ବଣ୍ଟନ କରାଯାଇଥିଲା। ଅଗ୍ନିକାଣ୍ଡରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଦିବ୍ୟାଙ୍ଗ ପର୍ଶୁରାମ ଛାଟୋଇ ଓ ବାବୁ ପ୍ରଧାନଙ୍କୁ ଅତିରିକ୍ତ ରିଲିଫ ଦିଆଯାଇଛି।

## ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପୁରୀ, ୨୭।୮ (ଅଜିତ୍ ମହାନ୍ତି)

ରୋଟାରୀ କ୍ଲବ ଅଫ୍ ପୁରୀ ସାଗର ପକ୍ଷରୁ ରବିବାର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହଯୋଗରେ କ୍ଲବ ସଭାପତି ରାଜଦୀପ ଘୋଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଯୁଧିଷ୍ଠିର ଲେଙ୍କା, ଅଶୋକ ପାତ୍ର, କେଦାର ମହାପାତ୍ର, ତୁଷାରକାନ୍ତ ରାଉତ, ଶ୍ୟାମକାହ୍ନା ପଟ୍ଟନାୟକ, ହିମାଂଶୁ ମୋହନ ମହାନ୍ତି, ଚନ୍ଦନ ପାତ୍ର, ରାଜେନ୍ଦ୍ରନାଥ ବେହେରା, ଅଳଙ୍କାର ନନ୍ଦ ଓ ସନ୍ତୋଷ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ କ୍ଲବ୍ ପକ୍ଷରୁ ଅନେକ ମୂଲ୍ୟବାନ ଚାରା ରୋପଣ କରାଯାଇଛି।

# ପଞ୍ଚାୟତର ପ୍ରତ୍ୟେକ ଗାଁରେ ପହଞ୍ଚିବ ସରପଞ୍ଚ ସଂଘ

ଗୋପ, ୨୭।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଯେ କୌଣସି ସମସ୍ୟା, ସାଧାରଣ ଲୋକଙ୍କ ନିରାକରଣ ସହିତ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ ରବିବାର ଗୋପ ବ୍ଲକ ଉପକଣ୍ଠ ବେଲଦଳସ୍ଥିତ ବାର୍ତ୍ତା ଆଶ୍ରୟସ୍ଥଳୀଠାରେ ପୁରୀ ଜିଲାସ୍ତରୀୟ ସରପଞ୍ଚଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ଜିଲାର ୧୧ ଗୋଟି ବ୍ଲକର ଶତାଧିକ ସରପଞ୍ଚ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ସରପଞ୍ଚଙ୍କୁ ପଞ୍ଚାୟତର ମୁଖ୍ୟମନ୍ତ୍ରୀ ବୋଲି ବିବେଚନା କରାଯିବା, ସରକାରୀସ୍ତରରେ ଦରମା ବୃଦ୍ଧି କରା ନ ଯିବା, କେବଳ ପଞ୍ଚାୟତରେ ଲୋକ ପ୍ରତିନିଧି ଭାବରେ ସରପଞ୍ଚଙ୍କୁ ବସା ଯାଇଥିବା ସହ ଅନେକ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। ପଞ୍ଚାୟତର ପ୍ରତ୍ୟେକ ଗାଁରେ ପହଞ୍ଚିବ ସରପଞ୍ଚ ସଂଘ ସ୍ଥିର କରିଛି। ସରପଞ୍ଚ ସଂଘ ଜିଲା ସଭାପତି ଭାବେ ଗୋପ ବ୍ଲକ ନୂଆ ଖୋଲମରା ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ଶୀର୍ଷ ରଞ୍ଜନ ନାୟକ, ସମ୍ପାଦକ ଭାବେ ଭଗବାନ ପ୍ରଧାନଙ୍କ ସହିତ ଏକ କମିଟି ଗଠନ କରାଯାଇଛି। ଆସନ୍ତା ୨ ତାରିଖରେ ପୁରୀ ଜିଲା ସରପଞ୍ଚ ସଂଘ ପକ୍ଷରୁ ଏକ ବୈଠକ କରାଯାଇ ୧୧ ଗୋଟି ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ଜିଲାପାଳ ଓ ବିଡିଓଙ୍କ ପର୍ଯ୍ୟନ୍ତ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।



ବୈଠକରେ ଯୋଗ ଦେଇଥିବା ଅତିଥି ଓ ସରପଞ୍ଚମାନେ।

# ଦୁର୍ନୀତିମୁକ୍ତ ବିକାଶଶୀଳ ନିମାପଡ଼ା ଗଠନ ଭାଜପାର ମୂଳମନ୍ତ୍ର

ନିମାପଡ଼ା, ୨୭।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଭଳି ଏକ ସଂଗ୍ରାମୀ, ବିପ୍ଳବୀ, ସ୍ୱାଭିମାନ ମାଟିରେ ଏକ ଦୁର୍ନୀତିମୁକ୍ତ ବିକାଶଶୀଳ ନିମାପଡ଼ା ଗଠନ ଭାଜପାର ପରିକଳ୍ପନା ବୋଲି ଭାଜପାର ବରିଷ୍ଠ ନେତା ଦିଲୀପ ନାୟକ ଓ ପ୍ରଭାତୀ ପରିଡ଼ା କହିଛନ୍ତି। ବିଜେଡିର ଦୁର୍ନୀତିଗ୍ରସ୍ତ, କଳଙ୍କିତ, ଭ୍ରଷ୍ଟାଚାରୀ ଶାସନର ଖୁବ୍‌ଶୀଘ୍ର ଅବସାନ ଘଟିବ, ଆଗାମୀ ସାଧାରଣ ନିର୍ବାଚନରେ ନିମାପଡ଼ାରେ ଭାଜପା ବିଜୟ ହାସଲ କରିବ ବୋଲି ଦଳର ଏକ ମିଶ୍ରଣ ସମାରୋହରେ ଯୋଗଦେଇ ଭାଜପା ନେତୃବୃନ୍ଦ ମତ ପ୍ରକାଶ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ନିମାପଡ଼ାର ସଚେତନ ଭୋଟର ଭାଜପାକୁ ବିଜୟୀ କରାଇବାକୁ ମନସ୍ଥ କରିସାରିଲେଣି ବୋଲି ଭାଜପା ବରିଷ୍ଠ ନେତାମାନେ କହିଛନ୍ତି। ନିମାପଡ଼ା ବ୍ଲକ ଅଧୀନ ଅରିଖଣ୍ଡ ପଞ୍ଚାୟତ ଭାଜପା ପକ୍ଷରୁ ଏକ ବଡ଼ଧରଣର ମିଶ୍ରଣ ପର୍ବ ମା' ଦଶମଲ୍ଲୀ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଭାଜପା ପଞ୍ଚାୟତ ସଭାପତି ଅଜୟ ବେହେରା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଦଳର ବରିଷ୍ଠ ନେତା ଦିଲୀପ ନାୟକ, ପ୍ରଭାତୀ ପରିଡ଼ା, ମଣ୍ଡଳ ସଭାପତି ଯତୀନ୍ଦ୍ର ସ୍ୱାଇଁ, ପ୍ରଭାରୀ ରଞ୍ଜନ ଭୋଇ, ବିଜୟ ପଣ୍ଡା, ଆର୍ତ୍ତବନ୍ଧୁ ମହାନ୍ତି, ରାହୁଲ ନାୟକ, ମିଡିଆ ସେଲର ସଂଯୋଜକ ସନ୍ତୋଷ ପରିଡ଼ା, ନିର୍ବାଚନମଣ୍ଡଳୀର ସଂଯୋଜକ ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗରିବ କଲ୍ୟାଣକାରୀ, ବିକାଶମୁଖୀ ଯୋଜନାକୁ ପ୍ରତ୍ୟକ ଗାଁଗଣ୍ଡାର ସମସ୍ତ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ନେତୃବୃନ୍ଦମାନେ ଆହ୍ୱାନ ଦେଇଥିଲେ। ଆୟୋଜିତ ମିଶ୍ରଣ ପର୍ବରେ ପ୍ରାୟ ୫୦ ଜଣ ବିଜେଡି ଓ କଂଗ୍ରେସ କର୍ମୀ ଦଳ ତ୍ୟାଗ କରି ଭାଜପା ଦଳରେ ସାମିଲ ହୋଇଥିଲେ। ଦଳରେ ନୂତନ ଭାବେ ସାମିଲ ହୋଇଥିବା ନେତୃବୃନ୍ଦ ଓ କର୍ମୀଙ୍କୁ ଦଳର ବରିଷ୍ଠ ନେତା ନାୟକ ଓ ପରିଡ଼ା ଦଳୀୟ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଶତାଧିକ ଭାଜପା କର୍ମୀ ସ୍ଥାନୀୟ ପଞ୍ଚାୟତ ଅଫିସଠାରେ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରି ଗଣଧାରଣାରେ ବସିଥିଲେ।



ଭାଜପାରେ ସାମିଲ ହୋଇଥିବା ଅନ୍ୟ ଦଳର କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ବନ୍ଧପଡ଼ା ଗାଁ ରାସ୍ତାରେ ୨୦ ଫୁଟର ଘାଇ: ୫୦ ପରିବାର ଜଳବନ୍ଦୀ



ବଲଙ୍ଗା, ୨୭।୮ (କେଦାରେଶ୍ୱର ନନ୍ଦ):

ବଲଙ୍ଗା ଥାନା ଅଧୀନ ବନ୍ଧପଡ଼ା ଗ୍ରାମ ପାଖଦେଇ ଯାଇଥିବା ଶାଖା କେନାଲରେ ବନ୍ଧ ଭାଙ୍ଗି ୨୦ ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ ଗାଁ ଭିତରେ ପାଣି ପଶିଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ୫୦ରୁ ଊର୍ଦ୍ଧ୍ୱ ପରିବାର ଜଳବନ୍ଦୀ ହୋଇରହିଛନ୍ତି। ପ୍ରକାଶ ଯେ, କୋଟକୁସାଙ୍ଗ ପଞ୍ଚାୟତର କାଶିଆ–କୋଟକୁସାଙ୍ଗ ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତାରୁ ବନ୍ଧପଡା ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାର ନୂଆଗାଁ କେନାଲରେ ଘଳିଆ ସୃଷ୍ଟି ହୋଇ ମାତ୍ରାଧିକ ପାଣି ଏହି ଶାଖା କେନାଲରେ ପ୍ରବାହିତ ହେବା ଯୋଗୁ ଘାଇ ସୃଷ୍ଟି ହୋଇ ରାସ୍ତାଟି ଧସିଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ସୁନା ସଫା କରିବା ଆଳରେ ୨୫ ଗ୍ରାମ ଓଜନର ସୁନାଚେନ ଲୁଟ

ନିମାପଡ଼ା, ୨୭।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ନିକଟ ଅମଲାପଡ଼ା ସାହିରେ ୨ ଦୁର୍ବୃତ୍ତ ସୁନା ଅଳଙ୍କାର ସଫା କରିବା ଆଳରେ ସୁନାଚେନ୍ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗ୍ରାମର ଜିନୁ ସ୍ୱାଇଁ ନାମ୍ନୀ ଜଣେ ମହିଳାଙ୍କ ଘରେ ୨ ଜଣ ଦୁର୍ବୃତ୍ତ ପଶି ସୁନା ସଫା କରିବାକୁ କହିଥିଲେ। ଜିନୁ ତାଙ୍କୁ ୨୫ ଗ୍ରାମ ଓଜନର ସୁନା ଚେନ ସଫା କରିବାକୁ ଦେଇଥିଲେ। ସେତେବେଳେ ଦୁର୍ବୃତ୍ତମାନେ ଏକ ରାସାୟନିକ ପାଉଡର ପ୍ରୟୋଗ କରିଥିଲେ। ଫଳରେ ଜିନୁ ଏବଂ ତାଙ୍କ ପରିବାର ସଦସ୍ୟ ପାଉଡର ବାସ୍ନାରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଉକ୍ତ ସୁନାଚେନ ନେଇ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ଜିନୁ ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାଯିବାବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଏଭଳି ଦୁର୍ବୃତ୍ତଙ୍କୁ ଠାବ କରି ସେମାନଙ୍କ ପ୍ରତି କଡ଼ା ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ପୋଲିସ ନିକଟରେ ଦାବି ହୋଇଛି।

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**
**QUOTATION CALL NOTICE**
No.:1495/CM Dated 26.08.2023
Sealed quotations are invited from eligible reputed intending registered firms / suppliers/ authorized dealers having valid GST registration, PAN and TIN No. for supply of Laboratory Equipments-Projector, Interactive Board, Computer, Printer and other Science Lab Equipments to the College. The quotation paper and other details should reach the Principal by speed post on or before 2 P.M. on 07.09.2023. The quotation will be opened before the Purchase Committee at 3.30 P.M. on 07.09.2023. The authority reserves the right to cancel the quotations without assigning any reason thereof. Visit Chikiti Mahavidyalaya website www.cmvedu.in for further details.
Sd./- Principal, Chikiti Mahavidyalaya, Chikiti, Ganjam

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1 No.CAD-1852
**TENDER CALL NOTICE**
Tender Notice No.4199/MKT/OSIC Dt.25.08.2023
OSIC invites sealed bids from experienced Manufacturers/ Suppliers /MSMEs/Dealers/ Distributors having due OEM authorization for supply & installation of Interactive Panel and other IT peripherals in High Schools (4th phase) Transformation of Ganjam District. The tender document along with detail specification and quantity of the item as well as the terms and conditions is available in OSIC website. Any corrigendum/ changes/ modifications will appear in OSIC Ltd. website: www.osicltd.in only and all the tenderers are to refer to above website.
Sd/-
GENERAL MANAGER(O)
OIPR-14073/11/0047/2324

**ZILLA PARISHAD, DEOGARH**
**INVITATION OF OBJECTIONS FOR THE POST OF GRS**
Last date: 11.09.2023 No.CAD-182
This is for information of all the applicants applied for the post of 6 (Six) Nos. of Gram Rozgar Sevaks for Deogarh District on contractual basis vide Advt. No. 1098/ ZP/ Esst., Date 30.05.2023. The preliminary scrutiny of their applications have been done by the Scrutiny Committee and a Provisional Merit list along with a rejected list of candidates have been published & web hoisted in the district website www.deogarh.nic.in. The applicants can view the status of their application by browsing the above website and they may file their objection(s), if any, to the CDO-cum-EO, Zilla Parishad, Deogarh in writing or to the Zilla Parishad, Deogarh through E-mail to 'ori-ddeogarh@nic.in'. The last date for filing of objections by the candidates is **11.09.2023 by 5.00 P.M.** (email or offline).
Sd./- Collector-cum-CEO
Zilla Parishad, Deogarh
OIPR-19366/11/0007/2324

**ଆଜି ଜାଗା ମିଶନ ପଟ୍ଟା ବାଣ୍ଟିବେ ମୁଖ୍ୟମନ୍ତ୍ରୀ**

# ଅଯୋଗ୍ୟ ହିତାଧିକାରୀଙ୍କ ଉପରେ ନଜର




ଜାଗା ମିଶନରେ ଜମିପଟ୍ଟା ତାଲିକାରୁ ବାଦ୍ ପଡ଼ିଥିବା ରସୁଲଗଡ଼ ବାଲିଆପଟ୍ଟା ବସ୍ତିବାସିନ୍ଦା ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ବାସଭବନ ଘେରାଉ କରିଛନ୍ତି।

ଭୁବନେଶ୍ୱର,୨୭।୮(ବନ୍ଦନା ସେଠୀ)

'ଜାଗା ମିଶନ'ରେ ମାଗଣାରେ ଜମି ପଟ୍ଟା ପାଇବେ ବସ୍ତି ବାସିନ୍ଦା। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପ୍ରସ୍ତୁତ ତାଲିକାରେ ଭୂତ ହିତାଧିକାରୀ ସ୍ଥାନ ପାଇବା ଓ ବହୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେବାକୁ ନେଇ ବିବାଦ ଲାଗି ରହିଥିବାବେଳେ ସୋମବାର କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ପ୍ରଥମ ପର୍ଯ୍ୟାୟରେ ୫୧ହଜାର ହିତାଧିକାରୀ ପଟ୍ଟା ପାଇବାକୁ ଥିବାବେଳେ ପ୍ରଥମ ଦିନରେ ୫ହଜାର ଜମିପଟ୍ଟା ବଣ୍ଟନ କରାଯିବ। ଏଥିରେ ବହୁ ଅଯୋଗ୍ୟ ହିତାଧିକାରୀ ପଟ୍ଟା ହାତେଇବା ନେଇ ଆଶଙ୍କା ରହିଥିବାରୁ ଏହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ରାଜଧାନୀର ବିଭିନ୍ନ ବସ୍ତିରେ ଉଷା ସର୍ଭେ କରାଯାଇ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଦାୟିତ୍ୱରେ ଥିଲେ ବସ୍ତି ଉନ୍ନୟନ କର୍ତ୍ତୃପକ୍ଷ (ଏସ୍‌ଡିଏ)। ହେଲେ ବର୍ଷ ବର୍ଷ ଧରି ବସ୍ତିରେ ରହୁଥିବା ଲୋକଙ୍କୁ ବାଦ୍ ଦିଆଯାଇ ବସ୍ତିରେ ରହୁ ନ ଥିବା ଅନେକ ଅଯୋଗ୍ୟଙ୍କୁ ତାଲିକାଭୁକ୍ତ କରାଯାଇଛି। ଏପରିକି ଜାଗା ମିଶନ ସର୍ଭେରେ ଜାଲିଆତି ହୋଇଥିବା ବିଏମ୍‌ସି ମଧ୍ୟ ସ୍ୱୀକାର କରିଛି। ଗୋଟିଏ କି ଦୁଇଟି ବସ୍ତିରେ ନୁହେଁ, ରାଜଧାନୀର ଅନେକ ବସ୍ତିରେ ମାଳମାଳ ଭୂତ ହିତାଧିକାରୀ ସାମ୍ନାକୁ ଆସିଛନ୍ତି। ବାଲିତୋଟା ସାହି ହେଉ ଅବା ଶ୍ରୀରାମ ନଗର ବସ୍ତି ଅବା ନୀଳକଣ୍ଠ ନଗର ବସ୍ତି ସବୁଠାରେ ଏକାଧିକ ଲୋକଙ୍କ ନାମ ଜାଗା ମିଶନ ତାଲିକାରେ ଯୋଡାଯାଇଛି। ଯେଉଁମାନେ କେବେ ବି ବସ୍ତିରେ ରହି ନ ଥିଲେ କି ରହୁ ବି ନାହାନ୍ତି। ସେଠାକାର ବସ୍ତି ବାସିନ୍ଦା କେବେ ସେମାନଙ୍କୁ ଦେଖି ନାହାନ୍ତି। ଏବେ ସେମାନଙ୍କୁ ପଟ୍ଟା ମିଳିବ ବୋଲି ତାଲିକାରେ ପ୍ରକାଶ ପାଇବା ପରେ ଅସନ୍ତୋଷ ବଢି ଚାଲିଛି।

### ଅଧିକ ଜମି ନେଲେ ବେଞ୍ଚମାର୍କ ମୂଲ୍ୟ ଦେବାକୁ ପଡ଼ିବ

ବସ୍ତିରେ ଘର କରି ରହୁଥିବା ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରାଯିବ। ଏହାକୁ ସେମାନେ ଅନ୍ୟ କାହାକୁ ବିକ୍ରି କରି ପାରିବେ ନାହିଁ କିମ୍ବା ଦାନ ଦେଇ ପାରିବେ ନାହିଁ। ତେବେ ବସ୍ତିରେ ୩୨୩ ବର୍ଗଫୁଟ ଜମିକୁ ସରକାର ମାଗଣାରେ ଦେବେ। ବସ୍ତି ବାସିନ୍ଦା ଚାହିଁଲେ ୪୬୪ ବର୍ଗଫୁଟ ପର୍ଯ୍ୟନ୍ତ ଜାଗା ନେଇ ପାରିବେ। ମାତ୍ର ଏଥିପାଇଁ ସେମାନଙ୍କୁ ଅଞ୍ଚଳଓ୍ୱାରୀ ଜାରି କରାଯାଇଥିବା ବେଞ୍ଚମାର୍କ ମୂଲ୍ୟ ପର୍ଯ୍ୟନ୍ତ ଅର୍ଥ ଦେବାକୁ ପଡ଼ିବ। ତେବେ ରାସନକାର୍ଡଧାରୀମାନେ ବେଞ୍ଚମାର୍କ ମୂଲ୍ୟର ୫ ପ୍ରତିଶତ ଓ ରାସନକାର୍ଡ ନ ଥିଲେ ୧୦ ପ୍ରତିଶତ ଦାଖଲ କରିବେ ବୋଲି ନିର୍ଦ୍ଦେଶ ରହିଛି।

### ମେୟର, ବିଧାୟକଙ୍କ ବାସଭବନ ଘେରିଲେ ବସ୍ତି ବାସିନ୍ଦା

ଜାଗା ମିଶନରେ କେଳେଙ୍କାରୀକୁ ନେଇ ରବିବାର ମେୟର ସୁଲୋଚନା ଦାସ ଓ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ବାସଭବନ ଘେରାଉ କରାଯାଇଥିଲା। ଅଣହିତାଧିକାରୀଙ୍କୁ ତାଲିକାଭୁକ୍ତ କରାଯାଇଥିବା ନେଇ ଶୁକ୍ରବାର ବାଲିତୋଟା ବସ୍ତିବାସିନ୍ଦା ମେୟରଙ୍କ ବାସଭବନ ଘେରାଉ କରିଥିବାବେଳେ ସୋମବାର ପୁନର୍ବାର ମେୟର ଏବଂ ବିଧାୟକଙ୍କ ବାସଭବନ ଆଗରେ ଧାରଣା ଦେଇଥିଲେ। ଏମାନଙ୍କ ସହିତ ବାଲିଆପଟା ବସ୍ତି ବାସିନ୍ଦା ମଧ୍ୟ ସାମିଲ ହୋଇ ବିଧାୟକଙ୍କୁ ଅଭିଯୋଗ ଜଣାଇଥିଲେ। ସମସ୍ତ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ସର୍ଭେରେ ସାମିଲ କରାଯିବ। ଅଭିଯୋଗ ନେଇ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।




### ବିଏମ୍‌ସିର ଅଣଦେଖା ଠକେଇ ପାଇଁ ସୁଯୋଗ ଦେଲା

ଜାଗା ମିଶନ ସର୍ଭେ ଆରମ୍ଭରୁ ବାଦ ବିବାଦ ଓ ମାଳମାଳ ଅଭିଯୋଗ ଆସୁଥିଲେ ବି ବିଏମ୍‌ସି କର୍ତ୍ତୃପକ୍ଷ ତାହାକୁ ଅଣଦେଖା କରିଛନ୍ତି। ଚୋର ହାତରେ ଚାବିକାଠି ଧରାଇ ଦେବା ଭଳି ଏସ୍‌ଡିଏ (ସ୍ଲମ୍ ଡେଭଲପ୍‌ମେଣ୍ଟ ଅଥରିଟି) କମିଟିକୁ ସର୍ବସ୍ୱ ଦାୟିତ୍ୱ ଟେକି ଦେଇଥିଲେ ବି ତାହାକୁ ତଦାରଖ କରିବା ପାଇଁ କୌଣସି ଅଧିକାରୀଙ୍କୁ ନ୍ୟସ୍ତ କରାଯାଇ ନାହିଁ। ତେଣୁ ଏସ୍‌ଡିଏମାନେ ଧର୍ମକୁ ଆଖିଠାର ଭାବେ ଯୋଗ୍ୟଙ୍କୁ ବାଦ୍‌ଦେଇ ନିଜ ଜ୍ଞାତି କୁଟୁମ୍ବଙ୍କଠାରୁ ଆରମ୍ଭ କରି ପରିଚିତଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନାମ ତାଲିକାରେ ଭର୍ତ୍ତି କରିଛନ୍ତି। ଏପରିକି ଜାଲିଆତି ନେଇ ଏସ୍‌ଡିଏଙ୍କ ବିରୋଧରେ ଅଭିଯୋଗ ଆସିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଘଟଣା ଯାହା ଯେମିତି ଚାପି ହୋଇ ରହିଥିଲେ ବି ଏବେ ପଟ୍ଟା ମିଳିବାକୁ ଥିବା ହିତାଧିକାରୀଙ୍କ ତାଲିକା ସାର୍ବଜନୀନ କରାଯାଇଥିବାରୁ ଏହା ଦେଖି ବସ୍ତି ବାସିନ୍ଦାଙ୍କ ଅକଲ ଗୁଡୁମ୍ ହୋଇଯାଇଛି। ତାଲିକାରେ ବାହାର ଲୋକ ସାମିଲ ଥିବାବେଳେ ସେମାନେ କିଏ ଓ ରାତାରାତି କୁଆଡୁ ଆସିଲେ ବୋଲି ପ୍ରଶ୍ନ କରିଛନ୍ତି। ବହୁ ଲୋକ ଚଢ଼କତା କରି ଜାଗା ମିଶନ୍‌ରେ ପଶିଥିବା ଦେଖାଯାଇଛି। କିଏ ନିଜ ସମ୍ପର୍କୀୟଙ୍କ ନାମ ତାଲିକାରେ ଯୋଡିଥିବାବେଳେ ଆଉ କିଏ ଭଡ଼ାଟିଆଙ୍କ ନାମରେ ଜମି ହାତେଇବାକୁ ଉଦ୍ୟମ କରିଛନ୍ତି। ତେବେ ବିଏମ୍‌ସି କର୍ତ୍ତୃପକ୍ଷ ସବୁଜାଣି ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ସମୟ ଗଡ଼ାଉଥିବାରୁ ନିନ୍ଦା କରାଯାଉଛି।

## ଅନ୍‌ଲାଇନ୍‌ରେ ମିଳିବେ ପୂଜାରୀ

ଭୁବନେଶ୍ୱର,୨୭।୮(ବନ୍ଦନା ସେଠୀ)

ଘରେ ବସି ଗୋଟିଏ କ୍ଲିକ୍‌ରେ ସମସ୍ତ ସୁବିଧା ସୁଯୋଗ ପାଇବା ଭଳି ଏବେ ଅନ୍‌ଲାଇନ୍‌ରେ ବିଭିନ୍ନ ପୂଜା ପାଇଁ ପୂଜାରୀଙ୍କୁ ମଧ୍ୟ ବୁକିଂ କରିହେବ। ଏନେଇ ଜୟ ଓଡ଼ିଶା ପକ୍ଷରୁ 'ମୋ ପୂଜାରୀ ଡଟ୍ କମ୍' ୱେବ୍‌ସାଇଟ ଲୋକାର୍ପିତ ହୋଇଯାଇଛି। ରବିବାର ଖାରବେଳ ନଗରସ୍ଥିତ ଗିରିଦୁର୍ଗା ମନ୍ଦିରରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପୂଜାରୀଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଥମେ ଯଜ୍ଞ ହେବା ସହ ପୂଜାରୀମାନେ 'ମୋ ତୁଳସୀ ଯାତ୍ରା'ରେ ସାମିଲ ହୋଇଥିଲେ। ଏହି ୱେବ୍‌ସାଇଟରେ ଭୁବନେଶ୍ୱରର ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ପୂଜାରୀଙ୍କ ତାଲିକା ରହିଛି। ଯେଉଁଥିରୁ ଯଜମାନମାନେ ସହଜରେ ଘରେ ବସି, ନିଜ ଆଞ୍ଚଳିକ ଓ ଭିନ୍ନଭିନ୍ନ ପୂଜା କାର୍ଯ୍ୟ ପାଇଁ ପୂଜାରୀଙ୍କ ସହ ଯୋଗାଯୋଗ କରିପାରିବେ। ଏଥିରେ ଏବେ ୩ ପ୍ରକାର ଯଥା ହୋମଯଜ୍ଞ, ବ୍ୟକ୍ତିଗତ ଉତ୍ସବ ଓ ଅନ୍ୟାନ୍ୟ ପୂଜା କରୁଥିବା ପୂଜାରୀଙ୍କ ନାମ ପଞ୍ଜୀକରଣ ହୋଇଥିବାବେଳେ ଆଗାମୀ ଦିନରେ ଆହୁରି ଅନେକ ପୂଜାରୀଙ୍କୁ ପଞ୍ଜୀକରଣ କରାଯିବ। ଏହା ପୂଜାରୀଙ୍କୁ ରୋଜଗାରର ଏକ ପନ୍ଥା ଯୋଗାଇବା ସହ ଯଜମାନମାନ ଆବଶ୍ୟକତା ମଧ୍ୟ ପୂର୍ଣ୍ଣ କରିବ। ୱେବ୍‌ସାଇଟ ବ୍ୟବହାରକାରୀଙ୍କ ଫିଡ୍‌ବ୍ୟାକ ଅନୁଯାୟୀ ପରବର୍ତ୍ତୀ ସମୟରେ ଏହାକୁ ଅଧିକ ଉନ୍ନତ କରାଯିବ ବୋଲି ଜୟ ଓଡ଼ିଶା ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି। ଅନେକ ସମୟରେ ଲୋକମାନେ ବହୁତ ଖୋଜିଲା ପରେ ମଧ୍ୟ ପୂଜା ନିମନ୍ତେ ନିଜ ଅଞ୍ଚଳରେ ପୂଜାରୀଟିଏ ପାଇପାରନ୍ତି ନାହିଁ। ଏହି ୱେବ୍‌ସାଇଟରେ ପୂଜାରୀଙ୍କ ଘର ଠିକଣା, ଫୋନ ନମ୍ବର ଆଦି ସୂଚନା ମାନ ରହିଛି। ଏହା ଉଭୟ ପୂଜାରୀ ଓ ସାଧାରଣ ଲୋକଙ୍କ ପାଇଁ ସହାୟକ ହେବ ବୋଲି ସେ କହିଛନ୍ତି।

## ଆଇଆଇପିଏ ଓ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର,୨୭।୮(ଅସମାପିକା ସାହୁ)

ଭାରତୀୟ ଲୋକ ପ୍ରଶାସନ ସଂସ୍ଥାନ(ଆଇଆଇପିଏ) ନୂଆଦିଲ୍ଲୀ ଏବଂ ଓଡ଼ିଶା ସରକାରଙ୍କ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ(ଜିଏଏ) ମଧ୍ୟରେ ଏକ ବୁଝାମଣାପତ୍ର ଶୁକ୍ରବାର ସ୍ୱାକ୍ଷରିତ ହୋଇଛି। ଏହା ରାଜ୍ୟ ତଥା ଦେଶରେ ପ୍ରଶିକ୍ଷଣ ଇକୋ-ସିଷ୍ଟମ୍‌ର କ୍ଷମତା ବୃଦ୍ଧିରେ ସହାୟକ ହେବ। ଆଇଆଇପିଏର ରେଜିଷ୍ଟ୍ରାର ଅମିତାଭ ରଞ୍ଜନ ଏବଂ ଜିଏଏର ଅତିରିକ୍ତ ନିର୍ଦ୍ଦେଶକ ଆରାଧନା ଦାସ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହା ଭାଗୀଦାରି ଭିତ୍ତିକ ଅଧ୍ୟୟନ ତଥା ପ୍ରଶିକ୍ଷଣରେ ଅଧ୍ୟାପକ ବିନିମୟ, ଯୁଗ୍ମ ଗବେଷଣା ପ୍ରକଳ୍ପ ଏବଂ ସୁବିଧା ଆଦାନ ପ୍ରଦାନ ଇତ୍ୟାଦିକୁ ପ୍ରୋତ୍ସାହିତ କରିବ। ଲୋକ ପ୍ରଶାସନ ଓ ଶାସନ ଉପରେ ବ୍ୟାପକ ଜ୍ଞାନ ଆହରଣ କରିବା ଏବଂ ଯୁବ ଓ ଉଦୀୟମାନ ପ୍ରଶାସକଙ୍କ ଆତ୍ମବିଶ୍ୱାସ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ ୨୦୨୦ (ଡିଆର୍) ବ୍ୟାଚ୍‌ର ୧୨୭ଜଣ ଓଏଏସ୍ ପ୍ରୋବେସନରଙ୍କ ପାଇଁ ଗତ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଆଇଆଇପିଏଠାରେ ଏକ ସପ୍ତାହ ବ୍ୟାପୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମଥର ପାଇଁ ଓଏଏସ୍ ପ୍ରୋବେସନରମାନେ ରାଷ୍ଟ୍ରପତି ଭବନ, ସଂସଦ ଭବନ, ପିଏମ୍ ସଂଗ୍ରହାଳୟ, ଯୁଦ୍ଧ ସ୍ମାରକୀ ଓ ଜାତୀୟ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଆଇଆଇପିଏ ଦ୍ୱାରା ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଇଥିବା ବେଳେ ଏହି ସଂସ୍ଥାନ ତରଫରୁ ଡ. ସୁରଭି ପାଣ୍ଡେ ଏବଂ ଗୋପବନ୍ଧୁ ଏକାଡେମୀର ଡ. ମମତାରାଣୀ ନାୟକ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ-ତଥା -ଏକ୍ସପୋଜର ଭିଜିଟ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




ଆଇଆଇପିଏର ରେଜିଷ୍ଟ୍ରାର ଅମିତାଭ ରଞ୍ଜନ ଏବଂ ଜିଏଏର ଅତିରିକ୍ତ ନିର୍ଦ୍ଦେଶକ ଆରାଧନା ଦାସ ବୁଝାମଣାପତ୍ର ସ୍ୱାକ୍ଷର କରୁଛନ୍ତି।

## ଭୁବନେଶ୍ୱର ଷ୍ଟେଶନରେ ପ୍ରବଳ ଭିଡ଼



ଭୁବନେଶ୍ୱର,୨୭।୮(ଅଭିଜିତ୍ ଦାସ)

ପୂର୍ବତଟ ରେଳପଥର ଭୁବନେଶ୍ୱର ରେଳ ଷ୍ଟେଶନ ସମେତ ବାଣୀବିହାର, ମଞ୍ଚେଶ୍ୱର ଷ୍ଟେଶନରେ ରବିବାର ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ରେଳ ଯାତ୍ରୀମାନେ ଟ୍ରେନ୍ ଧରିବାକୁ ହନ୍ତସନ୍ତ ହୋଇଥିବାବେଳେ ଅନେକ ଯାତ୍ରୀ ନିଜ ଗନ୍ତବ୍ୟସ୍ଥଳକୁ ଯିବାରେ ଅସୁବିଧା ଭୋଗିଛନ୍ତି। ତୃତୀୟ ଲାଇନ୍‌ରେ ସିଗ୍‌ନାଲ୍ ମରାମତି କାରଣରୁ ରବିବାର ଅପରାହ୍ନ ୨ଟାରୁ ରାତି ୮ଟା ପର୍ଯ୍ୟନ୍ତ ଭୁବନେଶ୍ୱର ରେଳଷ୍ଟେଶନ ଦେଇ ବିଭିନ୍ନ ଟ୍ରେନ୍ ଯାତ୍ରା କରି ନ ଥିଲା। ଫଳରେ ଦୀର୍ଘ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରେଳଯାତ୍ରୀମାନେ ଭୁବନେଶ୍ୱର ଷ୍ଟେଶନରେ ଅପେକ୍ଷା କରି ରହିଥିଲେ।

ପୂର୍ବତଟ ରେଳପଥର ସୂଚନା ଅନୁଯାୟୀ ଭୁବନେଶ୍ୱର-ମଞ୍ଚେଶ୍ୱର ଷ୍ଟେଶନ ମଧ୍ୟରେ ପୂର୍ବରୁ ୨ଟି ଲାଇନରେ ଟ୍ରେନ୍ ଚଳାଚଳ କରୁଥିଲା। ଏବେ ତୃତୀୟ ରେଳ ଲାଇନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩୦ ତାରିଖ ବେଳକୁ ତୃତୀୟ ଲାଇନ କାର୍ଯ୍ୟକ୍ଷମ କରାଯିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହେବ। ଇତିମଧ୍ୟରେ ୬.୪ କି.ମି. ବିଶିଷ୍ଟ ରେଳ ଲାଇନ୍ ବିଛା ଶେଷ ହୋଇଥିବାବେଳେ ଭୁବନେଶ୍ୱର ରେଳ ଷ୍ଟେଶନରେ ସିଗ୍‌ନାଲ ସିଷ୍ଟମ୍‌ର ପୁନଃ ବ୍ୟବସ୍ଥିତ କରାଯାଉଛି। ଅନ୍ୟପକ୍ଷରେ ରେଳ ଲାଇନ୍ କାର୍ଯ୍ୟକ୍ଷମ ହେଉଥିବାରୁ ଭୁବନେଶ୍ୱର ଷ୍ଟେଶନରୁ କିଛି ଟ୍ରେନ୍‌ର ଯିବା ଓ ଆସିବାରେ ପରିବର୍ତ୍ତନ କରାଯାଇଛି। ୨୯ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର-ହାଓଡ଼ା ଜନଶତାବ୍ଦୀ ଏକ୍ସପ୍ରେସ ଭୁବନେଶ୍ୱର ମୁଖ୍ୟଷ୍ଟେଶନ ପରିବର୍ତ୍ତେ ନ୍ୟୁ-ଭୁବନେଶ୍ୱର ଷ୍ଟେଶନରୁ ଚଳାଚଳ କରିବ। ସେହିପରି ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି, ଭୁବନେଶ୍ୱର-ଭାଲ୍‌ସାଡ ଏକ୍ସପ୍ରେସ ନ୍ୟୁ-ଭୁବନେଶ୍ୱର ରେଳ ଷ୍ଟେଶନରୁ ଚଳାଚଳ କରିବ। ୧୬ଟି ଟ୍ରେନ୍ ଭୁବନେଶ୍ୱର ମୁଖ୍ୟଷ୍ଟେଶନ ପରିବର୍ତ୍ତେ ଖୋର୍ଦ୍ଧାରୋଡ ଷ୍ଟେଶନରୁ ଯିବା ଆସିବା କରିବ। ପୂର୍ବତଟ ରେଳପଥର ଜଣେ ଅଧିକାରୀଙ୍କ କହିବା ହେଲା, ଖୋର୍ଦ୍ଧାରୋଡ-ବାରଙ୍ଗ ରେଳ ଲାଇନ ୩୫ କି.ମି. ବିଶିଷ୍ଟ ରେଳଲାଇନ କାର୍ଯ୍ୟକ୍ଷମ ହେବାପରେ କଟକ ଓ ଖୋର୍ଦ୍ଧାରୋଡ ମଧ୍ୟରେ ଟ୍ରେନ ଚଳାଚଳରେ ଉପୁଜୁଥିବା ସମସ୍ୟା ଦୂରହେବ। ବିଭିନ୍ନ ସମୟରେ ଲାଇନ କିମ୍ବା ସିଗ୍‌ନାଲରେ ଅସୁବିଧା କାରଣରୁ ଟ୍ରେନ୍ ଚଳାଚଳ ପ୍ରଭାବିତ ହେବା ସହ ଯାତ୍ରୀମାନେ ଘଣ୍ଟାଘଣ୍ଟା ଧରି ଫସି ରହିଥାନ୍ତି। ୪୮୦ କୋଟି ଟଙ୍କା ବ୍ୟୟବରାଦରେ ନିର୍ମାଣ ହୋଇଥିବା ଖୋର୍ଦ୍ଧାରୋଡ-ବାରଙ୍ଗ ରେଳଲାଇନ କାର୍ଯ୍ୟ ବାଣୀବିହାର ନିକଟରେ ଥିବା ଫ୍ଲାଏ ଓଭରବ୍ରିଜ ଯୋଗୁ ବିଳମ୍ବ ହେଉଥିଲା। ଏବେ ସମସ୍ୟାର ସମାଧାନ ହୋଇ କାର୍ଯ୍ୟ ଚାଲିଛି। ରେଳ ଲାଇନ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଖୁବ୍ ଶୀଘ୍ର ସ୍ୱାଭାବିକ ହେବ।

## ଶ୍ୱେତ ସଂକେତର ଶ୍ରାବଣ ସାହିତ୍ୟ ଆଲୋଚନାଚକ୍ର

ଭୁବନେଶ୍ୱର,୨୭।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ୱେତ ସଂକେତ ଶ୍ରାବଣ ସାହିତ୍ୟ ଅବସରରେ ସନ୍ଦର୍ଭ ପାଠ, ଆଲୋଚନାଚକ୍ର ଓ ସ୍ୱରଚିତ କବିତା ଆବୃତ୍ତି ରବିବାର ରାଜଧାନୀ କଳା ସଂସଦ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରର ଶୀର୍ଷ ଥିଲା 'ଯାତ୍ରାରୁ ମହାଯାତ୍ରା: ଏକ ସାଙ୍କେତିକ ଶ୍ୱେତପତ୍ର'। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଦେବେନ୍ଦ୍ରନାଥ ଦାଶ ଆବାହକତ୍ୱ ଓ ଡ. ସୁଚେତା ରାଉତଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ରରେ ସନ୍ଦର୍ଭ ପାଠ କରିଥିଲେ ପ୍ରଫେସର ଡ. ଗଙ୍ଗାଧର ମିଶ୍ର। ପରେ ବିନୋଦିନୀ ପାତ୍ର, ଅଲେଖ ଚରଣ ରାଉତ, ଦମୟନ୍ତୀ ଦାଶ, ଆଶାଲତା ଦାଶ, ସୁଷମା ଲେଙ୍କା, ରୀତା ମିଶ୍ର, ଆରତୀ ମହାନ୍ତ ପ୍ରମୁଖ କବିତା ପାଠ କରିଥିଲେ। ଅମୂଲ୍ୟ ଦାଶଙ୍କ ସଂଯୋଜନା ଓ ସମ୍ପାଦକ ମନୋଜ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**

**QUOTATION CALL NOTICE**

No.:1495/CM Dated 26.08.2023

Sealed quotations are invited from eligible reputed intending registered firms / suppliers/ authorized dealers having valid GST registration, PAN and TIN No. for supply of Laboratory Equipments-Projector, Interactive Board, Computer, Printer and other Science Lab Equipments to the College. The quotation paper and other details should reach the Principal by speed post on or before 2 P.M. on 07.09.2023. The quotation will be opened before the Purchase Committee at 3.30 P.M. on 07.09.2023. The authority reserves the right to cancel the quotations without assigning any reason thereof. Visit Chikiti Mahavidyalaya website www.cmvedu.in for further details.

Sd./- Principal, Chikiti Mahavidyalaya, Chikiti, Ganjam

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1 No.CAD-1852

**TENDER CALL NOTICE**

Tender Notice No.4199/MKT/OSIC Dt.25.08.2023

OSIC invites sealed bids from experienced Manufacturers/ Suppliers /MSMEs/Dealers/ Distributors having due OEM authorization for supply & installation of Interactive Panel and other IT peripherals in High Schools (4th phase) Transformation of Ganjam District. The tender document along with detail specification and quantity of the item as well as the terms and conditions is available in OSIC website. Any corrigendum/ changes/ modifications will appear in OSIC Ltd. website: www.osicltd.in only and all the tenderers are to refer to above website.

Sd/-
GENERAL MANAGER(O)

OIPR-14073/11/0047/2324

## ନାକ୍ ଟିମ୍‌କୁ ସମସ୍ୟା ଜଣାଇବେ ଭିଏସ୍‌ଏସ୍ ନଗରବାସୀ

ଭୁବନେଶ୍ୱର,୨୬।୮(ଅନୁରାଧା ମହାରଣା)

ଆସନ୍ତା ସେପ୍ଟେମ୍ବରରେ ନାକ୍ ଟିମ୍ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପରିଦର୍ଶନରେ ଆସିବେ ବୋଲି ସୂଚନା ମିଳିଛି। ତେବେ ନାକ୍ ଟିମ୍‌କୁ ଭେଟି ବୀର ସୁରେନ୍ଦ୍ର ସାଏ(ଭିଏସ୍‌ଏସ୍) ନଗରବାସୀ ସମସ୍ୟା ଜଣାଇବେ ବୋଲି କହିଛନ୍ତି। ପ୍ରାୟ ୩୯୨ ଏକର ଜମିରେ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ଅଧ୍ୟାପକ, କର୍ମଚାରୀ ଓ ଆଲୁମିନିଙ୍କ ଯାତାୟାତ ସୁବିଧା ପାଇଁ ତିନୋଟି ପ୍ରମୁଖ ଫାଟକ ରହିଥିଲା। ଉକ୍ତ ଫାଟକ ଦେଇ ୪୫ ବର୍ଷ ଧରି ଯିବା ଆସିବା ହେଉଥିଲା। ମାତ୍ର କୌଣସି କାରଣ ନ ଥାଇ ୨୦୨୨ ମେ ୧୫ରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଭିଏସ୍‌ଏସ୍ ନଗର ପାର୍ଶ୍ୱରେ ଥିବା ୩ ନମ୍ବର ଗେଟ୍‌କୁ ରବିବାର ଓ ଛୁଟି ଦିନରେ ବନ୍ଦ ରହିବ ବୋଲି ଏକ ନୋଟିସ ଗେଟ୍‌ରେ ଲଗାଇ ଦେଲେ। ଏହାର ସପ୍ତାହକ ମଧ୍ୟରେ ଗେଟ ବନ୍ଦ କରି ଏକ ବିରାଟ ପାଚେରି ନିର୍ମାଣ କରିଦିଆଯାଇଥିଲା। ଫଳରେ ବିଶ୍ୱବିଦ୍ୟାଳୟ ଓ ଏହା ଭିତରେ ଥିବା ସ୍କୁଲକୁ ଯିବାକୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଏବେ ୫ କିଲୋମିଟର ବୁଲି ବୁଲି ଯାଉଛନ୍ତି। ଜାତୀୟ ରାଜପଥରେ ଯିବାକୁ ପଡୁଥିବାରୁ ଦୁର୍ଘଟଣା ବି ଘଟୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଅନ୍ୟପଟେ ୧୯୯୨ ମସିହାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଭିଏସ୍‌ଏସ୍ ନଗରବାସୀଙ୍କ ସହ ୫ ଖଣ୍ଡ ମଉଜାବାସୀଙ୍କ ପାଇଁ ଏକ ରାସ୍ତା ସିଡିପି ପ୍ଲାନ୍‌ରେ ରଖିଥିଲେ। ସେହି ରାସ୍ତା ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ଜବର ଦଖଲ କରି ରଖିଥିବା ଅଭିଯୋଗ ହୋଇଛି। ଏହାକୁ ଛାଡିବା ପାଇଁ ରାଜ୍ୟ ସରକାର ଡିମାର୍କେଶନ କରି ବିଶ୍ୱବିଦ୍ୟାଳୟକୁ ପତ୍ର ଦେଇଥିଲେ ମଧ୍ୟ ଦୁଇ ମାସ ହେଲା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଲୁଚକାଳି ଖେଳୁଛନ୍ତି। ଏ ସମସ୍ତ ସମସ୍ୟା ସମାଧାନ ପାଇଁ ଆସନ୍ତା ମାସରେ ଆସିବାକୁ ଥିବା ନାକ୍ ଟିମକୁ ସାକ୍ଷାତ ପାଇଁ ନଗରବାସୀ ପ୍ରସ୍ତୁତ ହେଉଛନ୍ତି ବୋଲି ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲୀପ ଦାଶଶର୍ମା ସୂଚନା ଦେଇଛନ୍ତି।

### ସେପ୍ଟେମ୍ବରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଗସ୍ତ ସୂଚନା




ବନ୍ଦ ରହିଥିବା ଭିଏସ୍‌ଏସ୍ ନଗର ପାର୍ଶ୍ୱ ବିଶ୍ୱବିଦ୍ୟାଳୟର ୩ ନଂ.ଗେଟ୍।

**ZILLA PARISHAD, DEOGARH**

**INVITATION OF OBJECTIONS FOR THE POST OF GRS**

Last date: 11.09.2023 No.CAD-182

This is for information of all the applicants applied for the post of 6 (Six) Nos. of Gram Rozgar Sevaks for Deogarh District on contractual basis vide Advt. No. 1098/ ZP/ Esst., Date 30.05.2023. The preliminary scrutiny of their applications have been done by the Scrutiny Committee and a Provisional Merit list along with a rejected list of candidates have been published & web hoisted in the district website www.deogarh.nic.in. The applicants can view the status of their application by browsing the above website and they may file their objection(s), if any, to the CDO-cum-EO, Zilla Parishad, Deogarh in writing or to the Zilla Parishad, Deogarh through E-mail to 'ori-ddeogarh@nic.in'. The last date for filing of objections by the candidates is **11.09.2023 by 5.00 P.M.** (email or offline).

Sd./- Collector-cum-CEO
Zilla Parishad, Deogarh
OIPR-19366/11/0007/2324

## ସଂକ୍ଷେପରେ

### ଆଜିଠାରୁ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନାମଲେଖା

**ଭୁବନେଶ୍ୱର, ୨୭।୮(ଅସମାପିକା ସାହୁ):** ପୁରୀ ଜିଲା ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷଠାରୁ ପାଠପଢ଼ା ଆରମ୍ଭ ହେବାକୁ ଯାଉଛି। ୩ଟି ବିଭାଗରେ ୨୪ଟି ଲେଖାଏ ଆସନରେ ଛାତ୍ରୀଛାତ୍ରଙ୍କ ନାମଲେଖା ହେବ। ଏଥିପାଇଁ ପ୍ରବେଶିକା ପରୀକ୍ଷା ଶେଷ ହୋଇଥିବାବେଳେ ସୋମବାରଠାରୁ ମନୋନୀତ ଛାତ୍ରୀଛାତ୍ରଙ୍କ ନାମଲେଖା ଆରମ୍ଭ ହେବ। ଏହା ଦୁଇଦିନ ଚାଲିବ। ଏହି ନାମଲେଖା ପ୍ରକ୍ରିୟା ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି (ଡିଗ୍ରୀ) ମହାବିଦ୍ୟାଳୟରେ ହେବ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୫ରୁ ବିଶ୍ୱବିଦ୍ୟାଳୟରେ ପ୍ରଥମ କରି ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ଯୋଜନା ରଖିଛି। ପ୍ରଥମ ବର୍ଷରେ ଓଡ଼ିଆ ଭାଷା ଓ ସାହିତ୍ୟ, ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, ଆଦିବାସୀ ଭାଷା ଏବଂ ଐତିହ୍ୟ ଆଦି ୩ଟି ବିଭାଗରେ ପାଠପଢ଼ା ହେବ।

### ଆଇଜଲରୁ ନନ୍ଦନକାନନକୁ ଆସିବେ ୫ ନୂଆ ଜନ୍ତୁ

**ବାରଙ୍ଗ, ୨୭।୮(ଲିଙ୍ଗରାଜ ରାଉତ):** ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ନୂଆ ଜୀବଜନ୍ତୁ ଆଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ମିଜୋରାମର ଆଇଜଲ ଚିଡ଼ିଆଖାନାରୁ ହଳେ ହୁଲକ ଗିବନ, ହଳେ ଘୁଷୁରି ଲାଞ୍ଜ ମାକେକ ଓ ଗୋଟିଏ ମାଈ ହିମାଳୟ କଳାଭାଲୁ ନନ୍ଦନକାନନ ଆସିବ। ଏହାର ପ୍ରତିବଦଳରେ ନନ୍ଦନକାନନ କର୍ତ୍ତୃପକ୍ଷ ଗତ ମାର୍ଚ୍ଚ ୨୭ରେ ପ୍ରାଣୀଉଦ୍ୟାନରୁ ଗୋଟିଏ ୫ବର୍ଷର ଅଣ୍ଡିରା ସାଧାରଣ ବାଘ କୁନ୍ଦନ ଓ ଅନ୍ୟଟି ୫ବର୍ଷର ମାଈ ସାଧାରଣ ବାଘୁଣୀ ଆଦ୍ୟାଶାକୁ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ଆଇଜଲ ଚିଡ଼ିଆଖାନାକୁ ପଠାଇସାରିଛନ୍ତି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି। ନୂତନ ଅତିଥି ଜୀବଜନ୍ତୁ ଆଣିବାକୁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିନିମନ୍ତେ ରାଜ୍ୟ ଉଦ୍ଭିଦ ଉଦ୍ୟାନ ସହକାରୀ ବନସଂରକ୍ଷକଙ୍କ ନେତୃତ୍ୱରେ ୬ଜଣିଆ ଟିମ୍ ସୋମବାର ମିଜୋରାମ ଯାତ୍ରା କରିବ। ୩ଟି ହୁଲକ ଗିବନ ଓ ୩ଟି ହିମାଳୟ କଳାଭାଲୁ ନନ୍ଦନକାନନରେ ଥିବାବେଳେ ଘୁଷୁରି ଲାଞ୍ଜ ମାକେକ ନନ୍ଦନକାନନରେ ନୂଆପ୍ରଜାତିର ହେବାକୁ ଯାଉଛି। ଏହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ଆଶା କରାଯାଇଛି।

### ଏକ୍ସ-କ୍ୟାଡର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କ୍ୟାଡରଭୁକ୍ତ କରାଯାଉ

**ଭୁବନେଶ୍ୱର, ୨୭।୮ (ଅନୁରାଧା ମହାରଣା):** ଓଡ଼ିଶା ଷ୍ଟେଟ୍ ଲେଭଲ-୫ ସହକାରୀ ଶିକ୍ଷକ ଏକ୍ସ-କ୍ୟାଡର ମହାସଂଘ ପକ୍ଷରୁ ଓଟିଇଟି ପାସ୍ କରିଥିବା ଏକ୍ସ-କ୍ୟାଡର ଶିକ୍ଷୟିତ୍ରୀଶିକ୍ଷକଙ୍କୁ କ୍ୟାଡରଭୁକ୍ତ କରାଯାଇ ଏଲିମେଣ୍ଟାରୀ ଶିକ୍ଷକ ଲେଭଲ-୫ର ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଛି। ବୁଧବାର ମହାସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଏଲିମେଣ୍ଟାରୀ କ୍ୟାଡର ଶିକ୍ଷକ ହେବାପାଇଁ ସମସ୍ତ ଯୋଗ୍ୟତା ହାସଲ କରିଥିବା ତଥା ୨୦୧୯ ମାର୍ଚ୍ଚ ପୂର୍ବରୁ ଓଟିଇଟି ପାସ୍ କରିଥିବା ୨୪୧୨ଜଣ ଏକ୍ସ-କ୍ୟାଡର ଶିକ୍ଷୟିତ୍ରୀଶିକ୍ଷକ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରିଆସୁଛନ୍ତି। ତେବେ ଏନେଇ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ସହ ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସଭାପତି କୃଷ୍ଣଚନ୍ଦ୍ର ବାରିକ ଓ ଅନ୍ୟ ସଦସ୍ୟମାନେ କହିଛନ୍ତି।

# ଭକ୍ତଙ୍କଠାରୁ ନିଆଯାଉଛି ହାତଗୁଞ୍ଜା

ପୁରୀ, ୨୭।୮ (ଅଜିତ ମହାନ୍ତି)



## ଗଳାବାଟ ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରାଉଛନ୍ତି ସେବାୟତ, ପୋଲିସ

ପ୍ରତ୍ୟେକ ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ତେବେ ଛୁଟିଦିନଗୁଡ଼ିକରେ ଭକ୍ତଙ୍କ ଅଧିକ ଭିଡ଼ ହେବା ସହ ସମସ୍ୟା ଦ୍ୱିଗୁଣିତ ହେଉଛି। ଫଳରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ବ୍ୟାରିକେଡରେ ଠିଆ ହୋଇ ରହୁଛନ୍ତି। ବିଶେଷକରି ରବିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳୁଛି। ପିଲାଙ୍କଠୁ ବୃଦ୍ଧାବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ଧାଡ଼ିରେ ଭିଡ଼ ଭିତରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ଯନ୍ତ୍ରଣାରେ ଛଟପଟ ହୋଇଥାନ୍ତି। ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପରେ ସାତ ପାହାଚଠୁ ନେଇ ବାହାରକାଠ ଦର୍ଶନ ପର୍ଯ୍ୟନ୍ତ ଠେଲାପେଲା ଅସହ୍ୟ ହେଉଛି। ରବିବାର ଛୁଟିଦିନ ଥିବା ବେଳେ ଏକାଦଶୀ ଥିବାରୁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ବ୍ୟାରିକେଡ୍ ଦେଇ ଭକ୍ତମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତେବେ ବ୍ୟାରିକେଡ ମଧ୍ୟରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ କେତେଜଣ ସେବାୟତ ଓ ପୋଲିସ କର୍ମଚାରୀ ନିଜ ସମ୍ପର୍କୀୟମାନଙ୍କୁ ବିନା ଧାଡ଼ିରେ ଶ୍ରୀମନ୍ଦିରରେ ପ୍ରବେଶ କରାଉଥିବା ଜଣାପଡ଼ିଥିଲା। ବିଶେଷକରି ଅନେକ ସେବାୟତ ଓ ପୋଲିସ କର୍ମଚାରୀ ହାତଗୁଞ୍ଜା ନେଇ ଭକ୍ତଙ୍କୁ ଗଳାବାଟରେ ନେଇ ଶ୍ରୀମନ୍ଦିରରେ ପ୍ରବେଶ କରାଇଥିଲେ। ଅନେକ ଏହି ଦର୍ଶନ ବ୍ୟବସ୍ଥାକୁ ଭିଆଇପି ଦର୍ଶନ ବ୍ୟବସ୍ଥା କହୁଛନ୍ତି, ଯାହାକୁ ନେଇ ଅନ୍ୟ ଶ୍ରଦ୍ଧାଳୁ ଓ ପୁରୀ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ବିନା ଧାଡ଼ିରେ କିଭଳି ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ଅପରପକ୍ଷରେ ପ୍ରଶାସନ ଏପରି ଘଟଣା ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ଶ୍ରୀମନ୍ଦିର ପୋଲିସ, ସ୍ୱେଚ୍ଛାସେବୀ ଓ ପୋଲିସ କର୍ମଚାରୀମାନେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଉପସ୍ଥିତ ଥିବାବେଳେ ଯେଉଁଭଳି ଭାବେ ହାତଗୁଞ୍ଜା ନିଆଯାଇ ଭକ୍ତଙ୍କୁ ଗଳାବାଟ ଦେଇ ଛଡ଼ାଯାଉଛି ତାହା ଚିନ୍ତାଜନକ। ଶ୍ରୀମନ୍ଦିର ପ୍ରଶାସନ ଏଭଳି ଗଳା ବାଟକୁ ବନ୍ଦ କରିବା ସହ ସେବାୟତମାନଙ୍କୁ ଏନେଇ ଚେତାବନୀ ଦେବା ଦରକାର ବୋଲି ଅନେକ ଭକ୍ତ ମତ ପ୍ରକାଶ କରିଛନ୍ତି। ଗଳାବାଟ ଏବଂ ଭିଆଇପି ଦର୍ଶନ ବ୍ୟବସ୍ଥାକୁ ବନ୍ଦ କରାଯିବା ସହ ଭକ୍ତଙ୍କ ଲାଗି ଚାରିଦ୍ୱାର ଖୋଲାଯିବାକୁ ପ୍ରଶାସନ ଅନୁମତି ଦେଉ ବୋଲି ଦାବି ହେଉଛି। ଅନ୍ୟପକ୍ଷରେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ।

# ଆନ୍ଦୋଳନରୁ ଓହରିବେନି ଅଧ୍ୟାପକ, କର୍ମଚାରୀ




ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଧାରଣାରେ ବସିଥିବା ଅଧ୍ୟାପକ ଓ କର୍ମଚାରୀ।

ଭୁବନେଶ୍ୱର, ୨୭।୮ (ଅନୁରାଧା ମହାରଣା)

ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନଗୁଡ଼ିକରେ ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଆନ୍ଦୋଳନ ଚଳାଇଛନ୍ତି। ଦୀର୍ଘ ୪୨ଦିନ ଧରି ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣାରେ ବସିଥିବା ଏହି ଅଧ୍ୟାପକ ଓ କର୍ମଚାରୀ ଆନ୍ଦୋଳନରୁ ଓହରିବେନି ବୋଲି ନିଷ୍ପତ୍ତି ନେଇଛନ୍ତି। ଏକମାତ୍ର ଦାବି ସରକାରୀ ଅନୁଦାନ ପାଇଁ ଇତିମଧ୍ୟରେ ୩ଥର ମହାସମାବେଶ ଅନୁଷ୍ଠିତ ହୋଇଛି। ଉଚ୍ଚଶିକ୍ଷା ବିଭାଗର ସଚିବ ଓ ମନ୍ତ୍ରୀଙ୍କ ସହିତ ୨ଥର ଆଲୋଚନା ମଧ୍ୟ ସରିଛି। ମାତ୍ର ସେମାନଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି ବୋଲି ସଂଘ ଉପସଭାପତି ରବି ନାରାୟଣ କରଣ କହିଛନ୍ତି। ରବିବାର ସଂଘ ସଭାପତି ଡ. ଦେବବିଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଧାରଣା ସ୍ଥଳରେ ଏକ ରାଜ୍ୟସ୍ତରୀୟ ସଭା ଅନୁଷ୍ଠିତ ହୋଇଥିଲା। ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ସଂଘ ତା'ର ପ୍ରତିବାଦକୁ ତୀବ୍ରତର କରିବା ସହ ଆମରଣ ଅନଶନରେ ଧାରଣା ଦେବାପାଇଁ ସଭାରେ ନିଷ୍ପତ୍ତି ନିଆଯାଇଛି। କୋଷାଧ୍ୟକ୍ଷ ଦିବ୍ୟକାନ୍ତ ତ୍ରିପାଠୀ, ଧନଞ୍ଜୟ ମିଶ୍ର, ବିଭୁ ପ୍ରସାଦ ମିଶ୍ର, ସୂର୍ଯ୍ୟନାରାୟଣ ପଣ୍ଡା, ଶଙ୍କର ପାଢୀ, ତପନ ତରେଇ, ଶ୍ରୀକାନ୍ତ ସାହୁ, ଶିବ ପ୍ରସାଦ ମଲ୍ଲିକ ତଥା ସଂସ୍କୃତ ସଂଘ ସଭାପତି କୁଶଦେବ ମଲ୍ଲିକଙ୍କ ସହ ସମସ୍ତ ଜିଲାର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ।

## ୩୧ରୁ ଓଡ଼ିଶା କୃଷି ସେବା ସଂଘ ଅଧିକାରୀ ସମୂହ ଛୁଟିରେ ଯିବେ

ଭୁବନେଶ୍ୱର, ୨୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା କୃଷି ସେବା ସଂଘର ସମସ୍ତ ଅଧିକାରୀ ଆସନ୍ତା ୩୧ ତାରିଖରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ସଂଘ ଓ ଜିଲା କମିଟି ପକ୍ଷରୁ ଦାବିପତ୍ର ସହ ନିଷ୍ପତ୍ତି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ସୂଚନାଯୋଗ୍ୟ, କୃଷି ସେବା ସଂଘ ଦୀର୍ଘଦିନ ଧରି କ୍ୟାଡର ପୁନର୍ବିନ୍ୟାସ ନେଇ ନିରନ୍ତର ଭାବେ ସରକାରଙ୍କ ସହାୟତା ଲୋଡ଼ି ଆସିଛି। ସରକାରଙ୍କ ଦ୍ୱାରା ମଗା ଯାଇଥିବା ସମସ୍ତ ତଥ୍ୟାବଳି ଦେବା ସହ ରାଷ୍ଟ୍ରୀୟ କୃଷି ସଂପ୍ରସାରଣ ଓ ପ୍ରବନ୍ଧନ ସଂସ୍ଥାନ ଦ୍ୱାରା ସୁପାରିସ କରାଯାଇଥିବା ପୁନର୍ବିନ୍ୟାସ ଦସ୍ତାବିଜ ସମ୍ବନ୍ଧୀୟ ଆଲୋଚନା ଉଚ୍ଚସ୍ତରୀୟ ଅଧିକାରୀ ତଥା କୃଷି ମନ୍ତ୍ରୀଙ୍କ ସହ କରି ଆସିଛି। କିନ୍ତୁ ବିଡମ୍ବନାର ବିଷୟ, କୃଷି ମନ୍ତ୍ରୀଙ୍କ ଆଲୋଚନା ପରେ ଅଗଷ୍ଟ ୧୫ ସୁଦ୍ଧା ପଦକ୍ଷେପ ନିଆଯିବାକୁ ଦିଆଯାଇଥିବା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ପୂର୍ବରୁ ଅଗଷ୍ଟ ୮ ହେବାକୁ ଥିବା ସମୂହ ଛୁଟି ନିଷ୍ପତ୍ତିକୁ ସଂଘ ସ୍ଥଗିତ ରଖିଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏଥିରେ କୌଣସି ଅଗ୍ରଗତି ନ ହେବାରୁ ସଂଘ ଏଭଳି ନିଷ୍ପତ୍ତି ନେବାକୁ ବାଧ ହୋଇଥିବା କୁହାଯାଇଛି।

# ନ୍ୟୁଡ୍ ଭିଡିଓ କଲ୍ କରି ପାର୍ଶ୍ୱ ଅଭିନେତା ଗିରଫ

କଟକ, ୨୭।୮ (କାର୍ତ୍ତିକ ସାହୁ)

## ଓଲିଉଡ୍ ଅଭିନେତ୍ରୀଙ୍କୁ ବ୍ଲାକ୍‌ମେଲ୍

- ପ୍ରତିଷ୍ଠିତ ନିର୍ଦ୍ଦେଶକଙ୍କ ନାଁରେ ମିଥ୍ୟା ହ୍ୱାଟ୍ସଆପ୍ ଆକାଉଣ୍ଟ
- ପ୍ରଥମେ ଚାଟିଂରେ ବଢ଼ାଉଥିଲେ ସମ୍ପର୍କ



ମିଥୁନ୍ କୁମାର ଭୋଇ

ଓଲିଉଡ୍‌ରେ ନୂଆକରି ପାଦ ଥାପୁଥିବା ଅଭିନେତ୍ରୀମାନଙ୍କୁ ଫେକ୍ ହ୍ୱାଟ୍ସଆପ୍ ଆକାଉଣ୍ଟ ଜରିଆରେ ନ୍ୟୁଡ୍ ଭିଡିଓ କଲ୍ କରିବା ଓ ମେସେଜ ପଠାଇ ବ୍ଲାକ୍ ମେଲ୍ କରିବା ସମ୍ପର୍କରେ କଟକ ସାଇବର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଓଲିଉଡ୍ ଇଣ୍ଡଷ୍ଟ୍ରିରେ ପାର୍ଶ୍ୱ ଅଭିନେତା ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ମିଥୁନ୍ କୁମାର ଭୋଇ।

ଅତିରିକ୍ତ ଡିସିପି ଅନିଲ ମିଶ୍ରଙ୍କ ସୂଚନା ଅନୁସାରେ, ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାରର ବାସିନ୍ଦା ସୁଧାଂଶୁ ମୋହନ ସାହୁ ଓଲିଉଡ୍‌ର ଜଣେ ପ୍ରତିଷ୍ଠିତ ନିର୍ଦ୍ଦେଶକ। ତାଙ୍କ ଫଟୋକୁ ମିଥ୍ୟା ହ୍ୱାଟ୍ସଆପ୍ ଆକାଉଣ୍ଟରେ ବ୍ୟବହାର କରାଯାଇ ଓଲିଉଡ୍‌ର ଅଭିନେତ୍ରୀମାନଙ୍କୁ ନ୍ୟୁଡ୍ କଲ୍ କରାଯାଉଥିବା ନେଇ ସେ ଗତ ଜୁଲାଇ ୨୨ ତାରିଖରେ ସାଇବର ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୨୯/୨୩) ରୁଜୁ କରିଥିଲା। ପରେ ତଦନ୍ତ କରି ଅଭିଯୁକ୍ତ ମିଥୁନ୍‌ଙ୍କୁ ଥାନାକୁ ଡାକି ନୋଟିସ ଦେଇଥିଲା। ଅଧିକ ତଦନ୍ତ ପରେ ପୋଲିସ ପୂରା ଘଟଣାର ପର୍ଦ୍ଦାଫାସ କରିଥିଲା। ମିଥୁନ୍ ତାଙ୍କ ପଡ଼ୋଶୀମାନଙ୍କ କି'ପ୍ୟାଡ୍ ମୋବାଇଲ୍ ଫୋନ୍ ମାଗି ଆଣି ଚତୁରତାର ସହ ସ୍ମାର୍ଟଫୋନ୍‌ରେ ମିଥ୍ୟା ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲୁଥିଲେ। ଓଟିପି ଭେରିଫିକେଶନ ହୋଇଯିବା ପରେ ସେ ପଡ଼ୋଶୀଙ୍କୁ ତାଙ୍କ ମୋବାଇଲ୍ ଫୋନ୍ ଫେରାଇ ଦେଉଥିଲେ। ପରେ ସେ ତାଙ୍କର କାରସାଦି ଆରମ୍ଭ କରିଦେଉଥିଲେ। ଏ ବାବଦରେ ମୋବାଇଲ୍ ଦେଇଥିବା ପଡ଼ୋଶୀ କିଛି ଜାଣିପାରୁ ନ ଥିଲେ। ମିଥୁନ୍ ଓଡ଼ିଆ ଚଳଚ୍ଚିତ୍ରରେ ପାର୍ଶ୍ୱ ଅଭିନେତା ଭାବେ କାର୍ଯ୍ୟ କରୁଥିବାରୁ ନୂଆ କରି ଇଣ୍ଡଷ୍ଟ୍ରିକୁ ଆସୁଥିବା ଚଳଚ୍ଚିତ୍ର ବା ଟେଲି ସିରିଏଲ୍ ଅଭିନେତ୍ରୀମାନଙ୍କ ଫୋନ୍ ନମ୍ବର ସହଜରେ ପାଇ ଯାଉଥିଲେ। ତା'ପରେ ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ପ୍ରତିଷ୍ଠିତ ନିର୍ଦ୍ଦେଶକ, ପ୍ରଯୋଜକଙ୍କ ଫଟୋ ମିଥ୍ୟା ହ୍ୱାଟ୍ସଆପ୍ ଡିପିରେ ରଖୁଥିଲେ। ସେହି ମିଥ୍ୟା ହ୍ୱାଟ୍ସଆପ୍ ଆକାଉଣ୍ଟରୁ ପ୍ରଥମେ ମେସେଜ ପଠାଇ ଚାଟିଂ କରୁଥିଲେ। ତା'ପରେ ନ୍ୟୁଡ୍ ଭିଡିଓ କଲ୍ କରୁଥିଲେ। ଏନେଇ ଅଭିନେତ୍ରୀଙ୍କ ସମେତ ଅନ୍ୟ କଳାକାରମାନେ ଜାଣିବା ପରେ ସହଜରେ ବିଶ୍ୱାସ କରି ନ ଥିଲେ। ଏହା ନିଶ୍ଚୟ ଅନ୍ୟ କାହାର କାର୍ଯ୍ୟ ବୋଲି ସେମାନଙ୍କର ଧାରଣା ହୋଇଥିଲା। ଏ ବାବଦରେ ସେମାନେ ସମ୍ପୃକ୍ତ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଜଣାଇବା ପରେ ଘଟଣା ପୋଲିସ ନିକଟକୁ ଆସିଥିଲା। ଅଭିନେତ୍ରୀମାନଙ୍କୁ ବ୍ଲାକ୍ ମେଲ୍ କରି କୌଣସି ଅର୍ଥ ଆଦାୟ କରିବା ସୁରାକ ମିଳିନାହିଁ। ହେଲେ ଅଭିଯୁକ୍ତ କୌଣସି ବ୍ୟକ୍ତିଗତ ଇଚ୍ଛା ହାସଲ ପାଇଁ ଏପରି କରୁଥାଇପାରନ୍ତି ବୋଲି ଅତିରିକ୍ତ ଡିସିପି ମିଶ୍ର କହିଛନ୍ତି। ତେବେ ଏନେଇ ତଦନ୍ତ ଜାରି ରହିଛି। ପରବର୍ତ୍ତୀ ସମୟରେ ଏ ବାବଦରେ ଅଧିକ ତଥ୍ୟ ମିଳିପାରିବ ବୋଲି ମିଶ୍ର ଆଶାବ୍ୟକ୍ତ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଜୟ



@ ରସ୍ମିତା



@ ପପୁ



@ ପଙ୍କଜ




@ ଦୀପକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ଚିନ୍ତା ଓ ଚେତନା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୬ତମ ବର୍ଷା ଉତ୍ସବର ରବିବାର ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ। (ଫଟୋ-ମୌସମ ନନ୍ଦ)

# ୩ ଟପ୍ ଲାଇନ୍ ଅଭିଯୁକ୍ତଙ୍କ ନାଁରେ ଲୁକ୍ ଆଉଟ୍ ସର୍କୁଲାର

ଭୁବନେଶ୍ୱର, ୨୭।୮ (ସୂର୍ଯ୍ୟକାନ୍ତ ବେହେରା)

## ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା



ଲୁକ୍ ଆଉଟ ସର୍କୁଲାର୍ ଜାରି ହୋଇଥିବା ଅଭିଯୁକ୍ତମାନେ।

ହଜାରେ କୋଟିର ଏସ୍‌ଟିଏ ଟୋକନ କ୍ରିପ୍ଟୋ ପୋଞ୍ଜି ସ୍କାମ୍ ମାମଲାରେ ଆଉ ତିନିଜଣଙ୍କ ନାଁରେ ଲୁକ୍‌ଆଉଟ ସର୍କୁଲାର୍ ଜାରିହୋଇଛି। ସେମାନେ ହେଲେ ରାଜସ୍ଥାନର କ୍ରିଷ୍ଣା କୁମାର, ଅନିଲ କୁମାର ଓ ଭୁରା ରାମ। ସମସ୍ତ ଅଭିଯୁକ୍ତ ର୍‍ୟାକେଟର ଭାରତ ମୁଖ୍ୟ ଗୁରୁତେଜ ସିଂ ସିଦ୍ଧୁର ଘନିଷ୍ଠ ସହଯୋଗୀ। ଏହାସହ ସେମାନେ ଏହି ଠକେଇ ସ୍କାମର ଆର୍ଥିକ ଓ ଟେକ୍ନିକାଲ ମ୍ୟାନେଜମେଣ୍ଟ ପରିଚାଳନ କରିଥାନ୍ତି ବୋଲି ତଦନ୍ତବେଳେ ଜଣାପଡିଛି। ଏହାସହ ଅଭିଯୁକ୍ତମାନେ ଏହି ର୍‍ୟାକେଟର ଟପ୍ ଲାଇନରେ କାମ କରିବା ସହ ମୋଟା ଅଙ୍କର ଟଙ୍କା ମଧ୍ୟ ନେଇଥାନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅଭିଯୁକ୍ତମାନେ ଭାରତ ଛାଡି ଥାଇଲାଣ୍ଡ ଓ ଦୁବାଇ ଯିବାକୁ ଯୋଜାନ କରୁଥିବା ସୂଚନା ମିଳିବା ପରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ଅନୁରୋଧକ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେଶନ ଏହି ଲୁକ୍ ଆଉଟ ସର୍କୁଲାର ଜାରି କରିଛି । ସେହିପରି ଏହାପୂର୍ବରୁ ଏହି ମହାଠକେଇର ମାଷ୍ଟରମାଇଣ୍ଡ ତଥା ଏସ୍‌ଟିଏ ଟୋକନ୍ କ୍ରିପ୍ଟୋ ପୋଞ୍ଜିର ମୁଖ୍ୟ ଥିବା ହଙ୍ଗେରୀ ନାଗରିକ ଡେଭିଡ୍ ଗେଜ(୩୨)ଙ୍କ ବିରୋଧରେ ଲୁକ ଆଉଟ୍ ସର୍କୁଲାର୍ (ଏଲଓସି) ଜାରି ହୋଇସାରିଛି। ସେ ୨ଥର ଟୁରିଷ୍ଟ ଭିଜା ନେଇ ଭାରତ ଆସିବା ସହ ଓଡ଼ିଶା ଭଳି ବହୁ ରାଜ୍ୟ ବୁଲି ଠକେଇ ର୍‍ୟାକେଟକୁ ପ୍ରମୋଟ କରିଥିବା ଜଣାପଡିଥିଲା। ଏହି ମାମଲାରେ 'ଏସ୍‌ଟିଏ' ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ, ଓଡ଼ିଶା ମୁଖ୍ୟ ଭଦ୍ରକର ନୀରୋଦ ଦାସ ଏବଂ ଓଡ଼ିଶା ଏସ୍‌ଟିଏର ପ୍ରୋପାଗଣ୍ଡା ଦାୟିତ୍ୱରେ ଥିବା ରତ୍ନାକରଙ୍କୁ ଇଓଡବ୍ଲ୍ୟୁ ଗିରଫ କରିସାରିଛି।

**କୋଟାରେ ଆଉ ୨ ଛାତ୍ରଙ୍କ ଆତ୍ମହତ୍ୟା**

କୋଚିଂ ହବ୍ ଭାବେ ପରିଚିତ ରାଜସ୍ଥାନର କୋଟାରେ ରବିବାର ଆଉ ୨ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏହାକୁ ମିଶାଇ ଚଳିତ ବର୍ଷ କୋଟାରେ ଛାତ୍ର ଆତ୍ମହତ୍ୟା ସଂଖ୍ୟା ୨୩ରେ ପହଞ୍ଚିଛି। ମହାରାଷ୍ଟ୍ରର ଆବିଷ୍କାର ଶୁଭାଙ୍ଗୀ କୋଟାରେ ରହି ଏନ୍‌ଇଇଟି ପାଇଁ ପ୍ରସ୍ତୁତି ଚଳାଇଥିଲେ। ସେ ରବିବାର ପରୀକ୍ଷା ଦେଇ ସାରିବା ପରେ କୋଚିଂ ସଂସ୍ଥାର ୬ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସେହିପରି ରବିବାର ସନ୍ଧ୍ୟାରେ ଆଦର୍ଶ ନାମକ ବିହାରର ଜଣେ ଛାତ୍ର କୁନାଡ଼ିରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। କୋଚିଂ ସେଣ୍ଟରଗୁଡ଼ିକରେ ମାସେ ପର୍ଯ୍ୟନ୍ତ କୌଣସି ପରୀକ୍ଷା ନ କରାଇବାକୁ ଜିଲାପାଳ ଓ.ପି. ବୁଙ୍କର ଆଡଭାଇଜରି ଜାରି କରିଛନ୍ତି।



**ସଂକ୍ଷେପରେ**

## ହାଇୱା ଧକ୍କାରେ ୨ କିନ୍ନର ମୃତ

**ଲହୁଣୀପଡ଼ା, ୨୭।୮ (ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନଂ. ଜାତୀୟ ରାଜପଥର ରଜାମୁଣ୍ଡା ବାଇପାସ୍ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ହାଇୱା ସ୍କୁଟିକୁ ଧକ୍କା ଦେବାରୁ ୨ଜଣ କିନ୍ନରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଥ କିଷାନ(୨୩) ଓ ରାଜା ପାତ୍ର(୨୧)। ପୋଲିସ ମୃତଦେହ ଜବତ କରି ରବିବାର ଲହୁଣୀପଡ଼ା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଅନ୍ୟ ଜଣେ କିନ୍ନର ଏହି ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଏଥିସହ ହାଇୱା ଓ ସ୍କୁଟିକୁ ପୋଲିସ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ସବୁଦିନ ପରି ରଥ, ରାଜା ଓ ଉମାଶଙ୍କର ନାୟକ ରାଜାମୁଣ୍ଡା ବାଇପାସ୍‌ର ବିଭିନ୍ନ ଛକରେ ଗାଡ଼ି ଡ୍ରାଇଭରଙ୍କଠାରୁ ଟଙ୍କା ଆଦାୟ କରି ଶନିବାର ବିଳମ୍ବିତ ରାତିରେ ଏକ ସ୍କୁଟି (ନଂ. ଓଡି୧୪ୱାଇ/୭୫୪୮)ରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ହାଇୱା (ନଂ.ଓଡି୧୪ଟି/୩୦୨୫) ପଛପଟୁ ଦ୍ରୁତଗତିରେ ଆସୁଥିଲା। ଏହା ଜାଣିପାରି ସ୍କୁଟି ପଛରେ ବସିଥିବା କିନ୍ନର ଉମାଶଙ୍କର ଡେଇଁ ପଡ଼ିଥିଲେ। ଫଳରେ ଅନ୍ୟ ୨ଜଣ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡିଯିବାରୁ ତାଙ୍କ ଉପରେ ହାଇୱା ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ କିନ୍ନର ରଥ ଓ ରାଜାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯାଇଥିଲେ। ଲହୁଣୀପଡ଼ା ଥାନା ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇଥିଲା।

## ପୋଲିସ ଉପରକୁ ଗୁଳି, ଅଭିଯୁକ୍ତ ଚମ୍ପଟ

**ଅନୁଗୋଳ, ୨୭।୮ (ଅମିତକୁମାରସାମଲ)**

ଅନୁଗୋଳ ଜିଲା ନାଲ୍‌କୋ ଥାନା ଏସ୍‌ଆଇ ଦୁର୍ଯ୍ୟୋୟ ମହାନନ୍ଦିଆଙ୍କ ଉପରକୁ ଗୁଳି ଚଳାଇ ଚମ୍ପଟ ମାରିଛନ୍ତି ଅଭିଯୁକ୍ତ। ତେବେ ଅଭିଯୁକ୍ତଙ୍କ ଗୁଳି ଏସ୍‌ଆଇଙ୍କ ଦେହରେ ବାଜି ନ ଥିବା ବେଳେ ଏସ୍‌ଆଇ ମଧ୍ୟ ୨ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଛନ୍ତି। ଶନିବାର ଘଟିଥିବା ଏହି ଘଟଣା ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଏସ୍‌ଆଇ ମହାନନ୍ଦିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ନଂ. ୧୫୮/୨୩ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ଅନୁଗୋଳ ଥାନା ଘୁଞ୍ଚାପାଳ ଅଞ୍ଚଳର ସୁଧାଂଶୁ ନାଏକଙ୍କ ନାମରେ ନାଲ୍‌କୋ ଥାନାରେ ଏକ ଯୁବତୀ ଅପହରଣ ନେଇ ମାମଲା ରହିଛି। ଉକ୍ତ ମାମଲାର ତଦନ୍ତ କରୁଥିବା ଏସ୍‌ଆଇ ମହାନନ୍ଦିଆଙ୍କୁ ଅଭିଯୁକ୍ତଙ୍କ ସମ୍ପର୍କରେ ବିଶ୍ୱସ୍ତ ସୂଚନା ମିଳିଥିଲା। କୁରୁଡୁଲୁ ଆମ୍ବ ବଗିଚାରେ ଅଭିଯୁକ୍ତ ସୁଧାଂଶୁ ଲୁଚିଥିବା ଜାଣି ଅପରାହ୍ଣରେ ତଦନ୍ତକାରୀ ଅଧିକାରୀ ସେଠାକୁ ଯାଇଥିଲେ। ସେଠାରେ ମୋଟର ସାଇକେଲ ରଖି ଏସ୍‌ଆଇ ମହାନନ୍ଦିଆ ଅଭିଯୁକ୍ତଙ୍କ ନିକଟକୁ ଯିବା ବେଳେ ହଠାତ ସୁଧାଂଶୁ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଜବାବରେ ଏସ୍‌ଆଇ ନିଜ ପିସ୍ତଲରୁ ୨ ରାଉଣ୍ଡ ଫାଙ୍କା ଗୁଳି ଚଳାଇବା ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ମାଡ଼ିଗଲା ହାଇୱା: ୨୩ ଛେଳି ମୃତ

**କାମାକ୍ଷାନଗର, ୨୭।୮ (ସୁଧୀର ପରିଡ଼ା):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥର ସିଆରିମାଳିଆ ଛକରେ ରବିବାର ମଧ୍ୟାହ୍ନରେ ଏକ ହାଇୱା ଧକ୍କାରେ ୨୩ଟି ଛେଳିଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଦୁର୍ଯ୍ୟୋଧନ ନାଏକ ନିଜର ଏବଂ ପାଖ ପଡ଼ୋଶୀଙ୍କ ଛେଳିପଲ ଜଙ୍ଗଲରୁ ଚରାଇ ଫେରୁଥିଲେ। ଛେଳିପଲ ରାସ୍ତା ପାର୍ ହେଉଥିବାବେଳେ କାମାକ୍ଷାନଗରରୁ ତାଳଚେର ଯାଉଥିବା ଏକ ହାଇୱା (ନଂ. ଓଡ଼ି ୨୨ ଏଲ୍ ୧୮୧୧) ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ୨୩ଟି ଛେଳିଙ୍କ ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ କାମାକ୍ଷାନଗର ଥାନା ଏସ୍‌ଆଇ ସ୍ୱର୍ଣ୍ଣପ୍ରଭା ସାହୁ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ହାଇୱା ମାଲିକ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଦେଶକୁ ଗର୍ବିତ କରିଛନ୍ତି ଗଡ଼ଜାତ ଗାନ୍ଧୀ



ଶହୀଦଙ୍କ ଗ୍ରାମରୁ ସଂଗୃହୀତ ମାଟିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନେହେରୁ ଯୁବକେନ୍ଦ୍ର ସଂଗଠନର ପୂର୍ବକ୍ଷେତ୍ର ନିର୍ଦ୍ଦେଶିକା ହନି ସିହ୍ନାଙ୍କୁ ପ୍ରଦାନ କରୁଛନ୍ତି।

**ଢେଙ୍କାନାଳ, ୨୭।୮ (ରତନ ନାୟାର)**

- ସାରଙ୍ଗଧରଙ୍କ ନାମରେ ଡାକଟିକେଟ୍ ଜାରି କରିବାକୁ ପ୍ରସ୍ତାବ
- ଗ୍ରାମରେ ସ୍ଥାପନ ହେବ ସଂଗ୍ରାମୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି

ଢେଙ୍କାନାଳ ହେଉଛି ବୀର ସଂଗ୍ରାମୀଙ୍କ ମାଟି। ସ୍ୱାଧୀନତା ସଂଗ୍ରାମ ଏବଂ ଗଡ଼ଜାତ ମିଶ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ସଂଗ୍ରାମ ଦେଶକୁ ଗର୍ବିତ କରିଛି। ଆସନ୍ତା କୁମାର ପୂର୍ଣ୍ଣିମା ମଧ୍ୟରେ ତାଙ୍କ ନାମରେ ଡାକଟିକେଟ୍ ଜାରି କରିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଯାଇଛି। ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ ସଂଗ୍ରାମୀଙ୍କ ଗ୍ରାମରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭାରତ ସରକାରଙ୍କ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସଦର ବ୍ଲକ ନାଗିଆପଶି ପଞ୍ଚାୟତ ହରେକୃଷ୍ଣପୁର ଗ୍ରାମରେ ରବିବାର ଅନୁଷ୍ଠିତ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର ଶହୀଦ ଯବାନ କାମାକ୍ଷାନଗର ବ୍ଲକ ବଡ଼ସୁଆଁଳ ଗ୍ରାମର ଅଜିତ କୁମାର ସାହୁ, ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାର ଅମିୟ ରଞ୍ଜନ ସାହୁ, ଗଁଦିଆ ବ୍ଲକ ଷଡ଼ଙ୍ଗୀ ଗ୍ରାମର ତୁଷାର ବରାଳ, ସନ୍ଧସରା ଗ୍ରାମର ପବିତ୍ର ମୋହନ ପ୍ରଧାନ, ବାଇସିଙ୍ଗା ଗ୍ରାମର ଭଗଦାନନ୍ଦ ପତି, ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ନୂଆକୋଟ ଗ୍ରାମର ବୁଦ୍ଧିଆ ଗୋଛାୟତ, କଙ୍କାଲୁ ଗ୍ରାମର ରମେଶ ଚନ୍ଦ୍ର ପାତ୍ର, ସଦର ବ୍ଲକ ଚାଉଳିଆ ଗ୍ରାମର ସୂର୍ଯ୍ୟମଣି ବେହେରାଙ୍କ ପରିବାରକୁ ସମ୍ମାନିତ କରିଥିଲେ। ଏଥିସହ ସଂଗ୍ରାମୀଙ୍କ ଗ୍ରାମରୁ ସଂଗୃହୀତ ମାଟିକୁ ନେହେରୁ ଯୁବକେନ୍ଦ୍ର ସଙ୍ଗଠନର ପୂର୍ବକ୍ଷେତ୍ର ନିର୍ଦ୍ଦେଶିକା ହନି ସିହ୍ନାଙ୍କୁ ପ୍ରଦାନ କରିଥିଲେ। ସିଆର୍‌ପିଏଫ୍ ଓଡ଼ିଶା ସେକ୍ଟର ଡିଆଇଜି ଏମ୍. ରଘୁରାମ, ସାରଙ୍ଗଧର ଦାସଙ୍କ ନାତି ଚନ୍ଦନ ଦାସ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ର ନାରାୟଣ ପାଣି, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ଶତ୍ରୁଘ୍ନ ଜେନା, ବିଭୂତି ଭୂଷଣ ପ୍ରଧାନ, ରାମଚନ୍ଦ୍ର ପାତ୍ର, ନରେଶ ଚନ୍ଦ୍ର ମହାପାତ୍ର, ସୁନୀଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଟାଙ୍ଗୀରୁ ଟାଙ୍ଗୀକୁ ଯୋଡ଼ିବ ରିଂରୋଡ୍

ଗମନାଗମନ ସୁବିଧା ପାଇଁ ଖୋର୍ଦ୍ଧା ଜିଲା ଟାଙ୍ଗୀରୁ ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ଓ କପିଳାସ ଦେଇ କଟକ ଜିଲା ଟାଙ୍ଗୀ ପର୍ଯ୍ୟନ୍ତ ଏକ ରିଂରୋଡ୍ ତିଆରି କରାଯିବ। ଏହି ସଡ଼କ ନିର୍ମାଣ ହେଲେ କଟକ ସମେତ ଭୁବନେଶ୍ୱର ଏୟାରପୋର୍ଟକୁ ଯିବା ପାଇଁ ସୁବିଧା ହେବ। ବ୍ରଜନାଥ ବଡ଼ଜେନା ହାଇସ୍କୁଲ ଏକ ହେରିଟେଜ୍ ଶିକ୍ଷାନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଢେଙ୍କାନାଳରେ ଏଭଳି ଅନେକ ପୁରାତନ ସ୍କୁଲ ରହିଛି। ଏଗୁଡ଼ିକର ବିକାଶ ହେବା ନିହାତି ଜରୁରୀ। ଜିଲାକୁ ଶିକ୍ଷା ହବ୍‌ରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରହିଛି। ରବିବାର ଦିନିକିଆ ଢେଙ୍କାନାଳ ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇ ଏହା କହିଛନ୍ତି। ଏହି ଅବସରରେ ସେ ବିପଦସଙ୍କୁଳ ଅବସ୍ଥାରେ ଥିବା ହରେକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ୟା ସମାଧାନ ଲାଗି ଜିଲାପାଳ ସରୋଜ ସେଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସରକାରୀ କ୍ୱାର୍ଟର୍ସରେ କନ୍‌ଷ୍ଟେବଲଙ୍କ ଆତ୍ମହତ୍ୟା

**ପାରିବାରିକ କଳହକୁ ନେଇ ମାନସିକ ଚାପରେ ରହୁଥିଲେ**

**ତିହିଡ଼ି, ୨୭।୮ (ସଞ୍ଜିତ ବଳ)**



ତୋଫାନ କୁମାର ପାତ୍ର

ଭଦ୍ରକ ଜିଲା ତିହିଡ଼ି ଥାନାରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲ ଶନିବାର ରାତିରେ ଆତ୍ମହତ୍ୟା କରିଛନ୍ତି। ସେ ରହୁଥିବା ସରକାରୀ କ୍ୱାର୍ଟର୍ସରୁ ତାଙ୍କ ଝୁଲନ୍ତା ମୃତଦେହ ରବିବାର ସକାଳେ ପୋଲିସ ଜବତ କରିଛି। ମୃତ କନ୍‌ଷ୍ଟେବଲ ହେଲେ କେନ୍ଦୁଝର ଜିଲା ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ଅଧୀନ ଭଣ୍ଡାରିପଡ଼ା ଗ୍ରାମର ତୋଫାନ କୁମାର ପାତ୍ର(୩୬)। ତିହିଡ଼ି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୬/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ପୋଲିସ ସୂଚନା ଅନୁଯାୟୀ, ତୋଫାନ ଥାନା ପରିସରରେ ସରକାରୀ କ୍ୱାର୍ଟର୍ସରେ ସ୍ତ୍ରୀ ଓ ଝିଅ ପୁଅଙ୍କ ସହ ରହୁଥିଲେ। ଶନିବାର ରାତିରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ କଳହ ହୋଇଥିଲା। ପରେ ତୋଫାନ ଘର ଭିତରେ ପଶି କବାଟ ବନ୍ଦ କରି ଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ତାଙ୍କ ସ୍ତ୍ରୀଙ୍କର ସନ୍ଦେହ ହୋଇଥିଲା। କ୍ୱାର୍ଟର୍ସ ପାଖରେ ରହୁଥିବା ପୋଲିସ କର୍ମଚାରୀଙ୍କୁ ସେ ଡାକି ଘଟଣା ସମ୍ପର୍କରେ ଜଣାଇଥିଲେ। ସେମାନେ କବାଟ ଭାଙ୍ଗି ଭିତରକୁ ଯାଇ ତୋଫାନ ଫ୍ୟାନ୍‌ରେ ବିଛଣା ଚାଦର ସହାୟତାରେ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ରବିବାର ପୋଲିସ ମୃତଦେହ ଜବତ କରିଥିଲା। ପାରିବାରିକ କଳହକୁ ନେଇ ତୋଫାନ କିଛିଦିନ ଧରି ମାନସିକ ଚାପରେ ରହୁଥିଲେ। ସେହି କାରଣରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ଆଇଆଇସି ମହମ୍ମଦ ହାପିଜ କହିଛନ୍ତି। ତେବେ ମୃତ ତୋଫାନଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବାବେଳେ ଘଟଣା ସମ୍ପର୍କରେ ତାଙ୍କ ସ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ରାଜକିଶୋର ଡ୍ରିମ୍‌ଗାର୍ଲ ୨ର ସହ ନିର୍ଦ୍ଦେଶକ

**ସୋନପୁର, ୨୭।୮ (ମୃତ୍ୟୁଞ୍ଜୟ ଶତପଥୀ)**



ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ସହିତ ରାଜକିଶୋର।

କଳା, ସଂସ୍କୃତିର ମାଟି ସୁବର୍ଣ୍ଣପୁରରେ ଆଉ ଜଣେ ଯୁବକ ଚଳଚ୍ଚିତ୍ର ଦୁନିଆରେ ନିଜର ପାଦ ଥାପି ସଫଳତା ପାଇଛନ୍ତି। ଚଳଚ୍ଚିତ୍ର ଦୁନିଆକୁ ଏହି ମାଟିର ସୁଯୋଗ୍ୟ ସନ୍ତାନ ସବ୍ୟସାଚୀ ମହାପାତ୍ର, ପଦ୍ମଶ୍ରୀ ନୀଳମାଧବ ପଣ୍ଡା ଓ ସୂର୍ଯ୍ୟ ଦେଓ ପ୍ରମୁଖଙ୍କ ଅବଦାନ ଅତୁଳନୀୟ। ଏବେ ସୋନପୁର ସହର ଗ୍ରୀଡ୍‌କୋ ଅଞ୍ଚଳର ଯୁବକ ରାଜକିଶୋର ହୋତା (୩୫) ହିନ୍ଦୀ ସିନେମାରେ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ନିକଟରେ ରିଲିଜ୍ ହୋଇଥିବା ହିନ୍ଦୀ ସିନେମା ଡ୍ରିମ୍‌ଗାର୍ଲ ୨ରେ ସେ ସହ ନିର୍ଦ୍ଦେଶକ ଅଛନ୍ତି। ଆୟୁଷ୍ମାନ ଖୁରାନାଙ୍କ ଅଭିନୀତ ଏହି କମେଡି ସିନେମାଟି ବକ୍ସ ଅଫିସରେ ମଧ୍ୟ ଭଲ ନାମ କମାଇଛି। ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ରାଜକିଶୋର ସୋନପୁରରୁ ଭୁବନେଶ୍ୱରକୁ ପାଠ ପଢିବାକୁ ଆସିଥିଲେ। ଭୁବନେଶ୍ୱରରେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ କରିବା ସମୟରେ ୨୦୦୮ରେ ସେ ଅଧାରୁ ପାଠ ଛାଡ଼ିଥିଲେ। ପରେ ଚଳଚ୍ଚିତ୍ର ଦୁନିଆରେ କାମ କରିବାକୁ ମାୟାନଗରୀ ମୁମ୍ବାଇକୁ ଚାଲି ଯାଇଥିଲେ। ସେଠାରେ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଥିଲା। ପ୍ରଥମେ କିଛି ହିନ୍ଦୀ ସିରିଏଲରେ କାମ କରିଥିଲେ। ନୀଳମାଧବ ପଣ୍ଡାଙ୍କ ଆଇ ଏମ୍ କାଲାମରେ ରାଜକିଶୋର ସହ ନିର୍ଦ୍ଦେଶକ ଭାବେ କାମ କରିବାକୁ ସୁଯୋଗ ପାଇଥିଲେ। ୨୦୨୧ରେ ଓଡ଼ିଶାର ୪୦୦ ଅନୁସୂଚିତ ଜନଜାତି ବର୍ଗର ବାଳିକାଙ୍କୁ ନେଇ ଦି ମାଉଣ୍ଟେନ ହକି ନାମକ ଏକ ଡକ୍ୟୁମେଣ୍ଟାରି ଫିଲ୍ମ କରିଥିଲେ। ୨୦୧୯ରୁ ଡ୍ରିମ୍ ଗାର୍ଲ ୨ ଶୁଟିଂ ଆରମ୍ଭ ହୋଇଥିଲା। ତେବେ କୋଭିଡ୍ ପାଇଁ ଶୁଟିଂ ବନ୍ଦ ରହିବା ସହ ରିଲିଜ୍ ହେବାକୁ ବିଳମ୍ବ ହେଲା। ଶୁଟିଂ ସେଟ୍‌ରେ ବଡ ଅଭିନେତ୍ରୀ ଓ ଅଭିନେତାଙ୍କ ସହିତ କାମ କରିବାକୁ ସୁଯୋଗ ମିଳିଲା। ଶୁଟିଂ ସମୟରେ ଭଲ ଅନୁଭୂତି ମିଳିବା ସହ ଅନେକ କିଛି ଶିକ୍ଷା ମିଳିଛି। ଆଗକୁ ଆହୁରି ବଡ ବଜେଟର ସିନେମା ଓ ସିରିଏଲ ପାଇଁ ଅଫର ରହିଛି ବୋଲି ରାଜକିଶୋର କହିଛନ୍ତି। ବାପା ଦଶରଥ ହୋତା ସ୍ପିନିଂ ମିଲ୍‌ରେ କାମ କରୁଥିଲେ। ସ୍ପିନିଂ ମିଲ୍ ବନ୍ଦ ହୋଇଯିବା ପରେ ବାପାଙ୍କୁ ପରିବାର ଚଳାଇବା, ଗୋଟିଏ ଝିଅ ଓ ୨ ପୁଅଙ୍କୁ ପାଠ ପଢାଇ ମଣିଷ କରିବା କଷ୍ଟକର ହୋଇଥିଲା। ଏହି ସଂଘର୍ଷ ସେ ପିଲାବେଳୁ ଦେଖିଛନ୍ତି। ତେଣୁ ଧୈର୍ଯ୍ୟହରା ନ ହୋଇ ପ୍ରାରମ୍ଭିକ ସମୟରେ ତାଙ୍କୁ ମୁମ୍ବାଇରେ ସଂଘର୍ଷ କରିବାକୁ ପଡିଥିଲା। ନିଜର ନିଷ୍ଠା ଓ ଅଧ୍ୟବସାୟ ପାଇଁ ରାଜକିଶୋରଙ୍କୁ ଏବେ ସଫଳତା ମିଳିବାରେ ଲାଗିଛି। ସେ ଏବେ ଗୋଆରେ ଚଳଚ୍ଚିତ୍ର ଶୁଟିଂ କାମରେ ବ୍ୟସ୍ତ ଅଛନ୍ତି।




ରସୁଲଗଡ଼ ବ୍ରହ୍ମେଶ୍ୱର କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରୁ ରବିବାର ବାହାରିଥିବା ମୁଭ୍ ଫର୍ ଆର୍ଥ ବିଶ୍ୱ ସାଇକେଲ ଯାତ୍ରା।

# ମୁଭ୍ ଫର୍ ଆର୍ଥ ବିଶ୍ୱ ସାଇକେଲ ଯାତ୍ରା

**୩୧ ସହରରୁ ଯୋଗଦେଲେ ୨ହଜାର ସାଇକେଲ ଚାଳକ**

**ଭୁବନେଶ୍ୱର, ୨୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)**

ସୁଇଚ ଅନ୍ ଫାଉଣ୍ଡେଶନ ପକ୍ଷରୁ 'ମୁଭ ଫର୍ ଆର୍ଥ ଗ୍ଲୋବାଲ ସାଇକେଲ ଯାତ୍ରା' ରବିବାର ଆୟୋଜିତ ହୋଇଥିଲା। ଏହି ବିଶ୍ୱସ୍ତରୀୟ ସାଇକେଲ ଯାତ୍ରାରେ ଓଡିଶା ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲା। ରସୁଲଗଡ଼ ବ୍ରହ୍ମେଶ୍ୱର କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରୁ ବାହାରିଥିବା ଏହି ଯାତ୍ରାରେ ୩୧ଟି ସହରରୁ ୨ହଜାର ସାଇକେଲ ଚାଳକ ସାମିଲ ହୋଇ ପୃଥିବୀ ପାଇଁ ସାଇକେଲ ଚାଳନା କରିଥିଲେ। ସାମୂହିକ ଜଳବାୟୁ କାର୍ଯ୍ୟ ପାଇଁ ବିଭିନ୍ନ ସଙ୍ଗଠନ, ବିଦ୍ୟାଳୟ, ଏନ୍‌ଜିଓ, କଲେଜ ଏବଂ ସମ୍ପ୍ରଦାୟର ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶକ ବିନୟ ଜାଜୁ କହିଛନ୍ତି, ପ୍ରକୃତ ପରିଣାମ ସହିତ ଜଳବାୟୁ ପରିବର୍ତ୍ତନ ହେଉଛି ଏକ ବିଶ୍ୱ ସଙ୍କଟ। ଏହାର ସମାଧାନ ପାଇଁ ଆମେ ବିଶ୍ୱର ବିଶିଷ୍ଟ ବ୍ୟକ୍ତିଙ୍କ ପାଖକୁ ଚିଠି ଲେଖିଛୁ। ମୁଭ ଫର୍ ଆର୍ଥ ସମ୍ପ୍ରଦାୟ ଏହି ପରିବର୍ତ୍ତନକୁ ସମର୍ଥନ କରିବାକୁ ପ୍ରତିବଦ୍ଧ। ସମସ୍ତେ ଏକାଠି ହୋଇ ଏହି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବା ଉଚିତ। ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ଯେପରିକି ଅନୈତିକ ବର୍ଷା, ମରୁଡ଼ି, ଅତ୍ୟଧିକ ଉତ୍ତାପ ଏବଂ ବନ୍ୟା ଯାହା ଦେଶର ଜଳ, ଶକ୍ତି ଏବଂ ଖାଦ୍ୟ ନିରାପତ୍ତାକୁ ଚ୍ୟାଲେଞ୍ଜ ଦେବା ଆରମ୍ଭ କରିଛି। ବଢୁଥିବା ବିଶ୍ୱର ଜନସଂଖ୍ୟା ସହିତ ଏହା ବିଶ୍ୱର ଦାରିଦ୍ର୍ୟ ଏବଂ କ୍ଷୁଧା ବୃଦ୍ଧି କରିବ, ଯେଉଁଥିରେ ମହିଳା ଏବଂ ଶିଶୁ ଅଧିକ ପ୍ରଭାବିତ ହେବେ।

## ପୁଅ ମୃତଦେହ ଅଟୋରେ ନେଲେ ଅସହାୟ ବାପା

**କେନ୍ଦୁଝର, ୨୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ସାପ କାମୁଡ଼ାରେ ମୃତ ଶିଶୁପୁତ୍ରକୁ ନେବା ପାଇଁ ଶବବୁହା ଗାଡ଼ି(ମହାପ୍ରୟାଣ) ନ ପାଇ ଗରିବ ଅସହାୟ ବାପା ଏକ ଅଟୋରେ ଘରକୁ ନେବାକୁ ବାଧ୍ୟ ହୋଇଛନ୍ତି। ଏଭଳି ଘଟଣା କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖାଯାଇଛି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଉ ନ ଥିବାରୁ ଅନେକ ସମୟରେ ଗରିବ ଲୋକମାନେ ଭଡ଼ା ଗାଡ଼ି କରି ଖର୍ଚ୍ଚାନ୍ତ ହେଉଛନ୍ତି।

ସୂଚନା ଅନୁଯାୟୀ, ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତଳସୁମଠ ଗ୍ରାମର ଭୀମସେନ ଜୁଆଙ୍ଗଙ୍କ ପୁଅ ଗଣେଶ୍ୱର (୧୨)ଙ୍କୁ ଶନିବାର ବିଳମ୍ବିତ ରାତିରେ ବିଷଧର ସାପ କାମୁଡ଼ିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରବିବାର ସକାଳ ୮ଟା ୩୫ରେ ଚିକିତ୍ସାଧୀନ ଅବସ୍ଥାରେ ଗଣେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। କେନ୍ଦୁଝରଠାରୁ ତଳସୁମଠ ୩୦ କି.ମି.ଦୂର ହୋଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୃତଦେହ ଘରକୁ ପଠାଇବା ବ୍ୟବସ୍ଥା କରାଯାଇ ନ ଥିଲା। ଶେଷରେ ଗରିବ ବାପା ବାଧ୍ୟ ହୋଇ ଏକ ଅଟୋରେ ୧୧୦୦ ଟଙ୍କା ଭଡ଼ାରେ ପୁଅର ମୃତଦେହକୁ ଗାଁକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

## ଶ୍ରୀଜୀଉଙ୍କ ପାଇଁ ଶ୍ରୀକ୍ଷେତ୍ରରୁ ଆସିଲା ପାଟରାଖୀ

**କେନ୍ଦ୍ରାପଡ଼ା, ୨୭।୮ (ଜଗନ୍ନାଥ ଧଳ)**

**ଶ୍ରୀବଳଦେବଜୀଉ ମନ୍ଦିର**

କେନ୍ଦ୍ରାପଡ଼ା ଜିଲା ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉ ଓ ଶ୍ରୀ ଜଗନ୍ନାଥଜୀଉଙ୍କ ଗହ୍ମା ପୂର୍ଣ୍ଣମୀ ଉତ୍ସବ ନିମନ୍ତେ ପୁରୀ ଶ୍ରୀକ୍ଷେତ୍ରର ସାନ ଭଉଣୀ ମା' ସୁଭଦ୍ରା ଠାକୁରାଣୀଙ୍କ ନିକଟରୁ ୨ଟି ପାଟରାଖୀ ଆସି ରବିବାର ପହଞ୍ଚିଛି। ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ଗରାବଡୁ, ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦର ଅନ୍ତର୍ଜାତୀୟ ସଭାପତି ଦୁର୍ଯ୍ୟୋଧନ ସାହୁ, ଆଦିତ୍ୟ ବାହିନୀ ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ, ଡ. ତିରୁପତି ପାଣିଗ୍ରାହୀ ପ୍ରମୁଖ ଏହି ପାଟରାକ୍ଷୀ ନେଇ ଶ୍ରୀବଳଦେବଜୀଉଙ୍କ ମନ୍ଦିର ସେବାୟତଙ୍କୁ ଅର୍ପଣ କରିଛନ୍ତି। ଏ ସମ୍ପର୍କରେ ବାଡଗ୍ରାହୀ ଦାସମହାପାତ୍ର କହିଛନ୍ତି, ପ୍ରତିବର୍ଷ ଶ୍ରୀଜୀଉଙ୍କ ପାଇଁ ସାନ ଭଉଣୀ ମା' ସୁଭଦ୍ରା ଦଶମୀ ତିଥିରେ ପାଟରାଖୀ ପଠାଇଥାନ୍ତି। ଏହି ପାଟରାଖୀ ପ୍ରଦାନ ସମୟରେ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ, ବଳଭଦ୍ର ସେନାର ସଭାପତି ପୁପୁନ କୁମାର ସ୍ୱାଇଁ, ନିରଞ୍ଜନ ମେକାପ, ସୁପରଭାଇଜର ନୃସିଂହ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀବଳଦେବ ଜୀଉ ମନ୍ଦିର କର୍ମକର୍ତ୍ତାଙ୍କୁ ରାଖୀ ହସ୍ତାନ୍ତର କରାଯାଉଛି।

# ୩୧ରେ ଉତ୍କେଳା ବିମାନବନ୍ଦର ଲୋକାର୍ପଣ

**ଯୋଗାଯୋଗ କ୍ଷେତ୍ରରେ ଆଉ ପାଦେ ଆଗେଇବ କଳାହାଣ୍ଡି**

**ଭବାନୀପାଟଣା, (ଉତ୍ତମ କୁମାର ଦାଶ)/ ଭୁବନେଶ୍ୱର, ୨୭।୮ (ଅସମାପିକା ସାହୁ)**

ରାଜ୍ୟ ବିମାନ ସେବାରେ ଯୋଡ଼ିହେବ ନୂଆ ଅଧ୍ୟାୟ। କଳାହାଣ୍ଡି ଉତ୍କେଳାରୁ ଉଡ଼ିବ ବିମାନ। ଆଉ ୩ଦିନ ପରେ କଳାହାଣ୍ଡିବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବ। ୩୧ ତାରିଖରେ ଲୋକାର୍ପଣ ହେବ ଜିଲାର ପ୍ରଥମ ଉତ୍କେଳା ବିମାନବନ୍ଦର। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଭର୍ଚୁଆଲରେ ଏହାର ଉଦ୍‌ଘାଟନ କରିବେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିମାନବନ୍ଦରରୁ ସବୁଜ ପତାକା ଦେଖାଇ ଏହାର ଲୋକାର୍ପଣ କରିବେ। ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂ ମଧ୍ୟ ଭର୍ଚୁଆଲରେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଥିବାବେଳେ ସେପଟେ ଉତ୍କେଳା ବିମାନବନ୍ଦର କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ସାମିଲ ହେବେ। ଗୁରୁବାର ସକାଳ ୧୦ଟା ୩୫ରେ ପ୍ରଥମ ବିମାନଟି ଭୁବନେଶ୍ୱରରୁ ଉତ୍କେଳା ଅଭିମୁଖେ ଯାତ୍ରା କରିବ।




ଇଣ୍ଡିଆୱାନ୍ ଏୟାର ଏହି ସେବା ପ୍ରଦାନ କରିବ। ଟିକେଟ ମୂଲ୍ୟ ପ୍ରଥମ ୧୦ ଦିନ ପାଇଁ ୧୨୦୦ ଟଙ୍କା ରଖାଯାଇଛି। ତେବେ ପରବର୍ତ୍ତୀ ସମୟରେ ଏହାକୁ ଛତିଶଗଡ଼ର ରାୟପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ବିମାନଟି ଭୁବନେଶ୍ୱରରୁ ଉତ୍କେଳା ଯାଇ ସେଠାରୁ ରାୟପୁର ଓ ରାୟପୁରରୁ ପୁଣି ଉତ୍କେଳା ଦେଇ ଭୁବନେଶ୍ୱର ଫେରିବ ବୋଲି ସୂଚନା ଦିଆଯାଇଛି।

ଉତ୍କେଳା ବିମାନବନ୍ଦର କାର୍ଯ୍ୟକ୍ଷମ ହେଲେ, ଓଡ଼ିଶାରେ ଏହା ୫ମ ବିମାନବନ୍ଦର ହେବ। ବିଶେଷକରି ଯୋଗାଯୋଗ କ୍ଷେତ୍ରରେ ଆଉ ପାଦେ ଆଗେଇବ କଳାହାଣ୍ଡି। ଏଥିସହ ରାୟଗଡ଼ା, ନୂଆପଡ଼ା, ବଲାଙ୍ଗୀର ଓ ନବରଙ୍ଗପୁର ଜିଲାବାସୀଙ୍କୁ ଯୋଗାଯୋଗ କ୍ଷେତ୍ରରେ ଏହା ବେଶ୍ ସହାୟକ ହୋଇପାରିବ। ଦାରିଦ୍ର୍ୟତା ପାଇଁ ଯେଉଁ ଜିଲା ଦିନେ ବିଶ୍ୱ ଦରବାରରେ ବଦନାମ ମୁଣ୍ଡାଇ ଚାଲୁଥିଲା ଏବେ ସେହି ଜିଲାର ବିକାଶଧାରା ସମସ୍ତେ ଜାଣିବେ। ସରକାରଙ୍କ ବିକାଶ ନକ୍ସାରେ କଳାହାଣ୍ଡି ଯୋଡ଼ି ହେବା ପରେ ଜିଲାର ବୈପ୍ଳବିକ ପରିବର୍ତ୍ତନ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ନିଜର ସତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି କଳାହାଣ୍ଡି। ଏବେ ଏହି ଜିଲାକୁ ଆକାଶ ମାର୍ଗରେ ଯୋଗାଯୋଗ ଦାବି ପୂରଣ ହୋଇଛି। ଏହାକୁ ନେଇ ଜିଲାବାସୀ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ୧୯୬୨ରେ ସ୍ଥାପନ ହୋଇଥିଲା ଉତ୍କେଳା ଏୟାରଷ୍ଟ୍ରିପ। ଏଠାକୁ ୧୨ରୁ ୫୦ ସିଟ୍ ବିଶିଷ୍ଟ ଏୟାରକ୍ରାଫ୍ଟ ପାଇଁ ପ୍ରଯୁଜ୍ୟ ଥିଲା। ତେବେ ୨୦୧୬-୧୭ରେ ଉଡାଣ ଯୋଜନାରେ ଉତ୍କେଳା ବିମାନବନ୍ଦରକୁ ସାମିଲ କରାଯିବା ପରେ ୩ କୋଟି ଟଙ୍କା ଅନୁଦାନରେ ସମ୍ପ୍ରସାରଣ କାମ ଆରମ୍ଭ ହୋଇଥିଲା। ରନେୱ ନିର୍ମାଣ, ପାଚେରି, ଡ୍ରେନ, ଦୁଇ ପାର୍ଶ୍ୱରେ ରାସ୍ତା, ସିଗ୍ନାଲ ରୁମ, କଣ୍ଟ୍ରୋଲ ରୁମ, ରେଷ୍ଟ ହାଉସ, ଗେଷ୍ଟ ହାଉସ ନିର୍ମାଣ କରାଯାଇଥିଲା। ଅନୁଦାନ ରାଶି ବଢ଼ିବା ପରେ ଟର୍ମିନାଲ ବିଲ୍ଡିଂ, ଟେକ୍ସିଇନ, ଫୁଏଲ ଷ୍ଟେଶନ ଆଦି ନିର୍ମାଣ କରାଯାଇଛି। ଉଡାଣ ଯୋଜନାରେ ୧୬ କୋଟି ବ୍ୟୟରେ ବଡ଼ ଏୟାରପୋର୍ଟ ପାଇଁ ୫୫ କୋଟି ଟଙ୍କାର ଟେଣ୍ଡର ପରେ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇଛି। ଏବେ ସେବା ପ୍ରଦାନ ପାଇଁ ବିମାନବନ୍ଦର ପୂରା ପ୍ରସ୍ତୁତ ହୋଇସାରିଛି।

## ବିହାରରେ ନିର୍ବାଚନ ଲଢ଼ିବ ଏଏପି

**ନୂଆଦିଲ୍ଲୀ,୨୭।୮:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆଗାମୀ ବିହାର ବିଧାନସଭା ନିର୍ବାଚନ ଲଢ଼ିବାକୁ ଘୋଷଣା କରିଛି। ଫଳରେ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ନିମନ୍ତେ ବିରୋଧୀ ଏକତା ଇଣ୍ଡିଆ ବ୍ଲକ୍‌କୁ ଆଉ ଏକ ଧକ୍କା ଲାଗିଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରିୟଙ୍କା ବାରାଣସୀରୁ ପ୍ରାର୍ଥୀ ହେବା ୟୁପି କଂଗ୍ରେସ ଚାହେଁ

**ଲକ୍ଷ୍ନୌ,୨୭।୮**

ବାରାଣସୀରୁ ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କୁ ପ୍ରାର୍ଥୀ କରାଇବା ଲାଗି ଉତ୍ତରପ୍ରଦେଶ କଂଗ୍ରେସ କମିଟି ଆଗ୍ରହୀ। ଏନେଇ ଖୁବ୍‌ଶୀଘ୍ର ଦଳର କେନ୍ଦ୍ରୀୟ ନେତୃତ୍ୱଙ୍କୁ ଏକ ପ୍ରସ୍ତାବ ପଠାଯିବ ବୋଲି ଦଳର ନବନିଯୁକ୍ତ ରାଜ୍ୟ ସଭାପତି ଅଜୟ ରାୟ ରବିବାର କହିଛନ୍ତି। ରାୟ ୨୦୧୪ ଏବଂ ୨୦୧୯ରେ ବାରାଣସୀରୁ କଂଗ୍ରେସ ପ୍ରାର୍ଥୀ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୦୯ରେ ସେ ବରିଷ୍ଠ କଂଗ୍ରେସ ନେତା ମୁରଲୀ ମନୋହର ଜୋଷୀଙ୍କଠାରୁ ହାରିଯାଇଥିଲେ। ପ୍ରିୟଙ୍କା ରାଜ୍ୟର ଯେକୌଣସି ଆସନରୁ ଚାହିଁଲେ ଲଢ଼ିପାରିବେ। ତାଙ୍କୁ ଜିତାଇବା ପାଇଁ ଆମେ ସମସ୍ତ ଶକ୍ତି ଲଗାଇ ସାହାଯ୍ୟ କରିବୁ। ତେବେ ସେ ବାରାଣସୀରୁ ନିର୍ବାଚନ ଲଢ଼ିବା ଆମର ଇଚ୍ଛା ବୋଲି ୟୁପି ପିସିସି ସଭାପତି କହିଛନ୍ତି। ବାରାଣସୀ ପ୍ରଧାନମନ୍ତ୍ରୀ ମୋଦିଙ୍କର ନିର୍ବାଚନମଣ୍ଡଳୀ। ଏଠାରୁ ସେ କ୍ରମାଗତ ୨ ଥର ଜିତିଥିବାବେଳେ ୨୦୨୪ରେ ମଧ୍ୟ ଉକ୍ତ ଆସନରୁ ପ୍ରାର୍ଥୀ ହେବେ। ମୋଦିଙ୍କ ବିରୋଧରେ ଏକ ପ୍ରଭାବଶାଳୀ ପ୍ରାର୍ଥୀ ଦେବାକୁ ରାଜ୍ୟ କଂଗ୍ରେସ ଚାହେଁ ବୋଲି ଅଜୟ ରାୟ କହିଛନ୍ତି।

# କଂଗ୍ରେସରେ ଯୋଗଦେବେ ପ୍ରବୋଧ ତିର୍କୀ

**ସୁନ୍ଦରଗଡ଼,୨୭।୮ (ଜୟ ନାରାୟଣ ମେଣ୍ଡୁଲି)**

ଭାରତୀୟ ହକି ଦଳର ପୂର୍ବତନ ତାରକା ପ୍ରବୋଧ ତିର୍କୀ କଂଗ୍ରେସରେ ଯୋଗଦେଇ ସୁନ୍ଦରଗଡ଼ ଜିଲାର ତଳସରା ବିଧାନସଭା ଆସନରୁ ବିଧାୟକ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ସେ ବର୍ତ୍ତମାନ ସୁଦ୍ଧା ଆନୁଷ୍ଠାନିକଭାବେ କଂଗ୍ରେସରେ ଯୋଗଦେଇ ନ ଥିଲେ ମଧ୍ୟ ତାଙ୍କୁ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ନିକଟରେ କଂଗ୍ରେସର ଏକ ବ୍ଲକ କାର୍ଯ୍ୟକ୍ରମରେ ଦଳୀୟ ପତାକା ଧରି ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।



ପ୍ରବୋଧ ତିର୍କୀ

ସେ କହିଛନ୍ତି, ଆଦିବାସୀବହୁଳ ତଳସରା ନିର୍ବାଚନମଣ୍ଡଳୀର ଲୋକେ ତଥା ତାଙ୍କ ପରିବାର ପୂର୍ବରୁ କଂଗ୍ରେସରେ ରହିଆସିଛନ୍ତି। ତେଣୁ ସେ କଂଗ୍ରେସ ଯିବାକୁ ସ୍ଥିର କରିଛନ୍ତି।



ଝାଡ଼ଖଣ୍ଡର ଗିରିଡ଼ିହ ଜିଲା ଅନ୍ତର୍ଗତ ଡୁମ୍‌ରୀ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜେଏମ୍‌ଏମ୍ ପ୍ରାର୍ଥିନୀ ବେବି ଦେବୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ରବିବାର ପ୍ରଚାର କରୁଛନ୍ତି।

# 'ଇଣ୍ଡିଆ'ର ମୁମ୍ବାଇ ବୈଠକ ଉପରେ ନଜର

**ନୂଆଦିଲ୍ଲୀ,୨୭।୮(ପି.ଟି.)**

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ବିରୋଧୀ ବ୍ଲକ୍ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ପରବର୍ତ୍ତୀ ବୈଠକ ଆସନ୍ତା ୩୧ରୁ ମୁମ୍ବାଇରେ ହେବ। ୨ ଦିନିଆ ଏହି ବୈଠକରେ ବିରୋଧୀ ମେଣ୍ଟ ଏକ ଲୋଗୋ ଉନ୍ମୋଚନ କରିବ। ଆସନ ବୁଝାମଣା ସମେତ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରଣନୀତି ପ୍ରସ୍ତୁତି ପାଇଁ ନେତାମାନେ ଆଲୋଚନା କରିବେ। ୨୬ ଦଳକୁ ନେଇ ଗଠିତ 'ଇଣ୍ଡିଆ' ଏହି ବ୍ଲକ୍‌ରେ ଆଉ କେତୋଟି ଆଞ୍ଚଳିକ ଦଳକୁ ମୁମ୍ବାଇ ସଭା ବେଳେ ସାମିଲ କରିବା ପାଇଁ ଯୋଜନା ଚାଲିଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୂଚନା ଦେଇଛନ୍ତି। କଂଗ୍ରେସ ମୁଖପାତ୍ର ଆଲୋକ ଶର୍ମା କହିଛନ୍ତି, ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବୈଠକରେ ଯୋଗଦେଇଥିବା ୩୮ ଦଳ ମଧ୍ୟରୁ ୪-୫ ଦଳ ଇଣ୍ଡିଆରେ ସାମିଲ ହେବା ପାଇଁ ଯୋଗାଯୋଗରେ ଅଛନ୍ତି। ଏହି ବୈଠକରୁ ରାଜ୍ୟର ଭାଜପା-ଶିବସେନା ସରକାର ପାଇଁ ଏକ ସନ୍ଦେଶ ଯିବ ବୋଲି କୁହାଯାଉଛି।

# ବଦନାମ ନେତାଙ୍କୁ ନିଜ ଦଳରେ ନେବାକୁ ଉତ୍ସାହିତ କରନ୍ତୁ ମନମୋହନ: ବିଜେଡି

**ଭୁବନେଶ୍ୱର, ୨୭।୮(ସୁନିତ୍ ମିଶ୍ର)**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶାସକ ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମକୁ ଟାର୍ଗେଟ କରିଛନ୍ତି। ଏହାପରେ ବିଭିନ୍ନ ଘଟଣାବଳୀର ଉଦାହରଣ ଦେଇ ଶାସକ ଦଳ ପଲଟା ମନମୋହନଙ୍କୁ ସମାଲୋଚନା କରିଛି। ବିଜେଡି ମୁଖପାତ୍ର ଲେନିନ ମହାନ୍ତି ରବିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ମନମୋହନ ସାମଲ ବୋଧେ ଭୁଲି ଯାଇଛନ୍ତି ଯେ ୪.୫ କୋଟି ଲୋକ ରାଜ୍ୟ ଭାଜପାକୁ ପରାସ୍ତ କରିଛନ୍ତି। ଗତବର୍ଷ ଜିଲା ପରିଷଦ ନିର୍ବାଚନରେ ଓଡ଼ିଶାର ୩୦ ଜିଲାରେ ବିଜେଡିର ବିଜୟ ନିଶ୍ଚିତ କରିଛନ୍ତି। ଗୋଟିଏ ପରେ ଗୋଟିଏ ଜାତୀୟ ସର୍ଭେ କହୁଛି, ନବୀନ ପଟ୍ଟନାୟକ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ଭାରତର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଅଟନ୍ତି। ବିଜେଡି ଉପରେ ଓଡ଼ିଶା ଲୋକଙ୍କ ଭରସା ରହିଛି। ରାଜ୍ୟ ଭାଜପା ନେତାଙ୍କ ଏପରି ବିବୃତ୍ତି ପାଇଁ ସେମାନେ ତାଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି। ଆମେ ମଧ୍ୟ ଜାଣୁ ମନମୋହନ ତାଙ୍କ ଦଳରେ ଏଭଳି ଲୋକଙ୍କୁ ସାମିଲ ପାଇଁ ଉଦ୍ୟମ ଚଳାଇଛନ୍ତି ଯେଉଁମାନେ ଲୋକ ବିରୋଧୀ କାର୍ଯ୍ୟକଳାପ ତଥା ଲୋକଙ୍କୁ ଚାକିରି ପ୍ରତିଶ୍ରୁତି ଏବଂ ପ୍ରତାରଣା କରି ବିଜେଡିରୁ ବହିଷ୍କୃତ ହୋଇଛନ୍ତି। ଆଗାମୀ ନିର୍ବାଚନ ପାଇଁ ବଦନାମ ନେତାଙ୍କୁ ନିଜ ଦଳରେ ନେବାକୁ ଉତ୍ସାହିତ କରନ୍ତୁ ଏବଂ ପରାଜୟର ଧାରାକୁ ପୁନରାବୃତ୍ତି କରନ୍ତୁ ବୋଲି ଲେନିନ କହିଛନ୍ତି।

# ଭୁବନେଶ୍ୱର ଏମ୍‌ପିଙ୍କ କାର୍ଯ୍ୟକ୍ରମକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

**ଭୁବନେଶ୍ୱର, ୨୭।୮ (ସୁନିତ୍ ମିଶ୍ର)**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ନିଜ ନିର୍ବାଚନମଣ୍ଡଳୀ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। ଏହି ପ୍ରସଙ୍ଗରେ ବିଜେଡି ଓ ଭାଜପା ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ଅପରାଜିତା ରବିବାର ୪ଟି ସ୍ଥାନକୁ ଗସ୍ତ କରିବେ ବୋଲି ଗତ ଶନିବାର ସୂଚନା ଦେବା ସହିତ ତାଙ୍କ ସୁରକ୍ଷା ବ୍ୟବସ୍ଥା ଠିକ୍ ଭାବେ କରିବା ଲାଗି ଖୋର୍ଦ୍ଧା ଜିଲାପାଳଙ୍କୁ ଏକ ଚିଠି ଲେଖିଥିଲେ। ଏହାପରେ ହ୍ୱାଟ୍ସଆପ୍ ମିଡିଆ ଗ୍ରୁପ୍ ଜରିଆରେ ସେ ସୂଚନା ଦେଇଥିଲେ ଯେ, ଜୟଦେବ ନିର୍ବାଚନମଣ୍ଡଳୀ ଗସ୍ତ ସମୟରେ ତାଙ୍କ କାର୍ଯ୍ୟକ୍ରମରେ ବ୍ୟାହତ କରିବା ପାଇଁ ବିଜେଡି ରାସ୍ତାରୋକୋ କରିବା ଲାଗି ଗୁଣ୍ଡା ବ୍ୟବହାର କରିବାକୁ ଯୋଜନା କରିଛି। ତେଣୁ ତାଙ୍କ କାର୍ଯ୍ୟକ୍ରମରେ ସରକାରଙ୍କ ପକ୍ଷରୁ ଯଥାଚିତ୍ ପୋଲିସ୍ କର୍ମଚାରୀ ଠିକ୍ ସମୟରେ ପହଞ୍ଚିବେ ବୋଲି ସେ ଆଶା କରୁଥିବା ଉଲ୍ଲେଖ କରିଥିଲେ।

ଅପରାଜିତାଙ୍କ ଏହି କଥାକୁ ବିଜେଡି ଟାର୍ଗେଟ କରିଛି। ଏକ ଖବରଦାତା ସମ୍ମିଳନୀ ଜରିଆରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି ଯେ, ଅପରାଜିତା ଷଡଙ୍ଗୀ ନିର୍ବାଚନ ପାଖେଇ ଆସୁଥିବାରୁ ସାଢେ ୪ ବର୍ଷ ପରେ ନିର୍ବାଚନମଣ୍ଡଳୀ ପରିଦର୍ଶନ କରୁଛନ୍ତି। ଏତେଦିନ ହେଲା କେଉଁଠାରେ ଥିଲେ ବୋଲି ମହିଳା ଓ ପୁରୁଷମାନେ ତାଙ୍କୁ ପ୍ରଶ୍ନ ପଚାରୁଛନ୍ତି। ଭୁବନେଶ୍ୱରର ମହିଳା ତଥା ସାଧାରଣ ଲୋକଙ୍କ ପ୍ରକୃତ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ସେ କହୁଛନ୍ତି, ଭୁବନେଶ୍ୱର ଲୋକେ ତଥା ଅପରାଧୀମାନେ ତାଙ୍କ ସଭାରେ ବ୍ୟାଘାତ ସୃଷ୍ଟି କରୁଛନ୍ତି।

**■ ରାସ୍ତାରୋକୋ ଲାଗି ଗୁଣ୍ଡାଙ୍କୁ ବ୍ୟବହାର କରିବାକୁ ବିଜେଡି ଯୋଜନା କରୁଛି: ଅପରାଜିତା**

**■ ଯେଉଁମାନେ ଭୋଟ୍ ଦେଲେ ସେମାନେ କିପରି ଅପରାଧୀ ହେଲେ: ଶ୍ରୀମୟୀ**

ଅପରାଜିତାଙ୍କୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି ଯେ, ଗତ ନିର୍ବାଚନରେ ଯେଉଁମାନେ ତାଙ୍କୁ ଭୋଟ୍ ଦେଇ ଏମ୍‌ପି କରିଥିଲେ, ସେମାନଙ୍କୁ ଆଜି ସେ ଅପରାଧୀ ବୋଲି କହୁଛନ୍ତି। ଅନ୍ୟପକ୍ଷରେ ଅପରାଜିତାଙ୍କ ଜୟଦେବ ନିର୍ବାଚନମଣ୍ଡଳୀ ଗସ୍ତ ପୂର୍ବରୁ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏମ୍‌ପିଙ୍କ କାର୍ଯ୍ୟକ୍ରମରେ ଏଭଳି ବିରୋଧକୁ ପୁଣିଥରେ ଟାର୍ଗେଟ କରିଛି ଭାଜପା। ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଓଡ଼ିଶାରେ କିଛିଦିନ ହେଲା ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। ଲୋକ ପ୍ରତିନିଧିମାନେ କୁଆଡେ ଗଲେ ତାଙ୍କୁ ଆଉ ସୁରକ୍ଷା ମିଳୁନାହିଁ ବୋଲି ସମୀର କହିଛନ୍ତି।

### ଅପରାଜିତାଙ୍କୁ କଳାପତାକା ପ୍ରଦର୍ଶନ

**ବାଲିପାଟଣା,୨୭।୮(ଅଭିମନ୍ୟୁ ନାୟକ)**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ରବିବାର ଅଠାନ୍ତର ପଞ୍ଚାୟତର କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବାକୁ ଯାଉଥିବାବେଳେ ବିଜେଡି ସମର୍ଥିତ ଆମ ସଙ୍ଗଠନର କର୍ମକର୍ତ୍ତାମାନେ ସରିପୁର ଛକ ଓ ସଭାସ୍ଥଳରେ ବିରୋଧ କରି କଳାପତାକା ପ୍ରଦର୍ଶନ କରିଥିଲେ। ଏପରିକି ଅପରାଜିତା ଗୋବ୍ୟାକ ସ୍ଲୋଗାନ ଦେଇଥିଲେ। ଏହା ପରେ କୌଣସି କାରଣ ନେଇ ଆମ ସଙ୍ଗଠନ କର୍ମକର୍ତ୍ତା ଓ ଭାଜପା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ଆମ ସଙ୍ଗଠନ ପକ୍ଷରୁ ଲକ୍ଷ୍ମୀ ଦେଇ ଓ ଭାଜପା ପକ୍ଷରୁ ବଗୁଲା ଜେନାଙ୍କ ସମେତ ବହୁ କର୍ମୀ ଆହତ ହୋଇଛନ୍ତି। ଗଣ୍ଡଗୋଳ ଯୋଗୁ ୧ଘଣ୍ଟା ଧରି ବନମାଳିପୁର-ଭୁବନେଶ୍ୱର ରାସ୍ତା ଅବରୋଧ ହେବାରୁ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।


CLASSIFIED DISPLAY

MORE SPACE ' SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଜଗନ୍ନାଥ ଫାଇନାନ୍ସ କମ୍ପାନୀ**

ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ,ବ୍ୟବସାୟ ଋଣ,
ସମ୍ପତ୍ତି ଋଣ, ଶିକ୍ଷା ଋଣ



କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ।
9667440436


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିରୁଦ୍ଦିଷ୍ଟ**



ଜିତେନ୍ଦ୍ର ସାହୁ, (୧୮ବର୍ଷ), ପି: ରବିନ୍ଦ୍ର ସାହୁ, ବଙ୍କସାହି (୧୦ ନଂ.ୱାର୍ଡ), ଥାନା/ଜିଲ୍ଲା: ଭଦ୍ରକ, +୨ କଳା ପ୍ରଥମ ବର୍ଷ ଛାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବନ୍ତ। ରଙ୍ଗ: ଶ୍ୟାମଳ, ପତଳା, ଉଚ୍ଚତା: ୫ଫୁଟ ୬ଇଞ୍ଚ। ଗତ ୨୪।୦୮।୨୦୨୩ରିଖ ଗୁରୁବାର ସକାଳେ ସାଇକେଲ ଯୋଗେ ଘରୁ କେଉଁଆଡ଼େ ଚାଲି ଯାଇଛନ୍ତି। ଗଲାବେଳେ ଖଇରିଆ ଟି-ସାର୍ଟ ଓ କଳା ରଙ୍ଗର ଫୁଲ୍ ପ୍ୟାଣ୍ଟ ପିନ୍ଧିଥିଲେ। କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ ନିକଟସ୍ଥ ଥାନା କିମ୍ବା ନିମ୍ନ ମୋବାଇଲ ନଂରେ ଯୋଗାଯୋଗ କରିବାକୁ ଅନୁରୋଧ। ମୋ- ୭୦୬୪୫୮୮୫୬୨, ୮୧୪୪୪୯୭୪୨୦. ଧ-୧୧୬୫

# ସମିତି ସଭ୍ୟା, ସଭ୍ୟଙ୍କ ଦାବି ନ ମାନିଲେ ସରକାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ: କଂଗ୍ରେସ

**ଭୁବନେଶ୍ୱର, ୨୭।୮(ସୁନିତ୍ ମିଶ୍ର)**

ଓଡ଼ିଶାର ୬୭୦୦ ପଞ୍ଚାୟତରେ ନିର୍ବାଚିତ ସମିତି ସଭ୍ୟା, ସଭ୍ୟମାନେ ସେମାନଙ୍କ ପ୍ରତି ଅନ୍ୟାୟର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ୧୨ ଦଫା ଦାବି ପୂରଣ ନ ହେଲେ ସେମାନେ ସମୂହ ଇସ୍ତଫା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ଏହି ଆନ୍ଦୋଳନକୁ ଓଡ଼ିଶା ପଞ୍ଚାୟତିରାଜ ସଙ୍ଗଠନ ସମର୍ଥନ ଜଣାଇଛି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ କହିଛନ୍ତି, ସମିତି ସଭ୍ୟା,ସଭ୍ୟମାନେ ସ୍ଥାନୀୟ ଜନପ୍ରତିନିଧି। ମାତ୍ର ସେମାନଙ୍କୁ ବିଜେଡି ସରକାର ହତାଦର କରୁଛି। ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସେମାନଙ୍କୁ ସମ୍ପୃକ୍ତ କରାଯାଉ ନାହିଁ। ଏହା ସମ୍ବିଧାନ ବିରୋଧୀ, ପଞ୍ଚାୟତ ବ୍ୟବସ୍ଥା ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ପ୍ରତି ଉପହାସ। ସମିତି ସଭ୍ୟା, ସଭ୍ୟମାନେ ଯେଉଁ ଦାବି ସରକାରଙ୍କ ପାଖରେ ଉପସ୍ଥାପିତ କରିଛନ୍ତି ତାହା ଯୁକ୍ତିଯୁକ୍ତ ଏବଂ ସରକାର ସେସବୁକୁ ତୁରନ୍ତ ମାନିନେବା ଉଚିତ। ତାହା ନ ହେଲେ ରାଜ୍ୟ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ସୁଦର୍ଶନ କହିଛନ୍ତି।


# Classified Everyday 0674-2580101, 2549949



REAL ESTATE

SALE

2BHK, 3BHK Flat for immediate sale at Bomikhal, Bhubaneswar, contact 9337892385. D-1163

Duplex sale at-Bhubaneswar, @ 57Lakhs only. Contact-9777433701. D-75206

**Residential plot near Jatani Gate BBSR Khordha NH, 30ft. Road, Gharabari plot with Electrification. Immediate possession and Registration. 8926250060.** D-1147

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛଡାବର 1200sqft.-3,00,000/-, ନଖରା- 300/-. 7978663279. D-75204

ଭୁବନେଶ୍ୱର ପାହାଳ **NH** ପାଖରେ **developed yellowzone plot boundary, road,** ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। **6370354458.** D-75207

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

2BHK / 3BHK flat available at Jatani Gate with affordable price, near to handover position, all Banks, BDA, RERA Approved. Booking contact: 9776776644, 9776406644, 9337244895. D-74574

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-1038




Full body massage in homely atmosphere in all therapy. Mob: 8114881641. D-73441

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75030

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Spa Kerala body Massage only best Therapist @699/- Bhubaneswar. 9337672475. D-1132

**Newly open Spa positively health benefits with expert therapist. 9938843929.** D-75144

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

Home service full body massage only for female 7853083303. D-1157




To-Let for Office/ Bank/ Software Company 1600sqft., 1st Floor of Canara Bank, Main road Mancheswar Branch, Mancheswar Industrial Estate, Bhubaneswar Parking Area available. Contact: 9437089135/(9437089136), 7978704884/7978010045. D-1110




Garg Foundation is pleased to announce Vidyakiran Award for Girls. For eligibility criteria, write to contact.adoreindia@gmail.com or call-9830017246. D-1160

**AFFIDAVIT**

I, RABINDRA KUMAR PANDA, S/O BIJAY PANDA, At-L2/196, Rourkela, Sundargarh, Odisha,769015 declare vide affidavit dated 17.06.2023 at Bhubaneswar that now onwards I shall be known as RABINDRA PANDA for all future purposes. D-1159

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରଫେସର ଜେ.କେ. ରାଓ**

(ଅଧ୍ୟକ୍ଷ ୟୁଥ୍ କ୍ରିକେଟ୍ କ୍ଲବ୍)

ଜନ୍ମ: ୧୫।୦୫।୧୯୫୪ ସ୍ଥାନ: ନାରାୟଣପାଟଣା
ତିରୋଧାନ: ୧୮।୦୮।୨୦୨୩
ସ୍ଥାନ: ଏମ୍: ୫୮ (ବାସନ୍ତୀ କଲୋନୀ, ରାଉରକେଲା)

ରାଓ ସାର୍ ଆପଣଙ୍କ ଅକାଳ ବିୟୋଗରେ ଆମ୍ଭର ବାସନ୍ତୀ ୟୁଥ୍ କ୍ରିକେଟ୍ କ୍ଲବ୍ ପରିବାର ଶୂନ୍ୟ ଓ ମ୍ରିୟମାଣ। ଆମ କ୍ଲବ୍‌ର ପରିବାର ବର୍ଗଙ୍କ ପ୍ରତି ଆପଣଙ୍କର ଯେଉଁ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ, ଆଦର୍ଶ ମନୋଭାବ ସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଏକାଦଶାହ ଉପଲକ୍ଷେ କ୍ଲବ୍ ପକ୍ଷରୁ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କ ଆତ୍ମା ଯେଉଁଠି ବି ଥାଉ ଶାନ୍ତି, ସମୃଦ୍ଧି ଓ ନିରାମୟରେ ଥାଉ ଏତିକି ଆମ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ପକ୍ଷରୁ କାମନା। (ଆପଣଙ୍କ ବାସନ୍ତୀ ୟୁଥ୍ କ୍ରିକେଟ୍ କ୍ଲବ୍‌ର ସମସ୍ତ ପରିବାରବର୍ଗ ପକ୍ଷରୁ ଅନେକ ଅନେକ ଶ୍ରଦ୍ଧାଞ୍ଜଳି)

ଧ-୧୧୫୮

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ପୂର୍ଣ୍ଣିମା ମିତ୍ର**

୪୮୧/୫୨୫୭ ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ତିରୋଧାନ: ତା୧୮।୦୮।୨୦୨୩

ପ୍ରିୟ ଭଉଣୀ, ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ତୁମେ ଅଫେରା ରାଇଜକୁ ଚାଲିଗଲ। ଦେଖୁ ଦେଖୁ ଏଗାର ଦିନ ବିତିଗଲା। ତୁମେ ଯେଉଁଠି ଅଛ ଶାନ୍ତିରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି କାମନା କରି କେନ୍ଦ୍ରାପଡ଼ାର ପ୍ରଭୁ ଶ୍ରୀଶ୍ରୀ ବଳଦେବଜୀଉଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।

ଶୋକସନ୍ତପ୍ତ: ଭାଇ, ଭାଉଜ, ଭଉଣୀ, ଭିଣୋଇ, ପୁତୁରା, ପୁତୁରାବୋହୂ ବୃନ୍ଦ

ଧ-୧୧୬୪

# ପ୍ରଥମ ତ୍ରୈମାସରେ ଏଫଡିଆଇ ୩୪% ହ୍ରାସ

ଭୁବନେଶ୍ୱର,୨୭।୮ (ଅଭୟ ଦାଶ)




ବିଗତ କିଛି ମାସ ହେଲା ଦେଶର ଫରେନ ଡାଇରେକ୍ଟ ଇନ୍‌ଭେଷ୍ଟ (ଏଫଡିଆଇ) ହ୍ରାସ ପାଇବାରେ ଲାଗିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ (ଏପ୍ରିଲରୁ ଜୁନ) ମଧ୍ୟରେ ଏଫଡିଆଇ ୩୪% ହ୍ରାସ ଘଟି ୧୦.୯୪ ବିଲିୟନ ଡଲାରରେ ରହିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ତ୍ରୈମାସରେ ଦେଶର ଏଫଡିଆଇ ୧୬.୫୮ ବିଲିୟନ ଡଲାର ରହିଥିଲା ବୋଲି ସରକାରୀ ଡାଟା (ଡିପିଆଇଆଇଟିର)ରୁ ଜଣାପଡିଛି। ବିଶେଷ କରି ୨୦୨୩ ଜାନୁୟାରୀରୁ ମାର୍ଚ୍ଚ ତ୍ରୈମାସରେ ଦେଶର ଏଫଡିଆଇ ୪୦.୫୫% କମି ୯.୨୮ ବିଲିୟନ ଡଲାର ରହିଥିଲା। ଅପରପକ୍ଷରେ ଡିପିଆଇଆଇଟିର ଡାଟାରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ (ଏପ୍ରିଲରୁ ଜୁନ)ରେ ବିଦେଶୀ ନିବେଶ କମିଥିବାବେଳେ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ବିଶ୍ୱ ଅର୍ଥନୀତିର ପ୍ରଭାବରୁ ଏଭଳି ପରିସ୍ଥିତ ସୃଷ୍ଟି ହୋଇଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ (ଏପ୍ରିଲରୁ ଜୁନ)ରେ ଯଥାକ୍ରମେ ୫.୧ ବିଲିୟନ ଡଲାର, ୨.୬୭ ବିଲିୟନ ଡଲାର ଏବଂ ୩.୧୬ ବିଲିୟନ ଡଲାର ରହିଛି । ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହି ସଂଖ୍ୟା ଯଥାକ୍ରମେ ୬.୪୬ ବିଲିୟନ ଡଲାର, ୬.୧୫ ବିଲିୟନ ଡଲାର ଏବଂ ୩.୯୮ ବିଲିୟନ ଡଲାର ଥିଲା। ଦେଶର ମୋଟ ଏଫଡିଆଇ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୨୧.୪% କମି ୧୭.୫୬ ବିଲିୟନ ଡଲାର ରହିଛି, ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୨୨.୩୪ ବିଲିୟନ ଡଲାର ଥିଲା। ଦେଶର ମୋଟ ଏଫଡିଆଇରେ ଇକ୍ୱିଟି ପ୍ରବାହ, ରି-ଇନଭେଷ୍ଟଡ୍ ଇନକମ୍ ଏବଂ ଅନ୍ୟ ପୁଞ୍ଜି ଅନ୍ତର୍ଭୁକ୍ତ। ସେହିଭଳି ସରକାରୀ ଡାଟାରୁ ଜଣାପଡ଼ିଛି ଯେ ମରିସସ୍, ସିଙ୍ଗାପୁର, ଆମେରିକା ଏବଂ ୟୁଏଇ ଭଳି ଦେଶର ଏଫଡିଆଇ ପରିମାଣ ମଧ୍ୟ ହ୍ରାସ ଘଟିଛି। ବିଶେଷ କରି କମ୍ପ୍ୟୁଟର ସଫ୍ଟୱେର ଏବଂ ହାର୍ଡୱେର, ଟ୍ରେଡିଂ, ଦୂରସଞ୍ଚାର, ବାହନ, ଫାର୍ମା ଏବଂ ରସାୟନ ପରି କ୍ଷେତ୍ରରେ ଏଫଡିଆଇ କମିଛି। ଅନ୍ୟପଟେ ସେବା, ନିର୍ମାଣ ଗିତିବିଧିରେ ଏଫଡିଆଇ ବଢିଛି।

## ବନ୍ଧନ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡ୍

ଭୁବନେଶ୍ୱର,୨୭।୮

ବନ୍ଧନ ମ୍ୟୁଚୁଆଲ ଫଣ୍ଡର ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ବନ୍ଧନ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫଣ୍ଡ୍ ସହିତ ବନ୍ଧନ ମ୍ୟୁଚୁଆଲ ଫଣ୍ଡ୍ ଭାରତୀୟ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) କ୍ଷେତ୍ରର ଅଭିବୃଦ୍ଧି ସମ୍ଭାବନାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ବନ୍ଧନ ନିଫ୍ଟି ଆଇଟି ଇଣ୍ଡେକ୍ସ ଫଣ୍ଡ୍ ନିବେଶକମାନଙ୍କୁ ଏହି କ୍ଷେତ୍ରରୁ ଦୀର୍ଘାବଧିରେ ବ୍ୟାପକ ସୁଯୋଗ ଗୁଡିକରୁ ଲାଭାନ୍ୱିତ ହେବା ପାଇଁ ଏକ ସୁବିଧାଜନକ ଓ ମୂଲ୍ୟ ସାପେକ୍ଷ ମାର୍ଗ ପ୍ରଦାନ କରିବା ଲାଗି ସୁବ୍ୟବସ୍ଥିତ ରହିଛି। ଏହି ନୂଆ ଫଣ୍ଡ୍ ଅଫର୍ ସୋମବାର ବନ୍ଦ ହେବ। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଭାରତୀୟ ଆଇଟି କ୍ଷେତ୍ର ବିଶ୍ୱ ଉଦ୍ଭାବନ କ୍ଷେତ୍ରର ଆଗ ଧାଡିରେ ରହିଛି, ଅନ୍ତର୍ଜାତୀୟ ଆଇଟି ପରିଦୃଶ୍ୟରେ ନିଜକୁ ଏକ ଟେକ୍ନୋଲୋଜି ପାୱାରହାଉସ୍ ଓ ଅଗ୍ରଣୀ ଖେଳାଳି ଭାବେ ସ୍ଥାପିତ କରିଛି।

## ଉତ୍କଳ ବିଲ୍ଡର୍ସଙ୍କୁ ଇଟି ଇଣ୍ଡଷ୍ଟ୍ରି ଲିଡର ଆୱାର୍ଡ

ଭୁବନେଶ୍ୱର,୨୭।୮



କୋଲକାତାଠାରେ ଟାଇମ୍ସ ଗ୍ରୁପ ଦ୍ୱାରା ଆୟୋଜିତ ଇଟି ଇଣ୍ଡଷ୍ଟ୍ରି ଲିଡର୍ସ-୨୦୨୩ ସମ୍ମାନ ସମାରୋହ ଉତ୍ସବରେ ବଲିଉଡ ଅଭିନେତା ବୋମନ ଇରାନୀଙ୍କଠାରୁ ଉତ୍କଳ ବିଲଡର୍ସର ଏମ୍‌ଡି ଶରଦ ବେଦ ଉକ୍ତ ସମ୍ମାନ (ପୁରସ୍କାର) ଗ୍ରହଣ କରୁଛନ୍ତି।

ରାଜ୍ୟର ପ୍ରମୁଖ ଘରୋଇ ଗୃହନିର୍ମାଣକାରୀ ସଂସ୍ଥା ଉତ୍କଳ ବିଲଡର୍ସଙ୍କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷ କରି କୋଲକାତାଠାରେ ଟାଇମ୍ସ ଗ୍ରୁପ ଦ୍ୱାରା ଆୟୋଜିତ ଇଟି ଇଣ୍ଡଷ୍ଟ୍ରି ଲିଡର୍ସ-୨୦୨୩ ସମ୍ମାନ ସମାରୋହ ଉତ୍ସବରେ ଉତ୍କଳ ବିଲ୍ଡର୍ସଙ୍କୁ "ଟ୍ରଷ୍ଟେଡ, ରିଲାଏବଲ ଆଣ୍ଡ ଇନୋଭେଟିଭ ରିୟଲ ଇଷ୍ଟେଟ ବ୍ରାଣ୍ଡ୍ ଅଫ୍ ଦି ଇୟର (ଇଷ୍ଟର୍ନ ଇଣ୍ଡିଆ)" ସମ୍ମାନ (ଆୱାର୍ଡ) ରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ରିୟଲ ଇଷ୍ଟେଟ ବ୍ୟବସାୟ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଉତ୍କଳ ବିଲ୍ଡର୍ସ ୧୯୯୦ଠାରୁ ଗୃହ ନିର୍ମାଣ କ୍ଷେତ୍ରରେ ଓଡ଼ିଶାର ଭରସାଯୋଗ୍ୟ ସଂସ୍ଥା ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏପରିକି ଗୃହ ଓ ବ୍ୟବସାୟିକ ଅନୁଷ୍ଠାନ ଆଦି ନିର୍ମାଣ କ୍ଷେତ୍ରରେ ସହବନ୍ଧିତ ଏହି ସଂସ୍ଥା ଗ୍ରାହକ, କର୍ମଚାରୀ ଏବଂ ସର୍ବୋପରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି। ସେହିଭଳି ଗୃହ ଜପ୍ରସଙ୍ଗରେ ଭିତ୍ତିଭୂମି ସଜାଡ଼ିବାରେ ସଂସ୍ଥା ସର୍ବଦା ଲୋକଙ୍କର ପ୍ରଥମ ପସନ୍ଦ ରହିଆସିଛି, କାରଣ ଏକ ଦୀର୍ଘସ୍ଥାୟୀ ଏବଂ ଉଚ୍ଚମାନର ଗୃହ ନିର୍ମକରିବାରେ ଉତ୍କଳ ବିଲଡର୍ସର ବ୍ୟାପକ ବୈଶିଷ୍ଟ୍ୟତା ରହିଛି।

## ବ୍ଲୁ ଡ୍ରେକ୍ ଏକାଡେମୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୭।୮



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଦକ୍ଷତା ବିକାଶ କେନ୍ଦ୍ର ବ୍ଲୁ ଡ୍ରେକ୍ ଏକାଡେମୀ ଭୁବନେଶ୍ୱରର ଆମ୍ରି ହସ୍ପିଟାଲ ରୋଡରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଲିଉଡ଼ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସମାଜିକକର୍ମୀ ଶୁଭଶ୍ରୀ ଦାସ, ଶିଳ୍ପୋଦ୍ୟୋଗୀ ସଂଘମିତ୍ରା ମୁଦୁଲି, ସୁନୀଲ ନାୟକଙ୍କ ସମେତ ୱାର୍ଡ ନଂ. ୪୯ କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ ଓ ଅନ୍ୟମାନେ ଯୋଗ ଦେଇଥିଲେ।

ଏ ସମ୍ପର୍କରେ ବ୍ଲୁ ଡ୍ରେକ୍ ଏକାଡେମୀର ମୁଖ୍ୟ ଲୋପାମୁଦ୍ରା ପ୍ରଧାନ କହିଥିଲେ, ପ୍ରତିଷ୍ଠାନ ପକ୍ଷରୁ ଆଗାମୀ ଦିନରେ ଅନେକ କର୍ମଶାଳା ସହିତ ଆଶାୟୀ ଛାତ୍ରୀଛାତ୍ରଙ୍କୁ ବିଦେଶରେ ମଧ୍ୟ ଇଣ୍ଟର୍ନସିଭ ସୁବିଧା ଯୋଗାଇ ଦେବାର ସୁଯୋଗ ଦିଆଯିବ। ସେହିଭଳି ମହିଳା ଉଦ୍ୟୋଗୀ ଏବଂ ଜନ ମଙ୍ଗଳ ଆଦି କ୍ଷେତ୍ର ଉପରେ ଏକାଡେମୀ କାର୍ଯ୍ୟ କରିବ। ଫଳରେ ଛାତ୍ରୀଛାତ୍ରମାନେ ଶିକ୍ଷା ଶେଷ ପରେ ସ୍ୱାବଲମ୍ବୀ ହୋଇପାରିବେ। ଉଲ୍ଲେଖଯୋଗ୍ୟ, ବିଜୁ ପଟ୍ଟନାୟକ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ବ୍ଲୁ ଡ୍ରେକ୍ ଏକାଡେମୀ ବିଭିନ୍ନ ପ୍ରକାରର ଦକ୍ଷତାବିକାଶ ଶିକ୍ଷା ପ୍ରଦାନ କରିବ।

## ସଞ୍ଜୀବ ଏକ୍ସଟ୍ରାତେଜର ବ୍ରାଣ୍ଡ୍ ଆମ୍ବାସାଡାର

ଭୁବନେଶ୍ୱର,୨୭।୮




ଦେଶର ଜଣାଶୁଣା ସେଲିବ୍ରିଟି ତଥା ସେଫ ସଞ୍ଜୀବ କପୁର ଇଣ୍ଡେନ ଏକ୍ସଟ୍ରାତେଜ ଏଲ୍‌ପିଜି ବ୍ରାଣ୍ଡ୍‌ର ବ୍ରାଣ୍ଡ୍ ଆମ୍ବାସାଡାର ନିଯୁକ୍ତ ହୋଇଥିବା ସମ୍ପର୍କରେ ଭାରତୀୟ ତୈଳ ନିଗମ ପକ୍ଷରୁ ଘୋଷଣା କରାଯାଇଛି। ବିଶେଷ କରି ସଞ୍ଜୀବ ଓ ଏକ୍ସଟ୍ରାତେଜ ମଧ୍ୟରେ ଏକ ସହଭାଗିତା ହୋଇଥିବବେଳେ ବ୍ରାଣ୍ଡ୍‌ର ପ୍ରଚାର-ପ୍ରସାର ସହିତ ଏକ୍ସଟ୍ରାତେଜର ଗୁଣବତ୍ତା ଏବଂ ବ୍ୟବହାର ସମ୍ପର୍କରେ ଖାଉଟିଙ୍କୁ ଅବଗତ କରାଇବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ବେଙ୍ଗାଲୁରୁଠାରେ ଆୟୋଜିତ ଇଣ୍ଡେନ ଏକ୍ସଟ୍ରାତେଜ ହୋଟେଲିୟର ହାରମୋନି ମିଟ୍ ଅବସରରେ ଇଣ୍ଡିଆନ ଅଏଲ ପକ୍ଷରୁ ଏ ନେଇ ବିସ୍ତୃତ ଭାବେ ଘୋଷଣା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ ଅଏଲର ନିର୍ଦ୍ଦେଶକ (ମାର୍କେଟିଂ) ଭି.ସତୀଶ କୁମାର ଇଣ୍ଡେନ ଏକ୍ସଟ୍ରାତେଜ ଏଲପିଜି ବ୍ରାଣ୍ଡ୍‌ର ବ୍ରାଣ୍ଡ୍-ନ୍ୟୁ ଭିଡିଓ କର୍ମସିଆଲକୁ ସଞ୍ଜୀବ କୁମାରଙ୍କ ଉପସ୍ଥିତିରେ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ ଅଏଲର ଇଡି (ଏଲ୍‌ପିଜି)-ଏଚ୍‌ଓ ଏବଂ ଇଣ୍ଡିଆନ ଅଏଲର ଇଡି ତଥା କର୍ଣାଟକ ରାଜ୍ୟ ମୁଖ୍ୟ ପି.ଗୁରୁ ପ୍ରସାଦ ଓ ଇଣ୍ଡିଆନ ଅଏଲର ଇଡି ( ସିସି ଆଣ୍ଡ ବି) ଏଚ୍‌ଓ ସନ୍ଦୀପ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## 'ଆନ୍ତର୍ଜାତିକ ବାଣିଜ୍ୟକୁ ବୃଦ୍ଧି କରିବ'

ଭୁବନେଶ୍ୱର,୨୭।୮

ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍‌ଏଲ୍) କୁ ଆଉ ଏକ ବଡ ଉପଲବ୍ଧି ସହ ଦ୍ୱିପାକ୍ଷିକ ସୀମା ବାଣିଜ୍ୟ ପେପରଲେସ ଏବଂ ସବୁ ପକ୍ଷଙ୍କ ପାଇଁ ଏକ ସୁଗମ ଯାତ୍ରା କରିବା ଲାଗି ଜିନ୍ଦଲ ଷ୍ଟେନଲେସ ପ୍ରଥମ ଭାରତୀୟ କର୍ପୋରେଟ ହୋଇପାରିଛି। ବିଶେଷ କରି ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର ଟ୍ରାନସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗ ଓ ସିଙ୍ଗାପୁର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ (ଏମଟିଆଇ) ବ୍ୟତୀତ ଜିନ୍ଦଲ ଷ୍ଟେନଲେସ,ଆଇସିଆଇସିଆଇ ବ୍ୟାଙ୍କ, ଏଣ୍ଟରପ୍ରାଇଜ ସିଙ୍ଗାପୁର, ଇନଫୋକମ ମିଡିଆ ବିକାଶ କର୍ତ୍ତୃପକ୍ଷ (ଆଇଏମଡିଏ), ଡିବିଏସ ବ୍ୟାଙ୍କ, ମ୍ୟାପଟ୍ରାସ୍କୋ, ଏପି ମୋଲେର-ମେରସକ ଆଦି ଅନ୍ତର୍ଭୁକ୍ତ ଅଛନ୍ତି। ସେହିଭଳି ସାର୍ବଜନିକସ୍ତରରେ ଏହା ହେଉଛି ପ୍ରଥମ ଲାଇଭ କାରବାର, ଏହି ପ୍ରକଳ୍ପରେ ଇବିଏଲ ବ୍ୟବହାର କରି ବ୍ଲକ ଚେନ ଦ୍ୱାରା କାର୍ଯ୍ୟକ୍ଷମ କରାଯାଇପାରିବ। ଯେଉଁଠିରେ ବ୍ୟବସାୟୀ, ସିପର ଓ ବ୍ୟାଙ୍କ ଗୁଡ଼ିକ ପ୍ରକୃତ ଉଠାଣ କାରବାରରେ ଜଡ଼ିତ ଅଛନ୍ତି, ସେମାନେ ବିଭିନ୍ନ ପ୍ଲାଟଫର୍ମ ମାଧ୍ୟମରେ ଉପକୃତ ହୋଇପାରିବେ। ଏ ସମ୍ପର୍କରେ ଜେଏସଏଲର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଟ୍ରେଡ ଟ୍ରଷ୍ଟ ଫ୍ରେମୱାର୍କ ପେପର ବିଲ ଅଫ ଲେଡିଙ୍ଗର ଅସୁବିଧାକୁ ଦୂର କରି ଆନ୍ତର୍ଜାତିକ ବାଣିଜ୍ୟକୁ ବୃଦ୍ଧି କରିବ ଏବଂ ଡିଜିଟାଲ ସ୍ଥାନାନ୍ତରଣକୁ ଅନୁମତି ଦେବ। ଫଳରେ ବିକ୍ରେତାଠାରୁ କ୍ରେତା ପର୍ଯ୍ୟନ୍ତ ସମସ୍ତେ ଉପକୃତ ହୋଇପାରିବେ। ସେହିଭଳି ଦକ୍ଷ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ପାଇଁ ଏହା ଏକ ଇକୋ ସିଷ୍ଟମ ନିର୍ମାଣରେ ସାହାଯ୍ୟ କରିବ। ବିଶେଷ କରି ଆମେ ଭାରତ ଓ ସିଙ୍ଗାପୁର ସରକାରଙ୍କ ସହ ସହଭାଗୀ ହୋଇଥିବାରୁ ଗର୍ବିତ। ସେହିପରି ପାରମ୍ପରିକ କାଗଜ ଆଧାରିତ ପ୍ରକ୍ରିୟାକୁ ଡିଜିଟାଇଜେସନ କରି ଅନ୍ତର୍ଜାତୀୟ ବାଣିଜ୍ୟରେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ ଏହା ଏକ ସମାଧାନ ରୂପେ ସହାୟକ ହେବ।

## ଫୁରସତ


ଶାହରୁଖ ଖାନ୍

## ୧୭ ବର୍ଷ ପରେ ଅମିତାଭଙ୍କ ସହ ଶାହରୁଖ

**ମୁମ୍ବାଇ:** ବଲିଉଡ୍‌ର ବିଗ୍ ବି ଅମିତାଭ ବଚ୍ଚନ ଏବଂ ବାଦଶାହ ଶାହରୁଖ ଖାନ୍ ସିନେମା ଜଗତରେ ୨ ମହାରଥୀ ଭାବେ ଜଣାଶୁଣା। ଅନେକ ଦେଶରେ ଏମାନଙ୍କ ବହୁତ ପ୍ରଶଂସକ ଅଛନ୍ତି। ଦୁହେଁ ତାଙ୍କ ଅଭିନୟ ଜରିଆରେ ସମସ୍ତଙ୍କ ମନ ଜିଣି ପାରିଛନ୍ତି। ଉଭୟଙ୍କୁ ଏକାଠି ଖୁବ୍ କମ୍ ଫିଲ୍ମରେ ଦେଖିବାକୁ ମିଳିଛି। ତେବେ ଦୁହିଁଙ୍କୁ ଶେଷ ଥର ପାଇଁ ୨୦୦୬ରେ ଫିଲ୍ମ 'କଭି ଅଲବିଦା ନା କେହେନା'ରେ ଏକାଠି ନଜରକୁ ଆସିଥିଲେ। ଫିଲ୍ମଟି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ସୂଚନା ମୁତାବକ, ୧୭ ବର୍ଷ ପରେ ପୁଣି ଥରେ ଦୁହିଁଙ୍କୁ ପରଦାରେ ଏକାଠି ଦେଖିବାକୁ ମିଳିବ। ଉଭୟଙ୍କୁ ଚଳଚ୍ଚିତ୍ର 'ଡନ୍ ୩'ରେ ଏକାଠି ଦେଖିବାକୁ ମିଳିବ ବୋଲି କୁହାଯାଉଛି। ଏନେଇ ଶାହରୁଖ ଲେଖିଛନ୍ତି, ଅମିତାଭ ବଚ୍ଚନଙ୍କ ସହ କାମ କରିବା ବହୁତ ମଜାଦାର ଥିଲା। ତେବେ ଶାହରୁଖଙ୍କ ସେପ୍ଟେମ୍ବର ୭ରେ ରିଲିଜ୍ ହେବାକୁ ଥିବା ଆଗାମୀ ଫିଲ୍ମ 'ଯବାନ' ପାଇଁ ସେ ପ୍ରସ୍ତୁତ ହେଉଥିବାବେଳେ ସିନେମା ପାଇଁ ପ୍ରଶଂସକଙ୍କ କ୍ରେଜ୍ ଦେଖିବାକୁ ମିଳିଛି। ଏଥିପାଇଁ ଅଗ୍ରିମ୍ ଟିକେଟ୍ ବିକ୍ରି ମଧ୍ୟ ଆରମ୍ଭ ହୋଇଗଲାଣି। ଶାହରୁଖ ୧୯୯୨ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହା ମଧ୍ୟରେ ସେ ନିଜ ଅଭିନୟ ଜରିଆରେ ସମସ୍ତଙ୍କ ହୃଦୟକୁ ଜିଣିପାରିଛନ୍ତି। ଶେଷଥର ପାଇଁ ତାଙ୍କୁ ମୁଭି 'ପଠାନ'ରେ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କ ସହ ଅଭିନେତ୍ରୀ ଦୀପିକା ପାଦୁକୋନ ନଜରକୁ ଆସିଥିଲେ।

## ବିନା ଗର୍ଭାଶୟରେ ଜନ୍ମ ହୋଇଥିଲେ, ଏବେ ଗର୍ଭବତୀ

ଲଣ୍ଡନ



ଗର୍ଭାଶୟ ବିନା କେହି ଶିଶୁ ଜନ୍ମ ହୁଅନ୍ତିନି। ହେଲେ କିଛି ମହିଳା ଅଛନ୍ତି, ଯିଏ କି ବିନା ଗର୍ଭାଶୟରେ ଜନ୍ମ ହୋଇଛନ୍ତି। ଯେହେତୁ ତାଙ୍କର ଗର୍ଭାଶୟ ନ ଥାଏ, ସେଥିପାଇଁ ସେମାନେ ଶିଶୁ ଜନ୍ମ କରିପାରନ୍ତି ନାହିଁ। ବ୍ରିଟେନ ବାସିନ୍ଦା ୩୧ ବର୍ଷୀୟା ଲିଜ୍ ଗୋଲ୍ଡମୈନ୍‌ଙ୍କ ଅବସ୍ଥା ଏହି ପ୍ରକାରର। ସେ ମେୟର-ରୋକିଟାନ୍ସ୍କି-କୁଷ୍ଟର-ହୌସେର୍ ନାମକ ସିଣ୍ଡ୍ରୋମ୍ ସହିତ ଜନ୍ମ ହୋଇଛନ୍ତି। ଏହା ଅର୍ଥ ତାଙ୍କର ଗର୍ଭାଶୟ (ୟୁଟେରସ୍) ନ ଥିଲା। କିନ୍ତୁ ଆଜିର ଯୁଗରେ ବିଜ୍ଞାନ ବହୁତ ଆଗକୁ ଗଲାଣି। ଅନେକ ଅସମ୍ଭବ ଏବେ ବିଜ୍ଞାନ ଜରିଆରେ ସମ୍ଭବ ହେଲାଣି। ବିଜ୍ଞାନ ଜରିଆରେ ଲିଜ୍‌ଙ୍କର ମଧ୍ୟ ଚମତ୍କାର ହେଲା। ସେ ଏବେ ଗର୍ଭବତୀ ଅଛନ୍ତି। ରିପୋର୍ଟ ମୁତାବକ, ଲିଜ୍ ଯେଉଁ ପରିସ୍ଥିତି ଦେଇ ଗତି କରୁଥିଲେ, ତାହା ୫ହଜାର ମହିଳାଙ୍କ ମଧ୍ୟରେ ଜଣଙ୍କ ପାଖରେ ଦେଖିବାକୁ ମିଳେ। ଲିଜ୍ କହିଛନ୍ତି, ତାଙ୍କୁ ୧୪ ବର୍ଷ ବୟସ ହୋଇଥିବାବେଳେ ସେ ଏହା ବାବଦରେ ଜାଣିବାକୁ ପାଇଲେ। ପରେ ଡାକ୍ତର ମଧ୍ୟ କହିଲେ, ଗର୍ଭାଶୟ ନ ଥିବାରୁ ସେ କେବେ ମା' ହୋଇପାରିବେନି। ସେ ସବୁ କଥା ବୁଝିବା ପରେ ବି ସବୁକିଛି ବଦଳି ଯିବା କଥା ଭାବୁଥିଲେ। ସେ ସମୟରେ ସେ ଖବର ପାଇଲେ କି ସ୍ୱିଡେନ୍‌ରେ ଜଣେ ମହିଳାଙ୍କ ଗର୍ଭାଶୟ ପ୍ରତିରୋପଣ କରାଯାଇଛି। ଯାହା ସଫଳ ହୋଇଛି। ଏହା ପରେ ଆଉ ଏକ ପ୍ରତିରୋପଣ କରାଯାଇଥିବା ଜାଣିବାକୁ ପାଇଲେ। ସେ ତାଙ୍କ ସ୍ୱାମୀଙ୍କ ସହ କଥା ହୋଇ ଏଥିପାଇଁ ୨୦୨୦ ଡିସେମ୍ବରରେ ଆବେଦନ କଲେ। କିଛି ସ୍ଥାନରେ ମୃତ ବ୍ୟକ୍ତିଙ୍କ ଗର୍ଭାଶୟ ପ୍ରତିରୋପଣ କରାଯାଉଥିବାବେଳେ ଲିଜ୍‌ଙ୍କୁ ତାଙ୍କ ଭଉଣୀଙ୍କ ଗର୍ଭାଶୟ ତାଙ୍କୁ ମିଳିଗଲା। ୮ ମାସରେ ତାଙ୍କର ଗର୍ଭାଶୟ ପ୍ରତିରୋପଣ କରାଗଲା। ଏଥିରେ ୨୫ ହଜାର ପାଉଣ୍ଡ ଅର୍ଥାତ୍ ପାଖାପାଖି ୨୬ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା। ସେ ଏବେ ୮ ମାସ ହେବ ଗର୍ଭବତୀ ଅଛନ୍ତି। ଆଉ କିଛି ଦିନ ପରେ ସେ ତାଙ୍କ ପ୍ରଥମ ଛୁଆକୁ ଜନ୍ମ ଦେବେ ବୋଲି କହି ଖୁସି ପ୍ରକାଶ କରିଛନ୍ତି।

## ଅଧିକ ରୋଜଗାର ପାଇଁ ଛାଡ଼ିଲେ ସରକାରୀ ଚାକିରି

### ଫଟୋ ଜରିଆରେ କରୁଛନ୍ତି ରୋଜଗାର



**ୱାଶିଂଟନ:** ଜଣେ ମହିଳା ଅଧିକ ରୋଜଗାର କରିବାକୁ ଯାଇ ସରକାରୀ ଚାକିରି ଛାଡ଼ି ଚର୍ଚ୍ଚାକୁ ଆସିଛନ୍ତି। ସାଧାରଣତଃ ଲୋକେ ସରକାରୀ ଚାକିରି କରିବାକୁ ପସନ୍ଦ କରନ୍ତି। କାରଣ ସରକାରୀ ଚାକିରିରେ ଅନେକ ସୁବିଧା ମିଳିଥାଏ, ଯାହା ବେସରକାରୀ ଚାକିରିରେ ମିଳି ନ ଥାଏ। ହେଲେ ସରକାରୀ ଚାକିରି କରୁଥିବା ଆମେରିକାର ମହିଳା ବ୍ରିୟାନା ଡାଏମଣ୍ଡ ଯେତେବେଳେ ତାଙ୍କ ଚାକିରି ଛାଡିଲେ, ସେତେବେଳେ ସେ ଚର୍ଚ୍ଚାକୁ ଆସିଲେ। ରିପୋର୍ଟ ମୁତାବକ, ବ୍ରିୟାନା ଆମେରିକାରେ ସରକାରୀ ଚାକିରି କରିଥିଲେ। ହେଲେ ସେ ଅଧିକ ଟଙ୍କା ରୋଜଗାର କରିବାକୁ ସେହି ଚାକିରି ଛାଡିଦେଲେ। ତେବେ ସେ ଅନ୍‌ଲାଇନରେ ତାଙ୍କ ଫଟୋ ବିକି ଟଙ୍କା ରୋଜଗାର କରୁଥିବା କହିଛନ୍ତି। ବ୍ରିୟାନା କହିଛନ୍ତି, ସରକାରୀ ଚାକିରି ଛାଡ଼ି ଏପରି ପଦକ୍ଷେପ ନେବା କଷ୍ଟକର ଥିଲା। ହେଲେ ସେ ତାଙ୍କ ପୁଅର ଭବିଷ୍ୟତ ପାଇଁ ଟଙ୍କା ଜମା କରିବାକୁ ଚାହୁଁଥିଲେ। ଏବେ ସେ ତାଙ୍କ କ୍ୟାରିୟରକୁ ବଦଳାଇ ସଞ୍ଚୟକୁ ୪ ଗୁଣା କରିସାରିଲେଣି। ସେ ସୋସିଆଲ ମିଡିଆର ୩୩ଟି ବିଭିନ୍ନ ପ୍ଲାଟଫର୍ମରେ ତାଙ୍କ ଫଟୋ ଛାଡୁଛନ୍ତି। ସେଥିରୁ ହେଉଥିବା ରୋଜଗାରରୁ ସେ ନିବେଶ ମଧ୍ୟ କରୁଛନ୍ତି।

## ବାହୁବଳୀ ଶିଶୁ

**ନୂଆଦିଲ୍ଲୀ:** ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଶିଶୁର ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଶିଶୁଟି ଏପରି କିଛି କାମ କରିଛି, ତାହା ସମସ୍ତଙ୍କୁ ଚକିତ କରିଛି। ସାଧାରଣତଃ ଶିଶୁ ଜନ୍ମ ହେବା ପରେ କାନ୍ଦନ୍ତି। କିନ୍ତୁ ଭିଡିଓରେ ଦେଖିବାକୁ ମିଳିଥିବା ଶିଶୁଟି ସଙ୍ଗେ ସଙ୍ଗେ ଜନ୍ମ ହୋଇଥିଲା। ତାକୁ ନର୍ସ ସଫା ମଧ୍ୟ କରି ନ ଥିଲେ। ନର୍ସ ତାକୁ ଓଲଟା ଧରିଥିଲେ। ତାକୁ ଉପରୁ ଟିକେ ତଳକୁ ଆଣିବାବେଳେ ଶିଶୁଟି ଦୁଇ ହାତରେ ଏକ ଟ୍ରେ ଉଠାଇଥିଲା। ସେ ସେହି ଟ୍ରେକୁ କିଛି ସମୟ ଯାଏ ଧରି ରଖିଥିଲା, ଯାହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ସେଠାରେ ଉପସ୍ଥିତ କିଛି ଲୋକ ଏହାର ଭିଡିଓ କରିଥିଲେ। ପରେ ସୋସିଆଲ ମିଡିଆରେ ଛାଡ଼ିଥିଲେ। ତେବେ କମେଣ୍ଟରେ ଅନେକେ ଶିଶୁକୁ ବାହୁବଳୀ ଶିଶୁ ବୋଲି କହୁଛନ୍ତି। ଆଉ କିଛି ଶିଶୁକୁ '୫-ଜି ଲଞ୍ଚ୍ ବୟ' ବୋଲି କମେଣ୍ଟ କରିଛନ୍ତି। ହେଲେ ଭିଡିଓଟି କେଉଁଠାର ତାହା ଜଣାପଡିନି।



# ଅଶ୍ୱାରୋହଣ ଓ ଯୁଦ୍ଧକଳାର ଖେଳ 'ଟେଣ୍ଟ ପେଜିଂ'

ଅଶ୍ୱାରୋହଣ ବା ଇକ୍ୱିଷ୍ଟ୍ରିଆନ୍ ସ୍ପୋର୍ଟ୍ସ ସମଗ୍ର ବିଶ୍ୱର ଏକ ଲୋକପ୍ରିୟ ଖେଳ। ୧୦ଟି ବର୍ଗରେ ଏହି ଖେଳ ଅନୁଷ୍ଠିତ ହୋଇଥାଏ। ଏହା ମଧ୍ୟରୁ କିଛି ବର୍ଗ ଅଲିମ୍ପିକ୍ସରେ ସାମିଲ ମଧ୍ୟ ରହିଛି। ତେବେ ପ୍ରାଚୀନ ଭାରତୀୟ ସାମରିକ କଳା ବା ଯୁଦ୍ଧକଳା ଦ୍ୱାରା ପ୍ରେରିତ ଏକ କ୍ରୀଡ଼ା ହେଉଛି ଟେଣ୍ଟ ପେଜିଂ। ୪୦୦ ଶତାବ୍ଦୀରୁ ଭାରତୀୟ ଅଶ୍ୱାରୋହୀମାନଙ୍କ ଦ୍ୱାରା ଏହି କ୍ରୀଡ଼ା ଆରମ୍ଭ ହୋଇଥିଲା। ୨୦୧୪ରେ ପ୍ରଥମ ଟେଣ୍ଟ ପେଜିଂ ବିଶ୍ୱକପ ଆୟୋଜନ ହୋଇଥିବା ବେଳେ ଚଳିତବର୍ଷର ବିଶ୍ୱକପରେ ଭାରତ ପ୍ରଥମ ଥର ପାଇଁ ଟେଣ୍ଟ ପେଜିଂରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ଅବସରରେ ଏହି କ୍ରୀଡ଼ାର ଉତ୍ପତ୍ତି ଓ ନିୟମ ସମ୍ପର୍କରେ ଏକ ପ୍ରସ୍ତୁତି......

ଉତ୍ପତ୍ତି: ଏହାର ଉତ୍ପତ୍ତି ସମ୍ପର୍କରେ କୌଣସି ଆଧିକାରିକ ତଥ୍ୟ ନ ଥିଲେ ମଧ୍ୟ ଏହି ଖେଳଟି ୪୦୦ ଶତାବ୍ଦୀରୁ ଭାରତୀୟ ଉପ ମହାଦେଶରେ ଖେଳା ଯାଉଥିଲା। ଅଶ୍ୱାରୋହୀ ସୈନିକ ମାନେ କିଭଳି କଳା କୌଶଳର ଉପଯୋଗ କରି ହାତୀରେ ଥିବା ସୈନ୍ୟଙ୍କୁ ପରାସ୍ତ କରୁଥିଲେ ତାହା ଏହି ଖେଳର ପ୍ରମୁଖ ନିୟମ। ହାତୀକୁ ପରାସ୍ତ କରିବାକୁ ହେଲେ ଏହାର ପାଦ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଆକ୍ରମଣ କରିବାକୁ ପଡ଼ିଥାଏ। ସମାନ ଭାବରେ ଏହି ଖେଳରେ ମଧ୍ୟ ମାଟିରେ ଥିବା ଏକ କାଠର ବ୍ଲକକୁ ଖଣ୍ଡା ବା ବର୍ଚ୍ଛା ଜରିଆରେ ହଟାଇବାକୁ ପଡ଼ିଥାଏ।

ନିୟମ: ଏହି ଖେଳଟି ଉଭୟ ସିଙ୍ଗଲ୍ସ ଓ ଟିମ୍ ଇଭେଣ୍ଟରେ ଅନୁଷ୍ଠିତ ହୋଇଥାଏ। ଏହି ଖେଳରେ ମାଟିରେ ଏକ କାଠ ବ୍ଲକ ପଡ଼ିଥାଏ ; ଯାହାକୁ ପ୍ରତିଯୋଗୀ ଏକ ଖଣ୍ଡା ବା ବର୍ଚ୍ଛା ସାହାଯ୍ୟରେ ଉଠାଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଥାନ୍ତି। ଏହାସହିତ ବେଳେ ବେଳେ ଏକାଧିକ କାଠର ବ୍ଲକ ରହୁଥିବା ବେଳେ ଅଧିକ ବ୍ଲକ ସଂଗ୍ରହ କରୁଥିବା ଦଳ ବିଜୟୀ ହୋଇଥାଏ। ଏଥିରେ ଆଉ ଏକ ଇଭେଣ୍ଟ ମଧ୍ୟ ରହିଥାଏ। ଏକ ଲେମ୍ବୁ ଆକୃତିର ପଦାର୍ଥକୁ ଝୁଲାଇ ଦିଆଯାଇଥାଏ। ବର୍ଚ୍ଛା ଦ୍ୱାରା ଅଶ୍ୱାରୋହୀଙ୍କୁ ଏହାକୁ ଲକ୍ଷ୍ୟଭେଦ କରିବାକୁ ପଡିଥାଏ। ପ୍ରତିଯୋଗିତା ଶେଷରେ ଅଧିକ ଟାର୍ଗେଟ ହିଟ୍ କରିଥିବା ପ୍ରତିଯୋଗୀ ତଥା ଦଳକୁ ବିଜେତା ଘୋଷିତ କରାଯାଏ।

ଅନ୍ତର୍ଜାତୀୟ ସ୍ୱୀକୃତି: ୧୯୮୨ ମସିହାରେ ପ୍ରଥମ ଥର ପାଇଁ ଏହି ଖେଳକୁ ଅନ୍ତର୍ଜାତୀୟ ସ୍ୱୀକୃତି ପ୍ରଦାନ କରାଯାଏ। ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆ ପକ୍ଷରୁ ଏହି ଖେଳକୁ ଅଫିସିଆଲ କ୍ରୀଡ଼ା ଭାବରେ ଗ୍ରହଣ କରାଯାଏ। ୨୦୦୪ରେ ଅନ୍ତର୍ଜାତୀୟ ଇକ୍ୱିଷ୍ଟ୍ରିଆନ୍ ଫେଡେରେଶନ୍ ପକ୍ଷରୁ ଏହାକୁ ସ୍ୱୀକୃତି ମିଳିଥିବା ବେଳେ ବର୍ତ୍ତମାନ ୨୯ ଦେଶରେ ଏହା ଖେଳାଯାଉଛି। ୨୦୦୪ ମସିହାରୁ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଏହି ଖେଳକୁ ମାନ୍ୟତା ପ୍ରଦାନ କରିଛି। ପଡ଼ୋଶୀ ଦେଶ ପାକିସ୍ତାନରେ ଏହି କ୍ରୀଡ଼ାକୁ ସ୍ଥାନୀୟ ଭାଷାରେ ନେବା ବାଜି ବୋଲି କୁହାଯାଏ। ପଞ୍ଜାବ, ଖାଇବର ପଖ୍‌ତୁନ୍‌ଖ୍ୱା, ସିନ୍ଧ ଓ ବଲୋଚିସ୍ତାନରେ ଏହାକୁ ଜାତୀୟ କ୍ରୀଡ଼ା ଭାବରେ ଗ୍ରହଣ କରାଯାଇଛି। ୨୦୧୪ରେ ଅନ୍ତର୍ଜାତୀୟ ଇକ୍ୱିଷ୍ଟ୍ରିଆନ୍ ଫେଡେରେଶନ୍ ପକ୍ଷରୁ ପ୍ରଥମ ଥର ବିଶ୍ୱକପ ଆୟୋଜନ କରାଯାଇଥିଲା। ଓମାନରେ ଆୟୋଜିତ ଏହି ବିଶ୍ୱକପର ପ୍ରଥମ ସଂସ୍କରଣରେ ଦକ୍ଷିଣ ଆଫ୍ରିକା ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ବର୍ତ୍ତମାନ ବିଶ୍ୱର ୨୯ ରାଷ୍ଟ୍ର ଏହି ଫେଡେରେଶନ ସହିତ ଜଡ଼ିତ ଅଛନ୍ତି।

ଭାରତକୁ ବ୍ରୋଞ୍ଜ: ଚଳିତବର୍ଷ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟେଣ୍ଟ ପେଜିଂ ବିଶ୍ୱକପରେ ଭାରତ ତୃତୀୟ ସ୍ଥାନ ହାସଲ କରିଛି। ୩ ଦିନିଆ ଏହି ଟୁର୍ନାମେଣ୍ଟରେ ଭାରତ ପ୍ରଥମ ଥର ପାଇଁ ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛି। ୨୮ ସଦସ୍ୟ ରାଷ୍ଟ୍ର ମଧ୍ୟରୁ ୯ଟି ରାଷ୍ଟ୍ରକୁ ବିଶ୍ୱକପ ଖେଳିବାର ସୁଯୋଗ ମିଳିଥାଏ। ଓମାନରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଭାରତ ମୁଖ୍ୟ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଭାରତୀୟ ଦଳରେ ଦୀନେଶ ଗଙ୍ଗାରାମ କାର୍ଲେକର, ମୋହିତ କୁମାର, ଅମିତ ଛେତ୍ରୀ, ମହମ୍ମଦ ଅବ୍ରାର ଓ ଗୌତମ କୁମାର ସ୍ଥାନ ପାଇଥିବା ବେଳେ କଲୋନେଲ ଏସ୍ ଏସ୍ ସୋଲାଙ୍କି ମୁଖ୍ୟ କୋଚ୍ ରହିଥିଲେ।

**-ପ୍ରସ୍ତୁତି: ସରୋଜ ଜେନା**


ଟେଣ୍ଟ ପେଜିଂ ଇଭେଣ୍ଟର ଜଣେ ପ୍ରତିଯୋଗୀ।


ବ୍ରୋଞ୍ଜ ପଦକ ସହ ଭାରତୀୟ ଦଳ।

# ଓଡ଼ିଶା ଦଳଗତ ଚାମ୍ପିୟନ

**ଜାତୀୟ ଥାଇ ବକ୍ସିଂ ଚାମ୍ପିୟନଶିପ୍**

ଭୁବନେଶ୍ୱର,୨୭।୮
(ସରୋଜ ଜେନା)

ଜାତୀୟ ଥାଇ ବକ୍ସିଂ ଚାମ୍ପିୟନଶିପ ୨୦୨୩ ରବିବାର ଉଦଯାପିତ ହୋଇଯାଇଛି। ଦଳଗତ ବର୍ଗରେ ଓଡ଼ିଶା ଚାମ୍ପିୟନ ହୋଇଥିବା ବେଳେ ମହାରାଷ୍ଟ୍ର ପ୍ରଥମ ଓ ବିହାର ଦିତୀୟ ରନର୍ସ ଅପ ହୋଇଛନ୍ତି। ତିନି ଦିନ ଧରି ଚାଲିଥିବା ଏହି ଜାତୀୟ ଚାମ୍ପିୟାନଶିପରେ ବିଭିନ୍ନ ବର୍ଗର ପ୍ରାୟ ୧୭ ରାଜ୍ୟର ୫୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୫ ତାରିଖର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶକ ଶୁଭେନ୍ଦୁ ପଟନାୟକ, ଜାତୀୟ ଥାଇ ବକ୍ସିଙ୍ଗ ଫେଡେରେସନ ସଭାପତି କୁଳଦୀପ ସୁମନସ୍କର, ସମ୍ପାଦକ ରବୀନ୍ଦ୍ର ସିଂ ଯୋଗ ଦେଇଥିଲେ। ୬୦ରୁ ୬୫ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେବଶ୍ରୀ ଦେବସ୍ମିତା ଛତିଶଗଡର ପ୍ରତିଯୋଗୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୋଖରୀପୁଟ ଡିଏଭି ସ୍ଥିତ ବାଲଭବନରେ ୩ ଦିନିଆ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ୧୮ ରାଜ୍ୟରୁ ୫୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଡିଏମ୍ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଦେବଶ୍ରୀ ଏହା ପୂର୍ବରୁ ମଧ ଅନେକ ରାଜ୍ୟ ତଥା ଜାତୀୟ ଟୁର୍ନାମେଣ୍ଟରେ ସଫଳତା ହାସଲ କରିଛନ୍ତି। ଉଦଯାପନି ତଥା ଟ୍ରଫି ପ୍ରଦାନ ଉତ୍ସବରେ ଜାତୀୟ ଥାଇ ବକ୍ସିଂ ଫେଡେରେଶନ ସଭାପତି ଡ଼ଃ କୁଳଦୀପ ସୁମନସ୍କାର, ସମ୍ପାଦକ ରବୀନ୍ଦ୍ର ସିଂ, ଓଡିଶା ଥାଇ ବକ୍ସିଂ ଆସୋସିଏସନ ସମ୍ପାଦକ ଶୁଭେନ୍ଦୁ ସାମନ୍ତରାୟ, ଜବାହର ବାଲ ଭବନ ସମ୍ପାଦକ ସ୍ୱପ୍ନେନ୍ଦୁ ସାମନ୍ତରାୟ, ଉପସଭାପତି ଭୁମୋହନ ପଟ୍ଟନାୟକ, ଓଡିଶା ଅଭିଭାବକ ମହାସଂଘ ସହ ଅଧକ୍ଷ ପ୍ରସନ୍ନ ବିଷୋୟୀ ପ୍ରମୁଖ ଯୋଗଦେଇ କୃତ ଦଳ ଓ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଜାତୀୟ ଥାଇ ବକ୍ସିଂ ଆସୋସିଏଶନ ସଭାପତି ଡ. କୁଳଦୀପ ସଂସ୍କାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଥାଇ ବକ୍ସିଂ ଆସୋସିଏଶନ ସମ୍ପାଦକ ଶୁଭେନ୍ଦୁ ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।



ଦେବଶ୍ରୀ ଦେବସ୍ମିତା

# ୭ ବର୍ଷରୁ କମ୍ ଚେସ୍: ଅଦିତି, ସାତ୍ତ୍ୱିକ ଚାମ୍ପିୟନ

ଭୁବନେଶ୍ୱର, ୨୭।୮
(ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ୭ ବର୍ଷରୁ କମ୍ ଚେସ୍ (ବାଳିକା-ବାଳକ) ଚାମ୍ପିୟନଶିପ୍ ରବିବାର ଏଠାରେ ଶେଷ ହୋଇଛି। ଏହାର ବାଳିକା ବିଭାଗରେ ଅଦିତି ମହାରଣା ଚାମ୍ପିୟନ ଓ ଅନନ୍ୟା ଅନ୍ୱେଷା ମିଶ୍ର ରନରଅପ୍ ହୋଇଛନ୍ତି। ସେହିପରି ବାଳକ ବିଭାଗରେ ସାତ୍ତ୍ୱିକ ସ୍ୱାଇଁ ଚାମ୍ପିୟନ ଓ ଅଦଭିକ୍ ଆଦିତ୍ୟ ସ୍ୱାଇଁ ରନରଅପ୍ ଆଖ୍ୟା ଅର୍ଜନ କରିଛନ୍ତି। ଏହି ଖେଳାଳିମାନେ ୩୬ତମ ଜାତୀୟ ୭ ବର୍ଷରୁ କମ ଚାମ୍ପିୟନଶିପ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ଜାତୀୟ ପ୍ରତିଯୋଗିତା କୋଲକାତାର ଅଲୀପୁରସ୍ଥିତ ଇଷ୍ଟର୍ନ ରେଲୱେ ସ୍ପୋର୍ଟ୍ସ ଏକାଡେମୀରେ ସେପ୍ଟେମ୍ବର ୨୧ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟପ୍-୧୦ରେ ସ୍ଥାନ ପାଇଥିବା ଖେଳାଳିଙ୍କ ବ୍ୟତୀତ ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଲ୍‌ଇଣ୍ଡିଆ ଚେସ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି, ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର, ଏସ.ଆର. ଚେସ୍ ସେଣ୍ଟର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ସାହୁ, ମାଷ୍ଟର ଚେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ, ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀ।

# ଶୁଭମ ପ୍ରତୀକ ମିଶ୍ର ଚାମ୍ପିୟନ

ଭୁବନେଶ୍ୱର,୨୭।୮
(ସରୋଜ ଜେନା)

କଳିଙ୍ଗ ନଗର ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ୧୯ତମ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍‌ରେ ଶୁଭମ ପ୍ରତୀକ ମିଶ୍ର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ୬ ରାଉଣ୍ଡର ମ୍ୟାଚ୍ ପରେ ଲୟୋଲା ସ୍କୁଲର ଶୁଭମ ପ୍ରତୀକ ୬ ପଏଣ୍ଟ ସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ-୧ର ଆଦର୍ଶ କୁମାର ବରିହା ୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ପୋଖରୀପୁଟ ଡିଏଭି ସ୍କୁଲର ଶ୍ରେୟସ୍ କୁମାର ବେହୁରିଆ ସମାନ ୫ ପଏଣ୍ଟ ସ୍କୋର କରିଥିଲେ ମଧ୍ୟ ତୃତୀୟ ସ୍ଥାନରେ ରହିଛନ୍ତି। ୭ ବର୍ଷରୁ କମ୍ ବୟସ ବର୍ଗରେ ଦିବ୍ୟାଂଶ ମହାନ୍ତି, ୯ ବର୍ଷରୁ କମ୍ ବୟସ ବର୍ଗରେ ଶ୍ରେଜଲ ସେନାପତି, ୧୧ ବର୍ଷରୁ କମ୍ ବୟସ ବର୍ଗରେ ନୈନିକା ସାହୁ, ୧୩ ବର୍ଷରୁ କମ୍ ବୟସ ବର୍ଗରେ ମିତ୍ରଭାନୁ ଖଟୁଆ ଓ ବାଳିକା ବର୍ଗରେ ନିୟତି ନିହାରିକା ମହାପାତ୍ର ପ୍ରଥମ ସ୍ଥାନ ହାସଲ କରିଥିଲେ।

ପୁରସ୍କାର ପ୍ରଦାନ ଉତ୍ସବରେ ଓଡ଼ିଶା ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡିଏଭି କଳିଙ୍ଗ ନଗରର ଏକାଡେମିକ୍ ସୁପର ଭାଇଜର ଶର୍ମିଳା ଦାଶ, ପିଇଟି ମୁଖ୍ୟ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ କ୍ରୀଡା ବିଭାଗ ଶିକ୍ଷକ ଏ. ରବି ଶଙ୍କର ଓ ମୁଖ୍ୟ ଲାଇବ୍ରେରିଆନ ସୁଜାତା ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ପଞ୍ଚମ ସ୍ଥାନରେ ରିଲେ ଦଳ

ବୁଦାପେଷ୍ଟ,୨୭।୮

ହଙ୍ଗେରୀରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ଶିପ୍‌ରେ ଭାରତୀୟ ୪ଗୁଣା୪୦୦ମି. ପୁରୁଷ ରିଲେ ଦଳ ଫାଇନାଲରେ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ମହମ୍ମଦ ଅନସ ୟାହିୟା, ଆମୋଜ ଜାକବ୍, ମହମ୍ମଦ ଆଜମଲ ଭରିୟାଥୋଡି ଓ ରାଜେଶ ରମେଶଙ୍କ ଯୋଡି ୨:୫୯.୯୨ ସେକେଣ୍ଡ ସମୟ ନେଇଥିଲେ। ଏହା ପୂର୍ବରୁ ଚମତ୍କାର ପ୍ରଦର୍ଶନ କର ଭାରତ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିଲା।

# ଅଂଶଗ୍ରହଣ କରିବେ ୨୧ ଦଳ



ଖବରଦାତା ସମ୍ମିଳନୀରେ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ୨୯ରୁ**

ଭୁବନେଶ୍ୱର, ୨୭।୮
(ତପନ ସ୍ୱାଇଁ)

ୟୁନିଟ-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ-ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୨୯ ତାରିଖରେ ଆରମ୍ଭ ହେବ। ୟୁନିଟ-୬ସ୍ଥିତ ସରକାରୀ ହାଇସ୍କୁଲ ପଡ଼ିଆରେ ଏହା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୨୧ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲା ସେଣ୍ଟ ଜାଭିଅର ସ୍କୁଲ କେଦାରଗୌରୀ, ୟୁନିଟ-୬ ସରକାରୀ ବାଳକ ହାଇସ୍କୁଲ, ଓଡିଏମ୍ ଗ୍ଲୋବାଲ ସ୍କୁଲ, ଆଇଆରସି ଭିଲେଜ ସରକାରୀ ହାଇସ୍କୁଲ, ଦିଲ୍ଲୀ ପବ୍ଲିକ୍ ସ୍କୁଲ, ୟୁନିଟ-୧ ସରକାରୀ ହାଇସ୍କୁଲ, ଚନ୍ଦ୍ରଶେଖରପୁର ଡିଏଭି, କଳିଙ୍ଗ ନଗର ଡିଏଭି, କଣ୍ଟାବାଡ଼ ହାଇସ୍କୁଲ, ବିଜେଇଏମ୍ ସ୍କୁଲ, କିସ୍ ସ୍କୁଲ, ଓଡିଏମ୍ ପବ୍ଲିକ୍ ସ୍କୁଲ, ଲୟୋଲା ଓଡ଼ିଆ ସ୍କୁଲ, ସେଣ୍ଟ ଜାଭିଅର ସ୍କୁଲ ଖଣ୍ଡଗିରି, ପୋଖରୀପୁଟ ଡିଏଭି, ୟୁନିଟ-୩ ସରକାରୀ ହାଇସ୍କୁଲ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଟିଏସ୍‌ଜି ଗୁରୁକୂଳ, ସାଇ ରେସିଡେନ୍ସି, ରାମକୃଷ୍ଣ ଶିକ୍ଷାକେନ୍ଦ୍ର ଓ ବିକାଶ ସ୍କୁଲ। ଭାଗ ନେଉଥିବା ଦଳ ଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏବର୍ଷ ଟୁର୍ନାମେଣ୍ଟ ନକ୍‌ଆଉଟ ଭିତ୍ତିରେ ଅନୁଷ୍ଠିତ ହେବ। ଏହା ବ୍ୟତୀତ ଚଳିତ ବର୍ଷ ରାଜ୍ୟ ବାହାରୁ କେତେକ ଦଳକୁ ମିଶାଇ ଏକ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନର ଯୋଜନା ରହିଛି ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସଭାପତି ତପନ ମହାନ୍ତି, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର, ଯୁଗ୍ମ ସମ୍ପାଦକ ଗିରଜା ଶଙ୍କର ଦାସ, ଏମ୍.ଏସ. ରେଡ୍ଡୀ ଓ ଜିତେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭେଟେଲଙ୍କ ସମକକ୍ଷ ଭର୍ଷ୍ଟାପେନ୍

ଜାଣ୍ଡଭୁର୍ଟ, ୨୭।୮ (ଏପି)

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ରବିବାର ଡଚ୍ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତଛନ୍ତି। ଫଳରେ କ୍ରମାଗତ ୯ ବିଜୟ ସହ ସେ ସେବାଷ୍ଟିଆନ ଭେଟେଲଙ୍କ ଫର୍ମୁଲା ୱାନ ରେକର୍ଡର ସମକକ୍ଷ ହୋଇପାରିଛନ୍ତି। ପୋଲ୍ ପୋଜିଶନରୁ ଏହା ହେଉଛି ତାଙ୍କର କ୍ରମାଗତ ତୃତୀୟ ବିଜୟ। ଭେଟେରାନ ଆଷ୍ଟନ ମାର୍ଟିନ ଡ୍ରାଇଭର ଫର୍ନାଣ୍ଡୋ ଆଲୋଁସୋ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ଦ୍ରୁତତମ ଲାପ୍ ପାଇଁ ସେ ଏକ ବୋନସ ପଏଣ୍ଟ ହାସଲ କରିପାରିଛନ୍ତି। ଅଲ୍‌ପାଇନ୍ ଡ୍ରାଇଭର ପିଏରେ ଗାସ୍‌ଲି ରେଡ୍‌ବୁଲ୍ ଡ୍ରାଇଭର ସର୍ଗିଓ ପେରେଜଙ୍କ ପଛକୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। କିନ୍ତୁ ପିଟ୍ ଲେନ୍‌ରେ ସ୍ପିଡ୍ ପାଇଁ ପେରେଜଙ୍କୁ ୫ ସେକେଣ୍ଡ ପେନାଲ୍ଟି ହେବାରୁ ଫ୍ରେଞ୍ଚ ଡ୍ରାଇଭର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲେ। ଆଲ୍‌ଫା ରୋମିଓର ଝୋ ଗୁଆନ୍ୟୁ ଦୁର୍ଘଣାଗ୍ରସ୍ତ ହେବାରୁ ଏହି ଘଟଣା ବହୁଳ ରେସ୍‌କୁ ୪୦ ମିନିଟ ଅଟକାଇବାକୁ ପଡ଼ିଥିଲା। ଚଳିତ ସିଜନରେ ୧୧ ବିଜୟ ଦ୍ୱାରା ସେ ଚାମ୍ପିୟନଶିପ୍ ଟେବୁଲରେ ପେରେଜଙ୍କଠାରୁ ୧୩୮ ପଏଣ୍ଟ ଅଗ୍ରଣୀ ଲାଭ କରିପାରିଛନ୍ତି। ଭର୍ଷ୍ଟାପେନ୍ ଆହୁରିମଧ୍ୟ ତାଙ୍କ ଫର୍ମୁଲା ୱାନ ରେକର୍ଡର ନିକଟର ହୋଇପାରିଛନ୍ତି। ଗତ ସିଜନରେ ୧୫ ବିଜୟ ସହ ଓଭର ଅଲ ୪୬ ବିଜୟ ହସଲ କରି ନିଜ ପାଇଁ ରେକର୍ଡ ପ୍ରତିଷ୍ଠା କରିଥିଲେ। ହୋଇଥିଲେ।




# କିଶୋରଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ

**ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

ବୁଦାପେଷ୍ଟ,୨୭।୮

ପ୍ରଥମ ଓଡ଼ିଆ ଭାବେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ଓଡ଼ିଆ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଇତିହାସ ରଚିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହିତ ପଞ୍ଚମ ସ୍ଥାନରେ ରହି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ନବମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ରବିବାର ଚମତ୍କାର ପ୍ରଦର୍ଶନ କରିଥିଲେ। ପ୍ରଥମ ଥ୍ରୋରେ କିଶୋର ୭୫.୭୦ ମିଟରର ଦୂରତା ହାସଲ କରିଥିଲେ। ପରବର୍ତ୍ତୀ ପ୍ରୟାସରେ କିଶୋର ୮୨.୮୨ ମିଟରର ଥ୍ରୋ କରିଥିଲେ। ପରବର୍ତ୍ତୀ ପ୍ରୟାସରେ କିଶୋର ଫାଉଲ କରିଥିବା ବେଳେ ଚତୁର୍ଥ ପ୍ରୟାସରେ ୮୦.୧୯ ମିଟରର ଥ୍ରୋ କରିଥିଲେ। ପଞ୍ଚମ ପ୍ରୟାସରେ କିଶୋର ୮୪ ମିଟର ମାର୍କ ଅତିକ୍ରମ କରି ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଥିଲେ। ପଞ୍ଚମ ପ୍ରୟାସରେ ସେ ୮୪.୨୪ ମିଟରର ଥ୍ରୋ ମାରିଥିଲେ। ତେବେ ଜର୍ମାନୀର ଜୁଲିଆନ୍ ୱେବର୍ ତାଙ୍କୁ ଅତିକ୍ରମ କରିବାରୁ କିଶୋର ୫ ନମ୍ବର ସ୍ଥାନକୁ ଖସି ଆସିଥିଲେ। ଅନ୍ତିମ ପ୍ରୟାସରେ କିଶୋର ଏକ ଫାଉଲ କରିଥିବା ବେଳେ ୮୪.୨୪ ମିଟରର ଥ୍ରୋ ସହିତ ପଞ୍ଚମ ସ୍ଥାନରେ ରହିଥିଲେ।

୧୯୯୫ ସେପ୍ଟେମ୍ବର ୬ରେ କିଶୋର ଜେନାଙ୍କ ଜନ୍ମ। ତାଙ୍କ ମା' ହେଉଛନ୍ତି ହରପ୍ରୀୟା ଜେନା ଓ ବାପା କେଶବ ଜେନା। ଘର ପୁରୀ ବ୍ରହ୍ମଗିରିସ୍ଥିତ କୋଠସାହି ଗ୍ରାମରେ। ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିବା ଏହି ଆଥଲେଟ୍ ପ୍ରତିଭାଙ୍କ ଜାଭେଲିନ୍ ଥ୍ରୋରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୮୪.୩୮ ମିଟର। ଏହାକୁ ସେ ୨୦୨୩ ଜୁଲାଇ ୨୯ରେ କଲମ୍ବୋରେ ଅନୁଷ୍ଠିତ ଶ୍ରୀଲଙ୍କା ନ୍ୟାଶନାଲ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ହାସଲ କରିଥିଲେ। ୨୦୧୭ରୁ ରାଜ୍ୟ ସ୍ତରରେ ଜାଭେଲିନ୍ ଥ୍ରୋରେ ଚମକ ଦେଖାଇଥିବା କିଶୋର ୨୦୨୧ରୁ ଜାତୀୟ ସ୍ତରରେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାରେ ଲାଗିଛନ୍ତି। ଚଳିତ ବର୍ଷ ତାଙ୍କ ପ୍ରଦର୍ଶନ ଶୀର୍ଷରେ ରହିଛି। ୨୦୨୩ ମାର୍ଚ୍ଚ ୧ରେ କର୍ନାଟକରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତାରେ ସେ ୭୮.୯୩ ମିଟର ସହ ସ୍ୱର୍ଣ୍ଣ ପଦକ ପାଇଥିଲେ। ମାର୍ଚ୍ଚ ୨୦ରେ କେରଳରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୧.୦୧ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଜୁନ୍‌ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ମିଟ୍‌ରେ ସେ ୮୨.୮୭ ମିଟର ଥ୍ରୋ ସହିତ ରୌପ୍ୟ ପଦକ ପାଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ଶ୍ରୀଲଙ୍କା ପ୍ରତିଯୋଗିତା ବ୍ୟତୀତ ସେ ବିରୁଟ୍‌ରେ ଆୟୋଜିତ ଲେବାନନ ନ୍ୟାଶନାଲ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୭୮.୯୬ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ଶିପ୍ ଫାଇନାଲ ଅବସରରେ କିଶୋର ଜେନା।

# ଭୟ: ଏକ ବୈଜ୍ଞାନିକ ବିଶ୍ଳେଷଣ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ଭୟ ସମୟରେ ଉତ୍ପନ୍ନ ମୁକାବିଲା କିମ୍ବା ପଳାୟନ ପ୍ରତିକ୍ରିୟାକୁ ମସ୍ତିଷ୍କର ଲିମ୍ବିକ ବ୍ୟବସ୍ଥା ନିୟନ୍ତ୍ରିତ କରିଥାଏ। ଏହି ଅଂଶଟି ଆମିଗ୍ ଡାଲା, ହାଇଫୋଥାଲାମସ୍, ହିପୋକାମ୍ପସ୍ ଏବଂ ସେରିବ୍ରମ୍‌ର ତଳପଟେ ଥିବା ଥାଲାମସ୍‌ର ଉଭୟ ପାର୍ଶ୍ୱରେ ଅବସ୍ଥିତ ସିଙ୍ଗୁଲେଟ୍ ଗାଇରସ୍‌କୁ ନେଇ ଗଠିତ। ଏହି ବ୍ୟବସ୍ଥା ଦ୍ୱାରା ଆମ ଅନ୍ତଃସ୍ରାବୀ ଗ୍ରନ୍ଥୀ ଓ ସ୍ୱୟଂକ୍ରିୟ ସ୍ନାୟବିକ ସଂସ୍ଥା ପ୍ରଭାବିତ ହୋଇଥାଏ। ଆମ ମନସ୍ତାତ୍ତ୍ୱିକ ବିକୃତିକୁ ନିୟନ୍ତ୍ରଣରେ ରଖୁଥିବା ପ୍ରି ଫ୍ରଣ୍ଟାଲ କୋରଟେକସକୁ ମଧ୍ୟ ଏହା ସଂଯୋଜିତ କରି ରଖେ।''



ଭୟ ମଣିଷର ଏକ ସହଜାତ ପ୍ରବୃତ୍ତି। ଏପରି କୌଣସି ବ୍ୟକ୍ତି ନାହିଁ ଯାହା ମନରେ ଏହା କେବେ ନା କେବେ ସଞ୍ଚରିତ ନ ହୋଇଛି। ସାଧାରଣତଃ ଏହାକୁ 'ନିରାନନ୍ଦ ଭାବପ୍ରବଣତା' ବୋଲି ମନେକରାଯାଏ। ତେବେ ବେଳେବେଳେ ଏଥିରୁ ଆମେ ଆନନ୍ଦ ମଧ୍ୟ ପାଇଥାଉ, ଯେପରିକି ଭୟ ଉଦ୍ରେକକାରୀ ସିନେମା ଦେଖିବାରୁ। ଆମେ ଜାଣିଥାଉ ଯେ ଏହା ଆମ ପାଇଁ ବିପଦର କାରଣ ନୁହେଁ, ତଥାପି ଆମଠାରେ ଭୟର ଲକ୍ଷଣମାନ ପ୍ରକଟିତ ହୁଏ। ଏହି ଭୟ ଆମ ପାଇଁ ଉପଭୋଗ୍ୟ ହୁଏ।

ବିବର୍ତ୍ତନ କଥା ବିଚାରକୁ ନେଲେ ଏହା ହେଉଛି ଆମ ପ୍ରଜାତିର ସୃଷ୍ଟିକାଳୀନ ସାଥୀ ଏବଂ କେତେକ ଦୃଷ୍ଟିରୁ ଆମକୁ ତିଷ୍ଠି ରହିବାରେ ସାହାଯ୍ୟ କରିଆସିଛି। କାରଣ ହିଂସ୍ର ଜୀବଜନ୍ତୁ ତଥା ବିପଜ୍ଜନକ ପରିସ୍ଥିତିର ମୁକାବିଲା କିମ୍ବା ତାଙ୍କଠାରୁ ପଳାୟନ କରିପାରୁ ନ ଥିବା ପ୍ରଜାତିର ଶୀଘ୍ର ବିଲୁପ୍ତି ଘଟିଥାଏ। କିନ୍ତୁ ଭୟ ଆମକୁ ଏ ଦିଗରେ ପ୍ରରୋଚିତ କରି ସୁରକ୍ଷା ପ୍ରଦାନ କରିଥାଏ।

ଏହି ସମୟରେ ଆମ ଶ୍ୱାସକ୍ରିୟା ଏବଂ ହୃତ୍‌ସ୍ପନ୍ଦନ ପ୍ରଖର ହୁଏ। ଚର୍ମ ଆଦି ଶରୀରର ବାହ୍ୟଅଂଶର ରକ୍ତପେଟିକାମାନ ସଙ୍କୁଚିତ ହେଲାବେଳେ ବହୁ ଅତ୍ୟାବଶ୍ୟକ ଅଙ୍ଗଗୁଡ଼ିକର ଚତୁଃପାର୍ଶ୍ୱସ୍ଥ କେନ୍ଦ୍ରୀୟ ରକ୍ତପେଟିକାଗୁଡ଼ିକ ସମ୍ପ୍ରସାରିତ ହୋଇ ତାହାଙ୍କୁ ଅମ୍ଳଜାନ ଓ ପୁଷ୍ଟିଧାରଣ କରୁଥିବା ରକ୍ତରେ ପ୍ଳାବିତ କରନ୍ତି। ମାଂସପେଶୀ ଅଧିକ ରକ୍ତ ପ୍ରାପ୍ତ ହୁଅନ୍ତି ଏବଂ ଭୟ ପ୍ରତି ପ୍ରତିକ୍ରିୟା ପ୍ରକାଶ ଲାଗି ପ୍ରସ୍ତୁତ ହୋଇଯାଆନ୍ତି। ଏସମୟରେ ଚୟପୟନ ଦ୍ରୁତ ହେବାରୁ ରକ୍ତରେ ଗ୍ଲୁକୋଜର ସ୍ତର ହଠାତ୍ ବଢ଼ିଯାଏ ଏବଂ ତାହା ସମ୍ଭାବ୍ୟ ଆବଶ୍ୟକତା ପୂରଣ ଲାଗି ଶକ୍ତି ସଞ୍ଚୟ କରି ରଖନ୍ତି। ଅନ୍ୟପକ୍ଷରେ ରକ୍ତରେ କ୍ୟାଲସିୟମ ଏବଂ ଶ୍ୱେତ ରକ୍ତକଣିକା ଅଧିକ ହୋଇଯାଏ।

ଭୟ ସମୟରେ ଉତ୍ପନ୍ନ ମୁକାବିଲା କିମ୍ବା ପଳାୟନ ପ୍ରତିକ୍ରିୟାକୁ ମସ୍ତିଷ୍କର ଲିମ୍ବିକ ବ୍ୟବସ୍ଥା ନିୟନ୍ତ୍ରିତ କରିଥାଏ। ଏହି ଅଂଶଟି ଆମିଗ୍ ଡାଲା, ହାଇଫୋଥାଲାମସ୍, ହିପୋକାମ୍ପସ୍ ଏବଂ ସେରିବ୍ରମ୍‌ର ତଳପଟେ ଥିବା ଥାଲାମସ୍‌ର ଉଭୟ ପାର୍ଶ୍ୱରେ ଅବସ୍ଥିତ ସିଙ୍ଗୁଲେଟ୍ ଗାଇରସ୍‌କୁ ନେଇ ଗଠିତ। ଏହି ବ୍ୟବସ୍ଥା ଦ୍ୱାରା ଆମ ଅନ୍ତଃସ୍ରାବୀ ଗ୍ରନ୍ଥୀ ଓ ସ୍ୱୟଂକ୍ରିୟ ସ୍ନାୟବିକ ସଂସ୍ଥା ପ୍ରଭାବିତ ହୋଇଥାଏ। ଆମ ମନସ୍ତାତ୍ତ୍ୱିକ ବିକୃତିକୁ ନିୟନ୍ତ୍ରଣରେ ରଖୁଥିବା ପ୍ରି ଫ୍ରିଣ୍ଟାଲ କୋରଟେକସକୁ ମଧ୍ୟ ଏହା ସଂଯୋଜିତ କରି ରଖେ। ଆମର କ୍ଷୁଧା, ଖୁସି, କ୍ରୋଧ ଓ ଉଦ୍‌ବେଗକୁ ହାଇପୋଥାଲାମସ୍ ନିୟନ୍ତ୍ରିତ କରିଥାଏ। ଏହାର ଅନ୍ୟ କାର୍ଯ୍ୟ ହେଲା ରକ୍ତ ଚାପ, ହୃତ୍‌ସ୍ପନ୍ଦନ ଓ ଆବେଗକୁ ସନ୍ତୁଳିତ ରଖିବା। ହଠାତ୍ କୌଣସି ବିପଦର ସମ୍ମୁଖୀନ ହେଲେ, ମାନସିକ ଚାପଗ୍ରସ୍ତ ହେଲେ କିମ୍ବା ଉତ୍ତେଜିତ ହେଲେ ତାକୁ ପ୍ରତିହତ କରିବା କିମ୍ବା ସେଠାରୁ ପଳାୟନ କରିବା ଲାଗି ଉତ୍‌ପ୍ରେରିତ କରିବା କାମ ହେଲା ଆମିଗଡାଲାର। ଏହା ହାଇପୋଥାଲାମସ୍‌କୁ ଏ ସମ୍ପର୍କରେ ସୂଚନା ଦିଏ। ଅନ୍ୟପକ୍ଷରେ ହାଇପୋଥାଲାମସ୍ ସକ୍ରିୟ କରେ ପିଟ୍ୟୁଟାରୀ ଗ୍ରନ୍ଥୀକୁ। ଫଳରେ ତହିଁରୁ ଆଡ୍ରେନୋକୋରଟିକୋଟ୍ରାପକ୍ ହର୍‌ମୋନର କ୍ଷରଣ ଘଟେ।

ଏହି ସମୟରେ ଆମ ସ୍ନାୟୁ ବ୍ୟବସ୍ଥାର ଏକ ଅଂଶବିଶେଷ ହୋଇଥିବା ଏବଂ ମୁକାବିଲା କିମ୍ବା ପଳାୟନ ପ୍ରତିକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସମ୍ବେଦନଶୀଳ ସ୍ନାୟୁବ୍ୟବସ୍ଥା ଆଡେନାଲ୍ ଗ୍ରନ୍ଥୀକୁ ସକ୍ରିୟ କରେ। ଏହାଦ୍ୱାରା ଏପିନେଫ୍ରିନ୍ ବା ଆଡ୍ରେନାଲିନ୍ ଏବଂ କାଟେକୋଲାମିନ୍ ଜାତୀୟ ହର୍‌ମୋନଗୁଡ଼ିକୁ ରକ୍ତସ୍ରୋତରେ ବୃଦ୍ଧି ପାଇବାକୁ ପ୍ରୋତ୍ସାହନ ଦିଏ। ପୁନଶ୍ଚ ଆଡ୍ରେନୋ କୋରଟିକୋଟ୍ରୋପିକ୍ ହର୍‌ମୋନ ଦ୍ୱାରା ପ୍ରରୋଚିତ ହୋଇ ଶରୀର ମଧ୍ୟରେ କୋର୍ଟିସଲର ମଧ୍ୟ କ୍ଷରଣ ଘଟେ। ଫଳରେ ରକ୍ତଚାପ, ରକ୍ତ ଶର୍କରା (ସୁଗାର) ଏବଂ ରକ୍ତରେ ଶ୍ୱେତକଣିକା ଅଧିକ ହୁଏ। ରକ୍ତରେ ସଞ୍ଚାଳିତ ହେଉଥିବା କୋର୍ଟିସଲ୍ ଆବଶ୍ୟକସ୍ଥଳେ ମାଂସପେଶୀର ବ୍ୟବହାର ପାଇଁ ମେଦାମ୍ଳଗୁଡ଼ିକୁ ଶକ୍ତିରେ ମଧ୍ୟ ରୂପାନ୍ତର କରେ।

ଏପିନେଫ୍ରିନ୍ ଏବଂ ନରଏପିନେଫ୍ରିନ୍ ଭଳି କାଟେକୋଲାମିନ୍ ଶ୍ରେଣୀର ହର୍‌ମୋନ ମାଂସପେଶୀକୁ ପ୍ରଚଣ୍ଡ ଭାବେ କାର୍ଯ୍ୟ କରିବା ଲାଗି ପ୍ରସ୍ତୁତ କରିଥା'ନ୍ତି। ସେଗୁଡ଼ିକ ଆମ ହୃତ୍‌ପିଣ୍ଡ, ଫୁସ୍‌ଫୁସ୍, ପାକସ୍ଥଳୀ ଓ ଅନ୍ତନଳୀମାନଙ୍କ ସକ୍ରିୟତାକୁ ପ୍ରଭାବିତ କରନ୍ତି। ଫଳରେ ଆମଠାରେ ପ୍ରକଟିତ ହୁଏ ଛାତି ଧଡ଼ପଡ଼ ହେବା, ଘନ ଘନ ନିଃଶ୍ୱାସ ନେବା, ଶରୀରରୁ ଝାଳ ବୋହିବା, ତଣ୍ଟି ଶୁଖିଯିବା ଆଦି ଭୟର ନାନାଦି ଲକ୍ଷଣ। ଏ ସମସ୍ତ ଆମ ଧମନୀକୁ ପ୍ରସାରିତ କରେ ଏବଂ ଶ୍ରବଣ ଶକ୍ତି ହ୍ରାସ ମଧ୍ୟ ହୁଏ।

ସ୍ମରଣ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ମସ୍ତିଷ୍କର ହିପୋକାମ୍ପସ୍ ଏବଂ ଉଚ୍ଚସ୍ତରୀୟ ନିଷ୍ପତ୍ତି ନେବାରେ ସହାୟତା କରୁଥିବା ପ୍ରି ଫ୍ରଣ୍ଟାଲ୍ କୋର୍‌ଟେକସ୍ ମଧ୍ୟ ଭୟ ପ୍ରତି ଆମର ପ୍ରତିକ୍ରିୟାରେ ଅନ୍ୟ ପ୍ରକାର ଅଂଶଗ୍ରହଣ କରନ୍ତି। ଏହା ବାସ୍ତବ ଓ ଯୁକ୍ତିଯୁକ୍ତ କି ଘଟଣାଟି ପ୍ରତି ଆମେ ଅନାବଶ୍ୟକ ଭାବେ ଅଧିକ ପ୍ରତିକ୍ରିୟା ପ୍ରଦର୍ଶନ କରୁଛୁ ତାହା ବୁଝିବାରେ ସେଗୁଡ଼ିକ ସାହାଯ୍ୟ କରନ୍ତି। ଯଦି ହିପୋକାମ୍ପସ୍ ଏବଂ ପ୍ରି ଫ୍ରଣ୍ଟାଲ୍ କୋରଟେକାସ୍ ନିର୍ଣ୍ଣୟ କରନ୍ତି ଯେ ଏହା ଅତିରଞ୍ଜିତ, ତା'ହେଲେ ସେଗୁଡ଼ିକ ତାହାକୁ ଫେରାଇ ଆଣିପାରିବେ ଏବଂ ଆମିଗଡାଲ ସକ୍ରିୟତାକୁ ହ୍ରାସ କରିପାରିବେ। ଅତଏବ ଆମ ଡର କମିଯିବ। ଆମେ ଭୀତପ୍ରଦ ସିନେମା ଦେଖି ଡରିବା ପରିବର୍ତ୍ତେ ଏହାକୁ ଉପଭୋଗ କରିବାର ଏହା ହେଉଛି କାରଣ।

ଉଭୟ ସ୍ନାୟବିକ ଦିଗଗୁଡ଼ିକ ଉଦ୍‌ଘାଟନ ପାଇଁ ଏବେ ପରୀକ୍ଷା ନିରୀକ୍ଷା ତଥାପି ଚାଲିଛି। ସମ୍ଭବତଃ ଆଗାମୀ ଦିନମାନଙ୍କରେ ବୈଜ୍ଞାନିକମାନେ ଏଥିରେ ସଫଳତା ହାସଲ କରିପାରିବେ। ସେତେବେଳେ ଆମର ଅଯଥା ଭୟର ନିୟନ୍ତ୍ରଣ ଏବଂ ଆବଶ୍ୟକସ୍ଥଳେ ନିବାରଣ ଲାଗି ଚିକିତ୍ସା ସମ୍ଭବ ହେବ।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଭିଟାମିନ୍ 'ସି'



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମେ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବା। ଏହାକୁ ଦୃଢ଼ ରଖିବାରେ ଭିଟାମିନ୍ 'ସି'ର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ସାମିଲ କରିବା ନିହାତି ଦରକାର। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚୁ, ଷ୍ଟ୍ରବେରୀ, କମଳା ଆଦିରେ ଏହି ଭିଟାମିନ ଭରି ରହିଛି। ଏହାର ଆହୁରି ଉପକାରୀ ଗୁଣ ରହିଛି। ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ରକ୍ତରେ ୟୁରିକ୍ ଏସିଡ୍‌ର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖେ। ଆମ ଶରୀର ଆବଶ୍ୟକ କରୁଥିବା ୟୁରିକ୍ ଏସିଡ୍‌ର ପରିମାଣକୁ ମଧ୍ୟ ଏହା ପୂରଣ କରିଥାଏ।

## ପାଟିରେ ଘା' ହୋଇଥିଲେ...



ପାଟିରେ ଘା' ହେବାର ଅନେକ କାରଣ ରହିଛି। ଯଦି ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଲା ଏବଂ ତାହାର ଠିକ୍ ଉପଚାର ନ ହେଲା ତେବେ ତାହା କ୍ୟାନ୍‌ସରରେ ରୂପାନ୍ତରିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ପ୍ରାରମ୍ଭରୁ ଏଥିପ୍ରତି ସତର୍କ ହେବା ଆବଶ୍ୟକ। ତା' ସହ ଠିକ୍ ସମୟରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହୁଅନ୍ତୁ। ଯେତେବେଳେ ଶରୀରରେ ଭିଟାମିନ୍ 'ବି' ପରିମାଣ କମିଯାଏ, ସେତେବେଳେ ପାଟିରେ ଘା' ହେବାର ଆଶଙ୍କା ରହିଛି। ଏହାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି। ଆମେ ଖାଦ୍ୟ ଖାଇବା ସହ ପ୍ରଚୁର ପାଣି ପିଇବା ଦରକାର। ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ ପାଟିରେ ଘା' ହେବାର ଆଶଙ୍କା ରହିଛି। ତେଣୁ ପାଟି ଯେମିତି ଅଧିକାଂଶ ସମୟ ଶୁଖିଲା ନ ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇଲେ ତାହା ମଧ୍ୟ ପାଟିରେ ଘା' ସୃଷ୍ଟି କରିଥାଏ। ବିଶେଷଭାବରେ ନିୟମିତ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ପାଟିକୁ ଭଲ ଭାବେ ସଫା କରନ୍ତୁ। ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ମଧ୍ୟ ଦୂରେଇ ରୁହନ୍ତୁ। ଯଦି ପାଟିରେ ଘା' ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଫ୍ୟାଟ୍‌ଜାତୀୟ ଖାଦ୍ୟ ଓ ଷ୍ଟ୍ରୋକ୍ ଆଶଙ୍କା



ଆଜିକାଲି ଅନେକ ଲୋକ ନିଜର ଅନିୟନ୍ତ୍ରିତ ଖାଦ୍ୟଶୈଳୀ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକ ତେଲ ମସଲାଯୁକ୍ତ କିମ୍ବା ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଇଲେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଡାକି ଆଣିଥାଏ। ତନ୍ମଧ୍ୟରୁ ଷ୍ଟ୍ରୋକ୍ ଅନ୍ୟତମ। ଆମେରିକାନ୍ ହାର୍ଟ ଆସୋସିଏଶନ୍ ସାଇଣ୍ଟିଫିକ୍ ସେସନ୍ ତରଫରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଆବଶ୍ୟକ ଫ୍ୟାଟ୍ ଥିବା ଖାଦ୍ୟ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଭଳି ସ୍ୱାସ୍ଥ୍ୟ ସମସାକୁ ଆମେ ନିୟନ୍ତ୍ରଣ କରିପାରିବା। ହେଲେ ଅଧିକ ମାଂସ କିମ୍ବା ନନ୍ ଡାଏଟେରି ଖାଦ୍ୟ ଶରୀରରେ ଚର୍ବି ବଢ଼ାଇବା ସହ ହାର୍ଟ ଉପରେ କୁପ୍ରଭାବ ପକାଇଥାଏ। ଫଳରେ ଉଚ୍ଚ ରକ୍ତଚାପ ହେବାର ମଧ୍ୟ ଆଶଙ୍କା ରହିଛି। ସବୁଜ ତଥା ତଟକା ପନିପରିବା, କ୍ଷୀର, ମାଛ, ସୋୟାବିନ୍ ଆଦି ଖାଦ୍ୟ ଖାଇବା ଦ୍ୱାରା ଆମର ଷ୍ଟ୍ରୋକ୍ ସମସ୍ୟା ଠାରୁ କେତେକାଂଶରେ ନିଜକୁ ଦୂରେଇ ରଖି ପାରିବା। ଏ ନେଇ ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ଦୃଷ୍ଟି ଦେବା ନିହାତି ଦରକାର।

## ସେଲ୍ ବିଷୟରେ ସୂଚନା ଦେବ ଡିଭାଇସ୍

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ଅନେକ ପ୍ରକାର ନୂଆ ନୂଆ ପ୍ରଣାଳୀ ଉଦ୍ଭାବନ ହେଉଛି। ସେଗୁଡିକୁ ଉପଯୋଗ କରି କେତେକ ଜଟିଳ ରୋଗର ସହଜ ଉପଚାର କରାଯାଇପାରୁଛି। ନିକଟରେ ଆମେରିକୀୟ ବିଶେଷଜ୍ଞମାନେ ଏକ ପ୍ରକାର ହାଇଟେକ୍ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା ମଣିଷ ଶରୀର ଭିତରେ ଥିବା କୋଷ (ସେଲ୍) ବିଷୟରେ ଅନେକ କଥା ଜାଣି ହେବ ବୋଲି ପ୍ରକାଶିତ ରିପୋର୍ଟରେ ସୂଚନା ଦିଆଯାଇଛି। ଉକ୍ତ ଡିଭାଇସ୍‌ଟି ତାରବିହୀନ। ଏହାକୁ ହାତରେ ବାନ୍ଧିବା ପରେ କମ୍ପ୍ୟୁଟର ସାହାଯ୍ୟରେ ତାହାର ଗତିବିଧିକୁ ତର୍ଜମା କରାଯାଇଥାଏ। କେବଳ ଜୀବନ୍ତ ନୁହେଁ, ମୃତ କୋଷ ବିଷୟରେ ମଧ୍ୟ ଉକ୍ତ ଡିଭାଇସ୍ ସୂଚନା ଦେଇପାରିବ।



## ସ୍ୱାସ୍ଥ୍ୟ ସୂଚନା

➤ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଆନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ସକ୍ରିୟ ରହିଥାଏ।

➤ଯଦି ଆପଣଙ୍କ ଚର୍ମ ଶୁଖିଯାଉଛି, ତେବେ ପ୍ରତିଦିନ ସକାଳୁ କିଛି କିଛି ସମୟ ବାହାରେ ସୂର୍ଯ୍ୟାଲୋକରେ ଛିଡ଼ା ହୁଅନ୍ତୁ।

➤ଖାଉଥିବା ଖାଦ୍ୟରେ ସବୁବେଳେ ଶାଗ ଜାତୀୟ ଖାଦ୍ୟ ଏବଂ ଫଳ ସାମିଲ୍ କରନ୍ତୁ, ଯାହା ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇବ।

➤ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ, ସାଙ୍ଗମାନଙ୍କ ସହ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ଆପଣ ଚାହିଁଲେ, ସୋସିଆଲ୍ ମିଡ଼ିଆକୁ ମଧ୍ୟ ବ୍ୟବହାର କରିପାରିବେ। ଏହା ମାନସିକ ଶାନ୍ତି ପ୍ରଦାନ କରିବ।

➤ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଥିଲେ, ଯୋଗ, ପ୍ରାଣାୟମ, ବ୍ୟାୟାମ ଦ୍ୱାରା କମାଇପାରିବେ। ଡାକ୍ତରଙ୍କ ସହ ବି ନିୟମିତ ସମୟ ବ୍ୟବଧାନରେ ପରାମର୍ଶ କରନ୍ତୁ।

➤ଯେ କୌଣସି କାର୍ଯ୍ୟକୁ ବହୁ ସମୟ ଧରି ଆଦୌ କରନ୍ତୁ ନାହିଁ। ମଝିରେ ମଝିରେ ବିରତି ନିଅନ୍ତୁ। ଏହାଦ୍ୱାରା ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହେବ।

➤ବାହାର ଜିନିଷ କେବେ ବି ଖାଆନ୍ତୁ ନାହିଁ। ଏହା ଶରୀରରେ ଏସିଡିଟି ସୃଷ୍ଟି କରିପାରେ। ତେଣୁ ଯଥାସମ୍ଭବ ଏହାଠାରୁ ଦୂରେଇ ରୁହନ୍ତୁ।



## ସୌରଜଗତକୁ ବୁଝିବାରେ 'ଭୋୟେଜର-୨'ର ଭୂମିକା

ସୌରଜଗତର ଆଠଟି ଗ୍ରହ ମଧ୍ୟରୁ ୪ଟି ଗ୍ରହ-ବୁଧ, ଶୁକ୍ର, ପୃଥିବୀ ଓ ମଙ୍ଗଳ ସାଧାରଣତଃ ପଥୁରିଆ ଉପାଦାନକୁ ନେଇ ଗଠିତ ହୋଇଥିଲା ବେଳେ ଗ୍ରହାଣୁପୁଞ୍ଜ ପରେ ରହିଥିବା ବୃହସ୍ପତି, ଶନି, ୟୁରାନସ୍ ଓ ନେପ୍‌ଚୁନ୍ ଗ୍ରହଗୁଡ଼ିକର ଗଠନ ଧାରା ଭିନ୍ନ ଧରଣର। ସେଗୁଡ଼ିକ ଆମ ପୃଥିବୀଠାରୁ ବହୁ ଦୂରରେ ରହିଥିବାରୁ ପୃଥିବୀ ପୃଷ୍ଠରୁ ସେମାନଙ୍କ ବିଷୟରେ ଅଧିକ ଜାଣିବା ୪୬ ବର୍ଷ ପୂର୍ବରୁ ସମ୍ଭବ ହୋଇପାରି ନ ଥିଲା। ସେମାନଙ୍କୁ ଅତି ନିକଟରୁ ଚିହ୍ନିବା, ବୁଝିବା ଓ ସେଗୁଡ଼ିକର କ୍ରମବିକାଶ ସମ୍ବନ୍ଧରେ ଠିକ୍ ଧାରଣା ପାଇବା ଉଦ୍ଦେଶ୍ୟରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଦ୍ୱାରା ଏକକାଳୀନ ଦୁଇ ଦୁଇଟା 'ଭୋୟେଜର' ମହାକାଶଯାନ ସେହି ବହିଃଗ୍ରହଗୁଡ଼ିକ ଅଭିମୁଖେ ପଠାଯାଇଥିଲା। ମହାକାଶଯାନ ଦୁଇଟିର ନାମ ଥିଲା - 'ଭୋୟେଜର-୧' ଓ 'ଭୋୟେଜର-୨'। ପ୍ରତ୍ୟେକ 'ଭୋୟେଜର' ମହାକାଶଯାନର ବସ୍ତୁତ୍ୱ ଥିଲା ୮୧୫ କିଲୋଗ୍ରାମ୍। ୧୯୭୭ ମସିହା ଅଗଷ୍ଟ ୨୦ ତାରିଖରେ 'ଭୋୟେଜର-୨' ଓ ସେପ୍ଟେମ୍ବର ୫ ତାରିଖରେ 'ଭୋୟେଜର-୧' ଯାନକୁ ଗ୍ରହାଣୁପୁଞ୍ଜ ବାହାରେ ରହିଥିବା ଗ୍ରହଗୁଡ଼ିକ ଅଭିମୁଖେ ଉତ୍‌କ୍ଷେପଣ କରାଯାଇଥିଲା। ଏକାଧାରରେ ଦଶଟି ବୈଜ୍ଞାନିକ ପରୀକ୍ଷଣ କରାଯିବାର ଲକ୍ଷ୍ୟ ରଖି ତଦନୁସାରେ ସେଥିରେ ଆଧୁନିକ ଯନ୍ତ୍ରପାତିମାନ ଖଞ୍ଜାଯାଇଥିଲା। ମହାକାଶଯାନ ଦୁଇଟି ମଧ୍ୟ ସୁଚାରୁରୂପେ ସେମାନଙ୍କର ଗୁରୁଦାୟିତ୍ୱ ସମ୍ପାଦନ କରିଥିଲେ।

'ଭୋୟେଜର-୨' ମହାକାଶଯାନ ସବୁଠାରୁ ଅଧିକ ସମୟ ଆମ ନିୟନ୍ତ୍ରଣ ମଧ୍ୟରେ ରହି କାମ କରୁଛି ଏବଂ ଆମଠାରୁ ଅନେକ ଦୂରକୁ ଯାଇପାରିଛି। ୧୯୭୯ ମସିହାରେ 'ଭୋୟେଜର-୨' ମହାକାଶଯାନ ବୃହସ୍ପତିର ଚର୍ଚ୍ଚିତ 'ଆଇ-ଓ' ଉପଗ୍ରହର ଉଭୟ ମେରୁର ଫଟୋ ଉଠାଇଥିଲା। ଫଟୋଚିତ୍ରଗୁଡ଼ିକର ବିଶ୍ଳେଷଣ ଓ ତୁଳନା ପୂର୍ବକ ଏହି ଉପଗ୍ରହରେ କେତେକ ଜୀବନ୍ତ ଓ କେତେକ ସୁପ୍ତ ଆଗ୍ନେୟଗିରି ରହିଥିବା ଜଣାପଡ଼ିଲା। ପ୍ରଥମଥର ପାଇଁ ପୃଥିବୀ ବାହାରେ ଆଇ-ଓ ଉପରେ ନଅଟି ଜୀବନ୍ତ ଆଗ୍ନେୟଗିରିର ସନ୍ଧାନ ମିଳିଥିଲା। ତା' ସହିତ ସେଥିରୁ ନିର୍ଗତ ଉତ୍ତପ୍ତ ଲାଭା ଓ ସଲ୍‌ଫର ଡାଇଅକ୍ସାଇଡ୍ ଗ୍ୟାସ୍ ଦ୍ୱାରା ପ୍ରଦୂଷିତ ପରିବେଶ ବିଷୟରେ ମଧ୍ୟ ଅନେକ ସୂଚନା ମିଳିଥିଲା। ଭୋୟେଜର ମିଶନ ଦ୍ୱାରା ହିଁ ଜଣାଗଲା ଯେ ବୃହସ୍ପତିର ପୃଷ୍ଠଦେଶରେ ଦେଖାଯାଉଥିବା 'ଗ୍ରେଟ୍ ରେଡ୍ ସ୍ପଟ୍' ହେଉଛି ପ୍ରକୃତରେ ଏକ ବିଶାଳ ଝଡ଼। ଭୋୟେଜର ଯାନଦୁଇଟି ଦେଖିବାକୁ ପାଇଥିଲେ ଯେ ବୃହସ୍ପତିର ବାୟୁମଣ୍ଡଳୀୟ ମେଘମାଳାରେ ଅନବରତ ଘୂର୍ଣ୍ଣିବାତ୍ୟା ସୃଷ୍ଟିହେଉଛି। ଏହି ବିଶାଳ ଗ୍ରହର ପୃଷ୍ଠଦେଶରୁ ପ୍ରାୟ ୯୯,୦୦୦ କି.ମି. ଉଚ୍ଚତାରେ ମୁଖ୍ୟତଃ ଧୂଳିକଣାରେ ଗଠିତ ୩୦,୦୦୦ କି.ମି. ଓସାରର ବଳୟ କ୍ଷେତ୍ରକୁ ମଧ୍ୟ ଠାବ କରାଯାଇ ପାରିଥିଲା।

ଶନିଗ୍ରହ ସମ୍ପର୍କରେ ଅଧିକ କିଛି ଜଣାପଡ଼ିଥିଲା ଭୋୟେଜର ମିଶନ ପରେ। ଏହି ଗୁରୁତ୍ୱପୂର୍ଣ୍ଣ ମିଶନ ଦ୍ୱାରା ଜଣାଗଲା ଯେ, ଶନିର ବଳୟଗୁଡ଼ିକ ଖୁବ୍ ପ୍ରଶସ୍ତ ଏବଂ ସେଗୁଡ଼ିକ ପଥର, ଗ୍ୟାସ୍ ତଥା ବରଫ ଭଳି ପଦାର୍ଥକୁ ନେଇ ତିଆରି। ଏଥିରେ ପ୍ରାୟ ଏକ ଲକ୍ଷ ପୃଥକ୍ ପୃଥକ୍ କ୍ଷୁଦ୍ର ବଳୟ ରହିଥିଲେ ବି ସମୁଦାୟ ବଳୟଗୁଚ୍ଛକୁ ଡି, ସି, ବି, ଏ, ଏଫ୍, ଜି ଓ ଇ ବଳୟରେ ବିଭକ୍ତ କରାଯାଇଛି। ବି ଓ ଏ ବଳୟ ମଧ୍ୟରେ ୪,୮୦୦ କିଲୋମିଟର ସ୍ୱଷ୍ଟ ବ୍ୟବଧାନକୁ 'କାସିନି-ବ୍ୟବଧାନ' କୁହାଯାଏ। ୧୯୮୧ ମସିହାରେ 'ଭୋୟେଜର-୨' ମହାକାଶଯାନଟି ଶନିଗ୍ରହକୁ ଅତିକ୍ରମ କରିବା ଅବସରରେ ୮୯ ଲକ୍ଷ କି.ମି. ଦୂରତାରୁ ଏହି ଅପୂର୍ବ ଦୃଶ୍ୟର ଚିତ୍ରୋତ୍ତୋଳନ କରିବାକୁ ସମର୍ଥ ହୋଇଥିଲା। ଶନିର ବାୟୁମଣ୍ଡଳ ଓ ବୃହସ୍ପତିର ବାୟୁମଣ୍ଡଳ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଥିବା ଲକ୍ଷ୍ୟ କରାଗଲା। ଏଥିସହିତ ଶନିର ଉପଗ୍ରହ ଏନ୍ସିଲାଡସ୍ ପୃଷ୍ଠରେ ବିରାଟ ବିରାଟ ବିଚ୍ୟୁତି(ଫଲ୍ଟ) ଓ ଉପତ୍ୟକାମାନ ଥିବା ଜଣାପଡ଼ିଲା।

'ଭୋୟେଜର-୨' ମହାକାଶଯାନଟି ୧୯୮୬ ମସିହା ଜାନୁୟାରୀ ୨୪ ତାରିଖରେ ୟୁରାନସ୍ ଗ୍ରହର ନିକଟତର ହୋଇଥିଲା। ଏହି ଅବସରରେ ଏହି ଗ୍ରହର ଅନେକ ବଳୟର ଆବିଷ୍କାର କରିବା ସଙ୍ଗେ ସଙ୍ଗେ ଦଶଗୋଟି ନୂତନ ଉପଗ୍ରହର ସନ୍ଧାନ ଦେଇଥିଲା। 'ଭୋୟେଜର-୨' ମଧ୍ୟ ୟୁରାନସ୍ ଗ୍ରହର ଚୁମ୍ବକୀୟକ୍ଷେତ୍ର ବିଷୟରେ ସର୍ବପ୍ରଥମେ ସୂଚନା ପ୍ରଦାନ କରିଥିଲା, ଯାହାକି ଆଗରୁ ଜଣାଯାଇ ନ ଥିଲା। ଏହାଛଡ଼ା ଏହାର ଏକ ଉପଗ୍ରହ 'ମିରାଣ୍ଡା'ର ପୃଷ୍ଠଦେଶରେ ପ୍ରାୟ ୨୦ କିଲୋମିଟର ଗଭୀର ଉପତ୍ୟକା ଥିବାର ସୂଚନା ମିଳିଥିଲା। ୟୁରାନସ୍ ଗ୍ରହର ସମସ୍ତ ନଅଟି ବଳୟ ବିଷୟରେ ମଧ୍ୟ ଜଣାପଡ଼ିଲା। ଫଟୋଚିତ୍ରରୁ ଯାହା ଜଣାଗଲା, ବୃହସ୍ପତି ଓ ଶନିର ବଳୟରେ ଥିବା ଉପାଦାନଗୁଡ଼ିକଠାରୁ ୟୁରାନସ୍‌ର ବଳୟ ବଡ଼ ବଡ଼ ଖଣ୍ଡ ଉପାଦାନରେ ଗଠିତ।

ନେପ୍‌ଚୁନ ଗ୍ରହର ଫଟୋଚିତ୍ରରୁ ଏହାର ବାୟୁମଣ୍ଡଳରେ ମିଥେନ୍ ଓ ଉପର ଅଞ୍ଚଳରେ ଘନ ମେଘମାଳା ରହିଥିବା ଦେଖାଗଲା। ୟୁରାନସ୍ ଭଳି ନେପ୍‌ଚୁନ ଗ୍ରହର ମଧ୍ୟ ବଳୟ ରହିଥିବାର ପ୍ରମାଣ ମିଳିଲା। ଗ୍ରହପୃଷ୍ଠରେ କେତେକ 'ସ୍ପଟ୍' ସହିତ ଏହାର ବାୟୁମଣ୍ଡଳରେ ୨୦୦୦ କି.ମି. ବେଗରେ ଗତିଶୀଳ ପବନ ସମ୍ପର୍କରେ ସୂଚନା ମିଳିଲା। ଅନ୍ୟ ଯେକୌଣସି ଗ୍ରହର ବାୟୁମଣ୍ଡଳୀୟ ପବନସ୍ରୋତ ତୁଳନାରେ ଏହା ଅଧିକ ଶକ୍ତିଶାଳୀ ଅଟେ। ୧୯୮୯ ମସିହାରେ 'ଭୋୟେଜର-୨' ନେଇଥିବା ଫଟୋଚିତ୍ରରୁ ନେପ୍‌ଚୁନ ଗ୍ରହର ବୃହତ୍ତମ ଉପଗ୍ରହ ଟ୍ରିଟନ୍ ସମ୍ବନ୍ଧରେ କେତେକ ନୂତନ ତଥ୍ୟ ମଧ୍ୟ ହସ୍ତଗତ ହୋଇପାରିଲା। ପ୍ରାୟତଃ ଯବକ୍ଷାରଜାନ ଓ ମିଥେନ୍‌ର ବରଫରେ ଗଠିତ ଟ୍ରିଟନ୍ ଉପଗ୍ରହର ପୃଷ୍ଠତଳ ସେତେ ମାତ୍ରାରେ ଗର୍ତ୍ତମୟ ନ ଥିଲା। ଆମ ସୌରଜଗତର ସୁଦୂର ଅଞ୍ଚଳ ଉପରେ ସର୍ବପ୍ରଥମେ ସମ୍ୟକ୍ ଧାରଣା ପ୍ରଦାନ କରିବା କ୍ଷେତ୍ରରେ 'ଭୋୟେଜର-୨' ମହାକାଶଯାନର ଭୂମିକା ଅତୁଳନୀୟ।

''ଭୋୟେଜର-୨ ମହାକାଶଯାନ ସବୁଠାରୁ ଅଧିକ ସମୟ ଆମ ନିୟନ୍ତ୍ରଣ ମଧ୍ୟରେ ରହି କାମ କରୁଛି ଏବଂ ଆମଠାରୁ ଅନେକ ଦୂରକୁ ଯାଇପାରିଛି। ୧୯୭୯ ମସିହାରେ 'ଭୋୟେଜର-୨' ମହାକାଶଯାନ ବୃହସ୍ପତିର ଚର୍ଚ୍ଚିତ 'ଆଇ-ଓ' ଉପଗ୍ରହର ଉଭୟ ମେରୁର ଫଟୋ ଉଠାଇଥିଲା।''



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୮/୨୦୨୩ Bhubaneswar, Monday, August 28/ 2023

# ଦେବାଶିଷଙ୍କୁ ଏକଲବ୍ୟ ପୁରସ୍କାର

**ଭୁବନେଶ୍ୱର, ୨୭।୮**
**(ବିଜୟ ରଣା)**




ରାଜ୍ୟର ବିଶିଷ୍ଟ ଟେନିସ ଖେଳାଳି ଦେବାଶିଷ ସାହୁ ୩୧ତମ ଏକଲବ୍ୟ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଥିବା ରବିବାର ଘୋଷଣା କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ତାଙ୍କୁ ୫ ଲକ୍ଷ ଟଙ୍କା ଏବଂ ମାନପତ୍ର ସହ ସମ୍ମାନିତ କରାଯିବ। ଦେବାଷିଷ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରି ରାଜ୍ୟକୁ ଗୌରବନ୍ୱିତ କରିଛନ୍ତି। ପୁରସ୍କାର ଜୁରି କମିଟି ରବିବାର ଆହୁରି ମଧ ଆଥଲେଟ ବାପି ହାଁସ୍‌ଦା ଏବଂ ଭାରୋତ୍ତୋଳକ ଜ୍ୟୋସ୍ନା ସବରଙ୍କୁ ଉପ ବିଜେତା ଭାବେ ମନୋନୀତ କରିଛି। ଉଭୟେ ମାନପତ୍ର ସହ ୧ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାରରେ ସମ୍ମାନିତ ହେବେ। ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚ୍ୟାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ଦ୍ୱାରା ୧୯୯୩ ମସିହାରୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଓଡ଼ିଶାର ଏହା ସବୁଠାରୁ ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ଭାବେ ପରିଚିତ। କ୍ରୀଡ଼ା କ୍ଷେତ୍ରରେ ବିଗତ ଦୁଇ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନକୁ ଆଧାର କରି ଯୁବ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତବର୍ଷର ଏକଲବ୍ୟ ପୁରସ୍କାର ବିଜେତାଙ୍କ ନାମ ଘୋଷଣା ଅବସରରେ 'ଇମ୍ପାକ୍ଟ'ର ଟ୍ରଷ୍ଟି ତଥା ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା କହିଥିଲେ, ଏହି ପୁରସ୍କାର ମାଧ୍ୟମରେ ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହିତ କରିବା ହେଉଛି ଆମର ମୂଳ ଲକ୍ଷ୍ୟ। ପୁରସ୍କାର କମିଟି ଅଧ୍ୟକ୍ଷ କିଶୋର ମୋହନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଥାଇଲାଣ୍ଡକୁ ହରାଇଲା ଭାରତ



ଭାରତ-ଥାଇଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ସାଲେ(ଓମାନ), ୨୭।୮(ପି.ଟି.)**

**୫ଏ-ସାଇଡ୍ ମହିଳା ଏସିଆନ୍ ହକି**

ମହିଳା ୫ଏ-ସାଇଡ୍ ଏସିଆନ ହକି ବିଶ୍ୱକପ୍ କ୍ୱାଲିଫାୟର୍ସରେ ଭାରତର ଅପରାଜେୟ ଧାରା ବଜାୟ ରହିଛି। ଦଳ ରବିବାର ଟୁର୍ନାମେଣ୍ଟରେ ଏହାର ତୃତୀୟ ମ୍ୟାଚରେ ଥାଇଲାଣ୍ଡକୁ ୫-୪ ଗୋଲ୍‌ରେ ପରାସ୍ତ କରିଛି। ଭାରତ ପକ୍ଷରୁ ନବଜୋତ କୌର (୧ମ ମିନିଟ), ମୋନିକା ଦିପି ଟୋପୋ (୭ମ), ମହିମା ଚୌଧାରୀ (୨୦ତମ) ଏବଂ ଅଜମିନା କୁଜୁର (୩୦ତମ) ପ୍ରମୁଖ ଗୋଲ୍ ସ୍କୋର କରିଥିଲେ। ଥାଇଲାଣ୍ଡ ତରଫରୁ ଗୋଲ୍ ଦେଇଥିଲେ ପିରେସରାମ୍ ଆନଙ୍ଗନାତ୍ (୩ୟ), ଅନ୍‌ଜାଇ ସାଥାକରନ (୧୦ମ, ୧୪ତମ) ଏବଂ ସୁୱାପାତ୍ କୋନ୍‌ଥଙ୍ଗ୍ (୧୯ତମ)। ପୂର୍ବରୁ ଭାରତ ଶୁକ୍ରବାର ଏହାର ପ୍ରଥମ ଗେମ୍‌ରେ ମାଲେସିଆକୁ ୭-୨ ଗୋଲ୍‌ରେ ଏବଂ ଶନିବାର ରାତିରେ ଦ୍ୱିତୀୟ ମ୍ୟାଚରେ ଜାପାନକୁ ୭-୧ ଗୋଲ୍‌ରେ ହରାଇ ଦେଇଥିଲା।

## ଆଜିଠୁ ଖେଲୋ ଇଣ୍ଡିଆ ରାଜ୍ୟସ୍ତରୀୟ ଉଷୁ ମହିଳା ଲିଗ

**ଭୁବନେଶ୍ୱର, ୨୭।୮(ସରୋଜ ଜେନା):** ଓଡ଼ିଶାରେ ପ୍ରଥମ ଥର ହେବାକୁ ଯାଉଛି ରାଜ୍ୟସ୍ତରୀୟ ଖେଲୋ ଇଣ୍ଡିଆ ମହିଳା ଲିଗ୍। ଝାରସୁଗୁଡାର ବେଲପାହାଡସ୍ଥିତ ଜୁବୁଲି ହଲରେ ଏହି ଟୁର୍ନାମେଣ୍ଟ ସୋମବାରଠାରୁ ହେବ। ଓଡ଼ିଶା ଉଷୁ ଆସୋସିଏଶନ୍ ଓ ଝାରସୁଗୁଡା ଜିଲା ଉଷୁ ଆସୋସିଏଶନ୍ ପକ୍ଷରୁ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ୨୦ ଜିଲାର ୨୦୦ରୁ ଅଧିକ ପ୍ରତିଯୋଗୀ ଓ ୩୦ ଜଣ ଅଧିକାରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଟାଟା ରିଫ୍ୟାକ୍ଟୋରୀ ଲିମିଟେଡ(ଟିଆ।ର୍‌ଏଲ୍) ଡିଜିଏମ୍ ପ୍ରଫୁଲ୍ଲ ରଥ ମୁଖ୍ୟ ଅତିଥି ଭାବରେ ଓ ଓଡ଼ିଶା ଉଷୁ ଆସୋସିଏଶନ ଚେୟାରମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ।

# ଝାରସୁଗୁଡ଼ା ଚାମ୍ପିୟନ, ଖୋର୍ଦ୍ଧା ରନରଅପ୍

**ବାଲୁଗାଁ, ୨୭।୮**
**(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଅଶୋକନଗର ସ୍ଥିତ ବଣିକ ସଂଘ ଗୃହ ପରିସରରେ ଖୋର୍ଦ୍ଧା ଜିଲା ପେନ୍‌ଚାକ୍ ସିଲାଟ୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଦୁଇ ଦିନିଆ ଷଷ୍ଠ ଇଣ୍ଡୋନେସିଆନ୍ ମାର୍ଶଲ ଆର୍ଟ ଚାମ୍ପିୟନଶିପ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ପ୍ରତିଯୋଗିତାରେ ଝାରସୁଗୁଡ଼ା ଚାମ୍ପିୟନ ହୋଇଥିବା ବେଳେ ଖୋର୍ଦ୍ଧା ରନରଅପ୍ ଏବଂ ଯାଜପୁର ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅତିଥିଭାବେ ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ପୂର୍ବତନ ପିସିସି ସମ୍ପାଦକ ଅଲେଖ ଚନ୍ଦ୍ର ସାମଲ, ରାଷ୍ଟ୍ରୀୟ କିଷାନ ମଜଦୁର ସଂଘ ସଭାପତି ସଚିନ ମହାପାତ୍ର, ରାଜ୍ୟ କ୍ରୀଡ଼ା ବିଭାଗ ଅଧିକାରୀ ସନାତନ ସାହୁ, ନରେନ ପାତ୍ର, ଚିଲିକା ପ୍ରେସ୍ କ୍ଲବ ସଭାପତି ପ୍ରକାଶ କୁମାର ପ୍ରଧାନ, ଓଡ଼ିଶା ପେନ୍‌ଚାକ୍ ସିଲାଟ୍ ଆସୋସିଏଶନର ସଭାପତି ତାପସ କୁମାର ରାୟଚୌଧୁରୀ, ସାଧାରଣ ସମ୍ପାଦକ ଗୁରୁ ପ୍ରେମସିଂ ଥାପା, ଖୋର୍ଦ୍ଧା ଜିଲା ଅନୁଷ୍ଠାନର ସଭାପତି ସାରଦା ପ୍ରସନ୍ନ ଦାସ, ବନମାଳୀ ସାହୁ, ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ବିଜୟୀ ଟିମ୍ ସହ ପ୍ରତ୍ୟେକ ଜିଲାର ଉତ୍କୃଷ୍ଟ କୌଶଳ ପ୍ରଦର୍ଶନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।




ଟ୍ରଫି ସହ ଝାରସୁଗୁଡ଼ା ଦଳ।








ମ୍ୟାଜିକ୍ ଅଫ୍ ମ୍ୟାଗ୍ନେଟିଜମ୍ ଜାଣିବା ପାଇଁ ସ୍କାନ୍ କରନ୍ତୁ
INDIA'S FIRST 5 YEAR WARRANTY* *Conditions apply
WORLD'S NO.1 22 YEARS IN A ROW$ MOTORCYCLE & SCOOTER COMPANY
i3S Technology Idle-Stop-Start System
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or Call Toll-Free 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. $Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22)
Exchange Powered By Wheels of Trust^^
ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ
AUTHORISED DEALERS: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736, Authorized HeroSure Dealers: Bhubaneshwar: Arundhati Motobikes, Ph- 7682841658, Rourkela: Dua Motors, Ph-6372753989.
WT.5628.2023ORI


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ